

ବିଳମ୍ବ ହେବ 'ରାମାୟଣ ୨'

▶ପୃଷ୍ଠା ୨ ଦେଖନ୍ତୁ...


RNI REGD NO: 42041/83

www.sakalaepaper.com

/sakalanews

/sakalanews

www.thesakala.in

# ସକାଳ
THE SAKALA


PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-151 ◆THURSDAY ◆27 NOVEMBER 2025 ◆PAGE-12 ◆₹ 6.00 | JEYPORE | ◆ବର୍ଷ-୪୩ ◆ସଂଖ୍ୟା-୧୫୧ ◆ଗୁରୁବାର ◆୨୭ ନଭେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


## ଭାରତ ଆୟୋଜନ କରିବ ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା

■ ନୂଆଦିଲ୍ଲୀ, ୨୬ ।୧୧ (ଏଜେନ୍ସି): ଭାରତୀୟ କ୍ରୀଡ଼ାବିତ ଓ ପ୍ରଶଂସକଙ୍କ ପାଇଁ ଏକ ବଡ଼ ଖୁସି ଖବର। ଭାରତକୁ ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ ଅଧିକାର ମିଳିଛି। ବୁଧବାର ସ୍କଟଲାଣ୍ଡର ଗ୍ଲାସଗୋରେ ରାଜ୍ୟଗୋଷ୍ଠୀ କ୍ରୀଡ଼ା କାର୍ଯ୍ୟକାରୀ ବୋର୍ଡ ବୈଠକରେ ଏ ସଂକ୍ରାନ୍ତରେ ନିଷ୍ପତ୍ତି ନିଆଯାଇଛି। ଅହମଦାବାଦକୁ ହୋଷ୍ଟ ସିଟି ଅର୍ଥାତ ଆୟୋଜକ ସହର ଭାବେ ଘୋଷିତ କରାଯାଇଛି। ଦୀର୍ଘ ୨୦ ବର୍ଷ ପରେ ଭାରତ ଏହି ମେଗା ଇଭେଣ୍ଟର ୨୪ତମ ସଂସ୍କରଣ ଆୟୋଜନ କରିବାକୁ ଯାଉଛି। ୨୦୩୦ରେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନର ୧୦୦ ବର୍ଷ ପୁରଣ ହେବ। ତେଣୁ ଭାରତକୁ ଆୟୋଜନ ଅଧିକାର ମିଳିବାର ଗୁରୁତ୍ୱ ଆହୁରି ବୃଦ୍ଧି ପାଇଛି। ଉଲ୍ଲେଖଯୋଗ୍ୟ ଯେ, ୧୯୩୦ରେ କାନାଡ଼ାର ହାମିଲଟନ ସହରରେ ପ୍ରଥମଥର ପାଇଁ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜିତ ହୋଇଥିଲା। ଗ୍ଲାସଗୋରେ ଭାରତୀୟ ପ୍ରତିନିଧି ମଣ୍ଡଳୀ ତରଫରୁ ଯୁଗ୍ମ କ୍ରୀଡ଼ା ସଚିବ କୁନାଲ କେ, ଆଇଓଏ ଅଧ୍ୟକ୍ଷା ପିଟି ଉଷା, ଆଇଓଏ ▶ପୃଷ୍ଠା-୭

## ଓଡ଼ିଆ ସମେତ ୯ଟି ଭାଷାରେ ସମ୍ବିଧାନ ଜାରି କଲେ ରାଷ୍ଟ୍ରପତି




■ନୂଆଦିଲ୍ଲୀ, ୨୬ ।୧୧ (ଏଜେନ୍ସି): ସଂସଦର ସେଣ୍ଟ୍ରାଲ ହଲ୍‌ରେ ବୁଧବାର ୧୫୦ତମ ସମ୍ବିଧାନ ଦିବସ ପାଳିତ ହୋଇଛି। ଏହି ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସମ୍ବିଧାନକୁ ଓଡ଼ିଆ ସମେତ ୯ଟି ଭାଷାରେ ଜାରି କରିଥିଲେ। ସମ୍ବିଧାନ ଓଡ଼ିଆ, ମାଲାୟଲମ, ମରାଠୀ, ନେପାଳୀ, ପଞ୍ଜାବୀ, ବୋଡୋ, କଶ୍ମୀରୀ, ତେଲୁଗୁ ଓ ଆସାମ ଭାଷାରେ ଜାରି କରାଯାଇଛି। ତିନ ତଲାକ ଭଳି ସାମାଜିକ କୁରୀତିକୁ ସଂସଦ ହଟାଇବା ସହ ଐତିହାସିକ ପଦକ୍ଷେପ ନେଇଥିଲା ବୋଲି ରାଷ୍ଟ୍ରପତି କହିଛନ୍ତି। ସେହିପରି ସ୍ୱାଧୀନତା ପରେ ଜିଏସ୍‌ଟି ସର୍ବବୃହତ କର ସୁଧାର ଓ ଏହା ଦେଶକୁ ଆର୍ଥିକ ଭାବେ ଏକାଠି କରିବା ସହ ମଜଭୂତ କରିଛି। ସମ୍ବିଧାନର ଧାରା ୩୭୦ ହଟାଇବା ପରେ ଦେଶର ରାଜନୈତିକ ଏକତାରେ ଅସୁଥିବା ବାଧା ଦୂର ହୋଇଛି। ସେହିପରି ନାରୀ ଶକ୍ତି ବନ୍ଧନ ଆଇନ୍ ମହିଳାଙ୍କ ନେତୃତ୍ୱର ବିକାଶରେ ନୂଆ ପ୍ରାରମ୍ଭ ପ୍ରଦାନ କରିଛି ବୋଲି ସେ କହିଥିଲେ। ଏହି ଅବସରରେ ସେ ସମ୍ବିଧାନର ପ୍ରସ୍ତାବନା ମଧ୍ୟ ପାଠ କରିଥିଲେ। ଉଲ୍ଲେଖଥାଉ କି, ୧୯୪୯ ନଭେମ୍ବର ▶ପୃଷ୍ଠା-୭

# ଆଜିଠାରୁ ଶୀତ ଅଧିବେଶନ

### ସରକାରଙ୍କୁ ଘେରିବାକୁ ବିରୋଧୀଙ୍କ ହାତରେ ଅସରନ୍ତି ପ୍ରସଙ୍ଗ

### ସମସ୍ତ ପ୍ରସଙ୍ଗର ମୁକାବିଲା କରିବାକୁ ଶାସକ ଦଳର ଦମ୍ଭୋକ୍ତି

■ ଭୁବନେଶ୍ୱର, ୨୬।୧୧ (ସମିସ): ଆସନ୍ତାକାଲିଠାରୁ ଆରମ୍ଭ ହେବ ସପ୍ତଦଶ ବିଧାନସଭାର ପଞ୍ଚମ ତଥା ଶୀତ ଅଧିବେଶନ। ଅଧିବେଶନ ପୂର୍ବରୁ ବୁଧବାର ଉଭୟ ଶାସକ ଏବଂ ବିରୋଧୀ ଦଳ ପକ୍ଷରୁ ବିଧାୟକ ଦଳ ବୈଠକ ଅନୁଷ୍ଠିତ ହୋଇଛି। ବିରୋଧୀ ବିଜେଡି ଓ କଂଗ୍ରେସ ନିଜ ନିଜ ବିଧାୟକ ଦଳ ବୈଠକରେ ସରକାରଙ୍କୁ ଘେରିବା ପାଇଁ ରଣନୀତି ପ୍ରସ୍ତୁତ କରିଛନ୍ତି। ଏପଟେ ଶାସକ ଦଳ ମଧ୍ୟ ବିରୋଧୀଙ୍କ ମୁକାବିଲା ପାଇଁ ବ୍ୟାପକ ମାନସ ମନ୍ଥନ କରିଥିବା ବେଳେ

**ସହଯୋଗ ଲୋଡ଼ିଲେ ବାଚସ୍ପତି**



ଗୃହରେ ପ୍ରଦର୍ଶନ ନେଇ ମୁଖ୍ୟମନ୍ତ୍ରୀ ଓ ରାଜ୍ୟ ବିଜେପି ସଭାପତି ନିଜ ନିଜର ବିଧାୟକଙ୍କୁ ଆବଶ୍ୟକୀୟ ପରାମର୍ଶ ଦେଇଛନ୍ତି। ତେବେ ବିରୋଧୀଙ୍କ ହାତରେ ଏକାଧିକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ରହିଥିବା ଓ ପୂର୍ବାପେକ୍ଷା ସରକାରଙ୍କୁ ଆହୁରି ଶାଣିତ ଆକ୍ରମଣ କରାଯିବ ବୋଲି ଦୁଇ ବିରୋଧୀଦଳଙ୍କ ଘୋଷଣା ଅଧିବେଶନକୁ ସରଗରମ କରିବ ବୋଲି ଆଶା କରାଯାଉଛି। ଅନ୍ୟପକ୍ଷରେ ବିରୋଧୀଙ୍କ ତୀବ୍ର ବିରୋଧ ଓ ପ୍ରତିବାଦ ଯୋଗୁ ସାତ ଦିନିଆ ମୌସୁମୀ ଅଧିବେଶନ ଧୋଇ ଯାଇଥିବାବେଳେ ଶୀତ ଅଧିବେଶନରେ ବିଧାନସଭା ଉଷ୍ମ ରହିବ ବୋଲି ରାଜନୈତିକ ସମୀକ୍ଷକମାନେ ମତ ପ୍ରକାଶ କରିଛନ୍ତି। ଅଧିବେଶନର ପ୍ରଥମ ଦିନରେ ରାଷ୍ଟ୍ରପତି ଦ୍ରୌପଦୀ ▶ପୃଷ୍ଠା-୭

## ଅପରାହ୍ଣରେ ରାଷ୍ଟ୍ରପତିଙ୍କ ସମ୍ବୋଧନ



■ ଭୁବନେଶ୍ୱର, ୨୬।୧୧ (ସମିସ): ବିଧାନସଭାର ଶୀତକାଳୀନ ଅଧିବେଶନକୁ ସମ୍ବୋଧିତ କରିବା ପାଇଁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତାକାଲି(ଗୁରୁବାର) ଦୁଇ ଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ବିଧାନସଭାର ଏହି ଐତିହାସିକ ଦିବସ ପାଇଁ ସରକାରଙ୍କ ପକ୍ଷରୁ ସମସ୍ତ ପୂର୍ବ ପ୍ରସ୍ତୁତି ଶେଷ ହୋଇଛି।

ବିଧାନସଭା ସଚିବାଳୟ ସୂତ୍ରରୁ ମିଳିଥିବା ସୂଚନାନୁଯାୟୀ, ରାଷ୍ଟ୍ରପତି ୧୧ଟା ୫୦ରେ ନୂଆଦିଲ୍ଲୀରୁ ସ୍ୱତନ୍ତ୍ର ବିମାନ ଯୋଗେ ବାହାରିବେ। ଅପରାହ୍ଣ ୨ଟାରେ ଭୁବନେଶ୍ୱର ବିମାନବନ୍ଦରରେ ଅବତରଣ କରି ରାଜଭବନରେ ପହଞ୍ଚିବେ। ମଧ୍ୟାହ୍ନବିରତି ପରେ ରାଷ୍ଟ୍ରପତି ଅପରାହ୍ଣ ୪ଟାରେ ରାଜଭବନସ୍ଥିତ ନୂଆ କଳିଙ୍ଗ ଅତିଥି ନିବାସର ଗୃହକୁ ଉଦ୍‌ଘାଟନ କରିବେ। ଅପରାହ୍ଣ ୪ଟା ୨୦ରେ ସେ ଓଡ଼ିଶା ବିଧାନସଭାରେ ▶ପୃଷ୍ଠା-୭

### ସିଏଜିଙ୍କ ବଡ଼ ନିଷ୍ପତ୍ତି

## ପ୍ରତି ଟଙ୍କାର ହିସାବ ଦେବେ ରାଜ୍ୟ

■ନୂଆଦିଲ୍ଲୀ, ୨୬।୧୧ (ଏଜେନ୍ସି): ଆସନ୍ତା ୨୦୨୭-୨୮ ଆର୍ଥିକ ବର୍ଷରୁ ସାରା ଦେଶର ସବୁ ରାଜ୍ୟ ପାଇଁ କାର୍ଯ୍ୟକାରୀ ହେବ ଖର୍ଚ୍ଚ ବର୍ଗୀକରଣର ସମାନ ମାନଦଣ୍ଡ। ଏହା ସହିତ ଚଳିତ ଆର୍ଥିକ ବର୍ଷରୁ ଦେଶର ସମସ୍ତ ରାଜ୍ୟ ସେମାନଙ୍କର ଆୟ ଓ ବ୍ୟୟ ବିବରଣୀ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଡ଼ିଜିଟାଲ ମାଧ୍ୟମରେ ଦେଶର ମହାଲେଖା ନିୟନ୍ତ୍ରକ ଓ ମହା ସମୀକ୍ଷକ(ସିଏଜି)ଙ୍କ ନିକଟରେ ଦାଖଲ କରିବାକୁ ପଡ଼ିବ। ରାଜ୍ୟଗୁଡ଼ିକରେ ଆର୍ଥିକ ସ୍ୱଚ୍ଛତା ଆଣିବା ଏବଂ ସେମାନଙ୍କର ରାଜସ୍ୱ ଓ ବ୍ୟୟ ହିସାବ ପଦ୍ଧତିକୁ ଉନ୍ନତ କରିବା ପାଇଁ ସିଏଜି ନେଇଛନ୍ତି ଦୁଇଟି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ।

ସିଏଜିର ଡେପୁଟି କଣ୍ଟ୍ରୋଲର ଜେନେରାଲ ଜୟନ୍ତ ସିହ୍ନା ଏକ ଆଲୋଚନା ଅବସରରେ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ବର୍ତ୍ତମାନ ବିଭିନ୍ନ ରାଜ୍ୟ ନିଜ ନିଜ ଉପାୟରେ ଖର୍ଚ୍ଚ ଏବଂ ରାଜସ୍ୱର ବର୍ଗୀକରଣ କରିଥାନ୍ତି। ଯାହା ଫଳରେ ଗୋଟିଏ ରାଜ୍ୟର ଆର୍ଥିକ ସ୍ଥିତି ଅନ୍ୟ ରାଜ୍ୟ କିମ୍ବା କେନ୍ଦ୍ର

**ଡିଜିଟାଲ ମାଧ୍ୟମରେ ନିର୍ଦ୍ଧାରିତ ଅବଧିରେ ଦେବାକୁ ହେବ ହିସାବ**

**୨୦୨୭-୨୮ ରୁ ଖର୍ଚ୍ଚ ବର୍ଗୀକରଣ ନିମନ୍ତେ ହେବ ସମାନ ମାନଦଣ୍ଡ**

ସହିତ ତୁଳନା କରିବା ବହୁତ କଷ୍ଟକର ହୋଇପଡ଼େ। ଏହି ଅଭାବକୁ ଦୂର କରିବା ପାଇଁ ଚଳିତମାସ ୧୧ରେ ଜାରି ହୋଇଥିବା ଏକ ବିଜ୍ଞପ୍ତିରେ ସମସ୍ତ ୨୮ଟି ରାଜ୍ୟ ଏବଂ ବିଧାନସଭା ଥିବା କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ୨୦୨୭-୨୮ ▶ପୃଷ୍ଠା-୭

### ବିଧାୟକ ଦଳ ବୈଠକରେ ନବୀନଙ୍କ ଉଦ୍‌ବେଗ

## ରାଜ୍ୟରେ ନାରୀ ନିର୍ଯାତନା ପୀଡ଼ାଦାୟକ



**ରାଜ୍ୟରେ ସାଂପ୍ରଦାୟିକ ଉତ୍ତେଜନା ବୃଦ୍ଧି ବେଦନାଦାୟକ**

**ତ୍ରୁଟିଶୂନ୍ୟ ହୋଇ ପାରିନାହିଁ ଗୋଟିଏ ବି ନିଯୁକ୍ତି ପରୀକ୍ଷା**

**ରାଜ୍ୟ ସ୍ୱାର୍ଥ ପ୍ରସଙ୍ଗରେ ବିଜେଡି ହେବ ଓଡ଼ିଶାବାସୀଙ୍କ ସ୍ୱର**

■ ଭୁବନେଶ୍ୱର, ୨୬।୧୧ (ସମିସ): ଆସନ୍ତାକାଲିଠାରୁ ବିଧାନସଭା ଶୀତ ଅଧିବେଶନ ଆରମ୍ଭ ହେବାକୁ ଯାଉଥିବା ବେଳେ ଲୋକଙ୍କ ବିଭିନ୍ନ ସମସ୍ୟା ଏବଂ ସରକାରଙ୍କ ଅପାରଗତାକୁ ବିଜେଡି ଶାଣିତ ସ୍ୱରରେ ଗୃହରେ ଉପସ୍ଥାପନ କରିବ। ଆଇନ ଶୃଙ୍ଖଳା, ନାରୀ ନିର୍ଯାତନା, ସାଂପ୍ରଦାୟିକ ଉତ୍ତେଜନା, ଚାଷୀଙ୍କ ସମସ୍ୟା, ନିଯୁକ୍ତି ଜାଲିଆତି ପ୍ରସଙ୍ଗରେ ସରକାରଙ୍କଠାରୁ ଜବାବ୍ ମାଗିବ। ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବିଜେଡି ବିଧାୟକ ଦଳ ବୈଠକରେ ନିଆଯାଇଛି ଏପରି ନିଷ୍ପତ୍ତି। ପ୍ରମୁଖ ବିରୋଧୀ ଦଳ ଭାବେ ପ୍ରତିଟି ବିଧାୟକ ଗୃହରେ ସାଧାରଣ ଲୋକଙ୍କ ସ୍ୱର ସାଜିବାକୁ ନବୀନ ଦଳୀୟ ବିଧାୟକଙ୍କୁ ପରାମର୍ଶ ଦେଇଛନ୍ତି।

ବୁଧବାର ସନ୍ଧ୍ୟାରେ ଶଙ୍ଖ ଭବନଠାରେ ଅନୁଷ୍ଠିତ ବୈଠକରେ ରାଜ୍ୟର ସାଂପ୍ରତିକ ରାଜନୈତିକ ପରିସ୍ଥିତି ଓ ଲୋକଙ୍କର ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଛି। ଏହି ଅବସରରେ ଦଳର ସୁପ୍ରିମୋ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ କହିଥିଲେ ଯେ ରାଜ୍ୟରେ ଆଇନଶୃଙ୍ଖଳା ଭୁଶୁଡ଼ି ପଡିଛି। ମହିଳାମାନେ ନିଜକୁ ସୁରକ୍ଷିତ ମଣୁ ନାହାନ୍ତି। ଖୋଦ୍ ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନମଣ୍ଡଳୀ କେନ୍ଦୁଝର ସଦର ଠାରୁ ଆରମ୍ଭ କରି ଖୋର୍ଦ୍ଧା, ▶ପୃଷ୍ଠା-୭

## ୧ରୁ ଖୋଲିବ ଶ୍ରୀଗୁଣ୍ଡିଚା ମନ୍ଦିର

## ଦର୍ଶନ ପାଇଁ ୧୦ ଟଙ୍କା

■ ପୁରୀ, ୨୬।୧୧ (ସମିସ): ଭକ୍ତଙ୍କ ପାଇଁ ଖୋଲିବ ଶ୍ରୀଗୁଣ୍ଡିଚା ମନ୍ଦିର। ମହାପ୍ରଭୁଙ୍କ ଜନ୍ମବେଦୀକୁ ବର୍ଷତମାମ ଦର୍ଶନ କରିପାରିବେ ଶ୍ରଦ୍ଧାଳୁ। ଏ ନେଇ ବୁଧବାର ସୂଚନା ଦେଇଛନ୍ତି ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା। ଭକ୍ତମାନଙ୍କ ପାଇଁ ଟିକଟ୍ ମୂଲ୍ୟ ୧୦ଟଙ୍କା ରଖାଯାଇଛି। କିନ୍ତୁ ୫ବର୍ଷରୁ କମ୍, ୮୦ ବର୍ଷରୁ ଊର୍ଦ୍ଧ୍ୱ ଏବଂ ଦିବ୍ୟାଙ୍ଗ ଭକ୍ତଙ୍କ ପାଇଁ କୌଣସି ଟିକଟ୍ ଲାଗିବ ନାହିଁ। ସେମାନେ ନିଃଶୁଳ୍କ ମନ୍ଦିରକୁ ପ୍ରବେଶ



**୫ ବର୍ଷରୁ କମ୍, ୮୦ ବର୍ଷରୁ ଊର୍ଦ୍ଧ୍ୱ ଓ ଦିବ୍ୟାଙ୍ଗଙ୍କୁ ଟିକଟ୍ ପଡ଼ିବନି**

କରିପାରିବେ। କାଉଣ୍ଟର୍‌ରେ କମ୍ପ୍ୟୁଟରୀକୃତ ଟିକଟ୍ ବ୍ୟବସ୍ଥା କରାଯିବ। ଆଡ଼ପ ମଣ୍ଡପ ଦର୍ଶନ ପାଇଁ ସିଂହଦ୍ୱାର ଦେଇ ପ୍ରବେଶ ଓ ପ୍ରସ୍ଥାନ ବ୍ୟବସ୍ଥା କରାଯାଇଛି। ସେହିପରି ଦିବ୍ୟାଙ୍ଗ ଭକ୍ତଙ୍କ ପାଇଁ କାଠ ରାମ୍ପ ବ୍ୟବସ୍ଥା କରାଯାଇଛି ବୋଲି ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ କହିଛନ୍ତି।

ଅପରାହ୍ଣରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ, ଜିଲ୍ଲାପାଳ ଶ୍ରୀ ପରିଡ଼ାଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀ ▶ପୃଷ୍ଠା-୭



### ପୁଅ ବାହାଘର ଦିନ ବାପାର ଦୁଃଖଦ ମୃତ୍ୟୁ


## ଚାପିଦେଲା ରୋଶଣୀ ଗାଡ଼ି

■ ବଲାଙ୍ଗିର, ୨୬ ।୧୧ (ସମିସ): ବାଣୁଆ ଗୋଟିଏ ପରେ ଗୋଟିଏ ବାଣ ମାରି ଆକାଶ ରଙ୍ଗିନ କରି ଦେଉଥିଲା। ଅର୍କେଷ୍ଟ୍ରା ପାର୍ଟିଙ୍କ ହିଟ୍ ଗୀତ ସାଙ୍ଗକୁ ବରଯାତ୍ରୀଙ୍କ ନାଚରେ ଦାଣ୍ଡ ଦୁଲୁକି ଉଠୁଥିଲା। କିନ୍ତୁ, ରୋଶଣୀ ଗାଡ଼ି ଧକ୍କାରେ ବରପିତାଙ୍କ ମୃତ୍ୟୁ ହୋଇଯିବାରୁ କ୍ଷଣିକରେ ସବୁ ଓଲଟପାଲଟ ହୋଇଗଲା। ଖୁସିର ପରିବେଶ ଶୋକର ମାହୋଲରେ ପରିଣତ ହୋଇଗଲା।

ବଲାଙ୍ଗିର ଜିଲ୍ଲା ମଣ୍ଡଳରେ ମଙ୍ଗଳବାର ରାତିରେ ଏଭଳି ଏକ ଅଭାବନୀୟ ଘଟଣା ଘଟିଛି। ମୃତକ ହେଲେ, ବଲାଙ୍ଗିର ସଦର ଥାନା ଆମପାଲି ଗାଁର ଚୈତନ୍ୟ ବାଗ। ଗୋଟିଏପଟେ ପୁଅ ନବବଧୂର ହାତ ଧରି ଘରକୁ ଫେରିଥିବା ବେଳେ ବାପା ଚୈତନ୍ୟଙ୍କ ଜୁଇ ଜଳିଛି। ଏହି ଘଟଣାକୁ ନେଇ ସ୍ଥାନୀୟ



ଅଞ୍ଚଳରେ ଗଭୀର ଶୋକ ପ୍ରକାଶ ପାଇଛି। ସୂଚନାନୁଯାୟୀ, ଚୈତନ୍ୟଙ୍କ ପୁଅ ଦୁଃଖୀଶ୍ୟାମଙ୍କ ମଣ୍ଡଳ ଗାଁରେ ବିବାହ ସ୍ଥିର ହୋଇଥିଲା। ବରପକ୍ଷ ମଣ୍ଡଳ ଗାଁରେ ବେଶ୍ ଆଡ଼ମ୍ବର ସହ ପହଞ୍ଚିଥିଲେ। ଜଳପାନ ପରେ ଶୋଭାଯାତ୍ରା ଆରମ୍ଭ ହୋଇଥିଲା। ଏହି ସମୟରେ ବରଯାତ୍ରୀ ରୋଶଣୀ ଗାଡ଼ି ହଠାତ ଦୁଇଜଣଙ୍କୁ ଧକ୍କା ଦେଇଥିଲା। ଏହି ଧକ୍କାରେ ଦୁଃଖୀଶ୍ୟାମଙ୍କ ବାପା ଚୈତନ୍ୟଙ୍କ ମୃତ୍ୟୁ ଘଟିଥିଲା। ଆଉ ଜଣେ ଆହତ ହୋଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଭୀମଭୋଇ ମେଡିକାଲ କଲେଜ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏହି ଘଟଣାକୁ ନେଇ ଉଭୟ ଆମପାଲି ଓ ମଣ୍ଡଳ ଗାଁରେ ଶୋକର ଛାୟା ଖେଳିଯାଇଛି।

## ଆଜିର ଇତିହାସ

- ୧୭୯୫- ପ୍ରଥମ ବଙ୍ଗଳା ନାଟକ ମଞ୍ଚସ୍ଥ କରାଗଲା ।
- ୧୮୧୫- ପୋଲାଣ୍ଡ ସ୍ୱାଧୀନ ହେଲା ।
- ୧୯୧୨- ଆଲବେନିଆ ରାଷ୍ଟ୍ରୀୟ ଧ୍ୱଜକୁ ଆପଣାଇଲା ।
- ୧୯୬୬- ଉରୁଗୁଏ ସମ୍ବିଧାନ ଆପଣାଇଲା ।
- ୨୦୦୮ - ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ବିଶ୍ୱନାଥ ପ୍ରତାପ ସିଂହଙ୍କ ଦେହାନ୍ତ ।
- ୨୦୧୮ - ବଲିଉଡ୍‌ର ପ୍ରଚ୍ଛଦପଟ୍ଟ ଗାୟକ ମହମ୍ମଦ ଅଜିଜ୍‌ଙ୍କ ପରଲୋକ ।

## ଏପରି ଏକ ଦେଶ

# କେହି ଜାଣନ୍ତିନି ଜନ୍ମ ତାରିଖ

ଜନ୍ମଦିନ ପ୍ରତ୍ୟେକଙ୍କ ପାଇଁ ଏକ ଖୁସିର ଅବସର ହୋଇଥାଏ । ଏହାକୁ ଲୋକେ ପରିବାର ଓ ସାଙ୍ଗସାଥୀଙ୍କ ଗହଣରେ କେକ୍ କାଟି ବେଶ୍ ଧୁମ୍‌ଧାମ୍‌ରେ ପାଳନ କରିଥାନ୍ତି । ହେଲେ ଏପରି ଏକ ଦେଶ ଅଛି, ଯେଉଁଠି ଲୋକମାନେ ନିଜ ଜନ୍ମ ତାରିଖ ଜାଣନ୍ତିନି । ଉତ୍ତର କୋରିଆରେ ଏପରି ଭିନ୍ନତା ଦେଖିବାକୁ ମିଳିଥାଏ । ଏହା ବିଶ୍ୱର ସବୁଠୁ ରହସ୍ୟମୟ ଦେଶ ଭାବେ ଜଣାଯାଏ । ଏଠାକାର ଗ୍ରାମାଞ୍ଚଳଗୁଡ଼ିକରେ ୮୦ ପ୍ରତିଶତରୁ ଊର୍ଦ୍ଧ୍ୱ ଡେଲିଭରି ଘରେ ହୋଇଥାଏ । ଏଠାରେ ହସ୍‌ପିଟାଲ କି ଡାକ୍ତରୀ ସୁବିଧା ନ ଥାଏ । ସବୁଠୁ ବଡ଼ କଥା ହେଉଛି ଏଠାରେ କ୍ୟାଲେଣ୍ଡର ନ ଥାଏ । ମାଆ ବାପା ମଧ୍ୟ ପିଲାର ଜନ୍ମ ତାରିଖକୁ ମନେ ରଖନ୍ତିନି । ପିଲାଟିଏ ୧୬-୧୭ ବର୍ଷ ହେବା ପରେ ତା'ର ପ୍ରଥମ ଥର ସରକାରୀ ଆଇଡି କାର୍ଡ ତିଆରି ହୋଇଥାଏ । ସରକାରୀ ଅଫିସର ନିଜ ମନଇଚ୍ଛା ଜନ୍ମ ତାରିଖ ଲେଖି ଦିଅନ୍ତି । ଗୁରୁତ୍ୱପୂର୍ଣ୍ଣ କଥାଟି ହେଲା, ଅଧିକାଂଶ ଲୋକଙ୍କର ଜନ୍ମଦିନ ୧ ଜାନୁଆରୀ ବୋଲି ଲେଖା ହୋଇଥାଏ । ଜଣେ ଜୁନ୍ କି ଫେବୃଆରୀରେ ଜନ୍ମ ହେଲେ ବି ତା'ର ଜନ୍ମ ପ୍ରମାଣପତ୍ରରେ ୧ ଜାନୁଆରୀ ଲେଖାଯାଇଥାଏ । ଉତ୍ତର କୋରିଆର ଜନସଂଖ୍ୟାରେ ୭୦% ଲୋକ ଗାଁରେ ରୁହନ୍ତି । ତନ୍ମଧ୍ୟରୁ ମାତ୍ର ୧୨% ଲୋକଙ୍କର ଜନ୍ମ ତାରିଖ ହସ୍‌ପିଟାଲରେ ରେଜିଷ୍ଟର ଥାଏ । ଏଠାରେ ଅଧିକାଂଶ



ପାସ୍‌ପୋର୍ଟରେ ଜନ୍ମତାରିଖ ଜାନୁଆରୀ କିମ୍ବା ଜୁଲାଇ ୧ ଲେଖାଯାଇଥାଏ । କେବଳ ସହରର ଧନୀ ଲୋକମାନେ ହିଁ ସେମାନଙ୍କ ଜନ୍ମଦିନକୁ ମନେ ରଖିଥାନ୍ତି । ଏସବୁ ସତ୍ତ୍ୱେ ଏଠାରେ ସ୍କୁଲ, କାରଖାନା ଓ ସେନା ଶିବିରଗୁଡ଼ିକରେ ଜନ୍ମଦିନ ପାଳନ କରାଯାଏ । ହେଲେ ଲୋକେ ପାଳୁଥିବା ଜନ୍ମଦିନ ସରକାରଙ୍କ ଦ୍ୱାରା ସ୍ଥିର ହୋଇଥାଏ ।

# ବ୍ୟକ୍ତିଗତ ତଥ୍ୟ ରଖୁଛି ମୋବାଇଲ

ଆଇଆଇଟି ଦିଲ୍ଲୀ ଆଣ୍ଡ୍ରଏଡ୍ ଫୋନ୍‌କୁ ନେଇ ଏକ ଗବେଷଣା କରିଛି । ଆଇଆଇଟି ଦିଲ୍ଲୀର ପ୍ରଫେସର ସ୍ମୃତି ରଞ୍ଜନ ସାରଙ୍ଗ ଏମଟେକ୍ ଛାତ୍ରମାନଙ୍କ ସହିତ ମିଶି ଆଣ୍ଡ୍ରଏଡ୍ ଫୋନ୍‌କୁ ନେଇ ଏକ ଗବେଷଣା କରିଛନ୍ତି । ଏହି ଗବେଷଣାରେ ମୋବାଇଲର ଜିପିଏସ୍‌କୁ ନେଇ ବଡ଼ ଖୁଲାସା କରାଯାଇଛି । କୌଣସି ଆପ୍‌କୁ ଡାଉନ୍‌ଲୋଡ୍ କରିବା ସମୟରେ ସେଥିରେ ଲୋକେସନ ଟ୍ରାକ୍ କରିବାର ଅନୁମତି ଦେଖାଇ ଥାଏ । ଯାହାକି ବ୍ୟକ୍ତିଗତ ସୁରକ୍ଷା ପ୍ରତି ବିପଜ୍ଜନକ ହୋଇଥାଏ । ଲୋକେସନ ଟ୍ରାକ୍ ମାଧ୍ୟମରେ ଜଣଙ୍କର କାର୍ଯ୍ୟକଳାପକୁ ଟ୍ରାକ୍ କରାଯାଇପାରିବ । କହିବାକୁ ଗଲେ ମୋବାଇଲ ପ୍ରତିଟି ମୁହୂର୍ତ୍ତର ତଥ୍ୟକୁ ଟିକ୍‌ନିକ୍ ଏକତ୍ର କରେ । ସେହିପରି ଫୋନ୍ କେବଳ ଲୋକେସନ ଟ୍ରାକ୍ କରି ନ ଥାଏ, ବରଂ ଜଣେ ଏକା କିମ୍ବା କାହା ସହ ଅଛି, ଲିଫ୍ଟରେ ଅଛି କି ନାହିଁ ତାହା ମଧ୍ୟ ଜଣାପଡ଼ିଯାଏ । ପ୍ରଫେସର ଉଦାହରଣ ଦେଇ କହିଛନ୍ତି,ଜଣେ ଛାତ୍ର ଦୌଡ଼ିବାକୁ ଗଲେ, ଦୌଡ଼ିବା ପରେ ସେ ଯେମିତି ତା'ଙ୍କ ଫୋନ୍ ଦେଖିଛନ୍ତି, ତାଙ୍କୁ ପ୍ରୋଟିନ ସେକ୍ ବିଜ୍ଞାପନ ଆସିଲା । ସେହି ଛାତ୍ର ଜଣକ ପୂର୍ବରୁ କୌଣସି ପ୍ରୋଟିନ୍ ସେକ୍ ବାବଦରେ ସର୍ଚ୍ଚ ଇଞ୍ଜିନ୍‌ରେ ସର୍ଚ୍ଚ କରି ନ ଥିଲେ । ତେଣୁ ଏଥିରୁ ଜଣାପଡୁଛି ଯେ, ଦେଶର ଭିଆଇପି ଏବଂ ଭିଭିଆଇପିଙ୍କ ସୁରକ୍ଷା ପ୍ରତି ବିପଦ ରହିଛି । ସାଧାରଣ ଲୋକଙ୍କୁ ଏହା ମାଧ୍ୟମରେ ବ୍ଲାକ୍‌ମେଲ୍ କରିବା ମଧ୍ୟ ସହଜ ହୋଇଯିବ । ତେବେ ଏଥିରୁ ରକ୍ଷା ପାଇବାର ସହଜ ଉପାୟ ହେଉଛି, କୌଣସି ଆପ୍‌କୁ ଲୋକେସନ ଟ୍ରାକ୍ କରିବାର ଅନୁମତି ଦେବା ଉଚିତ ନୁହେଁ । ଯଦି ଅନୁମତି ପ୍ରଦାନ କରୁଛନ୍ତି, ତେବେ ଆପ୍ ବ୍ୟବହାର କରିବା ସମୟରେ କେବଳ ଟ୍ରାକ୍ ଅନୁମତି ଦେବା ଉଚିତ ।



# ଚାପୁଡ଼ା ମାରିବା ଚାକିରି



ଅଧିକାଂଶ ଲୋକ ଫେସବୁକ୍, ହ୍ୱାଟସ୍‌ଆପ୍‌ରେ ଘଣ୍ଟା ଘଣ୍ଟା ଧରି ସମୟ ଅତିବାହିତ କରୁଛନ୍ତି । ସାମାଜିକ ଗଣମାଧ୍ୟମର ଏଭଳି ଆସକ୍ତି ଯୋଗୁ ଲୋକେ ନିଜ ଲକ୍ଷ୍ୟପଥରୁ ବିଚ୍ୟୁତ ହେଉଛନ୍ତି । ଏହି କ୍ରମରେ ଏକଦା ଭାରତୀୟ ବଂଶୋଦ୍ଭବ ଆମେରିକୀୟ ଉଦ୍ୟୋଗପତି ମନୀଷ ସେଠି ତାଙ୍କର ଫେସ୍‌ବୁକ୍ ଚଳାଇବା ଅଭ୍ୟାସ ଉପରେ ରୋକ୍ ଲଗାଇବାକୁ ନିଆରା ଚାକିରିର ବିଜ୍ଞାପନ ଦେଇଥିଲେ । ଘଟଣାଟି ୨୦୧୨ ମସିହାର । ସେତେବେଳେ ମନୀଷ 'ପାବଲୋକ' କମ୍ପାନିକୁ ଚଳାଉଥିଲେ । ସେ ସମୟରେ ସେ ଘଣ୍ଟା ଘଣ୍ଟା ଧରି ଫେସ୍‌ବୁକ୍‌ରେ ବ୍ୟସ୍ତ ରହୁଥିଲେ । ଏହି କାରଣରୁ ମନୀଷଙ୍କ କମ୍ପାନିର ବ୍ୟବସାୟ ମଧ୍ୟ ହ୍ରାସ ପାଇଲା । ତେଣୁ ନିଜର ଏହି ଖରାପ ଅଭ୍ୟାସକୁ ଦୂରେଇବାକୁ ସେ ଏକ ଅଜବ ବିଜ୍ଞାପନ ଦେଇଥିଲେ । ସେ ଏହି ବିଜ୍ଞାପନରେ ଲେଖିଥିଲେ ଯେ, 'ମୋତେ ଏମିତି ଏକ ପାର୍ଟନର ଦରକାର ଯିଏ ମୋ ପାଖରେ ସବୁବେଳେ ବସିବ, ସ୍କ୍ରିନ୍ ଉପରେ ନଜର ରଖିବ । ମୁଁ ଫେସ୍‌ବୁକ୍ ଖୋଲିବା ମାତ୍ରେ ସେ ମୋ ଉପରେ ଚିଲ୍ଲାଇବ ଓ ଆବଶ୍ୟକ ପଡ଼ିଲେ ଚାପୁଡ଼ା ମାରିବ । ଏହି କାର୍ଯ୍ୟ ନିମନ୍ତେ ପ୍ରତିଘଣ୍ଟା ପାଇଁ ସେ ଆଜିକା ଜମାନାରେ ଭାରତୀୟ ମୁଦ୍ରାରେ ୭୧୦ ଟଙ୍କା ଦେବାକୁ ଧାର୍ଯ୍ୟ କରିଥିଲେ । ଯୋଗ୍ୟ ପ୍ରାର୍ଥୀ ଜଣକ ମନୀଷଙ୍କ ଘର କିମ୍ବା କେଫେରେ କାମ କରିବେ । ଶେଷରେ କାରା ନାମ୍ନୀ ଜଣେ ମହିଳାଙ୍କୁ ଏହି ଚାକିରି ମିଳିଥିଲା । ଏହାପରେ 'ସ୍ଲାପ୍ ଚ୍ୟାଲେଞ୍ଜ' ଆରମ୍ଭ ହୋଇଥିଲା । ମନୀଷ ଯେତେବେଳେ ବି ଫେସ୍‌ବୁକ୍ ଖୋଲୁଥିଲେ, କାରା ତାଙ୍କୁ ଚାପୁଡ଼ା ମାରୁଥିଲେ । ତେବେ ମନୀଷ ଏକଦା ବ୍ଲଗ୍‌ରେ ଲେଖିଥିଲେ ଯେ, 'କାରା ତାଙ୍କୁ ଖାଲି ଚାପୁଡ଼ା ମାରୁଥିଲେ ତାହା ନୁହେଁ, ସେ ତାଙ୍କ କାମର ବିଶ୍ଳେଷଣ ମଧ୍ୟ କରୁଥିଲେ । ଯାହାଫଳରେ ତାଙ୍କ କମ୍ପାନିର କାର୍ଯ୍ୟଦକ୍ଷତା ୯୮%କୁ ବୃଦ୍ଧି ପାଇଥିଲା ।'

# ଭାଷଣରେ ବିଶ୍ୱ ରେକର୍ଡ




ଅନେକ ଲୋକ ଖୁବ୍ ଆଶ୍ଚର୍ଯ୍ୟଜନକ କାର୍ଯ୍ୟ କରି ରେକର୍ଡ କରିଥାନ୍ତି । ଏହି କ୍ରମରେ ଭାରତର ଲୋକପ୍ରିୟ ମୋଟିଭେସ୍‌ନାଲ୍ ସ୍ପିକର୍ ସୌରଭ ଜୈନ ଲଗାତାର ୩୦ ଘଣ୍ଟା ଧରି ଭାଷଣ ଦେଇ ବିଶ୍ୱ ରେକର୍ଡ କରିଛନ୍ତି । ଜୟପୁର ବିର୍ଲା ଅଡିଟୋରିୟମ୍‌ରେ ଆୟୋଜିତ ଶିକ୍ଷା ମହୋତ୍ସବ ୨୦୨୫ରେ ଯୋଗ ଦେଇ ସେ ଏହି ନିଆରା ରେକର୍ଡ କରିଛନ୍ତି । 'ଶିଖେଗା ଭାରତ ତଭି ତୋ ଆଗେ ବଢ଼େଗା ଭାରତ' ଥିମ୍ ଆଧାରିତ ଏହି ଆୟୋଜନ ବିଦ୍ୟାର୍ଥୀ, ଶିକ୍ଷକ ଓ ପ୍ରେରଣାଦାୟୀ ବକ୍ତାଙ୍କ ମଧ୍ୟରେ ଏକ ନୂତନ ଶକ୍ତି ସଞ୍ଚାର କରିଥିଲା । ତେବେ ସୌରଭଙ୍କ ଏହି ଯାତ୍ରା ଏତେ ସହଜ ନ ଥିଲା । ଆଠ ବର୍ଷର ପ୍ରସ୍ତୁତି, ୪୦,୦୦୦ ଘଣ୍ଟାର ପାଠପଢ଼ା ଓ ୧୫୦୦ ପୁସ୍ତକ ଅଧ୍ୟୟନର ଏହା ପରିଣାମ ଥିଲା । ସୌରଭ ନିଜ ଭାଷଣରେ ଆତ୍ମବିଶ୍ୱାସ, ଆତ୍ମନିର୍ଭରତା, ଆତ୍ମହତ୍ୟାରୁ ରକ୍ଷା ପାଇବାର ଉପାୟ, ଅବସାଦ, ସମୟର ସଦୁପଯୋଗ, ଦୃଢ଼ ନେତୃତ୍ୱ, ସକରାତ୍ମକ ଚିନ୍ତାଧାରା ଭଳି ୧୦୦ଟି ପ୍ରସଙ୍ଗ ଉପରେ ଚର୍ଚ୍ଚା କରିଥିଲେ । ଏଥିସହ ସେ କହିଥିଲେ, ଆମେ କହୁଥିବା ଶବ୍ଦରେ ଅସୀମ ଶକ୍ତି ରହିଛି । ଶବ୍ଦ କୌଣସି ବ୍ୟକ୍ତିର ଜୀବନ ବଦଳାଇ ଦେଇପାରେ । ତେବେ ସେ ପ୍ରତି ୬୦ ସେକେଣ୍ଡରେ ୧୩୦ରୁ ୧୪୦ ଶବ୍ଦ କହିଥିଲେ । ସମ୍ପୂର୍ଣ୍ଣ ସଭାରେ ସେ ମୋଟ ୨.୩ ଲକ୍ଷ ଶବ୍ଦ କହିଥିଲେ । ସେ ବହୁ ବର୍ଷ ଧରି ଏହି ଐତିହାସିକ ରେକର୍ଡ ପାଇଁ ପ୍ରସ୍ତୁତି କରିଥିଲେ । ଏଥିପାଇଁ ସେ ଦୈନିକ ପାଞ୍ଚଘଣ୍ଟା ପଢ଼ୁଥିଲେ । ଫିଟ୍‌ନେସ୍, ମେଡିଟେସନ୍ ଆଦି ମାଧ୍ୟମରେ ସେ ନିଜକୁ ମାନସିକ ଓ ଶାରୀରିକ ସ୍ତରରେ ମଜଭୁତ କରିଥିଲେ । ଏହି ଆୟୋଜନରେ ୭୦୦ରୁ ଊର୍ଦ୍ଧ୍ୱ ସଂସ୍ଥାନ ଓ ୨୫୦ ଜଣିଆ ଏକ ବିଶେଷଜ୍ଞ ଟିମ୍ ସାମିଲ ଥିଲେ । ଏହା ପୂର୍ବରୁ ମଧ୍ୟ ସୌରଭ ୨୦୧୮ ମସିହାରେ ୧୬ ଘଣ୍ଟା ୧୮ ମିନିଟ୍ ଓ ୨୦୨୨ ମସିହାରେ ଲଗାତାର ୨୪ ଘଣ୍ଟା ଭାଷଣ ଦେଇ ରେକର୍ଡ କରିଥିଲେ । ଚଳିତ ବର୍ଷ ସେ ଅବିରତ ୩୦ ଘଣ୍ଟା ଭାଷଣ ଦେଇ ଆତ୍ମବିଶ୍ୱାସ, ଦୃଢ଼ମନୋବଳ ଓ ଏକାଗ୍ରତା ଥିଲେ ସବୁ କିଛି ସମ୍ଭବ ହୋଇପାରିବ ବୋଲି ପ୍ରମାଣ କରିଛନ୍ତି ।

## ଗ୍ରୀନ୍ ଲେଡି

ପ୍ରତ୍ୟେକ ଲୋକଙ୍କର ଏକ ପ୍ରିୟ ରଙ୍ଗ ଥାଏ । ସେହି ରଙ୍ଗ ଅନୁସାରେ, ସେମାନେ ପୋଷାକ ପିନ୍ଧିବା, ଘର ସଜାଇବାକୁ ପସନ୍ଦ କରନ୍ତି । ନ୍ୟୁୟର୍କ ବ୍ରୁକ୍‌ଲିନ୍‌ର ଏଲିଜାବେଥ୍ ସ୍ୱିଟ୍‌ହାର୍ଟଙ୍କର ସବୁଜ ରଙ୍ଗକୁ ନେଇ ଏକ ଅହେତୁକ ଦୁର୍ବଳତା ରହିଛି । ତାଙ୍କ ପୋଷାକଠାରୁ ଆରମ୍ଭ କରି ନେଇ କେଶ, ଆଖପାଖରେ ଥିବା ସମସ୍ତ ଜିନିଷକୁ ସେ ସବୁଜ ରଙ୍ଗରେ ରଙ୍ଗାୟିତ କରିଛନ୍ତି । ଏଥିପାଇଁ ତାଙ୍କୁ ବ୍ରୁକ୍‌ଲିନ୍‌ର ଗ୍ରୀନ୍ ଲେଡି ବୋଲି କୁହାଯାଉଛି । ୧୯୪୧ ମସିହାରେ କାନାଡ଼ା ନୋବା ସ୍କୋଟିୟାରେ ଜନ୍ମିତ ଏଲିଜାବେଥ୍ ପିଲାବେଳୁ ରଙ୍ଗ ଦୁନିଆ ସହ ସଂଶ୍ଳିଷ୍ଟ । ଏଲିଜାବେଥ୍‌ଙ୍କ ମତରେ, ସବୁଜ ରଙ୍ଗ ସବୁବେଳେ ତାଙ୍କର ପସନ୍ଦିତ ରଙ୍ଗ ଥିଲା । ଏହା ପ୍ରକୃତିକୁ ପ୍ରତିନିଧିତ୍ୱ କରେ ବୋଲି ସେ କୁହନ୍ତି । ୧୯୬୪ ସେ ତାଙ୍କ ସ୍ୱପ୍ନ ପୂରଣ ପାଇଁ ନ୍ୟୁୟର୍କ ପଳାଇଥିଲେ । ଧୀରେଧୀରେ ସେ ଫେସନ୍ ଇଣ୍ଡଷ୍ଟ୍ରୀର ଜଣେ ଚର୍ଚ୍ଚିତ ଚେହେରା ପାଲଟି ଯାଇଥିଲେ । ସେ ଅନେକ ସେଲିବ୍ରିଟିଙ୍କ ଫେସନ୍ ଡିଜାଇନର୍ ପାଲଟିଗଲେ । ୧୯୮୭ ମସିହାରେ ସେ ନିଜର ଏକ ଷ୍ଟୁଡିଓ ଖୋଲିଲେ । ଏଠାରେ ୧୫ ବର୍ଷ ଧରି କାମ କରିଥିଲେ । ଏହାପରେ ସେ ତାଙ୍କ ଜୀବନକୁ ପୂରାପୂରି ସବୁଜମୟ କରିବା ପାଇଁ ନିଷ୍ପତ୍ତି ନେଲେ । ପୋଷାକ ସହ ଘରର ପ୍ରତ୍ୟେକ କୋଣ ଅନୁକୋଣ, ଜୋତା, ଏପରିକି କେଶର ରଙ୍ଗ ମଧ୍ୟ ସବୁଜ କରିଛନ୍ତି । ତାଙ୍କ ଘର ଗ୍ରୀନ୍ ମ୍ୟୁଜିୟମ୍ ଭଳି ଲାଗେ । ତାଙ୍କ ପାଖରେ ୩୦ରୁ ଅଧିକ ସବୁଜ ରଙ୍ଗର ଜୋତା ମଧ୍ୟ ରହିଛି । ଏଲିଜାବେଥ୍‌ଙ୍କ ଘରକୁ ଯେ କେହି ଗଲେ ଏକ ଭିନ୍ନ ଦୁନିଆର ଅନୁଭୂତି ନେଇଥାନ୍ତି । ସବୁଜ ତାଙ୍କ ପାଇଁ କେବଳ ଏକ ରଙ୍ଗ ନୁହେଁ ଜୀବନର ଆଦର୍ଶ ପାଲିଟିଛି ବୋଲି ଏଲିଜାବେଥ୍ କୁହନ୍ତି ।



# 'ରାମାୟଣ ପାର୍ଟ ୨' ଆସିବାରେ ହେବ ବିଳମ୍ବ

ରଣବୀର କପୁର ଏବେ ବଲିଉଡ୍‌ର ସୁପରଷ୍ଟାର୍ ଭାବେ ଜଣାଯାଉଛନ୍ତି । ତାଙ୍କ ହାତରେ ଅନେକ ବଡ଼ ବଡ଼ ପ୍ରୋଜେକ୍ଟ ରହିଛି । ଇତିମଧ୍ୟରେ ରଣବୀର 'ରାମାୟଣ ପାର୍ଟ ୧'ର ସୁଟିଂ ସାରି ଦେଇଛନ୍ତି । ଏହାପରେ ସେ ସଞ୍ଜୟ ଲୀଲା ଭଁସାଲୀଙ୍କ 'ଲଭ୍ ଆଣ୍ଡ ୱାର୍'ର ସୁଟିଂ ଆରମ୍ଭ କରିଛନ୍ତି । 'ରାମାୟଣ'କୁ ଦୁଇଟି ପାର୍ଟରେ ନିର୍ମାଣ କରାଯାଉଛି । ପ୍ରଥମ ପାର୍ଟର ସୁଟିଂ ସରିଯାଇଛି । ଏହା ୨୦୨୬ ଦୀପାବଳି ଅବସରରେ ଆସିବ । ଏହାର ଦ୍ୱିତୀୟ ପାର୍ଟକୁ ୨୦୨୭ ଦୀପାବଳି ଅବସରରେ ରିଲିଜ୍ କରାଯିବା ପାଇଁ ପୂର୍ବରୁ ଘୋଷଣା କରାଯାଇଛି । ରଣବୀର ଏକାସାଙ୍ଗେ 'ରାମାୟଣ'ର ଦୁଇଟି ପାର୍ଟର ସୁଟିଂ ସାରିବାକୁ ଚାହୁଁଥିଲେ । କାରଣ ଏହା ତାଙ୍କ 'ଲଭ୍ ଆଣ୍ଡ ୱାର୍' ଫିଲ୍ମର ଲୁକ୍‌ଠାରୁ ଅଲଗା ଥିଲା । ସଞ୍ଜୟଙ୍କ ଏହି ଫିଲ୍ମରେ ସେ ବହୁତ ପତଳା ଦେଖାଯିବାର ଅଛି । ଏଥିପାଇଁ ସେ 'ରାମାୟଣ'ର ଦୁଇଟି ପାର୍ଟର ସୁଟିଂ ପରେ 'ଲଭ୍ ଆଣ୍ଡ ୱାର୍' କରିବାର ଥିଲା । 'ରାମାୟଣ'ର ପ୍ରିପ୍ରଡକ୍ସନ କାମ ବିଳମ୍ବ ହେବାରୁ ରଣବୀର ସଞ୍ଜୟଙ୍କ ସହ ସୁଟିଂ ଆରମ୍ଭ କରିଦେଲେ । ସଞ୍ଜୟଙ୍କ ଫିଲ୍ମଗୁଡ଼ିକର ସୁଟିଂ ଦୀର୍ଘ ଦିନ ଧରି ଚାଲେ । 'ଲଭ୍ ଆଣ୍ଡ ୱାର୍' ପାଇଁ ମଧ୍ୟ ସଞ୍ଜୟ ୨୦୦ ଦିନର ସୁଟିଂ ସିଡ୍ୟୁଲ ରଖିଛନ୍ତି । ଏବେ ରଣବୀର ଏହି ଫିଲ୍ମର ସୁଟିଂ ସାରିବା ପରେ ହିଁ 'ରାମାୟଣ ପାର୍ଟ ୨'ର ସୁଟିଂ ଆରମ୍ଭ କରିବେ । ଏଥିପାଇଁ ଏହି ଫିଲ୍ମ ଏବେ ୨୦୨୭ ଦୀପାବଳି ପରିବର୍ତ୍ତେ ଆହୁରି ବିଳମ୍ବରେ ରିଲିଜ୍ ହୋଇପାରେ ବୋଲି ଚର୍ଚ୍ଚା ହେଉଛି ।



## ଆଜିର ରାଶିଫଳ

**ମେଷ:** ବରିଷ୍ଠ ଅଧିକାରୀ ଆପଣଙ୍କ କାର୍ଯ୍ୟରେ ଖୁସି ହେବେ । ବ୍ୟବସାୟରେ ଉନ୍ନତି ହେବ । କୌଣସି କଥାକୁ ନେଇ ଚିନ୍ତାରେ ରହିବେ । ନୂଆ କାମରେ ପରିବାରର ସହଯୋଗ ମିଳିବ ।

**ବୃଷ:** ଦିନଟି ମିଶ୍ରଫଳ ପ୍ରଦାନ କରିବ । କାର୍ଯ୍ୟରେ ପଦୋନ୍ନତି ସମ୍ଭାବନା ରହିବ । ଛାତ୍ରଛାତ୍ରୀଙ୍କୁ ଶୁଭଫଳ ମିଳିବ । ଅଟକି ରହିଥିବା କାର୍ଯ୍ୟ ପୂରା ହେବ । ଘରେ ପୂଜାପାଠ ଆୟୋଜନ କରିବେ ।

**ମିଥୁନ:** ନିଜ ଦାୟିତ୍ୱ ସୁଚାରୁରୂପେ ତୁଲାଇବେ । ଧନ ବ୍ୟୟର ଯୋଗ ରହିଛି । ଭାଇ, ଭଉଣୀଙ୍କ ମନୋମାଳିନ୍ୟ ଦୂର ହେବ । ରାଜନୀତିରେ ସଫଳତା ମିଳିବ ।

**କର୍କଟ:** ଚାକିରିଆଙ୍କୁ ଧନ ପ୍ରାପ୍ତି ଯୋଗ ଅଛି । ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ । ଯାନବାହନ କିଣିପାରନ୍ତି । କୌଣସି ଇଚ୍ଛା ପୂରଣ ହେବ । ଦାମ୍ପତ୍ୟ ଜୀବନ ସୁଖମୟ ହେବ ।

**ସିଂହ:** ଦୂର ସ୍ଥାନକୁ ଯାତ୍ରା କରିବେ । ନୂଆ ଲୋକଙ୍କ ସହ ସମ୍ପର୍କ ଘନିଷ୍ଠ ହେବ । ଅଧିକ ଖର୍ଚ୍ଚାନ୍ତ ହେବେ । ଛାତ୍ରଛାତ୍ରୀ ବିଦେଶ ଯାତ୍ରା କରିବେ । କଥାରେ ମଧୁରତା ରଖିବେ ।

**କନ୍ୟା:** ବନ୍ଧୁଙ୍କ ସହାୟତାରେ ଆୟର ନୂଆ ମାର୍ଗ ଉନ୍ମୁକ୍ତ ହେବ । ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ । ପୂଜାପାଠରେ ସାମିଲ ହେବେ । ପ୍ରେମ ଜୀବନରେ ମଧୁରତା ଆସିବ ।

**ତୁଳା:** ପୈତୃକ ସମ୍ପତ୍ତିରେ ବିବାଦ ଦେଖା ଦେବ । ପୂର୍ବରୁ କରିଥିବା ନିବେଶରୁ ଲାଭ ମିଳିବ । ସରକାରୀ କ୍ଷେତ୍ରରେ ସଫଳତା ମିଳିବ । ଜୀବନସାଥୀଙ୍କ ସହଯୋଗ ମିଳିବ ।

**ବିଛା:** ବ୍ୟାଙ୍କ ଚାକିରିଆଙ୍କୁ କୌଣସି ଖୁସି ଖବର ମିଳିବ । ପିଲାଙ୍କ ସହ ସମୟ ଅତିବାହିତ କରିବେ । ପରିବାର ସହ କୌଣସି ସ୍ଥାନକୁ ବୁଲିବାକୁ ଯିବେ । ସ୍ୱାସ୍ଥ୍ୟରେ ସୁଧାର ହେବ ।

**ଧନୁ:** ଅର୍ଥ ସଞ୍ଚୟ କରିବେ । ଭବିଷ୍ୟତର କୌଣସି ଯୋଜନାକୁ ନେଇ ଚିନ୍ତାରେ ରହିବେ । ପାରିବାରିକ ଜୀବନ ସୁଖମୟ ହେବ । ଘରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ ।

**ମକର:** ସମୟ ପୂର୍ବରୁ କାର୍ଯ୍ୟ ଶେଷ କରିବେ । ବ୍ୟବସାୟରେ ପରିବର୍ତ୍ତନ ଆଣିବା ଲାଗି ଘରର ଗୁରୁଜନଙ୍କ ସହ ଆଲୋଚନା କରିବେ । ଜମି କିଣାବିକାକୁ ନେଇ ନୂଆ ଯୋଜନା କରିବେ ।

**କୁମ୍ଭ:** ପ୍ରେମ ଜୀବନରେ ପ୍ରଗାଢ଼ତା ଆସିବ । ଭବିଷ୍ୟତ ଲାଗି ଅର୍ଥ ନିବେଶ କରିବେ । ଛାତ୍ରଛାତ୍ରୀ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତି କରିବେ । ପଡ଼ୋଶୀଙ୍କ ସହ ମତାନ୍ତର ଦେଖା ଦେବ ।

**ମୀନ:** ଅର୍ଥ ସଞ୍ଚୟ କରିବେ । ଭଜନ, କୀର୍ତ୍ତନରେ ସାମିଲ ହେବେ । କୌଣସି କାମରେ ପରିବାରର ସହଯୋଗ ମିଳିବ । ବିରୋଧୀଙ୍କଠାରୁ ଦୂରତ୍ୱ ରକ୍ଷା କରିବେ ।

ଶ୍ରୀମନ୍ଦିରରେ ଘୋଡ଼ଲାଗି ନୀତି

# ମହାପ୍ରଭୁ ପିନ୍ଧିଲେ ଶୀତବସ୍ତ୍ର



ପୁରୀ,୨୬ା୧୧ (ସମିସ): ବୁଧବାର ଶ୍ରୀମନ୍ଦିରରେ ଓଡ଼ଣ ଷଷ୍ଠୀ ନୀତି ସମ୍ପନ୍ନ ହୋଇଛି । ଏହି ଅବସରରେ ମହାପ୍ରଭୁଙ୍କ ଘୋଡ଼ଲାଗି କରାଯାଇଛି । ସକାଳ ଧୂପ ବଢ଼ିବା ପରେ ଠାକୁରଙ୍କ ମଇଲମ କରାଯାଇଥିଲା । ପୂର୍ବ ରାତିରେ ଭୋଗମଣ୍ଡପ ଘରେ ଅଧିବାସ ହୋଇଥିବା ଘୋଡ଼ଗୁଡ଼ିକୁ ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ତିନିଘେରା ପରିକ୍ରମା କରାଯାଇ ରତ୍ନସିଂହାସନକୁ ନିଆଯାଇଥିଲା । ପୁଷ୍ପାଳକ ସେବକମାନେ ତିନିଠାକୁରଙ୍କୁ ପାଗ ଓ ଘୋଡ଼ଲାଗି କରିଥିଲେ । ମହାପ୍ରଭୁଙ୍କ ଏହି ଘୋଡ଼ରେ ସୂତାବସ୍ତ୍ର, ଖଣ୍ଡୁଆପାଟ, ଭେଲ୍‌ଭେଟ୍ କପଡ଼ାର ବସ୍ତ୍ର, ଟୋପର, ମଫଲର ପ୍ରଭୃତି ଲାଗି କରାଯାଇଥିଲା । ଘୋଡ଼ଲାଗି ସରିବା ପରେ ମହାପ୍ରଭୁଙ୍କୁ ୬ ମୂର୍ତ୍ତି ସୁବର୍ଣ୍ଣ ଅଳଙ୍କାର ମଧ୍ୟ ଲାଗି କରାଯାଇଥିଲା । ପରେ ବନ୍ଦାପନା ସରି ଅନ୍ୟାନ୍ୟ ନୀତି ସମ୍ପନ୍ନ ହୋଇଥିଲା ।

ପରମ୍ପରା ଅନୁଯାୟୀ, ପ୍ରତିବର୍ଷ ମାର୍ଗଶୀର ଶୁକ୍ଳ ଷଷ୍ଠୀରୁ ମାଘ ଶୁକ୍ଳ ପଞ୍ଚମୀ ପର୍ଯ୍ୟନ୍ତ ବିଗ୍ରହମାନେ ଘୋଡ଼ ପରିଧାନ କରିଥା'ନ୍ତି । ସପ୍ତାହର ୭ ଦିନରେ ୭ ରଙ୍ଗର ଘୋଡ଼ବସ୍ତ୍ର ଲାଗି ହୋଇଥା'ନ୍ତି । ରବିବାର ଲାଲ୍, ସୋମବାର କଳାଛିଟା ମିଶା ଶୁକ୍ଳ, ମଙ୍ଗଳବାର ବାରପଟିଆ (୫ ରଙ୍ଗ ମିଶା), ବୁଧବାର ନୀଳ, ଗୁରୁବାର ବସନ୍ତ (ହଳଦିଆ), ଶୁକ୍ରବାର ଶୁକ୍ଳ (ଧଳା) ଓ ଶନିବାର କଳା ରଙ୍ଗର ଘୋଡ଼ଲାଗି ହୋଇଥା'ନ୍ତି ।

ଉଲ୍ଲେଖଯୋଗ୍ୟ, ଶ୍ରୀଜଗନ୍ନାଥ ମହାପ୍ରଭୁ ପରମପାବନ ପୁରୁଷୋତ୍ତମ କ୍ଷେତ୍ରରେ ବିରାଜମାନ କରିଛନ୍ତି । ଶ୍ରୀମନ୍ଦିରରେ ଭାଇଭଉଣୀଙ୍କ ସହ ଅବସ୍ଥାନ କରି ମାନବୀୟ ଲୀଳା କରୁଛନ୍ତି । ଏହି କ୍ରମରେ ଖରାଦିନେ ଗ୍ରୀଷ୍ମତାପରୁ ରକ୍ଷା ପାଇବା ପାଇଁ ମହାପ୍ରଭୁ ଚନ୍ଦନ ଯାତ୍ରା କରିଥା'ନ୍ତି । ପବିତ୍ର ନରେନ୍ଦ୍ର ପୁଷ୍କରିଣୀରେ ଶ୍ରୀକ୍ଷେତ୍ରର ପଞ୍ଚମହାଦେବଙ୍କ ସହ ମିଶି ଜଳକ୍ରୀଡ଼ା କରନ୍ତି । ସେହିପରି ଶୀତଦିନେ ପ୍ରଚଣ୍ଡ ଶୀତରୁ ରକ୍ଷା ପାଇବା ପାଇଁ ସାଧାରଣ ମଣିଷଟିଏ ଭଳି ଶୀତବସ୍ତ୍ର ପରିଧାନ କରିଥା'ନ୍ତି । ମାର୍ଗଶିର ମାସରେ ଅଧିକ ଶୀତ ହୋଇଥାଏ । ତେଣୁ ଶୀତରୁ ରକ୍ଷା ପାଇବା ପାଇଁ ମାର୍ଗଶିର ଶୁକ୍ଳ ଷଷ୍ଠୀଠାରୁ ଶୀତବସ୍ତ୍ର ପରିଧାନ କରିଥା'ନ୍ତି । ଏହାକୁ ଶ୍ରୀମନ୍ଦିର ଭାଷାରେ ଘୋଡ଼ଲାଗି ବୋଲି କୁହାଯାଇଥାଏ ।

# ୪୧ ମାଓବାଦୀଙ୍କ ଆତ୍ମସମର୍ପଣ

**ବନ୍ଧୁକ ଛାଡ଼ି ଧରିଲେ ସମ୍ବିଧାନ**

ମାଲକାନଗିରି, ୨୬ ।୧୧(ସମିସ): ସମ୍ବିଧାନ ଦିବସରେ ମାଓବାଦୀଙ୍କ ହାତରେ ସମ୍ବିଧାନ ବହି ଧରାଇଲା ପୁଲିସ । ମାଲକାନଗିରି-ଛତିଶଗଡ଼ ସୀମାନ୍ତ ବିଜାପୁର ଜିଲ୍ଲାରେ ଆଜି ୪୧ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି । ଏମାନଙ୍କ ମଧ୍ୟରେ ଦକ୍ଷିଣ ବସ୍ତର ସବ୍-ଜୋନାଲ କମିଟିର ୩୯ ଜଣ ମାଓବାଦୀ ରହିଥିବା ବେଳେ ତେଲେଙ୍ଗାନା ରାଜ୍ୟ କମିଟି ଏବଂ ଧମତାରି ଗାରିଆବନ୍ଧ ନୂଆପଡ଼ା ଡିଭିଜନ୍‌ର ମାଓବାଦୀମାନେ ମଧ୍ୟ ରହିଛନ୍ତି । ଏମାନଙ୍କ ମୁଣ୍ଡ ଉପରେ ପୂର୍ବରୁ ଛତିଶଗଡ଼ ସରକାର ୧କୋଟି ୧୯ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରିଥିଲେ । ଏଥିରେ ୧୨ ଜଣ ମହିଳା କ୍ୟାଡର୍ ଏବଂ ୨୯ ଜଣ ପୁରୁଷ କ୍ୟାଡର୍‌ଙ୍କୁ ୧୦ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି । ମୁଖ୍ୟସ୍ରୋତକୁ ଫେରିଥିବା ମାଓବାଦୀ କ୍ୟାଡର୍‌ମାନେ ଭାରତୀୟ ସମ୍ବିଧାନରେ ବିଶ୍ୱାସ ପ୍ରକାଶ କରିଛନ୍ତି । ଏକ ଗଣତାନ୍ତ୍ରିକ ବ୍ୟବସ୍ଥାରେ ଏକ ସମ୍ମାନଜନକ ଏବଂ ସୁରକ୍ଷିତ ଜୀବନଯାପନ କରିବାକୁ ସଂକଳ୍ପ ନେଇଛନ୍ତି ।

ପବନରେ ଜହର

# ଦିଲ୍ଲୀକୁ ଟପିଲା ଅନୁଗୋଳ ଏକ୍ୟୁଆଇ

■ ଅସ୍ୱାସ୍ଥ୍ୟକର ବାୟୁ ଶ୍ରେଣୀରେ ଅନୁଗୁଳ
■ କଟକ-ଭୁବନେଶ୍ୱର ସ୍ଥିତି ଭୟଙ୍କର

ଭୁବନେଶ୍ୱର,୨୬ ।୧୧(ସମିସ): ସାରା ଦେଶରେ ବର୍ତ୍ତମାନ ଦିଲ୍ଲୀ ବାୟୁ ପ୍ରଦୂଷଣକୁ ନେଇ ଚିନ୍ତାଜନକ ହୋଇଛି । ମାତ୍ର ଓଡ଼ିଶାରେ ମଧ୍ୟ ବାୟୁର ଗୁଣବତ୍ତାମାନ କ୍ରମାଗତ ହ୍ରାସ ପାଇ ଦିଲ୍ଲୀ ପ୍ରଦୂଷଣକୁ ବି ଅତିକ୍ରମ କରିଛି । ଯଦିଓ ରାଜ୍ୟ ଓ ଜାତୀୟସ୍ତରରେ ଓଡ଼ିଶାର ବାୟୁ ପ୍ରଦୂଷଣକୁ ନେଇ ବିଶେଷ ଚର୍ଚ୍ଚା ହେଉ ନାହିଁ; ହେଲେ ଓଡ଼ିଶାର ଅନେକ ସ୍ଥାନରେ ଲୋକେ ପ୍ରଦୂଷଣ ଭୟରେ ଘରୁ ବାହାରିବାକୁ ମଧ୍ୟ ଭୟ କରୁଛନ୍ତି । ବିଶେଷ କରି ଶିଳ୍ପ ସମୃଦ୍ଧ ରାଜ୍ୟ ଭାବେ ଗଣା ହେଉଥିବା ଅନୁଗୁଳରେ ସ୍ଥିତି ସବୁଠୁ ଜଟିଳ ହୋଇପଡ଼ିଛି । କାରଣ କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଜାରି କରିଥିବା ବୁଲେଟିନ୍ ଅନୁଯାୟୀ ବୁଧବାର ଅନୁଗୁଳରେ ବାୟୁର ଗୁଣବତ୍ତା ମାନ (ଏକ୍ୟୁଆଇ) ଦେଶର ୩ ନଂ ସ୍ଥାନରେ ରହିଛି । ଦିଲ୍ଲୀରେ ଏକ୍ୟୁଆଇ ୩୨୭ ଥିବା ବେଳେ ଅନୁଗୁଳରେ ଏକ୍ୟୁଆଇ ୩୩୭ ରେକର୍ଡ କରିଛି ।

ଶୀତ ଋତୁ ଆରମ୍ଭ ହେଲେ ରାଜ୍ୟର ଏକାଧିକ ସହରରେ ବାୟୁ ପ୍ରଦୂଷଣ ହେବାରେ ଲାଗେ । ଦେଶରେ ସବୁଠାରୁ ପ୍ରଦୂଷିତ ସହର ଭାବେ ଦିଲ୍ଲୀକୁ ଗଣାଯାଉଥିଲେ ମଧ୍ୟ ଓଡ଼ିଶା ଏହି ତାଲିକାରେ ଯୋଡ଼ି ହେବା ପରିବେଶବିତମାନଙ୍କ ପାଇଁ ଚିନ୍ତା ବଢ଼ାଇଛି । କେବଳ ଅନୁଗୁଳ ନୁହେଁ ଦ୍ୱୈତ ସହର କଟକ ଓ ଭୁବନେଶ୍ୱରରେ ମଧ୍ୟ ପ୍ରଦୂଷଣ ବଳୟ ସୃଷ୍ଟି ହୋଇଛି । ବୁଧବାର ଏହି ଦୁଇ ସହରରେ ଏକ୍ୟୁଆଇ ୩୦୮ରେ ପହଞ୍ଚିଛି । ଯାହାକି ଅତି ଅସ୍ୱାସ୍ଥ୍ୟକର ଶ୍ରେଣୀରେ ଆସୁଛି । ପ୍ରଦୂଷଣ ଅସହ୍ୟ ହେବାରୁ ଦେଶର ରାଜଧାନୀ ଦିଲ୍ଲୀରେ ୱାର୍କ ଫ୍ରମ୍ ହୋମ୍ ଚାଲିଛି । ଓଡ଼ିଶାର ବିଭିନ୍ନ ସ୍ଥାନରେ ପ୍ରଦୂଷଣ ସ୍ଥିତି ଉଦବେଗଜନକ ରହିଥିଲେ ମଧ୍ୟ ସଚେତନତା ଅଭାବରୁ ଲୋକମାନେ ନିଶ୍ୱାସ ପ୍ରଶ୍ୱାସରେ ଅସ୍ୱାସ୍ଥ୍ୟକର ବାୟୁ ଗ୍ରହଣ କରୁଛନ୍ତି । ଏହି ପ୍ରଦୂଷିତ ବାୟୁର ସଂସ୍ପର୍ଶରେ ଅଧିକ ସମୟ ଆସିଲେ ଏହା ଶ୍ୱାସକ୍ରିୟା ଜନିତ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିପାରେ ବୋଲି ସିପିସିବି ଚେତାଇ ଦେଇଛି । ଅନୁଗୁଳ ପରେ ଭୁବନେଶ୍ୱର ଓ କଟକର ଏକ୍ୟୁଆଇ ସବୁଠୁ ଅଧିକ ରହୁଛି । ତେଣୁ ରାଜ୍ୟର ଏହି ଦୁଇ ପ୍ରମୁଖ ସହର ମଧ୍ୟ ସର୍ବାଧିକ ପ୍ରଦୂଷିତ ସହର ତାଲିକାରେ ଯୋଡ଼ି ହୋଇଯାଇଛି । ପ୍ରଦୂଷଣ ବଢ଼ିବା ଯୋଗୁଁ ରାଜଧାନୀରେ ଦିନ ବେଳା କୁହୁଡ଼ି ଭଳି ସ୍ଥିତି ଦେଖିବାକୁ ମିଳୁଛି । ଆକାଶ ଧୂଆଁଳିଆ ରହିବା ସହ ଦୃଶ୍ୟମାନ ଦୂରତା କମିଯାଉଛି ।

ଅନ୍ୟପଟେ ଚଳିତ ବର୍ଷ ଅନୁଗୁଳ ମ୍ୟୁନିସିପାଲିଟିକୁ ସ୍ୱଚ୍ଛ ବାୟୁ ସର୍ବେକ୍ଷଣ ପୁରସ୍କାର-୨୦୨୫ ମିଳିଛି । ବାୟୁ ପ୍ରଦୂଷଣ ରୋକିବାରେ ଅନୁଗୁଳ ଦେଶରେ ତୃତୀୟ ଓ ରାଜ୍ୟରେ ପ୍ରଥମ ସ୍ଥାନ ହାସଲ କରିଥିବାରୁ ଏହି ପୁରସ୍କାର ପ୍ରଦାନ କରାଯାଇଛି । କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ପକ୍ଷରୁ ଏହି ପୁରସ୍କାର ପ୍ରଦାନ କରାଯାଇଛି । ହେଲେ ବାସ୍ତବ ସ୍ଥିତିରେ ଅନୁଗୁଳ ବାୟୁ ପ୍ରଦୂଷଣ ସାରା ରାଜ୍ୟ ପାଇଁ ଆହ୍ୱାନ ହୋଇଛି । କେଉଁ ମାନଦଣ୍ଡକୁ ଆଧାର କରି ଅନୁଗୁଳକୁ ଏହି ପୁରସ୍କାର ପ୍ରଦାନ କରାଯାଇଛି, ତାକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି । କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋଡର୍ ଅନୁସାରେ, ବାୟୁ ମଣ୍ଡଳରେ ଧୂଳିକଣା ବାର୍ଷିକ ପ୍ରତି ୧ ଘନ ମିଟର ବାୟୁରେ ହାରାହାରି ୬୦ ମିଲିଗ୍ରାମ ରହିବା କଥା । କିନ୍ତୁ ଗତ କିଛି ବର୍ଷ ହେଲା ଏହା ହାରାହାରି ୮୫ ମିଲିଗ୍ରାମ ରହୁଛି । ଯାହା ଫଳରେ ପ୍ରଦୂଷଣ ବୃଦ୍ଧି ପାଉଛି ।

# ୬ ପ୍ରତିଭାଦୀପ୍ତଙ୍କୁ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ସମ୍ମାନ

ଭୁବନେଶ୍ୱର,୨୬ା୧୧(ସମିସ): ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଦ୍ୱାରା ୨୦୨୩ ବର୍ଷ, ୨୦୨୪ବର୍ଷ ଓ ୨୦୨୫ ବର୍ଷ ପାଇଁ ନୃତ୍ୟ, କଣ୍ଠ ସଙ୍ଗୀତ, ଯନ୍ତ୍ର ସଙ୍ଗୀତ, ନାଟ୍ୟକଳା ଓ ଲୋକକଳା କ୍ଷେତ୍ରରେ ଜୀବନବ୍ୟାପୀ ସାଧନା ଓ ସଂସ୍କୃତି କ୍ଷେତ୍ରରେ ଥିବା ବିଶେଷ ଅବଦାନକୁ ଆଧାରକରି ଓଡ଼ିଶା ସଂଗୀତ ନାଟକ ଏକାଡେମୀର ମର୍ଯ୍ୟାଦାଜନକ ସର୍ବୋଚ୍ଚ ସମ୍ମାନ "କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ସମ୍ମାନ', 'ଏକାଡେମୀ ପୁରସ୍କାର', 'ଉପାୟନ' ଏବଂ 'କବିଚନ୍ଦ୍ର କାଳିଚରଣ ଯୁବ ପ୍ରତିଭା ସମ୍ମାନ' ପ୍ରଦାନ କରାଯାଇଛି । ୨୦୨୩ ବର୍ଷ ପାଇଁ ବିଶିଷ୍ଟ କଣ୍ଠଶିଳ୍ପୀ ଡ. ପ୍ରଣବ କିଶୋର ପଟ୍ଟନାୟକ ଓ ମୋଗଲ ତାମସା ବିଶାରଦ ବାଦଲ ସିକଦାରଙ୍କୁ ମିଳିଛି କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ସମ୍ମାନ । ସେହିପରି ୨୦୨୪ ବର୍ଷ ପାଇଁ ଖ୍ୟାତନାମା ବଂଶୀବାଦକ ମୋହିନୀ ମୋହନ ପଟ୍ଟନାୟକ, ସୁଧାକର ସାହୁ(ଓଡ଼ିଶୀ ନୃତ୍ୟ) ଏବଂ ୨୦୨୫ ବର୍ଷ ପାଇଁ ଓଡ଼ିଶୀ କଣ୍ଠ ସଙ୍ଗୀତ କ୍ଷେତ୍ରରେ ଘନଶ୍ୟାମ ପଣ୍ଡା ଓ ଶବ୍ଦ ନୃତ୍ୟ ନିମନ୍ତେ ଭାଗବତ ପଧାନଙ୍କୁ ପ୍ରଦାନ କରାଯାଇଛି ।

ଅନ୍ୟପକ୍ଷରେ ୨୦୨୩ ବର୍ଷ ପାଇଁ ସମିତା ରାଣୀ ମହାନ୍ତି, ପ୍ରେମାଞ୍ଜନ ପରିଡ଼ା, ଅନୁଜ କୁମାର ପଟ୍ଟନାୟକଙ୍କୁ ଅଭିନୟ ପାଇଁ ଏକାଡେମୀ ପୁରସ୍କାର ପ୍ରଦାନ କରାଯାଇଛି । ପୁନଶ୍ଚ ନାଟ୍ୟରଚନା, ନିର୍ଦ୍ଦେଶନା, ମଞ୍ଚକଳା, ଶବ୍ଦ, ଆଲୋକ, ଭକ୍ତି ସଙ୍ଗୀତ, ସୁଗମ ସଙ୍ଗୀତ, ସଙ୍ଗିତ ନିର୍ଦ୍ଦେଶକ, ଓଡ଼ିଶୀ କଣ୍ଠ ସଙ୍ଗୀତ, ହିନ୍ଦୁସ୍ତାନୀ କଣ୍ଠସଙ୍ଗୀତ ପାଇଁ 'ସୁନନ୍ଦା ପଟ୍ଟନାୟକ ସମ୍ମାନ', ଆନଦ୍ଧ ବାଦ୍ୟ, ତବଲା,ମର୍ଦ୍ଦଳ, ଯନ୍ତ୍ରସଙ୍ଗୀତ, ପାଲା ଦାସକାଠିଆ, ଓଡ଼ିଶୀ ନୃତ୍ୟ, କଳାକ୍ଷେତ୍ରରେ ପାଣ୍ଡିତ୍ୟ ନିମନ୍ତେ ୩୦ଜଣଙ୍କୁ ଏକାଡେମୀ ପୁରସ୍କାର ପ୍ରଦାନ କରାଯାଇଛି । ଏହାସହ ନୃତ୍ୟ, ସଙ୍ଗୀତ, ନାଟ୍ୟକଳା, ଲୋକକଳା ନିମନ୍ତେ ୭ଜଣଙ୍କୁ 'ଉପାୟନ' ଏବଂ ସଙ୍ଗୀତ, ନୃତ୍ୟ, ନାଟକ, ଲୋକକଳା କ୍ଷେତ୍ରରେ ବିଶିଷ୍ଟ ଅବଦାନ ନିମନ୍ତେ ୯ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ' କବିଚନ୍ଦ୍ର କାଳିଚରଣ ଯୁବପ୍ରତିଭା ସମ୍ମାନ-୨୦୨୩' ପ୍ରଦାନ କରାଯାଇଛି ।

ସେହିପରି ୨୦୨୪ ବର୍ଷ ପାଇଁ ୨୯ଜଣଙ୍କୁ ଏକାଡେମୀ ପୁରସ୍କାର ପ୍ରଦାନ କରାଯାଇଛି । ନୃତ୍ୟ, ସଙ୍ଗୀତ, ନାଟ୍ୟକଳା, ଲୋକକଳା



ନିମନ୍ତେ ୭ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ 'ଉପାୟନ' ଏବଂ ୭ଜଣଙ୍କୁ 'କବିଚନ୍ଦ୍ର କାଳୀଚରଣ ଯୁବ ପ୍ରତିଭା ସମ୍ମାନ-୨୦୨୪' ପୁରସ୍କାର ପ୍ରଦାନ କରାଯାଇଛି । ୨୦୨୫ବର୍ଷ ପାଇଁ କଳାକ୍ଷେତ୍ରରେ ୨୬ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ 'ଏକାଡେମୀ ପୁରସ୍କାର' ସହ ୫ଜଣଙ୍କୁ 'ଉପାୟନ' ପ୍ରଦାନ କରାଯାଇଛି । ଏହାସହ ଜଣଙ୍କୁ 'କବିଚନ୍ଦ୍ର କାଳୀଚରଣ ଯୁବ ପ୍ରତିଭା ସମ୍ମାନ-୨୦୨୫' ସମ୍ମାନରେ ସମ୍ମାନିତ କରାଯାଇଛି ।

ବୁଧବାର ଲୋକସେବା ଭବନ କନ୍‌ଭେନ୍‌ସନ୍ ସେଣ୍ଟରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଛନ୍ତି । ଏହି ଅବସରରେ ସେ ଦୀର୍ଘଦିନ ହେଲା ଅଟକି ରହିଥିବା ସାହିତ୍ୟ ଏକାଡ଼େମୀ ପୁରସ୍କାର ଶୀଘ୍ର ପ୍ରଦାନ କରାଯିବ ବୋଲି ଘୋଷଣା କରିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଏକାମ୍ର ବିଧାୟକ ବାବୁ ସିଂ, ବିଧାୟକ ତଥା ଅଭିନେତା ସିଦ୍ଧାନ୍ତ ମହାପାତ୍ର, ଆକାଶ ଦାସ ନାୟକ,ସଂସ୍କୃତି ବିଭାଗ ନିର୍ଦ୍ଦେଶକ ଡ. ବିଜୟ କେତନ ଉପାଧ୍ୟାୟ,

■ ୨୦୨୩ ବର୍ଷ ପାଇଁ ପ୍ରଣବ ପଟ୍ଟନାୟକ ଓ ବାଦଲ ସିକଦାର
■ ୨୦୨୪ ପାଇଁ ମୋହିନୀମୋହନ ପଟ୍ଟନାୟକ, ସୁଧାକର ସାହୁ
■ ୨୦୨୫ ବର୍ଷ ପାଇଁ ଘନଶ୍ୟାମ ପଣ୍ଡା ଓ ଭାଗବତ ପ୍ରଧାନ

ସ୍ୱତନ୍ତ୍ର ଶାସନ ସଚିବ ଦେବପ୍ରସାଦ ଦାସ, ସଙ୍ଗୀତ ନାଟକ ଏକାଡେମୀ ସଚିବ ଡ. ଚନ୍ଦ୍ରଶେଖର ହୋତା ପ୍ରମୁଖ ଉପସ୍ଥିତ ଥିଲେ ।

ସୂଚନାଯୋଗ୍ୟ, କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ସମ୍ମାନରେ ସମ୍ମାନିତ ହୋଇଥିବା ପ୍ରତ୍ୟେକ ବ୍ୟକ୍ତିଙ୍କୁ ୫ଲକ୍ଷ ଟଙ୍କା, ହିନ୍ଦୁସ୍ତାନୀ କଣ୍ଠ ସଙ୍ଗୀତ ସମ୍ମାନରେ ସମ୍ମାନିତ ପ୍ରତ୍ୟେକ ବ୍ୟକ୍ତିଙ୍କୁ ୨.୫ଲକ୍ଷ ଟଙ୍କା, ଏକାଡେମୀ ପୁରସ୍କାରରେ ସମ୍ମାନିତ ବ୍ୟକ୍ତିବିଶେଷଙ୍କୁ ୨ଲକ୍ଷ ଟଙ୍କା, ଉପାୟନରେ ସମ୍ମାନିତ ବ୍ୟକ୍ତିଙ୍କ ପାଇଁ ୧ଲକ୍ଷ ଲେଖାଏଁ ଟଙ୍କା ଏବଂ କବିଚନ୍ଦ୍ର କାଳୀଚରଣ ଯୁବ ପ୍ରତିଭା ସମ୍ମାନ ପାଇଁ ପ୍ରତ୍ୟେକ ବ୍ୟକ୍ତିଙ୍କୁ ୫୦ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଛି । ୧୩୪ଜଣ ପ୍ରତିଭାଙ୍କୁ ସର୍ବମୋଟ ୨.୫କୋଟିରୁ ଉର୍ଦ୍ଧ୍ୱ ପୁରସ୍କାର ରାଶି ପ୍ରଦାନ କରାଯାଇଛି ।

କଣ୍ଠଶିଳ୍ପୀ ହ୍ୟୁମାନ୍ ସାଗର ମୃତ୍ୟୁ ଘଟଣା

# ଅର୍ପିତା ଓ ୨ ମ୍ୟାନେଜରଙ୍କ ନାଁରେ ଏତଲା

କଟକ, ୨୬ ।୧୧(ସମିସ): ଓଡ଼ିଆ ସଙ୍ଗୀତ ଜଗତର ଜଣାଶୁଣା କଣ୍ଠଶିଳ୍ପୀ ହ୍ୟୁମାନ୍ ସାଗରଙ୍କ ଆକସ୍ମିକ ଓ ସନ୍ଦେହଜନକ ମୃତ୍ୟୁ ଘଟଣାକୁ ନେଇ ବିବାଦ ଥମିବାର ନାଁ ନେଉନାହିଁ । ପ୍ରଥମେ ବଲାଙ୍ଗୀର ଟାଉନ୍ ଥାନାରେ ଅଭିଯୋଗ ହେବା ପରେ ଆଜି ମଧୁପାଟଣା ଥାନାରେ ଏତଲା ଦିଆଯାଇଛି । ସିନେ ନିର୍ଦ୍ଦେଶକ ଜିତୁ ରାଉତ ପ୍ରମୁଖ ୩ ସହଯୋଗୀଙ୍କ ଭୂମିକାକୁ ତଦନ୍ତ କରି ସତ ସାମ୍ନାକୁ ଆଣିବାକୁ ଅଭିଯୋଗ କରିଛନ୍ତି । କଣ୍ଠଶଳ୍ପୀ ଅର୍ପିତା ଚୌଧୁରୀ, ହ୍ୟୁମାନ୍‌ଙ୍କ ୨ ମ୍ୟାନେଜର ପ୍ରଶାନ୍ତ ଓ ଦିନେଶଙ୍କ ନାଁ ଏତଲାରେ ଉଲ୍ଲେଖ କରାଯାଇଛି । ପୁଲିସ ଏତଲାକୁ ପଞ୍ଜିକୃତ କରି ତଦନ୍ତ ଆରମ୍ଭ କରିଛି । କଣ୍ଠଶିଳ୍ପୀ ଅର୍ପିତା, ପ୍ରଶାନ୍ତ ଓ ଦୀନେଶଙ୍କୁ ଖୁବଶୀଘ୍ର ଥାନାକୁ ଡକାଯାଇ ଜେରା କରାଯିବ ବୋଲି ପୁଲିସ କହିଛି । ଅନ୍ୟପଟେ ମୃତ୍ୟୁ ସହିତ ଜଡ଼ିତ ସମସ୍ତ ବ୍ୟକ୍ତି, ପରିବାର ସଦସ୍ୟ ଏବଂ ଅନ୍ୟାନ୍ୟ ସମ୍ପୃକ୍ତ ଲୋକଙ୍କୁ ପଚରାଉଚରା କରାଯିବ । ହ୍ୟୁମାନ୍‌ଙ୍କ ମୋବାଇଲ୍ ଫୋନ୍ ସମେତ ସମସ୍ତ ଡିଜିଟାଲ୍ ପ୍ରମାଣ, ସନ୍ଦିଗ୍ଧ ବ୍ୟକ୍ତିଙ୍କ ମୋବାଇଲ୍ ରେକର୍ଡ, ବ୍ୟାଙ୍କ୍ ଆକାଉଣ୍ଟକୁ ତଦନ୍ତ ପରିସରଭୁକ୍ତ କରାଯିବ ବୋଲି ଜଣାପଡ଼ିଛି ।

ନଭେମ୍ବର ୧୭ ତାରିଖରେ ଭୁବନେଶ୍ୱର ଏମ୍ସରେ ଚିକିତ୍ସାଧୀନ ଅବସ୍ଥାରେ ହ୍ୟୁମାନ୍‌ଙ୍କ ମୃତ୍ୟୁ ଘଟିଥିଲା । ନଭେମ୍ବର ୧୪ ତାରିଖରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଥିଲା ।



ଡାକ୍ତରମାନେ ତାଙ୍କର ମଲ୍ଟିଅର୍ଗାନ୍ ଡିସ୍‌ଫଙ୍କସନ୍ ସିଣ୍ଡ୍ରୋମ୍, କ୍ରୋନିକ୍ ଲିଭର୍ ଫେଲିଓର୍ ଏବଂ ଦ୍ୱିପାକ୍ଷିକ ନିମୋନିଆ ଭଳି ଗୁରୁତର ରୋଗ ଚିହ୍ନଟ କରିଥିଲେ । ଏହାପର ଠାରୁ ହ୍ୟୁମାନ୍‌ଙ୍କ ମୃତ୍ୟୁକୁ ନେଇ ସନ୍ଦେହ ସୃଷ୍ଟି ହୋଇଥିଲା । ହ୍ୟୁମାନ୍‌ଙ୍କ ମା' ଅଭିଯୋଗ ଆଣିଥିଲେ ଯେ, କଣ୍ଠଶିଳ୍ପୀ ଅର୍ପିତା ଏବଂ ମ୍ୟାନେଜର ଦିନେଶ ଓ ପ୍ରଶାନ୍ତ ହିଁ ତାଙ୍କ ପୁଅର ମୃତ୍ୟୁ ପାଇଁ ଦାୟୀ । ଲକ୍ଷାଧିକ ଟଙ୍କା ହଡ଼ପ, ମାନସିକ ନିର୍ଯ୍ୟାତନା, ଠିକ୍ ସମୟରେ ହ୍ୟୁମାନ୍‌ର ଚିକିତ୍ସା ନକରିବା ଭଳି ସଂଗୀନ ଅଭିଯୋଗ ହୋଇଥିଲା । ବିଶେଷକରି କଣ୍ଠଶିଳ୍ପୀ ଅର୍ପିତା ଦୀର୍ଘ ବର୍ଷ ହେବ ହ୍ୟୁମାନ୍‌ଙ୍କ ସହିତ ସମ୍ପର୍କରେ ରହିଥିଲେ । ହ୍ୟୁମାନଙ୍କ ମୃତ୍ୟୁ ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରିବାକୁ ନିର୍ଦ୍ଦେଶକ ଜିତୁ ଦାବି କରିଛନ୍ତି । ତାଙ୍କ ସହ ଅନ୍ୟ କଳାକାରମାନେ ମଧ୍ୟ ଥାନାରେ ସମାନ ଅଭିଯୋଗ କରିଥିବା ଜଣାପଡ଼ିଛି । ନିର୍ଦ୍ଦେଶକ ଶ୍ରୀ ରାଉତଙ୍କ କହିବା ଅନୁସାରେ, ହ୍ୟୁମାନ ରୋଜଗାର କରିଥିବା ବିପୁଳ ଟଙ୍କା ହେରଫେର ହୋଇଛି । ମ୍ୟାନେଜର ଓ ଟିମ୍ ବ୍ୟକ୍ତିଗତ ସ୍ୱାର୍ଥ ହାସଲ କରି ହ୍ୟୁମାନ୍‌ଙ୍କୁ ମୃତ୍ୟୁମୁଖକୁ ଠେଲି ଦେଇଥିବା କହିଛନ୍ତି । ୨ ପରିଚାଳକ ଦିନେଶ ଓ ପ୍ରଶାନ୍ତ ତାଙ୍କୁ ନିର୍ଯାତନା ଦେଉଥିଲେ ଏବଂ ତାଙ୍କ କଳାକାର ଜୀବନକୁ ନଷ୍ଟ କରିଦେବାକୁ ଚେଷ୍ଟା କରୁଥିଲେ । ସେ ଅସୁସ୍ଥ ଥିବା ସତ୍ତ୍ୱେ ଅଧିକ ଟଙ୍କା ପାଇଁ ତାଙ୍କୁ ଷ୍ଟେଜ୍ ସୋ' କରିବାକୁ ବାଧ କରାଯାଉଥିଲା । ତାଙ୍କର ୨ ପରିଚାଳକ ହ୍ୟୁମାନ୍ ସାଗରଙ୍କ ଅଗୋଚରରେ ସମସ୍ତ ଆର୍ଥିକ କାରବାର, ଷ୍ଟୁଡିଓ ରେକର୍ଡିଂ ଓ ମଞ୍ଚ ପ୍ରୋଗ୍ରାମ୍ ରଖୁଥିବା ଥାନାରେ ଅଭିଯୋଗ ହୋଇଛି ।

# ଧରଣୀଧର ପାତ୍ର ବିଏସ୍‌ଇ ପରୀକ୍ଷା ନିୟନ୍ତ୍ରକ

ଭୁବନେଶ୍ୱର, ୨୬ ।୧୧(ସମିସ):ମାଧ୍ୟମିକ ଶିକ୍ଷା ପରିଷଦ(ବିଏସ୍‌ଇ) ବା ବୋର୍ଡର ନୂତନ ପରୀକ୍ଷା ନିୟନ୍ତ୍ରକ ଭାବେ ଧରଣୀଧର ପାତ୍ର ନିଯୁକ୍ତ ହୋଇଛନ୍ତି । ବାଲେଶ୍ୱରରେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ (ଏଡିଇଓ) ଭାବେସେକାର୍ଯ୍ୟରତଥିବାବେଳେବିଦ୍ୟାଳୟଓଗଣଶିକ୍ଷା ବିଭାଗ ପକ୍ଷରୁ ତାଙ୍କୁ ନୂତନ ଦାୟିତ୍ୱ ପ୍ରଦାନ କରାଯାଇଛି । ଅନୁରୂପ ଭାବେ ନବରଙ୍ଗପୁର ଜିଲ୍ଲା ଅତିରିକ୍ତ ଶିକ୍ଷା ଅଧିକାରୀ କେଶବ ମେହେରଙ୍କୁ ଜଗତସିଂହପୁର ଜିଲ୍ଲା ଶିକ୍ଷାଧିକାରୀ (ଡିଇଓ) ଭାବେ ନିଯୁକ୍ତ କରାଯାଇଥିବା ନେଇ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି ।

ବୋର୍ଡର ପରୀକ୍ଷା ନିୟନ୍ତ୍ରକ ପଦ ଦୀର୍ଘ ଦିନ ଧରି ଫାଙ୍କା ପଡ଼ିଥିଲା । ଏଷ୍ଟାବ୍ଲିସମେଣ୍ଟ ଅଫିସର୍ ଏହାର ଅତିରିକ୍ତ ଦାୟିତ୍ୱ ତୁଲାଉଥିଲେ । ସ୍ୱତନ୍ତ୍ର ଓଟିଇଟି ପରୀକ୍ଷା ପ୍ରଶ୍ନପତ୍ର ପ୍ରଘଟ ହେବା ପରେ ପରୀକ୍ଷା ନିୟନ୍ତ୍ରକଙ୍କ ଗୌଣ ଭୂମିକା ପଦାକୁ ଆସିବା ସହ ତତ୍କାଳୀନ ସମ୍ପାଦକ ସର୍ବେସର୍ବା ହୋଇଥିବା ଜଣାପଡ଼ିଥିଲା । ଏବେ ଏହି ପଦରେ ନୂତନ ନିଯୁକ୍ତି ଦିଆଯାଇଥିବା ବେଳେ ମାଟ୍ରିକ୍ ପରୀକ୍ଷାର ସୁପରିଚାଳନା କରିବା ଏକ ବଡ଼ ଚ୍ୟାଲେଞ୍ଜ ଭାବେ ଉଭା ହୋଇଛି ।

ପୁଲିସ ଏସ୍‌ଆଇ ଚାକିରି ବିକ୍ରି ଘଟଣା

# ଆଜିଠୁ ୩ ଦିନିଆ ରିମାଣ୍ଡରେ ୪ ଦଲାଲ

ଭୁବନେଶ୍ୱର, ୨୬ ।୧୧(ସମିସ): ପୁଲିସ ଏସ୍‌ଆଇ ଚାକିରି ବିକ୍ରି ମାମଲାରେ ସିବିଆଇ ତଦନ୍ତ ଜାରି ରହିଥିବାବେଳେ ଆସନ୍ତାକାଲି (ଗୁରୁବାର)ଠାରୁ ଆରମ୍ଭ ହେବ ରିମାଣ୍ଡ ପ୍ରକ୍ରିୟା । ପ୍ରଥମ ପର୍ଯ୍ୟାୟରେ ୪ ଦଲାଲ ଲୋକନାଥ ସାହୁ, ତଫିମ ଅହମ୍ମଦ ଖାନ, ବିଶ୍ୱଜିତ ହରିଚନ୍ଦନ ଓ ଏସ୍‌ଏସ୍‌ବି ଯବାନ ବିଶ୍ୱରଞ୍ଜନ ସେନାପତିଙ୍କୁ ରିମାଣ୍ଡରେ ନେଇ ସିବିଆଇ ମାରାଥନ୍ ଜେରା କରିବ । ଏମାନଙ୍କୁ ୪ ଦିନିଆ ରିମାଣ୍ଡରେ ନେବାକୁ ସ୍ୱତନ୍ତ୍ର ସିବିଆଇ ଅଦାଲତରେ ଆବେଦନ କରାଯାଇଥିବାବେଳେ ୩ ଦିନିଆ ରିମାଣ୍ଡରେ ନେବାକୁ ଅଦାଲତ ଅନୁମତି ଦେଇଛନ୍ତି । ପ୍ରାଥମିକ ପର୍ଯ୍ୟାୟରେ ଏହି ୪ ଦଲାଲଙ୍କୁ ପଚରାଉଚୁରା କରି କିଛି ତଥ୍ୟ ହାସଲ କରିବାକୁ ସିବିଆଇ ଯୋଜନା କରିଛି । କିପରି ପରୀକ୍ଷାର୍ଥୀଙ୍କୁ ଯୋଗାଡ଼ କରୁଥିଲେ, କାହାକୁ ରିପୋର୍ଟିଂ କରୁଥିଲେ ଓ କାହାର ଭାଗ କେତେ ଥିଲା, ସେ ସମ୍ପର୍କରେ ତଥ୍ୟ ଓଗାଳିବ । ଜେରା ସମୟରେ ଅଭିଯୁକ୍ତଙ୍କ ଓକିଲ ମଧ୍ୟ ଉପସ୍ଥିତ ରହିବେ ବୋଲି ଜଣା ପଡ଼ିଛି । ସେମାନଙ୍କ ତଥ୍ୟ ଆଧାରରେ ଅନ୍ୟ ଦଲାଲଙ୍କୁ ରିମାଣ୍ଡରେ ଆଣି ଜେରା କରିବାକୁ ଯୋଜନା ପ୍ରସ୍ତୁତ ହୋଇଥିବା ଜଣା ପଡ଼ିଛି । ସମସ୍ତ ତଥ୍ୟପ୍ରମାଣ ଯୋଗାଡ଼ କରିବା ପରେ ଘଟଣାର ମାଷ୍ଟରମାଇଣ୍ଡ କୁହାଯାଉଥିବା ଶଙ୍କର ପୃଷ୍ଟି ଓ ସିଲିକନ୍ ଟେକ୍‌ର ମାଲିକ ସୁରେଶ ନାୟକଙ୍କୁ ରିମାଣ୍ଡରେ ଆଣିବ । ଏଥିସହ ବସ୍ ଯୋଗାଇଥିବା ଟ୍ରାଭେଲ୍ସ ମ୍ୟାନେଜର୍ ଓ ମାଲିକଙ୍କୁ ଜେରା କରିବାକୁ ମଧ୍ୟ ସିବିଆଇ ଯୋଜନା କରୁଛି ।

ଅପରପକ୍ଷରେ ଏହି ୪ ଦଲାଲ୍‌ଙ୍କ ସଂସ୍ପର୍ଶରେ ଥିବା ପରୀକ୍ଷାର୍ଥୀଙ୍କଠାରୁ ଅଧିକ ତଥ୍ୟ ସଂଗ୍ରହ ପାଇଁ ସିବିଆଇ ଅଧିକ ପରୀକ୍ଷାର୍ଥୀଙ୍କୁ ଜେରା କରିବା ପାଇଁ ଯୋଜନା କରିଛି । ଏହିକ୍ରମରେ ୧୫ରୁ ଅଧିକ ପରୀକ୍ଷାର୍ଥୀଙ୍କୁ ହାଜର ହେବାକୁ ସିବିଆଇ ନୋଟିସ କରିଛି ।

ଫାଇଲ ତଳେ ଯୋଜନା

# ଅସ୍ତିତ୍ୱ ଖୋଜୁଛି ଓଡ଼ିଶା କୋଷ୍ଟ କେନାଲ

ବାଲେଶ୍ୱର(ଉତ୍ତର), ୨୬ା୧୧ (ବିଶ୍ୱମ୍ବର ଦାସ):



**୧ଶହ କିମିରୁ ଅଧିକ ଦୀର୍ଘ ଏହି କେନାଲ ବିଲାତି ଦଳରେ ଭର୍ତ୍ତି**

**ନ'ଅଙ୍କ ଦୁର୍ଭିକ୍ଷ ପରେ ଫୁଡ୍ ଫର୍ ୱର୍କ ଜରିଆରେ ହୋଇଥିଲା ଖନନ**

**ଓଡ଼ିଶା-ବଙ୍ଗ ନୌବାଣିଜ୍ୟର ଥିଲା ପ୍ରମୁଖ ଜଳପଥ**

ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାର ଏକ ବିସ୍ତୃତ ଅଞ୍ଚଳର ଅର୍ଥନୈତିକ ବିକାଶ ଓ ପରିବେଶ ସନ୍ତୁଳନ ସହ ଓତପ୍ରୋତ ଭାବେ ଜଡ଼ିତ ଓଡ଼ିଶା କୋଷ୍ଟ କେନାଲ ନିଜ ଅସ୍ତିତ୍ୱ ପାଇଁ ଲଢ଼େଇ କରୁଛି । ପାଞ୍ଚ ଦଶନ୍ଧି ଧରି କ୍ରମାଗତ ଅବହେଳା କାରଣରୁ ଏକଦା ଲକ୍ଷଲକ୍ଷ ଲୋକଙ୍କର ଜୀବନରେଖା ସାଜିଥିବା ଏହି କୋଷ୍ଟ କେନାଲ ଆଜି ସଂକୁଚିତ, ଶୁଷ୍କ, ଶ୍ରୀହୀନ ଏବଂ ଲୁପ୍ତପ୍ରାୟ । ଏହାର ଅର୍ଥନୈତିକ ବିକାଶ ଏବଂ ପରିବେଶ ସନ୍ତୁଳନ କ୍ଷମତାକୁ ଆଖି ଆଗରେ ରଖି ଭାରତ ସରକାର ୨୦୦୪ ମସିହାରୁ ଅଦ୍ୟାବଧି ବିଭିନ୍ନ ସମୟରେ ସଂସଦରେ ଏନେଇ ଆଲୋଚନା କରି ଇଷ୍ଟକୋଷ୍ଟ କେନାଲ ସହ ମହାନଦୀ-ବ୍ରାହ୍ମଣୀ ନଦୀର ସଂଯୋଗୀକରଣ ମାଧ୍ୟମରେ ଜାତୀୟ ଜଳପଥ-୫ ଯୋଜନା ଉପରେ ଗୁରୁତ୍ୱାରୋପ କରିଆସୁଛନ୍ତି । ହେଲେ ଏପର୍ଯ୍ୟନ୍ତ ଏହା ଉପରେ କୌଣସି କାର୍ଯ୍ୟ ଆରମ୍ଭ ନହେବା ଆଶ୍ଚର୍ଯ୍ୟଜନକ ଓ ଦୁଃଖଦାୟକ ।

ଅତୀତରେ ଓଡ଼ିଶା ନୌବାଣିଜ୍ୟ ପରମ୍ପରାର ମୂକସାକ୍ଷୀ ପାଲଟିଥିବା ଏହି କେନାଲ ଏବେ ମୃତପ୍ରାୟ ଅବସ୍ଥାକୁ ଚାଲିଆସିଛି । ଏହି ଐତିହାସିକ କେନାଲର ପୁନରୁଦ୍ଧାର କେବଳ ପ୍ରସ୍ତାବରେ ଅଟକିଛି । ଏହା କେବେ ବାସ୍ତବ ରୂପ ନେବ, ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

ସୂଚନାଯୋଗ୍ୟ, ୧୮୬୭ ମସିହାରେ ଓଡ଼ିଶାରେ ନଅଙ୍କ ଦୁର୍ଭିକ୍ଷ ପରେ ଲୋକଙ୍କୁ କାମ ବଦଳରେ ଖାଦ୍ୟ ଯୋଗାଇବା ଯୋଜନା କରି ତତ୍କାଳୀନ ଇଂରେଜ ସରକାର ଏହି କୋଷ୍ଟ କେନାଲ୍ ଖନନ ଆରମ୍ଭ କରିଥିଲେ । ଏହି କେନାଲ ପଶ୍ଚିମବଙ୍ଗର ନାରାୟଣ ନଦୀରୁ ବାହାରି ଓଡ଼ିଶାର ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ୍ ମନ୍ତେଇ ନଦୀର ଚାରବାଟିଆ ଯାଏଁ ରହିଛି । ଅବିଭକ୍ତ ବାଲେଶ୍ୱର ଜିଲ୍ଲାରେ ଏହା ୧୨୪ କିମି ଓ ପଶ୍ଚିମବଙ୍ଗରେ ୯୦ କିମି ଅଞ୍ଚଳ ଦେଇ ଯାଇଛି । ଓଡ଼ିଶା ଭିତରକୁ ଏହି କୋଷ୍ଟ କେନାଲ୍ ଭୋଗରାଇ ବ୍ଲକ୍ ଅଧୀନ ଅନଳିଆ ପଞ୍ଚାୟତର ନସରାବାଦ ଗାଁ ନିକଟରେ ପ୍ରବେଶ କରିଛି । ପୂର୍ବରୁ ଏହି କୋଷ୍ଟ କେନାଲ୍ ଓଡ଼ିଶା-ପଶ୍ଚିମବଙ୍ଗ ମଧ୍ୟରେ ନୌବାଣିଜ୍ୟ ପରମ୍ପରାର ଏକ ପରିଚିତ ନାମ ଥିଲା । ତତ୍କାଳୀନ ନୌ-ପରିବହନ ପାଇଁ ଜଳ ସମ୍ପଦ ବିଭାଗ ପକ୍ଷରୁ ଟୋଲ୍ ଆଦାୟ କରାଯାଉଥିଲା ।

ବିଶ୍ୱକବି ରବୀନ୍ଦ୍ରନାଥ ଟାଗୋର ୧୮୯୧ ମସିହାରେ ଏହି କୋଷ୍ଟ କେନାଲ୍‌ରେ ୭ ଦିନ ଯାତ୍ରା କରି ଓଡ଼ିଶା ଆସିଥିଲେ । କୋଷ୍ଟ କେନାଲ୍ ଯୋଗୁଁ ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାର ପାଖାପାଖି ୨୪ ହଜାର ହେକ୍ଟର ଜମିରୁ ଉଦ୍‌ବୃତ୍ତ ବର୍ଷା ଓ ବନ୍ୟାଜଳ ସୁରୁଖୁରୁରେ ନିଷ୍କାସିତ ହେଉଥିଲା । ସୁବର୍ଣ୍ଣରେଖା, ଜଳକା, ବୁଢ଼ାବଳଙ୍ଗ ନଦୀର ବନ୍ୟା ପରିସ୍ଥିତି ନିୟନ୍ତ୍ରଣକୁ ଆଣିବା ପାଇଁ ଏହି କେନାଲର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା । ଏଥିସହ କେନାଲର ଉଭୟ ପାର୍ଶ୍ୱରେ ଥିବା ଜମି ଜଳସେଚିତ ହୋଇପାରୁଥିଲା । ହଜାରହଜାର ଲୋକେ ମାଛ ମାରି ଜୀବିକା ନିର୍ବାହ କରୁଥିଲେ । ତେବେ ଏହି କେନାଲ୍‌ରେ ଏବେ ନୀଳ ଜଳରାଶି ବଦଳରେ କେବଳ ସବୁଜ ଦଳ ଭର୍ତ୍ତି ହୋଇଛି । କେନାଲର ଶଯ୍ୟା ସମ୍ପୂର୍ଣ୍ଣ ପୋତି ହୋଇଗଲାଣି । ଏହାର ପୁନରୁଦ୍ଧାର ପାଇଁ ୨୦୧୯ ମସିହାରେ ଡିଟେଲ୍ ପ୍ରୋଜେକ୍ଟ ରିପୋର୍ଟ (ଡିପିଆର୍) ପ୍ରସ୍ତୁତ ହୋଇଥିବା ବେଳେ ଏହା ବାସ୍ତବ ରୂପ ନେଇ ପାରିଲାନି ।

୨୦୨୫ ଫେବ୍ରୁଆରିରେ କେନ୍ଦ୍ର ଜଳ ପ୍ରାଧିକରଣର ୩ ଜଣିଆ ଟିମ୍ ବାଲେଶ୍ୱର ଜିଲ୍ଲା ଗସ୍ତ କରି ସ୍ଥିତି ଅନୁଧ୍ୟାନ କରିଥିଲେ । ଫଳରେ କେନାଲ୍‌ର ପୁନରୁଦ୍ଧାର ପାଇଁ ଆଶା ସଞ୍ଚାର ହୋଇଥିଲା । ମାତ୍ର ୮ ମାସ ହେଲା ଏଥିରେ କୌଣସି ଅଗ୍ରଗତି ହୋଇପାରିନାହିଁ । ଉଭୟ କେନ୍ଦ୍ର ଓ ରାଜ୍ୟରେ ବର୍ତ୍ତମାନ ଡବଲ ଇଞ୍ଜିନ ସରକାର ଚାଲିଥିବା ବେଳେ ଏଭଳି ମହତ୍ୱକାଂକ୍ଷୀ ପ୍ରକଳ୍ପକୁ ଅଗ୍ରାଧିକାର ଭିତ୍ତିରେ କାର୍ଯ୍ୟକାରୀ କରାଇବାକୁ ବୁଦ୍ଧିଜୀବୀଙ୍କ ମହଲରୁ ଦାବି ହୋଇଛି ।

ଟ୍ରକ୍ ଧକ୍କାରେ ସ୍କୁଟିଚାଳକ ମୃତ

# ଧକ୍କା ଦେଇ ୫୦୦ ମିଟର ଘୋଷାଡ଼ିନେଲା

ବୀରମହାରାଜପୁର/ତରଭା,୨୬ା୧୧(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ସୋନପୁର ମୁଖ୍ୟ ରାସ୍ତା ଭୁଦୋବର ଢ଼ାବା ନିକଟରେ ଏକ ଟ୍ରକ ଧକ୍କାରେ ସ୍କୁଟି ଚାଳକଙ୍କ ମୃତ୍ୟୁ ହୋଇଛି । ମୃତକ ହେଲେ, ବୀରମହାରାଜପୁର ଥାନା ଅନ୍ତର୍ଗତ କୁମୋରକେଳି ଗ୍ରାମର ଶରଦ ମହାପାତ୍ର (୬୫) । ସକାଳ ପ୍ରାୟ ୭ଟାରେ ଶରଦ ତାଙ୍କ ଘର କୁମୋର୍କେଳି ଗାଁରୁ ସୁବର୍ଣ୍ଣପୁର ଅଭିମୁଖେ ତାଙ୍କ ସ୍କୁଟିରେ ଯାଉଥିଲେ । ଏହି ସମୟରେ ସୋନପୁର ପଟୁ ଆସୁଥିବା ଟ୍ରକ୍(ଓଡି ୧୫ ଏ ବି ୪୪୨୬) ଶରଦଙ୍କ ସ୍କୁଟିକୁ ଭୁଦୋବର ବୁଲାନି ରାସ୍ତା ଢ଼ାବା ନିକଟରେ ଧକ୍କା ଦେଇଥିଲା । ସ୍କୁଟି ଚାଳକ ପ୍ରାୟ ୫୦୦ ମିଟର ପର୍ଯ୍ୟନ୍ତ ଘୋଷାଡ଼ି ହୋଇଯିବା ସହ ଟ୍ରକ୍ ଚକା ତଳେ ଚାପି ହୋଇଯାଇଥିଲେ । ଫଳରେ ଘଟଣା ସ୍ଥଳରେ ଶରଦଙ୍କ ମୃତ୍ୟୁ ହୋଇଥିଲା । ଟ୍ରକ ଡ୍ରାଇଭର ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ବେଳେ ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା ।

ଉତ୍ୟକ୍ତ ଗ୍ରାମବାସୀ ରାସ୍ତା ଅବରୋଧ କରିଥିଲେ । ଖବର ପାଇ ବୀରମହାରାଜପୁର ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଲୋକଙ୍କ ସହ ଆଲୋଚନା କରିଥିଲେ । କିନ୍ତୁ ଲୋକମାନେ ଟ୍ରକ୍ ମାଲିକ ଆସି ମୃତକଙ୍କ ପରିବାରକୁ କ୍ଷତିପୂରଣ ଦେବାକୁ ଦାବି କରିଥିଲେ । ଫଳରେ ବୀରମହାରାଜପୁରରୁ ସୋନପୁରକୁ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା । ବୀରମହାରାଜପୁର ଥାନା ଅଧିକାରୀଙ୍କ ସମେତ ଏସ୍‌ଡିପିଓ ହେମନ୍ତ ରାଓ, ଉପଜିଲ୍ଲାପାଳ ସୁରେନ୍ଦ୍ର ମେହେର, ତହସିଲଦାର ସୂଚୀସ୍ମିତା ପାଣିଗ୍ରାହି, ଅତିରିକ୍ତ ତହସିଦାର ସ୍ୱାଗତ ପଣ୍ଡା ଘଟଣା ସ୍ଥଳରେ ପହଞ୍ଚି ଉତ୍ତ୍ୟୋକ୍ତ ଲୋକଙ୍କୁ ବୁଝାଇଥିଲେ । ଗାଡ଼ି ମାଲିକ ପ୍ରଥମେ କ୍ଷତି ପୂରଣ ଦେବାକୁ ମନା କରିଥିଲେ, ପରେ ୫୦ ହଜାର ଟଙ୍କା ଦେବାକୁ ରାଜି ହୋଇଥିଲେ । ଉପସ୍ଥିତ ଅଧିକାରୀଙ୍କ ବୁଝାସୁଝା ପରେ ଲୋକମାନେ ରାସ୍ତା ଅବରୋଧରୁ ଓହରିଥିଲେ । ବୀରମହାରାଜପୁର ଅଗ୍ନିଶମ ବାହିନୀ ପହଞ୍ଚି ଶବକୁ ଡାକ୍ତରଖାନାକୁ ଆଣିଥିବା ବେଳେ ସେଠାରେ ଡାକ୍ତର ସରଦଙ୍କୁ ମୃତ ଘୋଷଣା କରିଥିଲେ । ପୁଲିସ ଶବକୁ ବ୍ୟବଚ୍ଛେଦ ପାଇଁ ପଠାଇଥିବା ଜଣାପଡ଼ିଛି ।

### ଜିଲ୍ଲାପାଳ ଓ ଗ୍ରାମ୍ୟ ଉନ୍ନୟନ ନିର୍ବାହୀ ଯନ୍ତ୍ରୀଙ୍କ ବିରୋଧରେ 'ୱାରେଣ୍ଟ ଅଫ୍ ଆଟାଚମେଣ୍ଟ' ଜାରି

# ଅଫିସ ଆସବାବପତ୍ର ଜବତ ପାଇଁ ଜିଲ୍ଲାପାଳଙ୍କ ଅଫିସରେ ପହଞ୍ଚିଲେ ଓକିଲ




କୋରାପୁଟ,୨୬।୧୧(ସମିସ): ବୁଧବାର ସକାଳେ ଜିଲ୍ଲାପାଳ କାର୍ଯ୍ୟାଳୟରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଥିଲା। ଅଫିସ ଆସବାପତ୍ର ଜବତ ପାଇଁ ୱାରେଣ୍ଟ ନେଇ ଜଣେ ଆଇନଜୀବୀ ପ୍ରୋସେସ ସର୍ଭରଙ୍କ ସହ ଅଫିସରେ ପହଞ୍ଚି ଥିଲେ। ତେବେ ଜିଲ୍ଲାପାଳଙ୍କ ଅନୁପସ୍ଥିତ ଯୋଗୁଁ ତାହା ହୋଇପାରି ନଥିଲା। ଅନୁରୂପ ଭାବେ ଗ୍ରାମ୍ୟ ଉନ୍ନୟନ ଅଧକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ମଧ ସଂପୃକ୍ତ ଓକିଲ ଡେରା ପକାଇଥିଲେ। ସୂଚନାଯୋଗ୍ୟ ପି କେ ମହାନ୍ତି ନାମକ ଜଣେ ଠିକାଦାର ୨୦୦୫ ମସିହାରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିନରେ ଦିଗାପୂର୍ କୁନ୍ଦୁରା ରାସ୍ତା କାର୍ଯ୍ୟ କରିଥିଲେ। ବିଲ ଦେବାରେ ବିଭାଗ ଅବହେଳା କରିବା ପରେ ଠିକାଦାର ଶ୍ରୀ ମହାନ୍ତି ହତାଶ ହୋଇ ୨୦୧୧ ରେ ସେ ୧୨ ପ୍ରତିଶତ ସୁଧ ସହ ବିଲ ପୈଠ କରିବାକୁ ଜୟପୁର ସିଭିଲ ଅଦାଲତର ଆଶ୍ରୟ ନେଇଥିଲେ। ମାମଲାର ବିଚାର କରି ଅଦାଲତ ୨୦୧୮ରେ ଠିକାଦାରଙ୍କ ସପକ୍ଷରେ ରାୟ ଦେଇଥିଲେ। କିନ୍ତୁ ବିଭାଗ ଟଙ୍କା ନଦେବାରୁ କୋର୍ଟ ପୁଣି ଥରେ ବକେୟା ବିଲ ବାବଦକୁ ଟଙ୍କା ନ ଦେଲେ ସମ୍ପତ୍ତି ଜବତର ନିର୍ଦ୍ଦେଶ ଦେଇଥିଲେ। ସୁଟ ନମ୍ବର ୩୫/୨୦୧୧ ଅନୁଯାୟୀ ବକେୟା ବିଲ ବାବଦରେ ୬ ପ୍ରତିଶତ ସୁଧ ସହ ମୂଳ ୭୩ ଲକ୍ଷ ୬୪ ହଜାର, ୭୫୯ ଟଙ୍କା ୯୬ ପଇସା ସମ୍ପୃକ୍ତ ଠିକାଦାରଙ୍କୁ ଦେବା ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଯଦି ଖିଲାଫ ହୁଏ ତେବେ ଜିଲ୍ଲାପାଳ ଓ ଆରଡବ୍ଲୁଡି ଅଫିସରର ସମସ୍ତ ଜିନିଷ ପତ୍ର ୨୮ ନଭେମ୍ବର ମଧରେ ଜବତ କରି ନେବା ପାଇଁ ସିଭିଲ ଜର୍ଜ ଜୟପୁର ନିର୍ଦ୍ଦେଶ ଦେଇଥିଲେ। ୱାରେଣ୍ଟ ଅନୁସାରେ ଆଜି ଉଭୟ ଅଫିସରେ ପହଞ୍ଚିଥିଲେ କୋର୍ଟ ତରଫରୁ ପ୍ରୋସେସ ସର୍ଭର ମାନେ। ଅନ୍ୟ ପକ୍ଷରେ ସନ୍ଧ୍ୟାରେ ଜିଲ୍ଲାପାଳ ଅଫିସରେ ଏ ସମ୍ପର୍କରେ ଉଭୟ ପକ୍ଷ ଆଲୋଚନା କରି କିଛି ନିଷ୍କର୍ଷ ବାହାର କରିବାକୁ ନିଷ୍ପତି ହୋଇଥିବା ଜଣା ପଡ଼ିଛି।

## ବିଭିନ୍ନ ପ୍ରକଳ୍ପ ଅନୁଧାନ କଲେ ଜିଲ୍ଲାପାଳ

ପୋଡ଼ାଗଡ଼,୨୬।୧୧(ସମିସ): ଅଚାନକ ଗସ୍ତରେ ଆସି ବ୍ଲକର ବିଭିନ୍ନ ପ୍ରକଳ୍ପ ଗୁଡ଼ିକର ସ୍ଥିତି ଅନୁଧାନ କଲେ କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟବାନ୍ ମହାଜନ। ଆଜି ପୂର୍ବାହ୍ନରେ ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ଦୁଆର ଶୁଣି ପଞ୍ଚାୟତ ଅଧିନସ୍ଥ ମୁରାନ ଡ୍ୟାମ ଜଳଭଣ୍ଡାରଠାରେ ନିର୍ମାଣ ହେଉଥିବା ୩୨ କୋଟି ଟଙ୍କା ବ୍ୟୟର ସ୍ଥାୟୀ ପୋଲକୁ ନିରୀକ୍ଷଣ କରିଥିଲେ। ହେଲେ ଡ୍ୟାମ ରେ ପାଣି ଅଧିକ ଥିବାରୁ ନିର୍ମାଣ କାର୍ଯ୍ୟକୁ ସ୍ଥଗିତ ରଖା ଯାଇଥିବା ଜାଣି ପାରିଥିଲେ। ତଥାପି ଡ୍ୟାମର ପାଣି ଶୁଖିଲେ ଶିଘ୍ର ନିର୍ଣାଣ କାର୍ଯ୍ୟ ଶେଷ କରିବା ଲାଗି ଗ୍ରାମ ଉନ୍ନୟନ ବିଭାଗର ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟ ପଟେ ପାଣି ଅଧିକ ଥିବାରୁ ପୂର୍ବରେ ଦିଆଯାଇ ଥିବା ରଶି ଟଣା ଡଙ୍ଗାକୁ ବନ୍ଦ କରି ଦିଆ ଯାଇଛି। ବର୍ତ୍ତମାନ ପଞ୍ଚାୟତ ଓ କାଠର ଗଡା ଦୈନିକ ବଜାର ଉପରେ ନିର୍ଭର କରି ଆସୁଥିବା ଲୋକ ମାନେ ବହୁତ ଅସୁବିଧା ଭୋଗୁଥିବା ନେଇ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଥିଲେ। କାତ ମରା ଡଙ୍ଗା ଯୋଗାଇ ଦେବାକୁ ଦୁଆର ଶୁଣି ପଞ୍ଚାୟତବାସୀ ନିବେଦନ କରିଥିଲେ। ଏହା ପରେ ୨ ଶହ ୭୦ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେଉଥିବା ମେଗା ପାନୀୟଜଳ ପ୍ରକଳ୍ପର ସ୍ଥିତି ପରଖି ଥିଲେ। କିନ୍ତୁ ବିଭାଗୀୟ ଅଧିକାରୀ ମାନଙ୍କ ଅବହେଳା ଯୋଗୁଁ ନିର୍ମାଣ କାର୍ଯ୍ୟ ମନ୍ଥର ଗତିରେ ଚାଲି ଥିବାରୁ ଅଧିକାରୀ ମାନଙ୍କ ଉପରେ ବିରକ୍ତି ପ୍ରକାଶ କରି ଥିଲେ। ସେହିଭଳି ଗିର୍ଲି ଗୁମା ସଦର ମହକୁମାରେ ନିର୍ମାଣ ହେଉଥିବା, ନୂତନ ମେଡିକାଲ କୋଠା, ୧୦୦ ଶଯ୍ୟା ବିଶିଷ୍ଟ ଛାତ୍ରୀନିବାସ ଗୃହର ଅନୁଧାନ କରି ଫେରିଥିଲେ। ଏହି ଗସ୍ତ ସମୟରେ ସିଡିଓ ବେଣୁଧର ସବର, ବିଡ଼ିଓ ସିଦ୍ଧେଶ୍ୱର ନାୟକ, ବ୍ଲକ ସହକାରୀ କାର୍ଯ୍ୟ ନିର୍ବାହ ଯନ୍ତ୍ରୀ ଅଭିଷେକ ସଡଙ୍ଗି, ଆରଡି କନିଷ୍ଠ ଯନ୍ତ୍ରୀ ଦୁର୍ଗା ଚରଣ ମାରାଣ୍ଡଙ୍କ ସମେତ ଅନ୍ୟ କେତେକ ଅଧିକାରୀ ଗସ୍ତ ବେଳେ ଉପସ୍ଥିତ ଥିଲେ। ଅନ୍ୟ ପଟେ ପ୍ରଥମେ ଗିର୍ଲି ଗୁମା ସ୍ୱୟଂସହାୟକ ଗୋଷ୍ଠୀର ମହିଳା ମାନେ ଜିଲ୍ଲାପାଳଙ୍କୁ ପୁଷ୍ପ ଗୁଛ ଦେଇ ସ୍ୱାଗତ ଜଣାଇଥିଲେ।

## ସନ୍ତାନ ପ୍ରସବ ପରେ ମହିଳାଙ୍କ ମୃତ୍ୟୁ

ଜୟପୁର,୨୬।୧୧(ସମିସ): ବୋରିଗୁମ୍ମା ବ୍ଲକ ବେଣାସୁର ଗ୍ରାମର ମହିଳା ସୁନା ପେଣ୍ଟିଆ(୨୨) ଆଜି ପୂର୍ବାହ୍ନ ସାଢେ ୭ଟାରେ ବୋରିଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଏକ ନବଜାତ ଶିଶୁ ଜନ୍ମ କରିଥିଲେ। କିନ୍ତୁ ଏହାପରେ ତାଙ୍କର ରକ୍ତଚାପ କମିବା ସହିତ ହଠାତ ଅସୁସ୍ଥ ହୋଇ ଯାଇଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତରଙ୍କ ପରାମର୍ଶ କ୍ରମେ ମହିଳାଙ୍କୁ ଜୟପୁର ଜିଲ୍ଲା ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିଲା। ଜୟପୁର ଜିଲ୍ଲା ଚିକିତ୍ସାଳୟ ପହଞ୍ଚିବା ପରେ ତାଙ୍କୁ ତୁରନ୍ତ ମହିଳା ଓ ଶିଶୁ ସୁରକ୍ଷା ୱାର୍ଡକୁ ନିଆଯାଇ ଚିକିତ୍ସା କରାଯାଉଥିବା ବେଳେ ମାତ୍ର ୧୦ ମିନିଟ ମଧରେ ମହିଳାଙ୍କ ମୃତ୍ୟୁ ହୋଇଯାଇଛି। ପରିବାର ପକ୍ଷରୁ ତାଙ୍କ ମୃତଦେହକୁ ନିଜ ଗ୍ରାମକୁ ନିଆଯାଇଥିବା ବେଳେ ନବଜାତ ସନ୍ତାନ ସୁସ୍ଥ ରହିଥିବା ନେଇ ସୂଚନା ମିଳିଛି।

### ■ ଦୁଇ ସାହି ଗଣ୍ଡଗୋଳ ଘଟଣା

## ଗୋପବନ୍ଧୁ ନଗରର ୩ ଆକ୍ରମଣକାରୀ ଗିରଫ

ଜୟପୁର,୨୬।୧୧(ସମିସ): କୋରାପୁଟ ଜିଲ୍ଲା ଜୟପୁର ସହରରେ ଦୁଇ ସାହି ମଧରେ ଗୋଷ୍ଠୀ ସଂଘର୍ଷ ଘଟଣାରେ ପୁଲିସ ଆଜି ପୁଣି ଗୋପବନ୍ଧୁ ନଗର ଅଞ୍ଚଳର ୩ଜଣ ଅଭିଯୁକ୍ତ ଆକ୍ରମଣକାରୀଙ୍କୁ ଗିରଫ କରିବା ସହ କୋର୍ଟ ଚାଲାଣ କରିଛନ୍ତି। ଗିରଫ ୩ ଜଣଙ୍କ ମଧରେ ଦୁର୍ଦ୍ଧାନ୍ତ ଅପରାଧି ବାଦଲ ନାଗ (୨୮), ରାହୁଲ ପୁଜାରି(୨୯),ବିଶାଲ ନାଗ (୨୨) ରହିଛନ୍ତି। ଦୁଇ ସାହି ମଧ ମାରଣାସ୍ତ୍ର ନେଇ ଆକ୍ରମଣ ମାମଲାରେ ଗତକାଲି ଗୋପବନ୍ଧୁ ନଗରର ୩ଜଣ ଗିରଫ ହୋଇଥିବା ବେଳେ ବାପୁଜୀ ନଗରରର ଗତ ଦୁଇଦିନ ପୂର୍ବରୁ ୨ଜଣ ନାବାଳାକଙ୍କ ସମେତ ୧୩ ଜଣ ଗିରଫ ହୋଇଛନ୍ତି। ଏହିପରି ଟାଉନଥାନା ପୁଲିସ ପକ୍ଷରୁ ଉଭୟ ସାହିର ସମୁଦାୟ ୧୯ ଜଣ ଆକ୍ରମଣକାରୀଙ୍କୁ ଗିରଫ କରିବା ସହିତ ଆଉ କିଛି ଆକ୍ରମଣକାରୀ ଫେରାର ରହିଥିବା ଯୋଗୁଁ ଧରାପଡିନାହାଁନ୍ତି। ସେମାନଙ୍କ ବିରୋଧରେ ଅଭିଯୋଗ କ୍ରମେ ତଦନ୍ତ ଜାରୀ ରହିଛି ଆକ୍ରମଣରେ ସାମିଲ ନେଇ ଉପଯୁକ୍ତ ପ୍ରମାଣ ମିଳିଲେ ସେମାନଙ୍କୁ ଅତିଶିଘ୍ର ଗିରଫ କରାଯିବ ବୋଲି ଥାନା ଅଧିକାରୀ ଉଲ୍ଲସ ଚନ୍ଦ୍ର ରାଉତ ପ୍ରକାଶ କରିଛନ୍ତି।

### ● ମିଳିତ ଗ୍ରୀନ କ୍ଲିନ୍ ଅଭିଯାନ

## ୫୭,୬୦୦ ଗଞ୍ଜେଇ ଗଛ ନଷ୍ଟ କଲା ପ୍ରଶାସନ

ନନ୍ଦପୁର, ୨୬।୧୧ (ସମିସ): କୋରାପୁଟ ଜିଲ୍ଲାର ପାଡୁଆ ଥାନା ଅଧୀନ ଡଙ୍ଗାବିର, ବଡପୁଟ ଏବଂ ପରଜାବଡପଡା ଗ୍ରାମରେ ଆଜି ବିଭିନ୍ନ ବିଭାଗ ପକ୍ଷରୁ ଏକ ବିଶାଳ ମିଳିତ ଅଭିଯାନରେ ଅବୈଧ ଗଞ୍ଜେଇ ଚାଷ ବିରୋଧରେ ଏକ ମହା ଅଭିଯା ସଫଳତାର ସହିତ ସମ୍ପନ୍ନ ହୋଇଛି। ଏହି ଦଳରେ ନନ୍ଦପୁର ତହସିଲର ଅତିରିକ୍ତ ତହସିଲଦାର ତଥା କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ ମାଧବ ପାଙ୍ଗି, ନନ୍ଦପୁର ରେଞ୍ଜର ଅନପୂର୍ଣ୍ଣା ରଥ, ଜିଲ୍ଲା ଫ୍ଲାଇଂ ସ୍କ୍ୱାର୍ଡ କୋରାପୁଟ ଚନ୍ଦ୍ରଶେଖର ପଡିହାରୀ, ପାଡୁଆ ଥାନା ଅଧିକାରୀ ଅଶୋକ ବିସୋଇ, ବନ ବିଭାଗର କର୍ମଚାରୀ, ବନବିଭାଗ ତଥା ଓ ଆଇ ଆର୍ ବି ଯବାନ ମାନେ ଭାଗ ନେଇଥିଲେ। ଉକ୍ତ ଅଭିଯାନରେ ସରକାରୀ ଜମିର ପ୍ରାୟ ୪୮ ଏକର ଅଞ୍ଚଳରେ ଲଗାଯାଇଥିବା ମୋଟ ୫୭,୬୦୦ ଗଞ୍ଜେଇ ଗଛକୁ ଜବତ ଓ ଧ୍ୱସ୍ତ କରାଯାଇଛି। ଘଟଣା ସମ୍ପର୍କରେ ଅଜଣା ବ୍ୟକ୍ତିଙ୍କ ବିରୋଧରେ ଦୁଇଟି ମାମଲା ପାଡୁଆ ଥାନାରେ ମଧ ରୁଜୁ ହୋଇଛି।

## ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଶିକ୍ଷକ ଓ କର୍ମଚାରୀଙ୍କ ଆନ୍ଦୋଳନ



ବିଷମକଟକ/ଦୁର୍ଗୀ,୨୬।୧୧(ସମିସ): ଓଡିଶା ଆଦର୍ଶ ବିଦ୍ୟାଳୟ ରାଜ୍ୟ ଶିକ୍ଷକ ସଂଘ ନିଷ୍ପତି କ୍ରମେ ରାଜ୍ୟବ୍ୟାପି ଆନ୍ଦୋଳନ ୨୪ତାରିଖରୁ ୨୯ତାରିଖ ଯାଏ ଚାଲିବ। କଳାବ୍ୟାଚ୍ ପିନ୍ଧି କର୍ମଚାରୀମାନେ ଧର୍ମଘଟ କରୁଛନ୍ତି। ଏହି ମର୍ମରେ ରାୟଗଡା ଜିଲ୍ଲା ବିଷମ କଟକ ବ୍ଲକ ଅନ୍ତର୍ଗତ ଭାଲେରି ଠାରେ ସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟରେ ମଧ ଶିକ୍ଷକ ଏବଂ କର୍ମଚାରୀ ଧର୍ମଘଟ କରିଛନ୍ତି। ସଂଘ ତରଫରୁ ୧୩ଦଫା ଦାବି ସମ୍ବଳିତ ଦାବିପତ୍ର ଓଡିଶା ଆଦର୍ଶ ବିଦ୍ୟାଳୟର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶଙ୍କ ଉଦେଶ୍ୟରେ ପ୍ରେରଣ କରିଛନ୍ତି। ଯଦି ସରକାର ଦାବି ପୁରଣ ଦିଗରେ କୌଣସି ପଦକ୍ଷେପ ନ ନିଅନ୍ତି ତେବେ ଆସନ୍ତା ଡିସେମ୍ବର ୮ତାରିଖରୁ ଭୁବନେଶ୍ୱର ଲୋୟର ପିଏମଜି ଛକରେ ଏକ ଗଣ ଧର୍ମଘଟ କରିବାକୁ ବାଧ ହେବେ ବୋଲି ଚେତାବନି ଦେଇଛନ୍ତି।

## ନିମନ୍ତ୍ରଣ କାର୍ଡରେ ପରିବେଶ ସୁରକ୍ଷା ବାର୍ତ୍ତା



ରାୟଗଡ଼ା,୨୬।୧୧(ସମିସ): ରାୟଗଡ଼ାର ପରିବେଶବିତ୍ ତଥା ଅବସରପ୍ରାପ୍ତ ପ୍ରଫେସର ଡ.ପ୍ରସନ୍ନ କୁମାର ଗନ୍ତାୟତ ନିଜ ପୁଅର ନିମନ୍ତ୍ରଣ କାର୍ଡକୁ ଭିନ୍ନ ରୂପରେ ଲୋକଙ୍କୁ ଦେଇ ଚର୍ଚ୍ଚାକୁ ଆସିଛନ୍ତି। ଏହି ନିମନ୍ତ୍ରଣ କାର୍ଡରେ ପରିବେଶ ସୁରକ୍ଷା ବାର୍ତ୍ତା ଦେଇ ସେ ପ୍ରତ୍ୟେକ ବ୍ୟକ୍ତି ଗୋଟିଏ ଲେଖାଏଁ ଚାରା ଗଛ ଲଗାଇ ଏହାକୁ ବଡ଼ କରିବାକୁ ଅନୁରୋଧ କରିଛନ୍ତି। ଏଥିସହିତ ଏହି କାର୍ଡରେ ବିହନ ଖଞ୍ଜିତ ଓ କ୍ଷୟଜନିତ କାଗଜ ରହିଛି। ଏହି କାଗଜକୁ ମାଟିରେ ଚିରି ପକାଇଲେ ସେଥିରୁ ଫୁଲ ମଞ୍ଜି ପଡ଼ି ଚାରା ତଥା ଫୁଲଗଛ ହେବ। ଏହି ଅଭିନବ ପ୍ରୟାସକୁ ନେଇ ଡ.ଗନ୍ତାୟତ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ,ଏକ କ୍ଷୁଦ୍ର,ସୁପ୍ତ ବିହନରୁ ଏକ ସଫଳ ଚାରାରେ ପରିଣତ କରିବା ଦ୍ୱାରା ଏକ ସ୍ୱଷ୍ଟ ସଫଳତା ଏବଂ ସୃଜନଶୀଳତାର ଭାବନା ମିଳିଥାଏ। ଏଦ୍ୱାରା ମାନସିକ ତୃପ୍ତି ବଢାଇବା ସହ ଶୈକ୍ଷିକ ସଫଳତା ହାସଲ କ୍ଷମତାକୁ ପ୍ରଭାବିତ କରିଥାଏ। ଆଉ ଛାତ୍ରଛାତ୍ରୀଙ୍କ ପାଇଁ ମାନସିକ ସ୍ୱାସ୍ଥ୍ୟକୁ ପ୍ରୋତ୍ସାହିତ କରିଥାଏ। ଏହି ନିଆରା ପଦକ୍ଷେପ ପାଇଁ ବୁଦ୍ଧିଜୀବି ମହଲରେ ଡ.ଗନ୍ତାୟତଙ୍କୁ ପ୍ରଶଂସା କରାଯାଇଛି।

## ଅଜଣା ଯୁବତୀଙ୍କ ମୃତଦେହ ଉଦ୍ଧାର

କୋଷାଗୁମୁଡା,୨୬।୧୧(ସମିସ): ମଙ୍ଗଳବାର ଦିନ ଅପରାହ୍ଣ ୪ଟାରେ କୋଷାଗୁମୁଡା ଥାନା ଅନ୍ତର୍ଗତ ସାନ ଆମ୍ବଡା ପଞ୍ଚାୟତର ଏସ କେରା ଗାଁ ନିକଟର ଗୁନ୍ଦ୍ରିଗୁଡ଼ା ଇନ୍ଦ୍ରାବତୀ ନଦୀ ପାଣିରେ ଜଣେ ଅଜଣା ଯୁବକଙ୍କ ମୃତ ଶରୀର ଭାସୁଥିବା ସ୍ଥାନୀୟ ସାନ ଆମ୍ବଡା ସରପଞ୍ଚ ନବ ପୂଜାରୀ ସ୍ଥାନୀୟ କୋଷାଗୁମୁଡା ଥାନାଧିକାରୀ ଉମେଶ ଚନ୍ଦ୍ର ନାୟକଙ୍କୁ ଜଣାଇ ଥିଲେ। ଥାନାଧିକାରୀ ଶ୍ରୀ ନାୟକ ଅପରାହ୍ଣ ୪ଟାରେ ଏଏସଆଇ ପର୍ଶୁରାମ ଛାତ୍ରୀଆ, ଲଳିତ ପଣ୍ଡା, କୁଳ ଭୂଷଣ ନାୟକ ଓ ସ୍ଥାନୀୟ ଅଗ୍ନିଶମ ବିଭାଗ ଘଟଣା ଉପରେ ପହଞ୍ଚି ନଦୀ ପାଣିରୁ ଯୁବତୀଙ୍କ ଗଳିତ ଶବ ଉଦ୍ଧାର କରିଥିଲେ।

## ଏଭି ଶିକ୍ଷକଙ୍କ କଳାବ୍ୟାଜ୍ ପିନ୍ଧି ଆନ୍ଦୋଳନ



କୋରାପୁଟ,୨୬।୧୧(ସମିସ): ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଶିକ୍ଷକ ମହାସଂଘ ଆହ୍ୱାନରେ କୋରାପୁଟ ଜିଲ୍ଲା ଆଦର୍ଶ ବିଦ୍ୟାଳୟ ଶିକ୍ଷକ ସଂଘର କର୍ମକର୍ତ୍ତା ମାନେ ୧୩ ଦଫା ଦାବିକୁ ନେଇ କଳାବ୍ୟାଚ ପରିଧାନ କରି ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଓଏଭି କର୍ମଚାରୀ ମାନଙ୍କୁ ସରକାରୀ ମାନ୍ୟତା ପ୍ରଦାନ କରିବା, ୟୁନିଫର୍ମ କ୍ୟାଡ଼ର ମାନ୍ୟତା ଦେବା, ପିଏମ ଶ୍ରୀ ସ୍କୁଲରେ ଓଡିଶା ଆଦର୍ଶ ବିଦ୍ୟାଳୟକୁ ଅନ୍ତର୍ଭୁକ୍ତ କରିବା,ପ୍ରତ୍ୟେକ ବିଦ୍ୟାଳୟରେ ପିଜିଟି ଓଡିଆ ଶିକ୍ଷକ ନିଯୁକ୍ତି କରିବା, ଓଏଭି ଛାତ୍ରଛାତ୍ରୀ ମାନଙ୍କୁ ଏନଏମଏମଏସ ପରୀକ୍ଷାରେ ଅଂଶ ଗ୍ରହଣ ପାଇଁ ଅନୁମତି, ନିଟ ଏବଂ ଜେଇଇ ପରୀକ୍ଷାରେ ୧୫ ପ୍ରତିଶତ ସ୍ଥାନ ସଂରକ୍ଷଣ କରିବା ପ୍ରମୁଖ ଦାବି ଜଣାପଡିଛି। ତୁରନ୍ତ ରାଜ୍ୟ ସରକାର ଉକ୍ତ ଦାବି ଗୁଡିକୁ ପୂରଣ କରିବାକୁ କୋରାପୁଟ ଜିଲ୍ଲା ଶିକ୍ଷକ ସଂଘ ସଭାପତି ପ୍ରଦ୍ୟୁମ୍ନ କୁମାର ରାଉତ ଓ ସଂପାଦକ ଗୁପ୍ତେଶ୍ୱର ସାହୁ ନିବେଦନ କରିଛନ୍ତି।

## ସୁନାବେଡା ପୌରପରିଷଦ ପକ୍ଷରୁ ମାରାଥନ୍

ସେମିଳିଗୁଡା, ୨୬।୧୧ (ସମିସ):

କୋରାପୁଟ ଜିଲ୍ଲାର ସୁନାବେଡ଼ା ପୌର ପରିଷଦ ପକ୍ଷରୁ "ପରବ"ପାଳନ ଚାଲିଛି। ଏହି କ୍ରମରେ ବୁଧବାର ଏକ ମାରାଥନ ରାଲିର ଆୟୋଜନ କରାଯାଉଛି। ପୁରୁଣା ବସ ଷ୍ଟାଣ୍ଡରୁ ଏହି ମାରାଥନ ଆରମ୍ଭ ହୋଇ ଥିବା ବେଳେ ପୌରପରିଷଦ ଅଧକ୍ଷ ରାଜେନ୍ଦ୍ର କୁମାର୍ ପାତ୍ର ରାଲିକୁ ଆରମ୍ଭ କରିଥିଲେ। ଏଚଏଏଲ ୱାଇ ଯୋନ ବିଜୁ ପାର୍କ ଯାଏଁ ରାଲି ହୋଇଥିଲା। ପାର୍କରେ ଆୟୋଜିତ କାର୍ଯକ୍ରମରେ ଅଧକ୍ଷ ରାଜେନ୍ଦ୍ର, ଉପାଧ୍ୟକ୍ଷ ରିତୁ, ନିର୍ବାହୀ ଅଧିକାରୀ ସୁଜିତ କୁମାର ଚୌଧରୀ, କାଉନସିଲର ବୃନ୍ଦ ଯୋଗ ଦେଇଥିଲେ। ସେମିଳିଗୁଡା ପ୍ରେସ କ୍ଲବ ସଭାପତି ଅଜୟ କୁମାର୍ ସାହୁ, ସମାଜ ସେବା ବିଜୟ କୁମାର୍ ସାହୁ, ବିଜୟ ଏଡିଙ୍ଗ, ଗୋବିନ୍ଦ ପାଢ଼ୀ, ସେକ୍ ଇବ୍ରାହିମ୍ ,ଲକ୍ଷ୍ମୀଧର ପ୍ରମୁଖ ସହଯୋଗ କରିଥିଲେ। ମିନି ମାରାଥନ୍ (ପୁରୁଷ)ରେ ଘାସିରାମ ବୋରା ପ୍ରଥମ,ଶିବଶଙ୍କର ମୁଣ୍ଡାଗାଡିଆ ଦ୍ବିତୀୟ, ସୁବାସ ସାକିଆ ତୃତୀୟ ସ୍ଥାନରେ ମହିଳା ବିଭାଗ ରେ ଅଞ୍ଜଳୀ ତାଡଙ୍ଗୀ ପ୍ରଥମ, ଭୂଲକ୍ଷ୍ମୀ ଖୋଲ ଦ୍ବିତୀୟ,ଆଳିଆ ହିକକା ତୃତୀୟ ସ୍ଥାନରେ ରହିଥିଲେ। ସେହିପରି ବରିଷ୍ଠ (ନାଗରିକ) ବିଭାଗରେ ଶ୍ରୀକାନ୍ତ କୁ ଦାସ ପ୍ରଥମ, ବିଜୟ ସାହୁ ଦ୍ୱିତୀୟ, ପ୍ରଦୀପ ତ୍ରୀପାଠୀ ତୃତୀୟ ସ୍ଥାନରେ ରହି ପୁରସ୍କୃତ ହୋଇଛନ୍ତି।

## ଓଡିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଓ ସୋସାଇଟି ଅଫ୍ ଏକ୍ସଟେନ୍ସନ୍ ଏଡ୍ୟୁକେସନ୍ ଏମଓୟୁ ସାକ୍ଷର




କୋରାପୁଟ,୨୬।୧୧(ସମିସ) ଓଡିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ କୋରାପୁଟ ଏକ୍ସଟେନ୍ସନ୍ ଏଡ୍ୟୁକେସନ୍ ସମ୍ପର୍କିତ କ୍ଷେତ୍ରରେ ଗବେଷଣା, ଦକ୍ଷତା ନିର୍ମାଣ ଓ ଜ୍ଞାନ ପ୍ରସାରକୁ ପ୍ରୋତ୍ସାହନ ଦେବା ପାଇଁ ଉତ୍ତରପ୍ରଦେଶର ଆଗ୍ରାସ୍ଥିତ ସୋସାଇଟି ଅଫ୍ ଏକ୍ସଟେନ୍ସନ୍ ଏଡ୍ୟୁକେସନ୍ ସହିତ ଏକ ଏମଓୟୁ କୁ ସାକ୍ଷର କରିଛି। ଏହି ଏମଓୟୁ ଭୁବନେଶ୍ୱର ସ୍ଥିତ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟର କୃଷି ବିଜ୍ଞାନ ଅନୁଷ୍ଠାନରେ ଆୟୋଜିତ ଦ୍ୱିତୀୟ ଆନ୍ତର୍ଜାତୀୟ ଏକ୍ସଟେନ୍ସନ୍ ଏଡ୍ୟୁକେସନ୍ କଂଗ୍ରେସ ସମୟରେ ସିୟୁଓର ଭରପ୍ରାପ୍ତ କୁଳପତି ପ୍ରଫେସର ନରସିଂହ ଚରଣ ପଣ୍ଡା ଓ ଏସଇଇର ସାଧାରଣ ସଚିବ ଡ଼. ଜିତେନ୍ଦ୍ର କୁମାର ଚୌହାନ ଦ୍ୱାରା ସ୍ୱାକ୍ଷର କରାଯାଇଥିଲା। ଏହି ଅବସରରେ ଏସଇଇର ସଭାପତି ପ୍ରଫେସର ପ୍ରେମଜିତ ସିଂ, କେନ୍ଦ୍ରୀୟ କୃଷି ବିଶ୍ୱବିଦ୍ୟାଳୟ, ଇମ୍ଫାଲର କୁଳପତି ପ୍ରଫେସର ଅନୁପମ ମିଶ୍ର, ସିୟୁଓର କୃଷି ବିଭାଗର ମୁଖ୍ୟ ଡ଼. ମଞ୍ଜୁଶ୍ରୀ ସିଂହ ପ୍ରମୁଖ ଉପସ୍ଥିତ ଥିଲେ।

## 'ସାଂସଦ ଖେଳ ମହୋତ୍ସବ- ୨୦୨୫' ର ଶୁଭାରମ୍ଭ

ନବରଙ୍ଗପୁର/ ନନ୍ଦା ହାଣ୍ଡି ୨୬/୧୧ (ସମିସ) : ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକ ଦହଣା ଠାରେ ସାଂସଦ ଖେଳ ମହୋତ୍ସବ ୨୦୨୫ ଶୁଭାରମ୍ଭ ହୋଇଯାଇଛି। ସାଂସଦ ଲୋକସଭା ବଳଭଦ୍ର ମାଝୀ ସାଂସଦ ଖେଳ ମହୋତ୍ସବ ରେ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଦହଣା ସ୍ଥିତ ଶିବ ମନ୍ଦିର ରୁ ମଶାଲ ପ୍ରଜ୍ୱଳନ ପୂର୍ବକ ସାଂସଦ ଏବଂ ଅତିଥି ଗଣ ଶୋଭାଯାତ୍ରା ରେ ଆସି ସଭା କାର୍ଯ୍ୟକ୍ରମ ରେ ପହଞ୍ଚିଥିଲେ।ମଞ୍ଚରେ ସମ୍ମାନୀତ ଅତିଥି ରୂପେ କୋଟପାଡ଼ ବିଧାୟକ ରୁପୁ ଭତରା, ଜିଲ୍ଲାପାଳ ଡ଼ ମହେଶ୍ୱର ସ୍ୱାଇଁ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବିଶ୍ୱଜିତ ବର୍ମନ୍,ଜିଲ୍ଲା ପରିଷଦ ସଭ୍ୟ ନନ୍ଦାହାଣ୍ଡି (ଜୋନ -୧) ଅରୁଣ ମିଶ୍ର, ସମାଜ ସେବୀ କୁଞ୍ଜ ବିହାରୀ ଦାସ, ସାଂସଦ ପ୍ରତିନିଧି ସୋମନାଥ ପୁଜାରୀ,ଜ୍ୟୋତି ରଞ୍ଜନ କଂସ,ବି ଡି ଓ କ୍ଷୀରୋଦ ଚନ୍ଦ୍ର ସାହୁ,ସାଂସଦ ଖେଳ ସ୍ୱମନ୍ୱୟ ଅଧିକାରୀ ରାମେଶ୍ୱର ଜେନା,ସରପଞ୍ଚ ଦହଣା କମଳା ପୁଜାରୀ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା କ୍ରୀଡ଼ା ସଂଘ ସଂପାଦକ ଅର୍ଜୁନ ତ୍ରିପାଠୀ ସଭା ପରିଚାଳନା କରିଥିଲେ। ଏହି ଅବସରରେ ଦହଣା ଏବଂ ମେନ୍ତ୍ରି ଗ୍ରାମପଞ୍ଚାୟତ କ୍ରିକେଟ ଦଳ ମଧରେ ୧୦ ଓଭର୍ ସୀମିତ ଖେଳ କୁ ମାନ୍ୟବର ସାଂସଦ ଶୁଭାରମ୍ଭ କରିଥିଲେ। ଯେଉଁଥିରେ ଦହଣା ଗ୍ରାମ ପଞ୍ଚାୟତ ଦଳ ୫ ରନ୍ ରେ ବିଜୟୀ ହୋଇଥିଲେ।ଏହି କାର୍ଯ୍ୟକ୍ରମ ରେ ଜିଲ୍ଲା କ୍ରୀଡ଼ା ଅଧିକାରୀ ସୁଶାନ୍ତ କୁମାର ନାୟକ,ଜିଲ୍ଲା ସୁଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ କୁମାର ବେହେରା,ବିଭାଗୀୟ ଅଧିକାରୀ, ନନ୍ଦାହାଣ୍ଡି ବ୍ଲକ୍ କର୍ମଚାରୀ,କ୍ରୀଡ଼ା ସଂଘ କର୍ମକର୍ତ୍ତା, ଜନ ପ୍ରତିନିଧି,ସ୍କୁଲ ଛାତ୍ର ଛାତ୍ରୀ, ଗଣ ମାଧ୍ୟମ ପ୍ରତିନିଧି,ଧହଣା ଗ୍ରାମବାସୀ ଉପସ୍ଥିତ ଥିଲେ।

# ବିସ୍ଥାପିତ ହେବାକୁ ଅଡି ବସିଛନ୍ତି ଡେଙ୍ଗା ଜନିଗୁଡା ଗାଁ ବାସିନ୍ଦା



ପୋଡ଼ାଗଡ,୨୬।୧୧(ସମିସ) ଏସିଆ ମହାଦେଶର ସର୍ବବୃହତ ଆଲୁମିନିୟମ କାରଖାନାର ପ୍ରତିଷ୍ଠା ହେବାରୁ ନିକଟବର୍ତ୍ତି କେତେକ ଗ୍ରାମ ବିସ୍ଥାପିତ ହୋଇଛି। ସେହି ଗ୍ରାମ ଗୁଡ଼ିକର ଲୋକମାନେ ନିଜର ଭିଟାମାଟି ଛାଡ଼ି ଅନ୍ୟତ୍ର ରହିଛନ୍ତି। କିନ୍ତୁ ଏହିପରି ଏକ ଗାଁ ଅଛି ଯେ ନାଲ୍‌କୋ ପାରିପାର୍ଶିକ ଇଲାକାରେ ଆସୁଥିଲେ ସୁଦ୍ଧା ଏବେ ପର୍ଯ୍ୟନ୍ତ ଗ୍ରାମଟିକୁ ବିସ୍ଥାପିତ କରାଯାଇଥିବା ଦେଖା ଦେଇଛି। କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ଅଧିନସ୍ଥ ମୁଜାଙ୍ଗ ପଞ୍ଚାୟତ ଅନ୍ତର୍ଗତ। ଏହି ଗ୍ରାମରେ ପାଖ ପାଖି ୫୦ ରୁ ୬୦ପରିବାର ବାସ କରନ୍ତି। ଏହି ଗ୍ରାମର ଲୋକ ମାନଙ୍କର ମୁଖ୍ୟ ଜୀବିକା ହେଲା ଚାଷ ଓ କୁଲି ମଜୁରୀ କରି ପାରିବାର ପ୍ରତି ପୋଷଣ କରନ୍ତି। ଦୀର୍ଘ ବର୍ଷ ହେଇଯାଇଥିଲା ସୁଦ୍ଧା ଏହି ଗ୍ରାମକୁ ବିସ୍ଥାପିତ ନକରି ଉକ୍ତ ଗ୍ରାମର ପ୍ରାୟ ୫୦୦ ମିଟର ନିକଟରେ ଏକ ରେଡ ମଣ୍ଡ ଫଣ୍ଡ ତିଆରି କାମ ଚାଲିଛି। କିନ୍ତୁ ଏହି କାମକୁ ବିରୋଧ କରି ଗ୍ରାମବାସୀ ଅନେକ ସମୟରେ ଜିଲ୍ଲା ପ୍ରଶାସନଠୁ ଆରମ୍ଭ କରି ନାଲକୋ କର୍ତ୍ତୃପକ୍ଷ ଓ ବିଧାୟକ ସାଂସଦଙ୍କୁ ମଧ ଗୁହାରି କରିଛନ୍ତି। କିନ୍ତୁ କୌଣସି ସୁଫଳ ମିଳି ନାହିଁ। ସେଥିପାଇଁ ବାଧ ହୋଇ ଗତକାଲିରୁ ଗ୍ରାମର ମହିଳା ପିରୁଷ ଯୁବକ ଯୁବତୀ ଛାତ୍ର ଛାତ୍ରୀ ଗ୍ରାମବାସୀ ସମସ୍ତେ ଏକତ୍ରିତ ହୋଇ ନିର୍ମାଣଧିନ ରେଡମଣ୍ଡ ପଣ୍ଡକୁ ବିରୋଧ କରି ଆନ୍ଦୋଳନ କରିଥିବା ଦେଖା ଦେଇଛି। ଯେହେତୁ ପୂର୍ବରୁ ଗାଁରୁ ପ୍ରାୟ ୩ କିମି ଦୂର ରେ ଏକ ରେଡ ମଣ୍ଡ ଫଣ୍ଡ ଓ ଆସ ମଣ୍ଡ ଫଣ୍ଡ ରହିଛି। ଯାହାର ପ୍ରଭାବରେ ଗ୍ରାମର ଅନେକ ଯୁବତୀ ଯୁବକ ଶିଶୁ ଏହାର ପ୍ରଭାବରେ ରୋଗରେ ଆକ୍ରାନ୍ତ ହେଉଛନ୍ତି। ମଣିଷ ଛଡା ଗୃହ ପାଳିତ ପଶୁପକ୍ଷୀ ମଧ ଆକ୍ରାନ୍ତ ହେଉଥିବା ଗ୍ରାମବାସୀ କହିଛନ୍ତି। ଏହାଛଡା ଚାଷ ଜମି ମାନଙ୍କରେ ଉକ୍ତ ପୋଖରୀର ପାଣି ଲିକେଜ ହୋଇ ଆସୁଥିବାରୁ ଚାଷ ଜମି ମଧ ନଷ୍ଟ ହେଉଥିବା ଦେଖାଦେଇଛି। ସେଥିପାଇଁ ବାଧ ହୋଇ ଆନ୍ଦୋଳନ କରିଥିବା ଗ୍ରାମର ବାଲ ବିସଇ ବାବୁଲା ବିସଇ ନାୟକ ସରପଞ୍ଚ ରଞ୍ଜିତା ସାହୁ କହିଛନ୍ତି। ଏହି ଗ୍ରାମର ସ୍ଥିତି ଅନୁଧାନ ପାଇଁ କୋରାପୁଟ ସାଂସଦଙ୍କ ନିର୍ଦ୍ଦେଶ କ୍ରମେ କୋରାପୁଟ ଜିଲ୍ଲା କଂଗ୍ରେସ କମିଟି ସଭାପତି ରୂପକ ତୁରୁକ୍‌ଙ୍କ ନେତତ୍ୱରେ ଏକ ଟିମ୍ ଉକ୍ତ ଗ୍ରାମରେ ଯାଇ ସ୍ଥିତି ଅନୁଧାନ କରିବା ସହ ପଣ୍ଡ କାମ ଚାଲିଥିବା ସ୍ଥାନକୁ ଯାଇ ଆନ୍ଦୋଳନରତ ଗ୍ରାମବାସୀ ଙ୍କୁ ସମର୍ଥନ ଜଣାଇଥିଲେ। ଉକ୍ତ ଟିମ୍‌ରେ ଥିଲେ ଜିଲ୍ଲା କଂଗ୍ରେସ ସଭାପତି ରୂପକ ତୁରୁକ୍, ଦଶମନ୍ତପୁର ବ୍ଲକର ସାଂସଦଙ୍କ ପ୍ରତିନିଧି ପଙ୍କଜ ବାଘ ଜୋନ ୨ ଜିଲ୍ଲା ପରିଷଦ ସଭ୍ୟଧନପତି ସାଉନ୍ତା ପୂର୍ବତନ ବ୍ଲକ ଅଧକ୍ଷ ରାଜେନ୍ଦ୍ର ହୁଇକା କିରଣ ତୁରୁକ କୋରାପୁଟ ବିଧାୟକ ପ୍ରାର୍ଥୀ କୃଷ୍ଣ କୁଲଦୀପ ପୋଡ଼ା ଗଡ ପଞ୍ଚାୟତର ନାୟକ ସରପଞ୍ଚ ଆସେର ବେନିଆ ଶିନ୍ଧୁ କୁଲଦୀପ ଯୁବନେତା ଦେବେନ୍ଦ୍ର କୁଲଦୀପ ଧନୁର୍ଜୟ ଖସାଲା ସରପଞ୍ଚ କୁମୁଟି ଜାନି ନଗର କଂଗ୍ରେସ ସଭାପତି ଜୟନ୍ତ କଟିମ୍ ପ୍ରମୁଖ । ଯେପର୍ଯ୍ୟନ୍ତ ଡେଙ୍ଗାଜାନିଗୁଡ଼ା ବାସୀଙ୍କୁ ନ୍ୟାୟ ନମିଳିବା ପର୍ଯ୍ୟନ୍ତ କାମ ବନ୍ଦ ରଖିବା ପାଇଁ କାମ ବନ୍ଦ କରିଥିଲେ। କିନ୍ତୁ ଦାମନଯୋଡି ପୋଲିସ ସହ ଉକ୍ତ ଆସପଣ୍ଡ ନିର୍ମାଣ କରି ଠିକା ସଂସ୍ଥାର ମ୍ୟାନେଜର ଆସି ଆଲେଚନା କରିଥିଲେ ସୁଦ୍ଧା କୌଣସି ସୁଫଳ ମିଳିନାହିଁ। ଗ୍ରାମବାସୀଙ୍କ ଗୋଟିଏ ଜିଦ୍ ଯେ ଗ୍ରାମକୁ ବିସ୍ଥାପିତ କରାଯାଉ ଓ ଚାକିରି ଦିଆ ଯାଉ ନଚେତ୍ ମାରିବୁ ପଛେ କାମ କରିବାକୁ ଦେବୁ ନାହିଁ ବୋଲି ଗ୍ରାମ ବାସୀ ଅଡି ବସିଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଦାମନଯୋଡି ଥାନା ଅଧିକାରୀ ପ୍ରମିଳା ବିଡିକାଙ୍କ ନେତୃତ୍ୱରେ ଏକ ପୋଲିସ ଟିମ୍ ଆସିଥିବା ମଧ ଦେଖା ଦେଇଛି। ଏବେ ଦେଖିବାକୁ ବାକି ରହିଲା ଯେ ଡେଙ୍ଗାଜାନିଗୁଡା କେବେ ବିସ୍ଥାପିତ ହେଉଛି ଓ ଗ୍ରାମବାସୀଙ୍କୁ ନ୍ୟାୟ ମିଳୁଛି।

## ଆମ୍ ଆଦ୍‌ମୀ ପାର୍ଟିର ସ୍ଥାପନା ଦିବସ

ରାୟଗଡ଼ା,୨୬।୧୧(ସମିସ): ନଭେମ୍ବର ୨୬ତାରିଖ ଆମ ଆଦମୀ ପାର୍ଟି (ଆପ୍) ର ସ୍ଥାପନା ଦିବସକୁ ରାୟଗଡା ଜିଲ୍ଲା ଆପ୍ ପାର୍ଟି ପକ୍ଷରୁ ଜିଲ୍ଲାର ସଦର ବ୍ଲକ୍ ଦୁର୍ଗାପାଡୁ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଶିକାବାଡି ଗ୍ରାମରେ ପାଳନ କରାଯାଇଛି। ରାଜ୍ୟ ସଂଗଠନ (ସଂପାଦକ) ମୁଖପାତ୍ର, ଓଡିଶା ତଥା ରାୟଗଡ଼ା ଜିଲ୍ଲା ସଭାପତି ଜନ୍ମେଜୟ ସ୍ୱାଇଁଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସ୍ଥାପନା ଦିବସରେ ସମ୍ବିଧାନର ସୁରକ୍ଷା ପାଇଁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଭ୍ରଷ୍ଟାଚାର ବିରୁଦ୍ଧରେ ଲଢିବା ଓ ଜିତିବା ବାର୍ତ୍ତା ନେଇ କାର୍ଯ୍ୟକର୍ତ୍ତା ଓ ସାଧାରଣ ଜନତାଙ୍କୁ ଉଦବୋଧନ ଦେଇଥିଲେ ଶ୍ରୀ ସ୍ୱାଇଁ। ଓଡିଶାର ପ୍ରତ୍ୟେକ ମହିଳାଙ୍କୁ ମାସିକ ୧୦ହଜାର ଟଙ୍କା ସମ୍ମାନ ରାଶି ପ୍ରଦାନ କରିବା, ୩୦୦ୟୁନିଟ୍ ବିଜୁଳି ଓଡିଶାର ପ୍ରତ୍ୟେକ ପରିବାରକୁ ମାଗଣା ଦେବା ,ସ୍ଥାନୀୟ କମ୍ପାନୀରେ ସ୍ଥାନୀୟ ଯୁବକଯୁବତୀଙ୍କୁ ସ୍ଥାୟୀ ନିଯୁକ୍ତି ଦେବା ଏବଂ ଜିଲ୍ଲାରେ ପ୍ରତ୍ୟେକଙ୍କୁ ଶିକ୍ଷା,ସ୍ୱାସ୍ଥ୍ୟ, ବିଜୁଳି,ପାଣି ଓ ରୋଜଗାର ଭଳି ମୌଳିକ ଅଧିକାର ପ୍ରଦାନ କରିବା ଭଳି ୫ଦଫା ଦାବି କରାଯାଇଛି। ଆଜିର ଏହି କାର୍ଯ୍ୟକ୍ରମରେ ଶ୍ରୀ ସ୍ୱାଇଁଙ୍କ ସମେତ ଆପ୍ ପାର୍ଟିର ଜିଲ୍ଲା ଆଦିବାସୀ ମୋର୍ଚ୍ଚା ସଭାପତି ଟି.ସାଙ୍ଗନା, ବିଷମକଟକ ବିଧାନସଭା ସଭାପତି ରମେଶ ପାତ୍ର, ସାଧୁରାମ ନାୟକ,ସୁନ୍ଦର କାଡ୍ରକା,ବିଜୁ ଖିଲକା, ସନ୍ତୋଷ ପାଇକ,ମାନି ପୁଆଲା,ସବିତା କାଡ୍ରକା, ମେରି କାଡ୍ରକାଙ୍କ ସହ ଅନ୍ୟମାନେ ଉପସ୍ଥିତ ରହିଥିଲେ।

## କରଣ ସମାଜ ସଭାପତିଙ୍କ ପରଲୋକ



ଜୟପୁର,୨୬।୧୧(ସମିସ): ଜିଲ୍ଲା କରଣ ସମାଜର ସଭାପତି ତାରିଣୀ ଦାସ (୮୮) ଙ୍କ ଆଜି ଅପରାହ୍ନ ସାଢେ ୪ଟା ସମୟରେ ସୌରାସାହିସ୍ଥିତ ବାସବଭବନରେ ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡିତ ହୋଇ ଇହଲୀଳା ସମ୍ବରଣ କରିଛନ୍ତି। ଯୁବାବସ୍ଥାରେ ଜଣେ ଯୁବନେତା, ଜିଲ୍ଲା ଯୁବ କଂଗ୍ରେସର ସମ୍ପାଦକ, ରଙ୍ଗମଞ୍ଚର ଅଭିନେତା, ସୈରାସାହି ଆଖଡା ଘରର ପ୍ରମୁଖ ସଦସ୍ୟ ତଥା ରସିକ ସିରୋମଣି କଲ୍ୟାଣ ମଣ୍ଡପର କାର୍ଯ୍ୟନିର୍ବାହୀ ସମ୍ପାଦକ ଭାବେ ସ୍ୱର୍ଗତ ଦାସ କାର୍ଯ୍ୟ କରିଥିଲେ। ମୃତ୍ୟୁ ସମୟରେ ତାଙ୍କ ନିକଟରେ ଝିଅ ମନୋରମା, ଜ୍ୱାଇଁ ହରିହର କରସୁଧା ପଟ୍ଟନାୟକ, ପୁତ୍ର ଗୁପ୍ତ ପ୍ରସାଦ, ନରସିଂହ ପ୍ରସାଦ, ପୁତ୍ରବଧୂ ଗୀତା, ମାମି ଓ ନାତିନାତୁଣି ଉପସ୍ଥିତ ଥିଲେ। ତାଙ୍କ ବିୟୋଗରେ ସହରରେ ଶୋକର ଛାୟା ଖେଳିଯାଇଥିଲା। ଆଜି ସଂଧ୍ୟାରେ ସ୍ଥାନୀୟ ଡେଙ୍ଗାତୋଟା ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଛି।

BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112

# ଓଏଭି ଶିକ୍ଷକଙ୍କ କଳାବ୍ୟାଜ୍ ପିନ୍ଧି ବିକ୍ଷୋଭ



କଲ୍ୟାଣସିଂହପୁର,୨୬।୧୧(ସମିସ): ରାୟଗଡା କଲ୍ୟାଣସିଂହପୁର ଆଦର୍ଶ ବିଦ୍ୟାଳୟ ଶିକ୍ଷକ,ଶିକ୍ଷୟତ୍ରୀ ମାନେ କଳାବ୍ୟାଜ ପିନ୍ଧି ରାଜ୍ୟ ମହାସଂଘର ଡାକରା କ୍ରମେ ୧୩ ଦଫା ଦାବି ନେଇ ସପ୍ତାହ ବ୍ୟାପି ଶାନ୍ତିପୂର୍ଣ୍ଣ ବିକ୍ଷୋଭ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଗତ ୨୬ ନଭେମ୍ବରରେ ମହାସଙ୍ଘର ଡାକରା କ୍ରମେ ବିଦ୍ୟାଳୟ ଛୁଟି ପରେ ୪ଟାରୁ ୫ଟା ପର୍ଯ୍ୟନ୍ତ ବ୍ୟାନର ଓ ନିଜର ଦାବିପତ୍ର ଧରି ଶାନ୍ତିପୂର୍ଣ୍ଣ ଭାବେ ଧାରଣା ଦେଇଥିଲେ। ଓଡିଶା ସରକାରଙ୍କ ଦ୍ଵାରା ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା ହେଲେ ମଧ ଆଦର୍ଶ ବିଦ୍ୟାଳୟକୁ ସଂପୂର୍ଣ୍ଣ ରୂପେ ସରକାରୀ ମାନ୍ୟତା ମିଳିନାହିଁ ଓ କର୍ମଚାରୀ ମାନେ ମଧ ସମସ୍ତ ପ୍ରକାର ସରକାରୀ ସୁବିଧାରୁ ବଞ୍ଚିତ ଅଛନ୍ତି। ଏହାକୁ ନେଇ ସେମାନଙ୍କ ମଧରେ ଘୋର ଅସନ୍ତୋଷ ପ୍ରକାଶ ପାଇଛି। ତେଣୁ ରାଜ୍ୟ ମହାସଂଘର ନିର୍ଦ୍ଦେଶ କ୍ରମେ ରାଜ୍ୟର ସମସ୍ତ ଆଦର୍ଶ ବିଦ୍ୟାଳୟରେ ଶାନ୍ତିପୂର୍ଣ୍ଣ ଭାବେ ଭିକ୍ଷୋଭ ପ୍ରଦର୍ଶନ ଚାଲିଛି। ଯଦି ସରକାର ଦାବି ନ ଶୁଣନ୍ତି ତେବେ ଆଗାମୀ ଡିସେମ୍ବର ୮ରୁ ଆମରଣ ଅନଶନ କରାଯିବା ପାଇଁ ରାଜ୍ୟ ସଂଘ ନିର୍ଦ୍ଧାରଣ କରିଛି ବୋଲି ବିଦ୍ୟାଳୟର ଶିକ୍ଷକ,ଶିକ୍ଷୟିତ୍ରୀ ମାନେ କହିଛନ୍ତି।

● ଦୁଇ କମିଟି ମଧ୍ୟରେ ବୁଝାମଣା

# ଭଙ୍ଗା ହେଲା ପୁରୁଣା ମନ୍ଦିର



ଗୁଡାରି,୨୬।୧୧ (ସମିସ): ଗୁଡାରୀ ନୂତନ ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ପରେ ପାଶ୍ୱର୍ ମୂର୍ତ୍ତିକୁ ନେଇ ବିବାଦ ଉଠିଥିଲା । ଗତ ୧୮ ତାରିଖ ଦିନ ଦିର୍ଘ୍ୟ ୪୦ ବର୍ଷ ଧରି ପୁରୁଣ ପରିଚାଳନା କମିଟିର ସୁଜୟ ପଟ୍ଟନାୟକ, ପାଣ୍ଡବ ସାହୁ ଏବଂ ନୂତନ ପରିଚାଳନା କମିଟି ସମସ୍ତ ସଦସ୍ୟଙ୍କ ମଧରେ ଆପୋଷ ବୁଝାମଣା ପରେ ଗତ ବୁଧବାର ଦିନ ନୂତନ ପରିଚାଳନା କମିଟି ସଭାପତି ସମ୍ପାଦକ ଅନ୍ୟ ସଦସ୍ୟ ଏବଂ ନିର୍ମାଣ କମିଟିର ଗଣପତିପାଠି, ଗୋପିନାଥ ଗୌଡ, ସୁକୁଟିରଥ, ଉପସ୍ଥିତିରେ ମନ୍ଦିର ପରିସରରେ ପୂଜାପାଠ ସହ ନାମ ସଙ୍କିର୍ତ୍ତନ କରାଯିବା ପରେ ସକାଳ ୮ ଟା ସମୟରେ ପୁରୁଣା ମନ୍ଦିରର ରତ୍ନମୁଦ ଭଙ୍ଗାଯାଇଥିଲା । ଏହାକୁ ସମ୍ପୂର୍ଣ୍ଣ ଭଙ୍ଗାଯିବା ପରେ ଲକ୍ଷ୍ମୀ ମନ୍ଦିର ଏବଂ ହନୁମାନ ମନ୍ଦିର ନିର୍ମାଣ କାମ ଆରମ୍ଭ କରାଯିବ ବୋଲି କମିଟି ତରଫରୁ କୁହାଯାଇଛି ।

## ଜିଲ୍ଲାସ୍ତରୀୟ 'ଦିଆଲ ପରବ'

# 'ଭାଷା, ସଂସ୍କୃତି, ପରମ୍ପରା ଓ ଏକତାକୁ ପ୍ରଦର୍ଶନ କରିବା ଲକ୍ଷ୍ୟ'



ରାୟଗଡ଼ା,୨୬।୧୧(ସମିସ): ରାୟଗଡ଼ା ସହରର ସ୍ଥାନୀୟ ଜିସିଡି ହାଇସ୍କୁଲ ପଡିଆ ଠାରେ ମହା ସମାରୋହରେ ଜିଲ୍ଲା ଡମ ସମାଜ ପକ୍ଷରୁ ଜିଲ୍ଲାସ୍ତରୀୟ ଦିଆଲ ପରବ ଭେଟଘାଟ-୨୦୨୫ ଏବଂ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ରାୟଗଡ଼ା ଜିଲ୍ଲା ଡମ ସମାଜ ସଭାପତି ଧନୀରାମ ନାଏକଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅବିଭକ୍ତ କୋରାପୁଟ ଜିଲ୍ଲା ଡମ ସମାଜ ସଭାପତି ତଥା କୋରାପୁଟ ବିଧାୟକ ରଘୁନାଥ ମାଛ ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବେ ଭୁବନେଶ୍ୱର ଉତ୍କଳ ୟୁନିଭରସିଟି, ସେଣ୍ଟର ଅଫ୍ ଅମ୍ବେଦକର ଷ୍ଟଡି'ର ନିର୍ଦ୍ଦେଶକ ପ୍ରଫେସର ରବିନ୍ଦ୍ର ଗରଡା, ସ୍ୱତନ୍ତ୍ର ଅତିଥି ଭାବେ ବହୁଜନ ସମାଜ ପାର୍ଟି ରାଜ୍ୟ ସଭାପତି ସରୋଜ ନାୟକ, ନୂଆପଡା ଜିଲ୍ଲା ଉପାଧ୍ୟକ୍ଷା ଦୀପିକା କୁଶୁଲିଆ ଦୀପ୍, ସମ୍ବିଧାନ ଦିବସ ବାର୍ତାବହ କଳାହାଣ୍ଡିର ଅବସରପ୍ରାପ୍ତ ଶିକ୍ଷକ ଯୋଗେଶ୍ୱର ସାଗର, ରାୟଗଡ଼ା ଜିଲ୍ଲା ତଥା ଅବିଭକ୍ତ କୋରାପୁଟ ଡମ ସମାଜ ସାଧାରଣ ସଂପାଦକ ଜନାର୍ଦ୍ଦନ ଗରଡା, ତହସିଲଦାର ଚନ୍ଦ୍ରଦାସ ମହାନନ୍ଦିଆ, ସରକାରୀ ଓକିଲ ପୂର୍ଣ୍ଣଚନ୍ଦ୍ର ନାଗ, ଗୁଣପୁର କଲେଜ ପ୍ରଫେସର ଡ. ଡମ୍ବୁରୁଧର ଗରଡା.ଅବିଭକ୍ତ କୋରାପୁଟ ଡମ ସମାଜ ଆବାହକ ବାସୁଦେବ ମାଲ ବିଶୋଇ, ମାଲକାନଗିରି ଜିଲ୍ଲା ସହିଦ ନର୍ସିଂ ଡମ୍ ସମାଜ ସଭାପତି ବଳରାମ ଅନୁଗୁଳିଆ, କୋରାପୁଟ ଜିଲ୍ଲା ଡମ ସମାଜ ସଭାପତି ଭଗବାନ ଖୋରା, ନବରଙ୍ଗପୁର ଜିଲ୍ଲା ଡମ ସମାଜ ସଭାପତି ଜନକରାମ ସୁନା, ଜୟପୁରର ସମାଜସେବୀ ମାନସ୍ୱିନି ଟାକିରିଙ୍କ ସମେତ ଅବିଭକ୍ତ କୋରାପୁଟ ଡମ ସମାଜର ଉପସଭାପତି ଓ ସହସଂପାଦକ ମାନେ ଯୋଗ ଦେଇ ଦୀପ ପ୍ରଜ୍ୱଳନ ତଥା ଦିଆଲ ପର୍ବ ପୂଜାର୍ଚ୍ଚନା ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଦିଆଲ ପରବ ଭେଟଘାଟ ମାଧମରେ ଡମ ସମାଜର ଭାଷା, ସଂସ୍କୃତି,ପରମ୍ପରା ଏବଂ ଏକତା ଓ ଜନଶକ୍ତିକୁ ସମଗ୍ର ଦେଶ ଦୁନିଆକୁ ପ୍ରଦର୍ଶନ କରାଇବା ଏହାର ମୂଳ ଲକ୍ଷ୍ୟ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ଦୀପାବଳୀ ପର୍ବକୁ ଡମ ସମାଜର ପ୍ରତି ଘରେ ଘରେ ଖୁସି ,ସୁଖ ଓ ଶାନ୍ତିରେ ପାଳନ କରାଯାଇଥିବା ବେଳେ ଗତବର୍ଷ ଭଳି ଚଳିତ ବର୍ଷ ମଧ ଏକତ୍ରିତ ହୋଇ ମିଳିମିଶି ପାଳିବା ପାଇଁ ଆଜିର ଏହି ଦିଆଲ ପର୍ବକୁ ଧୁମଧାମରେ ପାଳନ କରାଯାଇଥିଲା। କାର୍ଯ୍ୟକ୍ରମରେ ହଜାର ହଜାର ସଂଖ୍ୟାରେ ଡମ ସମାଜ ପରିବାର ଏକତ୍ରିତ ହୋଇଥିବା ବେଳେ ସଂଧ୍ୟା ସାଂସ୍କୃତିକ କାର୍ଯ୍ୟକ୍ରମରେ ଜାସ ଡ୍ୟାନ୍ସ ଗ୍ରୁପ ଦ୍ୱାରା ମଞ୍ଚରେ ଦିଆଲ ପରବ ନୃତ୍ୟ ବହୁ ଆର୍କଷଣ ହୋଇଥିଲା। ଶେଷରେ ଡମ ସମାଜର ଶପଥ ପାଠ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଆଜି ମଧ୍ୟାହ୍ନରେ ଷ୍ଟେସନ ଛକ ଓ ନୂଆ ସାହି ଠାରୁ ଏକ ଶୋଭାଯାତ୍ରାରେ ଆସି ବସଷ୍ଟାଣ୍ଡ ନିକଟରେ ଥିବା ବାବାସାହେବ ଆମ୍ବେଦକରଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବାଣ, ବାଜା, ଡିଜେ ବଜାଇ ଡମ ସମାଜ ପକ୍ଷରୁ ଜିଲ୍ଲାସ୍ତରୀୟ ଦିଆଲ ପର୍ବକୁ ପାଳନ କରାଯାଇଥିଲା ଏବଂ ଜିଲ୍ଲାର ବହୁ କାର୍ଯ୍ୟକର୍ତାମାନେ ପରିଚାଳନାରେ ସହଯୋଗ କରିଥିଲେ।

# ଜାତୀୟ ପୁରସ୍କାର ବିଜେତା କୁନି ବୈଜ୍ଞାନିକଙ୍କୁ ସମ୍ବର୍ଦ୍ଧନା



ଚିତ୍ରକୋଣ୍ଡା, ୨୬।୧୧(ସମିସ): ରାଜ୍ୟସ୍ତରରୁ ମନୋନୀତ ହୋଇ ଜାତୀୟସ୍ତର ବିଜ୍ଞାନ ମେଳାରେ ଅଂଶ ଗ୍ରହଣ କରି ସୁଯୋଗ ପାଇଥିଲେ ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ମଣ୍ଡଳ ଆରଏସ୍‌ସି ୬ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଲଳିତା ଖିଲ। ନିଜର ସହଯୋଗୀ ଡମ୍ବରୁ ଆକଲ ଓ ସହାୟକ ଶିକ୍ଷକ ଦେବଦତ୍ତଦାସ ପଟ୍ଟନାୟକ ସହ ଜାତୀୟ ସ୍ତରର ପ୍ରତିଯୋଗିତାରେ ଭାଗ ନେବାକୁ ନାଗପୁର ଯାଇଥିଲେ। ସେଠାରେ ଏହି ପ୍ରତିଯୋଗିତା ୧୮ ତାରଖରୁ ୨୩ ତାରିଖ ଯାଏଁ ପର୍ଯ୍ୟନ୍ତ ଚାଲିଥିଲା। ଦେଶର ବିଭିନ୍ନ ରାଜ୍ୟରୁ ଆସିଥିବା ସମସ୍ତ ପ୍ରକଳ୍ପକୁ ପଛରେ ପକାଇ ଲଳିତାଙ୍କ ସୁରକ୍ଷିତ ପ୍ରକଳ୍ପଟି ଶ୍ରେଷ୍ଠ ବିବେଚିତ ହୋଇଥିଲା। ଏହି ଖବର ଓଡ଼ିଶା ତଥା ମାଲକାନଗିରି ଜିଲ୍ଲାର ବିଶେଷ କରି ଚିତ୍ରକୋଣ୍ଡା ମଣ୍ଡଳରେ ଖୁସିର ଲହରୀ ଖେଳାଇ ଦେଇଛି। ଆଜି ସେମାନେ ଫେରୁଥିବା ବେଳେ ଚିତ୍ରକୋଣ୍ଡା ମଣ୍ଡଳ ଶିକ୍ଷା ଅଧିକାରୀ ସୁଶ୍ରୀ ଗାୟତ୍ରୀ ଦେବୀ, ଚିତ୍ରକୋଣ୍ଡାର ଟେମ୍ପୋରାରୀକଲନି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ନିକଟରେ ଏକ ସମ୍ବର୍ଦ୍ଧନା ସଭାର ଆୟୋଜନ କରି ବିଜୟୀ ବୈଜ୍ଞାନିକ ବାଳିକାକୁ ଫୁଲତୋଡ଼ା ଓ ପୁରସ୍କାର ପ୍ରଦାନ କରି ଏକ ନିଆରା ସମ୍ବର୍ଦ୍ଧନା ଦେଇଥିଲେ। ଏହି ସ୍ୱାଗତ ସମ୍ବର୍ଦ୍ଧନାର ଉତ୍ସବରେ ଆରଏସସି-୬ ପ୍ରଧାନ ଶିକ୍ଷକ ଡମ୍ବରୁ ଧର ଗୋଲାରୀ ଓ ଟେମ୍ପୋରରୀ କଲୋନୀ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଦୁର୍ଯ୍ୟୋଧନ ସେଠୀଙ୍କ ସହ ବହୁ ଶିକ୍ଷକ ଓ ଶିକ୍ଷୟତ୍ରୀ, ଅଭିଭାବକ ତଥା ଅଞ୍ଚଳବାସୀ ଯୋଗ ଦେଇଥିଲେ।

# ୩ ନାବାଳିକାଙ୍କୁ ଦୁଷ୍କର୍ମ ଅଭିଯୁକ୍ତ କୋର୍ଟ ଚାଲାଣ

ଏମଭି ୭୯,୨୬।୧୧(ସମିସ): କାଲିମେଳା ବ୍ଲକ ଏମ୍‌ଭି ୭୨ ଗ୍ରାମରେ ଗତ ରବିବାର ଦିନ ଆଇସକ୍ରିମ ପ୍ରଲୋଭନ ଦେଖାଇ ନିଜ ସମ୍ପର୍କୀୟଙ୍କ ୩ ନାବାଳିକାଙ୍କୁ ଦୁଷ୍କର୍ମ କରିଥିବା ଏମ୍‌ଭି ୭୨ ଗ୍ରାମର ନକୂଳ ରାୟଙ୍କ ପୁଅ ନରେନ ରାୟ (୪୫) ଙ୍କ ବିରୋଧରେ ଗତକାଲି ଏମ ଭି ୭୯ ଥାନାରେ, ନାବାଳିକାଙ୍କ ଅଭିଭାବକ ଲିଖିତ ଅଭିଯୋଗ



କରିଥିଲେ। ଗତକାଲି ଅଭିଯୁକ୍ତକୁ ଡାକ୍ତରୀ ପରୀକ୍ଷା କରାଯାଇଥିଲା। ଆଜି ଏନେଇ ଏମ୍‌ଭି ୭୯ ଥାନା ଅଧିକାରୀ ଆଇଆଇସି ଚନ୍ଦ୍ରକାନ୍ତି ତାଣ୍ଡି ପୋକ୍ସ ଧାରା ୧୭୭/୨୫ ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଥିବା ସୂଚନା ଦେଇଛନ୍ତି।

# ବିଭିନ୍ନ ସ୍ଥାନରେ ସମ୍ବିଧାନ ଦିବସ









ମାଲକାନଗିରି,୨୬।୧୧(ସମିସ)(୩୦୧) : ଆଜି ଜିଲ୍ଲା ପ୍ରଶାସନ ପକ୍ଷରୁ ସମ୍ବିଧାନ ଦିବସ ପାଳନ କରାଯାଇଛି। ଭାରତୀୟ ସମ୍ବିଧାନ ପ୍ରତି ନାଗରିକଙ୍କ ପ୍ରତିବଦ୍ଧତା ଏବଂ ଦାୟିତ୍ୱବୋଧ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରୁ ଜିଲ୍ଲା ପରିଷଦ କାର୍ଯ୍ୟାଳୟ ପର୍ଯ୍ୟନ୍ତ ସଚେତନତା ଶୋଭାଯାତ୍ରା ଆୟୋଜନ କରାଯାଇଛି। ଏହାକୁ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଭାରତୀୟ ଜନସାଧାରଣଙ୍କ ମୌଳିକ ଅଧିକାରର ସୁରକ୍ଷା କ୍ଷେତ୍ରରେ ସମ୍ବିଧାନ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ସମ୍ବିଧାନ ମୌଳିକ ଅଧିକାରକୁ ସୁନିଶ୍ଚିତ କରେ। ଏହା ମୌଳିକ ଅଧିକାରର ସୁରକ୍ଷା କବଚ ପାଲିଟି ଥାଏ ବୋଲି ଜିଲ୍ଲା ପରିଷଦ କାର୍ଯ୍ୟାଳୟ ଠାରେ ଆୟୋଜିତ କାର୍ଯ୍ୟକ୍ରମ ରେ ମତ ପ୍ରକାଶ କରିଥିଲେ ଅତିରିକ୍ତ ଜିଲ୍ଲାପାଳ। ଜିଲ୍ଲା ପରିଷଦ କାର୍ଯ୍ୟାଳୟର ଅର୍ଥ ପରିଚାଳକ ମାନସ ମିଶ୍ର ଓ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ପରିଚାଳକ ହିମାଂଶୁ ଭୂଷଣ ମହାରଣା ଯଥାକ୍ରମେ ତ୍ରିସ୍ତରୀୟ ପଞ୍ଚାୟତ ରାଜ ବ୍ୟବସ୍ଥା ଓ ପେସା ଆଇନ ବିଷୟରେ ଛାତ୍ରଛାତ୍ରୀଙ୍କୁ ସୂଚନା ଦେଇଥିଲେ। ଏଠାରେ ରଙ୍ଗୋଲି ଓ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜନ କରାଯାଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ଏମଭି-୭ ଜଗନ୍ନାଥପଲ୍ଲୀ ଉଚ୍ଚ ବିଦ୍ୟାଳୟ ଠାରେ ସମ୍ବିଧାନ ଦିବସ ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଶିକ୍ଷା ଅଧିକାରୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଥିବା ବେଳେ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ପ୍ରମିଳା ମାଝୀ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ମଞ୍ଜୁଲତା ଭୋଇ, ଭାଗିରଥୀ ବେହେରା ଓ କାର୍ଯ୍ୟକ୍ରମ ପରିଚାଳକ ଦକ୍ଷତା ବିକାଶ ଶ୍ରୀ ମହାରଣା ଉପସ୍ଥିତ ଥିଲେ। ଛାତ୍ରଛାତ୍ରୀଙ୍କ ଉପସ୍ଥିତିରେ ସାମୁହିକ ଶପଥ ପାଠ ଓ ଯୋଗାଭ୍ୟାସ କରାଯାଇଥିଲା। ବାବା ସାହେବ୍ ଡ଼ଃ ବି ଆର ଆମ୍ବେଦକରଙ୍କୁ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରାଯାଇ ସ୍ମୃତିଚାରଣ କରାଯାଇଥିଲା। କାର୍ଯ୍ୟକ୍ରମ ଆୟୋଜନ କରିବାରେ ବାଲାଜୀ ପଟ୍ଟନାୟକ, ସ୍ୱସ୍ତିକା ପ୍ରଧାନ, ଶାଶ୍ୱତୀ କୀର୍ତ୍ତି ରାଉତ ଓ ଜିଲ୍ଲା ପରିଷଦ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

**ମାଥିଲି :** ସମ୍ବିଧାନ ଦିବସ ଅବସରରେ ଉଦୁଲିବେଡା ବିଦ୍ୟାଳୟ ଠାରୁ ପଞ୍ଚାୟତ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏକ ରାଲି କରାଯାଇଥିଲା। ଏଥିରେ ଉଦୁଲିବେଡା ପଞ୍ଚାୟତ ସରପଞ୍ଚ ଦେବେନ୍ଦ୍ର ଖିଲ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଅଶୋକ କୁମାର ମହାରଣା, ଏଡିଓ ଅନନ୍ତ ପାଙ୍ଗି ଓ ପାରାମାଉଣ୍ଟ ଫାଉଣ୍ଡେସନ ସଦସ୍ୟ ସାୟୁ ସିଂନା ପ୍ରମୁଖ ଉପସ୍ଥିତ ଥିଲେ। ରଙ୍ଗୋଲି, ଚିତ୍ର, ଭାଷଣ ପ୍ରଭୃତି ହୋଇଥିଲା। ଏଥିରେ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ ପ୍ରଦାନ କରାଯାଇଥିଲା।

**ଗୁଡାରୀ :** ଗୁଡାରୀ ନୂଆ ବସ୍‌ଷ୍ଟାଣ୍ଡଠାରେ ଆମ୍ବେଦକର ୟୁଥ୍ ତରଫରୁ ୭୬ ତମ ସମ୍ବିଧାନ ଦିବସ ଗତ ବୁଧବାର ଦିନ ପାଳିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି କାହ୍ନୁଚରଣ ଲିମା, ସଂଘର ଉପଦେଷ୍ଟା ଇନ୍ଦ୍ରମଣି ବିଡିକା,ପ୍ରସାଦ ଲିମା ମଞ୍ଚକୁ ନିମନ୍ତ୍ରଣ କରାଯାଇଥିଲା। ଏହାକୁ ପରିଚାଳନା କରିଥିଲେ ଶିକ୍ଷକ ମୋନଜ ବଣିଆ। ବାବା ସାହେବ ଆମ୍ବେଦକରଙ୍କୁ ଦିନେ ଦେଶର ପଛୁଆବର୍ଗ ବୋଲି ଯେଉଁମାନେ ସମାଲୋଚନା କରୁଥିଲେ, ସେ ପରବର୍ତୀ ସମୟରେ ସମ୍ବିଧାନ ଗଠନ କରିବାରେ ମୂଳ ମନ୍ତ୍ର ପାଲଟିଯାଇଥିଲେ ବୋଲି ଅତିଥିମାନେ କହିଥିଲେ।

**ଗୁଣପୁର:** ରାୟଗଡ଼ା ଜିଲ୍ଲା ଗୁଣପୁର କୋର୍ଟ ପରିସରରେ ବୁଧବାର ସମ୍ବିଧାନ ଦିବସ ପାଳିତ ହୋଇଥିଲା। ଏହି ଅବସରରେ ଗୁଣପୁର ଏଡିଜେ ଦେବଦେତ୍ତ ପଟ୍ଟନାୟକ ସମସ୍ତ କର୍ମଚାରୀ ଏବଂ ଓକିଲ ମାନଙ୍କୁ ସମ୍ବିଧାନର ସୁରକ୍ଷା ନେଇ ଶପଥ ପାଠ କରାଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଏସଡିଜେଏମ ବିଜୟ ଲକ୍ଷ୍ମୀ ମହାପାତ୍ରଙ୍କ ସମେତ କୋର୍ଟର ସମସ୍ତ କର୍ମଚାରୀ, ପୋଲିସ ଏବଂ ଓକିଲ ସଂଘର ସଭପତି ଗୌରୀ ଶଙ୍କର ଦାସ, ବରିଷ୍ଠ ଆଇନଜୀବୀ ଉମା ଚରଣ ପଟ୍ଟନାୟକ, ଗଦାଧର ପଣ୍ଡା, ଜ୍ୟୋତ୍ସ୍ନା ରାଣୀ ଦାସ ଏବଂ ଅନ୍ୟ ଓକିଲ ମାନେ ଉପସ୍ଥିତ ଏ ନେଇ ସଚେତନ କରିଥିଲେ।

**ବେହେଡା :** ନବରଙ୍ଗପୁର ଜିଲ୍ଲାର ପୁର ପଲ୍ଲୀରେ ବଡ ଯାକଜମକରେ ପାଳିତ ହୋଇଛି। ବେହେଡା ପଞ୍ଚାୟତ ଠାରେ ପାଳନ ହେଲା, ଏଥିରେ ସରପଞ୍ଚ ପ୍ରମିଳା ଗଣ୍ଡ, ଜୟମାନୀ ଗଣ୍ଡ, ମଙ୍ଗଳ ଭତ୍ରା, ୱାର୍ଡ ମେମ୍ବର, ଇଡଡ, ଆଶା, ଇଘଗ, ସମସ୍ତ ବର୍ଗର କର୍ମଚାରୀ ଉପସ୍ଥିତ ଥିଲେ। ସମ୍ବିଧାନ ବିଷୟରେ ଚରଙ୍ଗ, ଉରଙ୍ଗ ଲୋକଙ୍କୁ ଧାରଣା ଦେଇଥିଲେ ତାହାର ସୁରକ୍ଷା ଓ ଡ଼କ୍ଟର ଭୀମରାଓ ଆମ୍ବେଦକର ବିଷୟରେ କହିଥିଲେ।

**ସେମିଳିଗୁଡ଼ା:** କୋରାପୁଟ ଜିଲ୍ଲାର ସେମିଳିଗୁଡା ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗ ଦ୍ୱାରା ମହାବିଦ୍ୟାଳୟରେ ୭୬ତମ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଉପସ୍ଥିତ ଥିଲେ ରାଜନୀତି ବିଜ୍ଞାନ ବିଭାଗ ପୂର୍ବତନ ଅଧ୍ୟାପକ ଚିତ୍ତରଞ୍ଜନ ମିଶ୍ର ଏବଂ ପ୍ରଦୀପ ବେହେରା। ମହାବିଦ୍ୟାଳୟର ଅଧକ୍ଷା ଡ. ଝାନ୍‌ସୀ ସିଂହ ଏହି ସଭାର ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମର ଶୁଭାରମ୍ଭ ଭାରତୀୟ ସମ୍ବିଧାନର ପ୍ରସ୍ତାବନା 'ଆମେ ଭାରତୀୟଜନ...' ପାଠ କରାଯାଇଥିଲା। ଛାତ୍ର-ଛାତ୍ରୀମାନଙ୍କ ମଧ୍ୟରେ ସମ୍ବିଧାନିକ ଜ୍ଞାନ ବୃଦ୍ଧି କରିବା ପାଇଁ ପ୍ରତିଯୋଗିତା ହୋଇଥିଲା। ମୁଖ୍ୟ ଅତିଥି ଚିତ୍ତରଞ୍ଜନ ମିଶ୍ର ଏବଂ ପ୍ରଦୀପ ବେହେରା ଏ ନେଇ ବକ୍ତବ୍ୟ ଦେଇଥିଲେ। ଅଧକ୍ଷା ଝାନ୍ସୀ ସିଂହ କାର୍ଯ୍ୟକ୍ରମର ସଫଳତା ପାଇଁ ରାଜନୀତି ବିଜ୍ଞାନ ବିଭାଗକୁ ଅଭିନନ୍ଦନ ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟାପକ ଅଧ୍ୟାପିକା ଯଥା ଦେବରାଜ ନାୟକ, ହରେକୃଷ୍ଣ ସାହୁ, ଡ.ଗୀତା ପଟ୍ଟନାୟକ, ରୋନାଲି ନାୟକ, ପ୍ରେମାନନ୍ଦ, ପିଙ୍କି ଗୋୟେଲ, ବିନୋଦ ଲେଙ୍କା, ବିନୟ ପଣ୍ଡା, ସଙ୍ଗୀତ ପଣ୍ଡା ଭାଗିରଥି ରାଉତ, ସୁମିତ୍ରା ଗିରି ଯୋଗ ଦେଇଥିଲେ।

**ନବରଙ୍ଗପୁର :** ମହିଳା ମହାବିଦ୍ୟାଳୟ ପରିସରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରୀ, ପାରା ଲିଗାଲ ସଦସ୍ୟ, ଆଇନଜୀବୀ ପ୍ରମୁଖ ଭାଗ ନେଇଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଭାରପ୍ରାପ୍ତ ଅଧକ୍ଷ ତଥା ଅତିରିକ୍ତ ଜିଲ୍ଲା ଦୌରାଜର୍ଜ ବିଷ୍ଣୁ ପ୍ରସାଦ ମିଶ୍ରଙ୍କ ନିର୍ଦ୍ଦେଶ କ୍ରମେ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭାରପ୍ରାପ୍ତ ସଚିବ ଶାଶ୍ୱତୀ ମିଶ୍ର ଯୋଗ ଦାନ କରିଥିବା ବେଳେ ଅନ୍ୟାନ୍ୟ ଅତିଥି ଭାବେ ଆଇନଜୀବୀ ସଂଘର ସଭାପତି ସିରାଜଉଦ୍ଦିନ ଅହମ୍ମଦ, ଉପ ସଭାପତି ସଦାଶିବ ସାହୁ, ଉପ ମୁଖ୍ୟ ଆଇନଗତ ସହାୟତା ପ୍ରତିରକ୍ଷା ପରାମର୍ଶଦାତା. ରାଜ କିଶୋରେ ନାଗ, ଆଇନଜୀବୀ କିଶୋରୀ ପଟ୍ଟନାୟକ, ମହାବିଦ୍ୟାଳୟର ଅଧ୍ୟାପିକା ମାଲେଶ୍ୱରୀ ସାହୁ, ଅଧ୍ୟାପକ ବିନୋଦ ବିହାରୀ ପ୍ରଧାନ, ଅଧ୍ୟାପିକା ତଉର। ବେଗମ, ଅଧ୍ୟାପିକା ରଞ୍ଜୁଷା କୁମାରୀ ପ୍ରହରାଜ, ଅଧ୍ୟାପିକା ଡକ୍ଟର ଏମ. ରୋହିଣୀ ରାଣୀ ମଞ୍ଚାସୀନ ହୋଇ ଭାରତର ନାଗରିକଙ୍କ ମୌଳିକ କର୍ତ୍ତବ୍ୟ ଉପରେ ଛାତ୍ରୀମାନଙ୍କୁ ଆଲୋକପାତ କରିଥିଲେ। ଶେଷରେ ମହାବିଦ୍ୟାଳୟର ଅଧ୍ୟାପକ ନୃପେନ୍ଦ୍ରନାଥ ଖୋସ୍ଲା ଧନ୍ୟବାଦ ଅର୍ପଣ କରିଥିଲେ। ଜିଲ୍ଲା ଆଇନସେବା ପ୍ରାଧିକରଣଙ୍କ ଦ୍ୱାରା ଏହି ଶିବିର ପରିଚାଳନା ହୋଇଥିଲା।

**ପାପଡାହାଣ୍ଡି :** ପାପଡାହାଣ୍ଡି ବ୍ଲକ୍ ଅନ୍ତର୍ଗତ ପାତ୍ରୀଠାରେ ପଞ୍ଚାୟତ ସ୍ତରୀୟ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଚିତ୍ରାଙ୍କନ ପ୍ରତିଯୋଗିତା, ସଂଗୀତ ପ୍ରତିଯୋଗିତା, ତର୍କ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା ଆଜିର ଏହି ଦିବସରେ ସ୍ଥାନୀୟ ପଞ୍ଚାୟତ ପିଇଓ ମଙ୍ଗୁଲୁ ଭତରା, ବିପିସି(ପେସା) ଗିରିଜା ପ୍ରସାଦ ଦଳାଇ, ପିରାମଲ ପ୍ରତିଷ୍ଠା ସଭ୍ୟା ଶୁଭଶ୍ରୀ ଦାସ, ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ତ୍ରିପାଠୀ, ବିଶ୍ୱରଂଜନ ପାଣି, ରଞ୍ଜିତା ବେହେରା, ହିମାଂଶୁ ଶେଖର ସୋରି, ମହିଳା ସ୍ୱୟଂସହାୟକ ଦଳର ମା'ମାନେ ଏବଂ ଗ୍ରାମବାସୀ ଉପସ୍ଥିତ ରହିଥିଲେ।

**ନନ୍ଦପୁର :** ସଦରମହକୁମା ଠାରେ ଦଳିତ ସେବା ସମିତି ସଭାପତି ଜଗନ୍ନାଥ ପାଙ୍ଗିଙ୍କ ଆବାହକତ୍ୱରେ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିଥି ଭାବେ ନନ୍ଦପୁର ବିଡ଼ିଓ ଦୁର୍ଗା ପ୍ରସାଦ ଦୋରା , ତହସିଲଦାର ଦେବବ୍ରତ ମହାରଣା, ବରିଷ୍ଠ ନାଗରିକ ଗୋପାଳକୃଷ୍ଣ ବେବର୍ତ୍ତା, ସେକ ଗୋଫୁର, ଭଗବାନ ମୁଦୁଲି, ଶହୀଦ ଲକ୍ଷ୍ମଣ ନାୟକ ଆଦିବାସୀ ସଂଘ ସଭାପତି ଭଗବାନ ପେଟିଆ, ସାମାଜିକ କର୍ମୀ ମୁନା ଦଳପତି, ସୂର୍ଯ୍ୟନାରାୟଣ ଖେମୁଣ୍ଡୁ, ବିଜେପି ନେତା ଜୟରାମ ଭୋଇ, ଯୁବନେତା ପ୍ରଭାତ ଗୁରୁମାଇ, ଗଣେଶ ଖିଲ, ସୁରେଶ୍ ଡଙ୍ଗାୟତ, ସୁନିଲ କୁମାର ସାହୁ, ଅରୁଣ ପାଣ୍ଡିଆଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ। ଦଳିତ ସେବା ସମିତି ପକ୍ଷରୁ ବ୍ଲକ୍‌ର ଗରିବ ଅସହାୟ ବୁଢ଼ାବୁଢ଼ିଙ୍କୁ ଶୀତବସ୍ତ୍ର ପ୍ରଦାନ କରାଯାଇଥିଲା।

**ନବରଙ୍ଗପୁର :** ନବରଙ୍ଗପୁର ମହିଳା ସ୍ନାତକ ମହାବିଦ୍ୟାଳୟରେ "ସମ୍ବିଧାନ ଦିବସ" ଜାତୀୟସେବା ଯୋଜନା ଏବଂ ଯୁବ ରେଡ୍‌କ୍ରସର ସଂଯୁକ୍ତ ଆୟୋଜନରେ ପାଳିତ ହୋଇଥିଲା। ମହାବିଦ୍ୟାଳୟର ଅଧକ୍ଷା ମାଲେଶ୍ୱରୀ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲା କୋର୍ଟର ଲିଗାଲ ଏଡ୍ ସେକ୍ରେଟାରୀ ଶାଶ୍ୱତୀ ମିଶ୍ର ସମ୍ବିଧାନର ପ୍ରସ୍ତାବନାର ପ୍ରତ୍ୟେକ ଶବ୍ଦର ଗୁରୁତ୍ୱକୁ ସହଜରେ ବ୍ୟାଖ୍ୟା କରିଥିଲେ। ନବରଙ୍ଗପୁର ଜିଲ୍ଲା ବାର ଅସୋସିଏସନର ସଭାପତି ସିରାଜୁଦ୍ଦିନ ଅହମଦ, ଉପସଭାପତି ସଦାଶିବ ସାହୁ ଉପସ୍ଥିତ ଥାଇ ଛାତ୍ରୀମାନଙ୍କ ମଧ୍ୟରେ ସମ୍ବିଧାନ ସଚେତନତା ବିକାଶ, ଏବଂ ଦୈନନ୍ଦିନ ଜୀବନରେ ସମ୍ବିଧାନର ମୂଲ୍ୟବୋଧକୁ କାର୍ଯ୍ୟକାରୀ କରିବା ଉପରେ ଆଲୋକପାତ କରିଥିଲେ। ଆସିଷ୍ଟାଣ୍ଟ କାଉନ୍‌ସେଲର ରାଜକିଶୋର ନାଗ, ପାନେଲ ଲୟର କିଶୋରୀ ପଟ୍ଟନାୟକ ଛାତ୍ରୀମାନଙ୍କୁ ସମ୍ବିଧାନର ମୁଖବନ୍ଧ-ଶପଥ ପାଠ କରାଇଥିଲେ। ଏହାର ଗୁରୁତ୍ୱ ବିଷୟରେ ଉପସ୍ଥାପନା କରିଥିଲେ। କାର୍ଯ୍ୟକ୍ରମଟିକୁ ରାଜନୀତି ବିଭାଗର ବିଭାଗୀୟ ମୁଖ୍ୟ ନୃପେନ୍ଦ୍ର ନାଥ ଖୋସଲା ପରିଚାଳନା କରିଥିଲେ। ଶେଷରେ ଡ. ଏମ୍. ରୋହିଣୀ ରାଣୀ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ବିନୋଦ ବିହାରୀ ପ୍ରଧାନ, ଡ. ସଂଯୁକ୍ତା ପଣ୍ଡା, ରଞ୍ଜୁଷା କୁମାରୀ ପ୍ରହରାଜ, ତାଇରା ବେଗମ, ସୁନିତା ପାତ୍ର, ଲକ୍ଷ୍ମୀକାନ୍ତ ସୌରା, ତାରାନୁମ୍ ଆରା ସହଯୋଗ କରିଥିଲେ।

**ରାୟଗଡ଼ା :** ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଗାୟତ୍ରୀ ନଗର, ରାୟଗଡା ଠାରେ ସମ୍ବିଧାନ ଦିବସ ଉତ୍ସବ ପାଳିତ ହୋଇଛି। କାର୍ଯ୍ୟକ୍ରମରେ ସ୍ଥାନୀୟ ନ୍ୟାୟାଳୟର ବରିଷ୍ଠ ଓକିଲ ତଥା ଭାରତୀୟ ମଜଦୁର ସଂଘର ପଦାଧିକାରୀ ଅରୁଣ କୁମାର ଲେଙ୍କା ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ଏଥି ସହିତ ବିଦ୍ୟାଳୟର ସହ ପ୍ରଧାନ ଆଚାର୍ଯ୍ୟା ମିନତୀ ନନ୍ଦ ଓ ବିଦ୍ୟାଳୟର ବରିଷ୍ଠ ଆଚାର୍ଯ୍ୟା ସଲୀଳା କୁମାରୀ ପଣ୍ଡା ଅତିଥି ରୂପେ ଯୋଗ ଦେଇଥିଲେ। ସହ ପ୍ରଧାନ ଆଚାର୍ଯ୍ୟା ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଶେଷରେ ବିଦ୍ୟାଳୟର ବରିଷ୍ଠ ଆଚାର୍ଯ୍ୟ ପ୍ରତାପ ବେହେରାଙ୍କ ପକ୍ଷରୁ ଧନ୍ୟବାଦ ପ୍ରଦାନ ପରେ କାର୍ଯ୍ୟକ୍ରମ ଶେଷ ହୋଇଥିଲା।










ସକାଳ
THE SAKALA

# ସମ୍ପାଦକୀୟ



ପ୍ରଗତି ପାଇଁ ଶିକ୍ଷା ହିଁ ଏକମାତ୍ର ମାଧ୍ୟମ। ତେଣୁ ପୁରୁଷ, ମହିଳା ନିର୍ବିଶେଷରେ ଏହା ସମସ୍ତଙ୍କୁ ଦିଆଯିବା ଉଚିତ।

-ଶ୍ରୀ ନାରାୟଣ ଗୁରୁ

## ପ୍ରତିଶ୍ରୁତି – ପ୍ରତାରଣା

ଧାନ ସଂଗ୍ରହକୁ ନେଇ ଚାଷୀ, ମିଲର ଓ ସରକାରଙ୍କ ମଧ୍ୟରେ ଚାଲିଥିବା ଟଣାଓଟରାରୁ ପରିଲକ୍ଷିତ ଅବ୍ୟବସ୍ଥା ବାରି ହୋଇପଡୁଛି। ଧାନ ବିକ୍ରି ପାଇଁ ନାମ ପଞ୍ଜିକରଣ କରିଥିବା ଚାଷୀଙ୍କ ସଂଖ୍ୟା ୧୯ ଲକ୍ଷକୁ ବୃଦ୍ଧି ପାଇଛି। ସେହି ଅନୁପାତରେ ସରକାର ମଧ୍ୟ ଧାନ ସଂଗ୍ରହ ଲକ୍ଷ୍ୟ ବଢ଼ାଇଛନ୍ତି। କିନ୍ତୁ ଅସଲରେ ଧାନର ସୁରକ୍ଷିତ ଭଣ୍ଡାରଣର ଅଭାବ ପରିସ୍ଥିତିକୁ ଜଟିଳ କରିଛି। ସରକାର ଏହି ଦାୟିତ୍ୱ ମିଲରଙ୍କୁ ଦେଇ ନିଶ୍ଚିନ୍ତ ହୋଇ ପଡ଼ିଥିବା ବେଳେ ସେମାନେ ଏବେ ହାତ ଟେକି ଦେଇଛନ୍ତି। ଡିସେମ୍ବର ୨୫ ରୁ ଖରିଫ ବିପଣନ ଋତୁ ଆରମ୍ଭ ହେବ ବୋଲି ସରକାରୀ ସ୍ତରରେ ଘୋଷଣା କରାଯାଇଥିବା ବେଳେ ସମ୍ବଲପୁର ଓ ବରଗଡ଼ ଚାଷୀଙ୍କ ଚାପର ବଶବର୍ତ୍ତୀ ହୋଇ ସେଠାରେ ଆସନ୍ତା ୨୮ ରୁ ଧାନ ସଂଗ୍ରହ ହେଉଥିବାର ସୂଚନା ମିଳିଛି। ଅଥଚ ମିଲର ସଂଘ ଧାନ ସଂଗ୍ରହ ପ୍ରକ୍ରିୟାରୁ ଦୂରେଇ ରହିବ ବୋଲି ସ୍ପଷ୍ଟ କରିଦେଇଛି। ସେମାନଙ୍କ ଦାବି ମଧ୍ୟ ଅଯୌକ୍ତିକ ନୁହେଁ।

ଏବେ ମୁଖ୍ୟ ସମସ୍ୟା ହେଉଛି ଭାରତ ଖାଦ୍ୟ ନିଗମ ରାଜ୍ୟରୁ ଚାଉଳ ଉଠାଇ ନଥିବାରୁ ମିଲରଙ୍କୁ ବଳକା ଚାଉଳ ବୋଝ ହୋଇପଡ଼ିଛି। ଏହି ସମସ୍ୟା ଆଜିର ନୁହେଁ। କେନ୍ଦ୍ରର ଅସହଯୋଗ ଯୋଗୁଁ ପୂର୍ବ ସରକାର ମଧ୍ୟ ଅନୁରୂପ ପରିସ୍ଥିତିର ସମ୍ମୁଖୀନ ହୋଇଥିଲେ। ସରକାରଙ୍କୁ କଠୋର ସମାଲୋଚନା କରୁଥିବା ତତ୍କାଳୀନ ବିରୋଧୀ ଦଳ ଏବେ କ୍ଷମତାରେ। ଏବେ ତ ଡବଲ ଇଞ୍ଜିନ ସରକାର। ଅସୁବିଧା କେଉଁଠି? କେନ୍ଦ୍ର ମନ୍ତ୍ରୀ ପ୍ରହ୍ଲାଦ ଯୋଶୀଙ୍କ ପ୍ରତିଶ୍ରୁତି ସତ୍ତ୍ୱେ ଖାଦ୍ୟ ନିଗମର ସେଭଳି ସକ୍ରିୟତା ଅନୁଭୂତ ହେଉନଥିବାରୁ ସମସ୍ୟା ଯେଉଁଠି ଥିଲା ସେହିଠି ଅଟକି ରହିଛି। ପରିସ୍ଥିତି ଏପରି ହୋଇଛି ଯେ ଏପର୍ଯ୍ୟନ୍ତ ଗତ ଖରିଫ ଋତୁରେ ସଂଗୃହୀତ ଧାନର ମିଲିଂ ସରିନି। ଅଥଚ ରବି ଋତୁ ଧାନ ଆସି ମିଲରେ ଗଦା ହୋଇପଡ଼ିଛି। ଧାନ ମିଲିଂ ହୋଇଗଲେ ଚାଉଳ ଅଧିକ ଦିନ ମହଜୁଦ କରିବା ସମ୍ଭବ ନୁହେଁ। ନଷ୍ଟ ହୋଇଯିବାର ସ୍ଥିତିକୁ ଦୃଷ୍ଟିରେ ରଖି ମିଲର ଉଦ୍ଦେଶ୍ୟମୂଳକ ଭାବେ ଏଦିଗରେ ବିଳମ୍ବିତ ପ୍ରକ୍ରିୟାକୁ ଆଦରି ନେଇଛନ୍ତି। ତେବେ ଏବର ସମସ୍ୟା ହେଲା, ମିଲର କେଉଁଠି କେତେ ବା ଧାନ ଭଣ୍ଡାରଣ କରି ରଖିବ? ଅନ୍ୟପକ୍ଷରେ ଗଚ୍ଛିତ ଧାନର ରକ୍ଷଣାବେକ୍ଷଣା ପାଇଁ ସରକାର କ୍ୱିଣ୍ଟାଲ ପିଛା ୭.୨୦ ଟଙ୍କା ଦେବାର ପ୍ରାବଧାନ ଥିଲେ ମଧ୍ୟ ଗତ ଦୁଇବର୍ଷ ଧରି ସେମାନଙ୍କୁ ଏବାବଦ ଅର୍ଥ ମିଳିନି। ସେହିଭଳି କଷ୍ଟମ ମିଲିଂ ଦର ବୃଦ୍ଧି ପ୍ରତିଶ୍ରୁତି ଋତୁ ପରେ ଋତୁ ଅତିକ୍ରମ କରୁଥିଲେ ମଧ୍ୟ ତାହା ମିଳୁ ନାହିଁ। ଚାଷୀଙ୍କ ପକ୍ଷରୁ ଧାନ ସଂଗ୍ରହ ବେଳେ କଟନୀ ଛଟନୀ ଅଭିଯୋଗ କିଛି ନୂଆ ନୁହେଁ। ସରକାର ଓ ମିଲରଙ୍କ ଏହି ସଲାସୁତୁରାକୁ ଓଲଟାଇ ଦେଇଛନ୍ତି ସମବାୟ ମନ୍ତ୍ରୀ। ବିଚିତ୍ର କଥା, କଟନୀ ଛଟନୀ କରି କ'ଣ ଚାଷୀ ନିଜ ଗୋଡ଼ରେ କୁରାଢ଼ୀ ଚୋଟ ମାରୁଛି?

ଏହି ବିବାଦର ମୂଳ ମଞ୍ଜି ହେଉଛି ଖାଦ୍ୟ ନିଗମର ଅସହଯୋଗିତା। କେନ୍ଦ୍ର ସରକାରଙ୍କ ବିନା ଇଙ୍ଗିତରେ କ'ଣ ଏହା ଚାଲିଛି? କେନ୍ଦ୍ର ମନ୍ତ୍ରୀଙ୍କ ପ୍ରତିଶ୍ରୁତି ସତ୍ତ୍ୱେ ଚାଉଳ ଉଠୁନି। ଖାଦ୍ୟ ନିଗମକୁ ଉଦ୍ଦେଶ୍ୟମୂଳକ ଭାବେ ଦୁର୍ବଳ କରି ସଂପୂର୍ଣ୍ଣ ରୂପେ ବାଦ କରିଦେବାର ଉପକ୍ରମ ଆରମ୍ଭ ହୋଇଛି। ପ୍ରତ୍ୟାହତ ହୋଇଥିବା କୃଷି ବିଲରୁ ସ୍ପଷ୍ଟ ଯେ ସଂଗ୍ରହ ଓ ବିପଣନ ଦାୟିତ୍ୱ ଘରୋଇ ସଂସ୍ଥା ହାତକୁ ଟେକି ଦିଆଯାଇଥା'ନ୍ତା। ତାହା ହିଁ ଆଗକୁ ହେବ।

## ଟ୍ରମ୍ପଙ୍କ ପ୍ରଭାବ ହ୍ରାସ

ବିକଶିତ ଓ ବିକାଶଶୀଳ ରାଷ୍ଟ୍ରଙ୍କ ମଧ୍ୟରେ ମତ ବିନିମୟ, ପାରସ୍ପରିକ ବୁଝାମଣା ଓ ଆର୍ଥିକ ସହଯୋଗିତାର ସର୍ବବୃହତ୍ ମଞ୍ଚ ଜି – ୨୦। ଦକ୍ଷିଣ ଆଫ୍ରିକାର ଜୋହାନ୍ସବର୍ଗରେ ଅନୁଷ୍ଠିତ ଶିଖର ସମ୍ମିଳନୀକୁ ପରବର୍ତ୍ତୀ ଅଧ୍ୟକ୍ଷ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ବାସନ୍ଦ ଓ ଅନୁପସ୍ଥିତି ସେପରି ପ୍ରଭାବିତ କରିପାରିନାହିଁ। ସମ୍ମିଳନୀରେ ଯୋଗଦେଇଥିବା ବିଶ୍ୱ ପ୍ରମୁଖ ନେତୃତ୍ୱଙ୍କ ଟ୍ରମ୍ପଙ୍କ ପ୍ରତି ମନୋଭାବରେ ପରିଲକ୍ଷିତ ବିଦ୍ୱେଷ ବାରି ହୋଇପଡ଼ିଥିଲା। ସତେଯେମିତି କିଛି ଘଟିନି। ପ୍ରତିକ୍ରିୟାଶୂନ୍ୟ ପରିବେଶରେ ଦକ୍ଷିଣ ଆଫ୍ରିକାର ରାଷ୍ଟ୍ରପତି ସିରିଲ ରାମାଫୋସାଙ୍କ ଅଧ୍ୟକ୍ଷତାରେ ନିବାଧା ଓ ନିର୍ବିଘ୍ନରେ ସମ୍ମିଳନୀ ଉଦ୍‌ଘାଟନ ଓ ଉଦ୍‌ଯାପନ ହୋଇଥିଲା। ଏପରିକି ଜାରି ହୋଇଥିବା ଘୋଷଣାନାମାକୁ ନିରଙ୍କୁଶ ସମର୍ଥନ ମିଳିଥିଲା।

ସମ୍ମିଳନୀର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଦିଗ ହେଲା, ଜି – ୨୦ ର ପରବର୍ତ୍ତୀ ଅଧ୍ୟକ୍ଷ ଆମେରିକାକୁ ଅନୁଷ୍ଠାନିକ ଗାବେଲ୍ ପ୍ରଦାନ କରାଯାଇନାହିଁ। ଅନୁପସ୍ଥିତ ରାଷ୍ଟ୍ରପତି ଟ୍ରମ୍ପ ସମ୍ମିଳନୀର ଗୁରୁତ୍ୱ ଦୃଷ୍ଟିରୁ ଜଣେ ପ୍ରତିନିଧିସ୍ତରୀୟ ନେତାଙ୍କୁ ଯୋଗଦେବା ପାଇଁ ପଠାଇବାର ସର୍ବନିମ୍ନ ସୌଜନ୍ୟ ମଧ୍ୟ ରକ୍ଷା କରି ନାହାନ୍ତି। ତେଣୁ ଆମେରିକା ଦୂତାବାସର ଜଣେ କନିଷ୍ଠ ଅଧିକାରୀଙ୍କୁ ଗାବେଲ୍ ହସ୍ତାନ୍ତର କରିବାକୁ ରୋକଠୋକ ମନା କରିଦେଇଥିଲେ ରାମାଫୋସା। ଦକ୍ଷିଣ ଆଫ୍ରିକା ବୈଦେଶିକ ମନ୍ତ୍ରୀ ଏକ ସ୍ପଷ୍ଟୀକରଣରେ କହିଛନ୍ତି ଯେ ଗାବେଲ ହସ୍ତାନ୍ତର ପାଇଁ ଆଉ ଔପଚାରିକ କାର୍ଯ୍ୟକ୍ରମ ହେବ ନାହିଁ। ଆମେରିକା ଚାହିଁଲେ ବିଦେଶ ମନ୍ତ୍ରାଳୟରୁ ଗାବେଲ ସହ ଜି-୨୦ କାଗଜପତ୍ର ନେଇପାରିବ। ଏଭଳି ଏକ ସର୍ବବୃହତ ଆନ୍ତର୍ଜାତିକ ଫୋରମରେ ଔପଚାରିକ ଦାୟିତ୍ୱ ହସ୍ତାନ୍ତରକୁ ନେଇ ଯାହା ଘଟିଗଲା ତାହାର ଔଚିତ୍ୟ ନେଇ ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇପାରେ। ହ୍ୱାଇଟ ହାଉସ ଉପସଚିବ ଆନ୍ନା କେଲି କହିଛନ୍ତି ଯେ ଜି-୨୦ ଗାବେଲ୍ ହସ୍ତାନ୍ତର ନକରି ଦକ୍ଷିଣ ଆଫ୍ରିକା ଭୁଲ କରିଛି। ଏଥିରୁ ସ୍ପଷ୍ଟ ଯେ ଆମେରିକା ଏହି ଘଟଣାରେ କ୍ଷୁବ୍ଧ। କିଏ ଭୁଲ, କିଏ ଠିକ୍ ତାହା ତ ଭିନ୍ନ କଥା। ତେବେ ଟ୍ରମ୍ପଙ୍କୁ ନେଇ ଅସନ୍ତୁଷ୍ଟ କାନାଡ଼ାର ପ୍ରଧାନମନ୍ତ୍ରୀ ମାର୍କ କାର୍ଣ୍ଣେଙ୍କ ପ୍ରତିକ୍ରିୟା ଉପସ୍ଥିତ ନେତୃବର୍ଗଙ୍କ ମଧ୍ୟରେ ନୂଆ ଚମକ ସୃଷ୍ଟି କରିଥିଲା। ଆମେରିକାକୁ ବାଦ ଦେଇ ଅବଶିଷ୍ଟ ବିଶ୍ୱ ସଂପର୍କରେ ଚିନ୍ତା କରିବାର ସମୟ ଏବେ ଉପସ୍ଥିତ। ବିଶ୍ୱ ଅର୍ଥନୀତି ଏବେ କଡ଼ ଲେଉଟାଉ ଥିବାବେଳେ ଆମର ଦୃଷ୍ଟିଭଙ୍ଗୀ ବଦଳିବା ଉଚିତ ବୋଲି ତାଙ୍କର ଅନମନୀୟ ଉଚ୍ଚାରଣ ପ୍ରତି ବହୁ ରାଷ୍ଟ୍ରନେତାଙ୍କ ସମର୍ଥନ ଥିବା ଭଳି ମନେ ହୋଇଥିଲା। ସମ୍ମିଳନୀ ପ୍ରେକ୍ଷାପଟରେ ଭାରତ, ଅଷ୍ଟ୍ରେଲିଆ ଓ କାନାଡ଼ା ମଧ୍ୟରେ ବୈଷୟିକ ସହଯୋଗର କ୍ଷେତ୍ର ପ୍ରସ୍ତୁତି ଏବଂ ଭାରତ–କାନାଡ଼ା ମଧ୍ୟରେ ୭୦ ବିଲିୟନ ଡଲାର ବାଣିଜ୍ୟର ଭିତ୍ତିଭୂମି ପ୍ରତିଷ୍ଠା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ।

ୟୁକ୍ରେନ ଓ ରୁଷ ମଧ୍ୟରେ ସନ୍ଧି ପାଇଁ ଟ୍ରମ୍ପ ଯେଉଁ ୨୮ ସୂତ୍ରୀ ଶାନ୍ତି ପ୍ରସ୍ତାବ ରଖିଛନ୍ତି ତାହାକୁ ନେଇ ମଧ୍ୟ ୟୁରୋପରେ ବିବାଦ ମୁଣ୍ଡ ଟେକିଛି। ପରୋକ୍ଷରେ ଏହା ୟୁକ୍ରେନର ଆତ୍ମସମର୍ପଣ। ଟ୍ରମ୍ପଙ୍କ ପକ୍ଷରୁ ଏଥିନେଇ ପଡୁଥିବା ଚାପ ବିରୋଧରେ ନିର୍ଦ୍ଧାରିତ ସମୟସୀମା ଶେଷ ହୋଇ ଆସୁଥିବା ବେଳେ ଟ୍ରମ୍ପ ବିରୋଧୀ ପ୍ରତିକ୍ରିୟା ଦିନକୁ ଦିନ ତୀବ୍ର ହେବାରେ ଲାଗିଛି।

## ସଂରକ୍ଷିତ ଜୈବମଣ୍ଡଳ: ପ୍ରକୃତି ସଂରକ୍ଷଣର ଅଭିନବ ପରିକଳ୍ପନା

**ଡକ୍ଟର ସୁନ୍ଦର ନାରାୟଣ ପାତ୍ର**

ସଂରକ୍ଷିତ ଜୈବମଣ୍ଡଳ ହେଉଛି ସାମାଜିକ ଓ ପରିବେଶଗତ ବ୍ୟବସ୍ଥା ମଧ୍ୟରେ ପାରସ୍ପରିକ ପ୍ରକ୍ରିୟାର ଏକ ପରିସଂସ୍ଥା, ଯେଉଁଥିରେ ଜୈବମଣ୍ଡଳ ଓ ପ୍ରାକୃତିକ ସମ୍ପଦର ଯଥୋଚିତ ପରିଚାଳନା ପାଇଁ ସ୍ଥାନୀୟ ସମ୍ପ୍ରଦାୟର ଅଂଶଗ୍ରହଣର ବ୍ୟବସ୍ଥା ରହିଛି। ଏହା ତିନୋଟି ଜୋନ୍ ବା ଅଞ୍ଚଳକୁ ନେଇ ଗଠିତ। ଯଥା କୋର୍, ବଫର ଓ ଟ୍ରାଞ୍ଜିସନ୍। କୋର୍ ଅଞ୍ଚଳ (କେନ୍ଦ୍ରାଞ୍ଚଳ) ବନ୍ୟ ପ୍ରାଣୀ ଓ ଜୈବବିବିଧତା, ଭୂଦୃଶ୍ୟ ଓ ପରିସଂସ୍ଥାର ସଂରକ୍ଷଣ ପାଇଁ କଡ଼ାକଡ଼ି ଭାବରେ ସୁରକ୍ଷିତ, ଗବେଷଣା କାର୍ଯ୍ୟକଳାପ ବ୍ୟତୀତ କୌଣସି ମାନବ ହସ୍ତକ୍ଷେପକୁ ଅନୁମତି ଦିଆଯାଏ ନାହିଁ। କୋର୍ ଅଞ୍ଚଳର ଚତୁଃପାର୍ଶ୍ୱ କିମ୍ବା ସଂଲଗ୍ନ ଅଞ୍ଚଳ ହେଉଛି ପେରିଫେରି ବା ବାହ୍ୟାଞ୍ଚଳ ଜୈବବିବିଧତା ସଂରକ୍ଷଣ, ସୁଦୃଢ଼ ପରିବେଶ ଅନୁକୂଳ ସୁସଙ୍ଗତ କାର୍ଯ୍ୟକଳାପ, ବୈଜ୍ଞାନିକ ଗବେଷଣା, ତଦାରଖ, ତାଲିମ ଓ ଶିକ୍ଷା ପାଇଁ ବ୍ୟବହୃତ ହୁଏ। ପେରିଫେରିର ବାହ୍ୟ ଅଞ୍ଚଳକୁ ଟ୍ରାଞ୍ଜିସନ୍ ବା ଉପବାହ୍ୟାଞ୍ଚଳ କୁହାଯାଏ, ଯେଉଁଠାରେ ସ୍ଥାନୀୟ ସମ୍ପ୍ରଦାୟ ସେମାନଙ୍କର ଆବଶ୍ୟକତା ପୂରଣ କରିବା ପାଇଁ ସାମାଜିକ-ସାଂସ୍କୃତିକ ଓ ପରିବେଶ ଅନୁକୂଳ କାର୍ଯ୍ୟକ୍ରମ କରିପାରିବେ, ଯାହା ସେମାନଙ୍କ ସ୍ଥାୟୀ ଆର୍ଥିକ ଓ ସାମାଜିକ ଜୀବନ ଅତିବାହିତ କରିବାକୁ ପ୍ରୋତ୍ସାହିତ କରିବାରେ ସହାୟକ ହେବ। କିନ୍ତୁ ବାଣିଜ୍ୟିକ ଉଦ୍ଦେଶ୍ୟ ସାଧନ ପାଇଁ ନୁହେଁ। ଏଠାରେ ପାରମ୍ପରିକ ପ୍ରାକୃତିକ ସମ୍ପଦ-ଭିତ୍ତିକ ଆର୍ଥିକ କାର୍ଯ୍ୟକଳାପ ଓ କୁଟୀର ଶିଳ୍ପର ପରିସର ଯଥେଷ୍ଟ ରହିଛି। ପେରିଫେରି ଓ ଟ୍ରାଞ୍ଜିସନ୍ କ୍ଷେତ୍ର ଉଭୟରେ ପ୍ରତିବନ୍ଧିତ ପର୍ଯ୍ୟଟନକୁ ଅନୁମତି ଦିଆଯାଇପାରେ। ସଂରକ୍ଷିତ ଜୈବମଣ୍ଡଳର ମୂଳ ଉଦ୍ଦେଶ୍ୟ ହେଉଛି ସ୍ଥାନୀୟ ସମ୍ପ୍ରଦାୟଗୁଡ଼ିକୁ ଟ୍ରାଞ୍ଜିସନ୍ ଜୋନ୍‌ରେ ସେମାନଙ୍କର ଜୀବିକା ଅର୍ଜନ କରିବାକୁ ସକ୍ଷମ କରିବା ପାଇଁ ସୁଯୋଗ ସୃଷ୍ଟି କରିବା, ଯାହା ଦ୍ୱାରା ସେମାନଙ୍କୁ ବନ୍ୟପ୍ରାଣୀଙ୍କ ସହିତ ନିଜ ଜୀବନକୁ ବିପଦରେ ପକାଇ କୋର୍ ଅଞ୍ଚଳରେ ପ୍ରବେଶ କରିବାକୁ ପଡ଼ିବ ନାହିଁ। ଏହି ଜୋନରେ ବିକଳ୍ପ ଜୀବିକା, ପରିବେଶ-ବିକାଶ କାର୍ଯ୍ୟକଳାପ ଏବଂ ସ୍ଥାୟୀ ସମ୍ବଳ ପରିଚାଳନାକୁ ପ୍ରୋତ୍ସାହିତ କରି ଏହି ଯୋଜନା ମୁଖ୍ୟ ବନ୍ୟପ୍ରାଣୀ ଘନ କୋର ଜୋନ ଉପରେ ମାନବୀୟ ଚାପ ହ୍ରାସ କରିବାରେ ସାହାଯ୍ୟ କରେ।

ବନ୍ୟଜୀବ ସଂରକ୍ଷଣ ଓ ପରିସଂସ୍ଥୀୟ ସନ୍ତୁଳନ ବଜାୟ ରଖିବା ପାଇଁ ପ୍ରକୃତିର ସୁରକ୍ଷା ଅତ୍ୟନ୍ତ ଜରୁରୀ। ଜାତୀୟ ବନ୍ୟଜୀବ ଉଦ୍ୟାନ, ବନ୍ୟଜୀବ ଅଭୟାରଣ୍ୟ ଓ ଜୈବମଣ୍ଡଳ ସଂରକ୍ଷଣ ଭଳି ସଂରକ୍ଷିତ କ୍ଷେତ୍ରଗୁଡ଼ିକୁ ସେମାନଙ୍କର ପ୍ରାକୃତିକ ପରିସଂସ୍ଥାରେ ଜୈବବିବିଧତାକୁ ସୁରକ୍ଷା ଦେବା ପାଇଁ ସାରା ବିଶ୍ୱରେ ସୃଷ୍ଟି କରାଯାଇଛି। ତଥାପି, ଅନେକ ସମୟରେ ଏହି ଯୋଜନାଗୁଡ଼ିକର ପରିସର ଅସ୍ପଷ୍ଟ। ଏହି ତିନୋଟି ବନ୍ୟଜୀବ ସଂରକ୍ଷଣ ଯୋଜନାର ମୂଳ ଲକ୍ଷ୍ୟ ହେଉଛି ବନ୍ୟଜୀବ ଓ ପ୍ରକୃତି ସଂରକ୍ଷଣ କରିବା। ତେବେ ପ୍ରତ୍ୟେକଟିର ନୀତି, ନିୟମ ଓ କାର୍ଯ୍ୟକଳାପରେ ଭିନ୍ନତା ରହିଛି। ଜାତୀୟ ଉଦ୍ୟାନରେ କଠୋର ନିୟମ ରହିଥିବା ବେଳେ ଅଭୟାରଣ୍ୟରେ ଏହି ନିୟମ କୋହଳ। ଯଥା ପାରମ୍ପରିକ କୃଷି, ଜୈବିକ କୃଷି, ବନ୍ୟଜାତ କାଠ, ପତ୍ର, ପୁଷ୍ପ, ଫଳ, ମୂଳ, ମହୁ ଇତ୍ୟାଦି ସଂଗ୍ରହ କରିବା ସମେତ ସୀମିତ ମାନବ କାର୍ଯ୍ୟକଳାପକୁ ଅନୁମତି ଦିଆଯାଏ। ସଂରକ୍ଷିତ ଜୈବମଣ୍ଡଳରେ ଆଉ ପାଦେ ଆଗକୁ ଯାଇ ସ୍ଥାନୀୟ ସମ୍ପ୍ରଦାୟଙ୍କ ଅଂଶଗ୍ରହଣ ମାଧ୍ୟମରେ ପ୍ରକୃତି ସଂରକ୍ଷଣ ସହିତ ସ୍ଥାୟୀ ଆର୍ଥିକ ବିକାଶକୁ ପ୍ରୋତ୍ସାହନ ଦେବା।

ସେପ୍ଟେମ୍ବର ୨୦୨୫ ସୁଦ୍ଧା ବିଶ୍ୱର ସମସ୍ତ ଅଞ୍ଚଳରେ ଅବସ୍ଥିତ ୧୪୨ଟି ଦେଶରେ (୨୫ ଟି ଆନ୍ତଃସୀମା ସ୍ଥାନ ସହିତ) ୭୮୪ ଟି ସଂରକ୍ଷିତ ଜୈବମଣ୍ଡଳ ନେଟୱାର୍କରେ ଅନ୍ତର୍ଭୁକ୍ତ ଅଛି। ଭାରତରେ ମୋଟ ୧୮ ଟି ଏଭଳି ଅଞ୍ଚଳ ରହିଛି। ନୀଳଗିରି ସଂରକ୍ଷିତ ଜୈବମଣ୍ଡଳ(ନୀଳଗିରିର ନୀଳ ପର୍ବତମାଳା- ତାମିଲନାଡୁ, କର୍ଣ୍ଣାଟକ ଓ କେରଳରେ ବିସ୍ତାରିତ) ହେଉଛି ଭାରତର ପ୍ରଥମ ସଂରକ୍ଷିତ ଜୈବମଣ୍ଡଳ, ଯାହା ୧୯୮୬ ମସିହାରେ ପ୍ରତିଷ୍ଠିତ ହୋଇଥିଲା। ଅନ୍ୟ ସଂରକ୍ଷିତ ଜୈବମଣ୍ଡଳଗୁଡ଼ିକ ହେଉଛି ନନ୍ଦା ଦେବୀ(ଉତ୍ତରାଖଣ୍ଡ, ୧୯୮୮ ମସିହାରେ ପ୍ରତିଷ୍ଠିତ), ନୋକ୍ରେକ (ମେଘାଳୟ, ୧୯୮୮ରେ ପ୍ରତିଷ୍ଠିତ), ମନ୍ନାର ଉପସାଗର (ତାମିଲନାଡୁ, ୧୯୮୯ ରେ ପ୍ରତିଷ୍ଠିତ), ସୁନ୍ଦରବନ (ପଶ୍ଚିମବଙ୍ଗ, ୧୯୮୯ ରେ ପ୍ରତିଷ୍ଠିତ), ମାନସ (ଆସାମ, ୧୯୮୯ ରେ ପ୍ରତିଷ୍ଠିତ), ଗ୍ରେଟ ନିକୋବର (ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ, ୧୯୮୯ରେ ପ୍ରତିଷ୍ଠିତ), ଶିମିଳିପାଳ (ଓଡ଼ିଶା, ୧୯୯୪ ରେ ପ୍ରତିଷ୍ଠିତ), ଦିବ୍ରୁ ସାଇଖୋୱା (ଆସାମ, ୧୯୯୭ରେ ପ୍ରତିଷ୍ଠିତ), ଦିହାଙ୍ଗ-ଦିବାଙ୍ଗ (ଅରୁଣାଞ୍ଚଳ ପ୍ରଦେଶ, ୧୯୯୮ରେ ପ୍ରତିଷ୍ଠିତ), ପଚମାଢ଼ି (ମଧ୍ୟପ୍ରଦେଶ, ୧୯୯୯ରେ ପ୍ରତିଷ୍ଠିତ), ଖଙ୍ଗଚେଣ୍ଡଜୋଙ୍ଗା (ସିକିମ, ୨୦୦୦ରେ ପ୍ରତିଷ୍ଠିତ), ଅଗସ୍ତ୍ୟମାଳା (କେରଳ ଓ ତାମିଲନାଡୁ, ୨୦୦୧ରେ ପ୍ରତିଷ୍ଠିତ), ଆଚନକମାର-ଅମରକଣ୍ଟକ (ମଧ୍ୟପ୍ରଦେଶ ଓ ଛତିଶଗଡ଼, ୨୦୦୫ରେ ପ୍ରତିଷ୍ଠିତ), ଗ୍ରେଟ୍ ରନ ଅଫ୍ କଚ୍ଛ (ଗୁଜରାଟ, ୨୦୦୮ ର ପ୍ରତିଷ୍ଠିତ), କୋଲ୍ଡ ଡେଜର୍ଟ (ହିମାଚଳ ପ୍ରଦେଶ, ୨୦୦୯ରେ ପ୍ରତିଷ୍ଠିତ), ଶେଷାଚଲମ (ଆନ୍ଧ୍ରପ୍ରଦେଶ, ୨୦୧୦ରେ ପ୍ରତିଷ୍ଠିତ) ଏବଂ ପାନ୍ନା (ମଧ୍ୟପ୍ରଦେଶ, ୨୦୧୧ରେ ପ୍ରତିଷ୍ଠିତ)। ଏହି ସଂରକ୍ଷିତ ଜୈବମଣ୍ଡଳଗୁଡ଼ିକ ପର୍ବତ ଓ ଜଙ୍ଗଲଠାରୁ ଉପକୂଳ ଓ ଦ୍ୱୀପପୁଞ୍ଜ ପର୍ଯ୍ୟନ୍ତ ବିବିଧ ଭୂଦୃଶ୍ୟରେ ବିସ୍ତାରିତ, ଯାହା ଭାରତର ପରିବେଶଗତ ସମୃଦ୍ଧି ଓ ସ୍ଥାନୀୟ ସମ୍ପ୍ରଦାୟକୁ ସମର୍ଥନ କରିବା ସହିତ ଜୈବ ବିବିଧତା ସଂରକ୍ଷଣ ପ୍ରତି ପ୍ରତିଶ୍ରୁତିବଦ୍ଧତାକୁ ପ୍ରଦର୍ଶନ କରେ।

ସାରା ବିଶ୍ୱରେ ୨୬ କୋଟିରୁ ଅଧିକ ଲୋକ ଜୈବମଣ୍ଡଳ ସଂରକ୍ଷିତ ଅଞ୍ଚଳରେ ବାସ କରନ୍ତି। ମୋଟାମୋଟି ଭାବରେ ଏହି ସ୍ଥାନଗୁଡ଼ିକ ୭ ନିୟୁତ ବର୍ଗ କିଲୋମିଟରରୁ ଅଧିକ ଅଞ୍ଚଳକୁ ସୁରକ୍ଷା ଦିଏ, ଯାହା ଅଷ୍ଟ୍ରେଲିଆର ଆକାର ସହିତ ପ୍ରାୟ ସମାନ। ଭାରତର ୧୮ ଟି ସଂରକ୍ଷିତ ଜୈବମଣ୍ଡଳ ଅଞ୍ଚଳ ପ୍ରାୟ ୯୧, ୪୨୫ ବର୍ଗ କିଲୋମିଟର ପର୍ଯ୍ୟନ୍ତ ବ୍ୟାପ୍ତ, ଯେଉଁଥିରୁ ୧୩ ଟି ୟୁନେସ୍କୋର ୱାର୍ଲ୍ଡ ନେଟୱାର୍କ ଅଫ୍ ବାୟୋସ୍ଫିୟର ରିଜର୍ଭ ଦ୍ୱାରା ସ୍ୱୀକୃତିପ୍ରାପ୍ତ। ଭାରତରେ ଅନେକ ଜାତୀୟ ଯୋଜନା ସଂରକ୍ଷିତ ଜୈବମଣ୍ଡଳ ଉଦ୍ଦେଶ୍ୟ ସହିତ ସମନ୍ୱୟରେ କାର୍ଯ୍ୟ କରେ, ଯାହା ଆବାସସ୍ଥାନ ସଂରକ୍ଷଣ, ସ୍ଥାୟୀ ସମ୍ବଳ ବ୍ୟବହାର ଓ ସାମୁଦାୟିକ ବିକାଶରେ ସାମୂହିକ ଭାବରେ ଯୋଗଦାନ ଦିଏ। ଏଥିମଧ୍ୟରୁ କିଛି ହେଉଛି ପ୍ରୋଜେକ୍ଟ ଟାଇଗର ବା ବ୍ୟାଘ୍ର ପ୍ରକଳ୍ପ, ପ୍ରୋଜେକ୍ଟ ଏଲିଫ୍ୟାଣ୍ଟ ବା ହସ୍ତୀ ପ୍ରକଳ୍ପ। ୨୦୨୨ ମସିହାରେ ସର୍ବଶେଷ ଅଖିଳ ଭାରତୀୟ ବ୍ୟାଘ୍ର ଆକଳନ ଅନୁଯାୟୀ, ଭାରତରେ ୩,୬୮୨ ରୁ ଅଧିକ ବାଘ ଅଛନ୍ତି, ଯାହା ବିଶ୍ୱର ୭୫%। ଦେଶରେ ସବୁଠାରୁ ଅଧିକ ସଂଖ୍ୟକ ୨୭, ୩୧୨ ବନ୍ୟ ଏସୀୟ ହାତୀ ଅଛନ୍ତି। ଏହା ବିଶ୍ୱର ବନ୍ୟ ଏସୀୟ ହାତୀ ଜନସଂଖ୍ୟାର ପ୍ରାୟ ୫୫%।

ମୁଖ୍ୟ କଥା ହେଉଛି, ଭାରତ ଏହି ମହାନ ପ୍ରାଣୀମାନଙ୍କର ସୁରକ୍ଷା ଓ ସଂରକ୍ଷଣ ପାଇଁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛି। ୧୯୭୩ ମସିହାରେ ଆରମ୍ଭ ହୋଇଥିବା ପ୍ରୋଜେକ୍ଟ ଟାଇଗର, ୧୯୯୨ ମସିହାରେ ଆରମ୍ଭ ହୋଇଥିବା ପ୍ରୋଜେକ୍ଟ ଏଲିଫ୍ୟାଣ୍ଟ ହେଉଛି ଏହି ମହାନ ବନ୍ୟପ୍ରାଣୀଙ୍କ ପ୍ରାକୃତିକ ବାସସ୍ଥାନରେ ଦୀର୍ଘକାଳୀନ ବଞ୍ଚିବା ସୁନିଶ୍ଚିତ କରିବା ପାଇଁ ଲକ୍ଷ୍ୟ ରଖାଯାଇଥିବା ପ୍ରମୁଖ ପଦକ୍ଷେପ। ଅନ୍ୟ ଯୋଜନାଗୁଡ଼ିକ ହେଉଛି ସମନ୍ୱିତ ବନ୍ୟପ୍ରାଣୀ ବାସସ୍ଥାନ ବିକାଶ ଯୋଜନା, ଜାତୀୟ ଜୈବ ବିବିଧତା କାର୍ଯ୍ୟ ଯୋଜନା, ପରିବେଶ-ସମ୍ବେଦନଶୀଳ କ୍ଷେତ୍ର ଏବଂ ବନ୍ୟଜୀବ କରିଡର, ସବୁଜ ଭାରତ ମିଶନ ଇତ୍ୟାଦି। ଜୁଲାଇ ୨୦୨୪ରେ, ୟୁନେସ୍କୋ ଦକ୍ଷିଣ ଆମେରିକାରୁ ୟୁରୋପ ଏବଂ ଏସିଆ ପର୍ଯ୍ୟନ୍ତ ୧୧ଟି ଦେଶରେ ଆଉ ୧୧ ଟି ନୂତନ ସଂରକ୍ଷିତ ଜୈବମଣ୍ଡଳକୁ ନାମିତ କରିଥିଲା। ୧୯୮୬ ରୁ ୨୦୧୧ ମଧ୍ୟରେ ଭାରତରେ ୧୮ଟି ସଂରକ୍ଷିତ ଜୈବମଣ୍ଡଳ ଅଧିସୂଚିତ କରାଯାଇଥିଲା। କିନ୍ତୁ ୨୦୧୧ ପରେ ଆଉ ଗୋଟିଏ ବି ଅଞ୍ଚଳ ତାଲିକାରେ ଯୋଡ଼ା ଯାଇନାହିଁ। ସଂରକ୍ଷିତ ଜୈବମଣ୍ଡଳ ଜାତୀୟ ସରକାରମାନଙ୍କ ଦ୍ୱାରା ମନୋନୀତ ହୋଇଥାଏ ଏବଂ ସେଗୁଡ଼ିକ ଯେଉଁ ରାଜ୍ୟମାନଙ୍କରେ ଅବସ୍ଥିତ ସେହି ରାଜ୍ୟଗୁଡ଼ିକର ସାର୍ବଭୌମ ଅଧିକାର ଅଧୀନରେ ରହିଥାଏ।

ଓଡ଼ିଶାର ମୟୂରଭଞ୍ଜ ଜିଲ୍ଲାର ଶିମିଳିପାଳରେ ଜୁନ୍ ୧୯୯୪ରେ ଭାରତର ଅଷ୍ଟମ ସଂରକ୍ଷିତ ଜୈବମଣ୍ଡଳ ପ୍ରତିଷ୍ଠା କରାଯାଇଥିଲା। ସରକାରଙ୍କ ଦ୍ୱାରା ନିଯୁକ୍ତ ଏକ ସ୍ୱତନ୍ତ୍ର କମିଟି ମହେନ୍ଦ୍ରଗିରିରେ ଆଉ ଏକ ସଂରକ୍ଷିତ ଜୈବମଣ୍ଡଳ ପ୍ରତିଷ୍ଠା କରିବାକୁ ସୁପାରିସ କରିସାରିଛି। ଆବଶ୍ୟକତା ଅନୁଯାୟୀ ଓଡ଼ିଶା ସରକାର ଭାରତ ସରକାରଙ୍କୁ ଏକ ଆନୁଷ୍ଠାନିକ ପ୍ରସ୍ତାବ ପଠାଇବାକୁ ପଡ଼ିବ। ଯଦି ମହେନ୍ଦ୍ରଗିରି ପର୍ବତମାଳାକୁ ସଂରକ୍ଷିତ ଜୈବମଣ୍ଡଳ ଟ୍ୟାଗ୍ ମିଳେ ତେବେ ଏହା ରାଜ୍ୟରେ ଦ୍ୱିତୀୟ ହେବ। ୧୯୭୨ ମସିହାରେ ୟୁନେସ୍କୋ 'ବିଶ୍ୱ ଐତିହ୍ୟ ସ୍ଥଳ' ନାମକ ଆଉ ଏକ ଯୋଜନା ଆରମ୍ଭ କରିଥିଲା, ଯେଉଁଥିରେ ପ୍ରାକୃତିକ ଐତିହ୍ୟ ସ୍ଥଳ ଅନ୍ତର୍ଭୁକ୍ତ ଥାଏ। ମହେନ୍ଦ୍ରଗିରି ମଧ୍ୟ ଏହି ଯୋଜନାରେ ଅନ୍ତର୍ଭୁକ୍ତ ହେବା ପାଇଁ ଯୋଗ୍ୟତା ହାସଲ କରିଛି। କେବଳ ଆନ୍ତରିକ ଉଦ୍ୟମ, ସୁପାରିସ ଓ ତାଲିକାରେ ସାମିଲ୍ ଘୋଷଣା ବାକି ରହିଛି।

(ସଭାପତି, ଓଡ଼ିଶା ପରିବେଶ ସମିତି)
ମୋ: ୯୭୭୭୮୦୦୪୦୮

## ସୃଜନଶୀଳ ବିନାଶ: ଅର୍ଥନୀତି, ଦର୍ଶନ ଓ ବିଜ୍ଞାନ

**ପ୍ରଫେସର ଗୌରୀଶଙ୍କର ତ୍ରିପାଠୀ**

୨୦୨୫ ମସିହାର ଅର୍ଥନୈତିକ ବିଜ୍ଞାନ ନୋବେଲ ପୁରସ୍କାର ଗତ ଅକ୍ଟୋବର ମାସରେ ଘୋଷଣା କରାଯାଇଛି। ପୁରସ୍କାର ବିଷୟବସ୍ତୁ ଅର୍ଥନୈତିକ ପ୍ରଗତିର ଦୁଇଟି ଅବଧିକୁ ଦୃଷ୍ଟିପାତ କରିଛି। ଏହି ଦୁଇଟି ଅବଧି ହେଲା, ପୂର୍ବ-ଶିଳ୍ପ-ବିପ୍ଳବ ସମୟରେ ଅର୍ଥନୀତିର ଏକ ସ୍ଥିର ଅବଧି ଏବଂ ପରବର୍ତ୍ତୀ ସମୟରେ ବୈଜ୍ଞାନିକ ଓ ପ୍ରଯୁକ୍ତିବିଦ୍ୟା ଉଦ୍ଭାବନ ମାଧ୍ୟମରେ ନିରନ୍ତର ଅର୍ଥନୈତିକ ଅଭିବୃଦ୍ଧି। ଏହି ଦୃଷ୍ଟିପାତରେ ଏକ ଆକର୍ଷଣୀୟ ଧାରଣା ହେଲା, 'ସୃଜନଶୀଳ ବିନାଶ'(କ୍ରିଏଟିଭ ଡେଷ୍ଟ୍ରକସନ)। ଏହା ଏକ ପ୍ରକ୍ରିୟା, ଯେଉଁଠାରେ ପୁରୁଣା ପ୍ରଣାଳୀ ଓ ପ୍ରଯୁକ୍ତିବିଦ୍ୟାକୁ ଭାଙ୍ଗି ନୂତନ, ଦକ୍ଷ ଓ ପରିବର୍ତ୍ତନକାରୀ ପ୍ରଣାଳୀ ପାଇଁ ସ୍ଥାନ ଦିଆଯାଇଛି। ଅର୍ଥନୀତି ବ୍ୟତୀତ ମୁଁ ବିଶ୍ୱାସ କରେ ଏହାର ଏକ ଦାର୍ଶନିକ ଅର୍ଥ ଏବଂ ଏକ ବୈଜ୍ଞାନିକ ଦିଗ ମଧ୍ୟ ରହିଛି। ଆସନ୍ତୁ ପ୍ରଥମେ ଦାର୍ଶନିକ ଦିଗ ଉପରେ ଧ୍ୟାନ ଦେବା।

ଭଗବଦ୍ ଗୀତା କୁହେ: 'ଯାହା ସୃଷ୍ଟି ହୁଏ ତାହା ନଷ୍ଟ ମଧ୍ୟ ହୁଏ। ଏହାର ବିପରୀତ ମଧ୍ୟ ନିଶ୍ଚିତ। ଅର୍ଥାତ 'ଯାହା ବିନାଶ ହୁଏ ତାହା ସୃଷ୍ଟି ମଧ୍ୟ ହୁଏ।' ଏହା ଜନ୍ମ, ମୃତ୍ୟୁ ଓ ପୁନର୍ଜନ୍ମ ପରିପ୍ରେକ୍ଷୀରେ କୁହାଯାଇଛି। ଏହି ଧାରଣାଗୁଡ଼ିକ ସୃଷ୍ଟି, ବିନାଶ ଓ ପୁନଃ ସୃଷ୍ଟିକୁ ଇଙ୍ଗିତ କରେ। ଏହି ପ୍ରକ୍ରିୟା ଅନ୍ତହୀନ ବା ପୁନଃପୁନଃ ହେଉଥାଏ। ଏହା ଏହି ସତ୍ୟକୁ ମଧ୍ୟ ଇଙ୍ଗିତ କରେ ଯେ ଏହି ଜଗତରେ ସବୁକିଛି କ୍ଷଣସ୍ଥାୟୀ। ବ୍ୟାକରଣରେ ଏହି ଧାରଣା, ଯାହାକି ଦୁଇଟି ବିପରୀତ ଅର୍ଥ ଶବ୍ଦ ଥିବା ଏକ ବାକ୍ୟାଂଶ, ଅକ୍ସିମୋରନ୍ ଭାବରେ ଜଣାଯାଏ। ସହଜ ଭାବରେ, ଅକ୍ସି ଅର୍ଥ ତୀକ୍ଷ୍ଣ କିମ୍ବା ବୁଦ୍ଧିମାନ ଏବଂ ମୋରନ୍ ମୂର୍ଖତାକୁ ବୁଝାଏ। ମୂର୍ଖ ବୁଦ୍ଧିମାନ ଅଥବା ବୁଦ୍ଧିମାନ ମୂର୍ଖ।

ସୃଷ୍ଟି ସକାରାତ୍ମକତାକୁ ବୁଝାଏ ଏବଂ ବିନାଶ ନକାରାତ୍ମକତାକୁ ବୁଝାଏ। ଉଭୟ ଭିନ୍ନ ଭିନ୍ନ ସନ୍ଦର୍ଭରେ ଅର୍ଥପୂର୍ଣ୍ଣ। ସହାବସ୍ଥାନ ଅର୍ଥାତ ବିପରୀତର ମିଶ୍ରଣ ମଧ୍ୟ ଏକ ଭିନ୍ନ ପରିପ୍ରେକ୍ଷୀରେ ଗୁରୁତ୍ୱପୂର୍ଣ୍ଣ। ଅତୀତର ବିକାଶ ପୁରୁଣା ହୋଇପାରେ। କିନ୍ତୁ ଏହା ମଧ୍ୟ ସମୟର ଚାହିଦା ଅନୁସାରେ ସୃଷ୍ଟି ହୋଇଥିଲା ଏବଂ ବର୍ତ୍ତମାନର ଆଧୁନିକ ବିକାଶ ପରି ସେମାନଙ୍କର ଉଦ୍ଦେଶ୍ୟ ପୂରଣ କରିଥିଲା। ଶିକ୍ଷା ମଧ୍ୟ ସୃଜନଶୀଳ ବିନାଶର ଏକ ମାଧ୍ୟମ। ଏହା ଅଜ୍ଞତାକୁ ନାଶ କରେ ଏବଂ ଜ୍ଞାନ ସୃଷ୍ଟି କରେ। ଚରିତ୍ର ଆମ ଭିତରେ ଥିବା ଦୁର୍ବଳତାକୁ ନଷ୍ଟ କରେ। ହୃଦୟ ଓ ମନରେ ପବିତ୍ରତା ସୃଷ୍ଟି କରେ। ଶିକ୍ଷା ଓ ଚରିତ୍ରର ସମ୍ମିଳିତ ପ୍ରକ୍ରିୟା ବିଶୃଙ୍ଖଳା ଏବଂ ଅପୂର୍ଣ୍ଣତାକୁ ହ୍ରାସ କରି ଜୀବନରେ ଶୃଙ୍ଖଳା ଓ ସିଦ୍ଧତା ସ୍ଥାପିତ କରନ୍ତି, ଯଦିଓ ସେମାନଙ୍କର ସମ୍ପୂର୍ଣ୍ଣ ବିନାଶ ସମ୍ଭବ ନୁହେଁ। ଆମେ ମଣିଷ ଏବଂ ଆମ ଭିତରେ ସବୁବେଳେ ଊଣାଅଧିକେ ମାନବୀୟ ଦୁର୍ବଳତା ରହିବ।

ବିଜ୍ଞାନରେ ମଧ୍ୟ, ଉଭୟ ସୃଷ୍ଟି ଓ ବିନାଶ ପ୍ରକ୍ରିୟା ସନ୍ତୁଳନ ବଜାୟ ରଖିବା ପାଇଁ ଉଦ୍ଦିଷ୍ଟ। ଆଜିକାଲି ଆମେ ପ୍ରାୟତଃ ଅର୍ଦ୍ଧପରିବାହୀ ପଦାର୍ଥ ଏବଂ ଏହାର ବ୍ୟବହାରିକ ପ୍ରୟୋଗ ବିଷୟକୁ ଗୁରୁତ୍ୱ ଦେଉଛୁ। ଏହାର ସ୍ୱଦେଶୀ ବିକାଶ ଆମର ଅର୍ଥନୀତିକୁ ଏକ ବଡ଼ ପରିମାଣରେ ପରିବର୍ତ୍ତନ କରିବ ବୋଲି ଆଶା କରାଯାଉଛି। କାରଣ ଆମର ଦୈନନ୍ଦିନ ଉପକରଣଗୁଡ଼ିକ ଏହି ସାମଗ୍ରୀ ଏବଂ ସେମାନଙ୍କର ବିଭିନ୍ନ ସଂସ୍କରଣ ଉପରେ ନିର୍ଭର କରେ। ସରଳ ଭାବେ ଏକ ଅର୍ଦ୍ଧପରିବାହୀ ପଦାର୍ଥ ଦୁଇଟି ଶକ୍ତି-ବ୍ୟାଣ୍ଡ ମାଧ୍ୟମରେ ବୁଝାଯାଏ। ଏହି ଦୁଇଟି ଶକ୍ତି-ବ୍ୟାଣ୍ଡ ଏକ ଶକ୍ତି-ବ୍ୟବଧାନ ଦ୍ୱାରା ପୃଥକ ହୋଇଥାଏ। ତଳ ବ୍ୟାଣ୍ଡଟି ସ୍ୱାଧୀନତା ବିହୀନ ଇଲେକ୍ଟ୍ରନଗୁଡ଼ିକ ଦ୍ୱାରା ଭରି ହୋଇଥାଏ ଏବଂ ଉପର ବ୍ୟାଣ୍ଡଟି ପୁରା ଖାଲି। ଏହି ଅବସ୍ଥାରେ ଏହା ଏକ କୁପରିବାହୀ ପଦାର୍ଥ ସଦୃଶ କାମ କରେ।

ଯଦି ଏହି ଚିତ୍ରରେ ଆମେ ସୃଷ୍ଟି ଓ ବିନାଶର ପ୍ରକ୍ରିୟାଗୁଡ଼ିକୁ ଉପଯୋଗ କରୁ, ତେବେ ଏଗୁଡ଼ିକ ଅର୍ଦ୍ଧପରିବାହୀ ହୁଅନ୍ତି। ଏହି ପ୍ରକ୍ରିୟାଗୁଡ଼ିକ ବିଭିନ୍ନ ଉପାୟରେ ପ୍ରଚଳିତ ହୁଏ। ଯଥା ତାପ, ଆଲୋକ ଏବଂ ମଇଳା କିମ୍ବା ଅଶୁଦ୍ଧ ପ୍ରଭାବ।

ଯଦି ଆମେ ଏକ ଅର୍ଦ୍ଧପରିବାହୀକୁ ଗରମ କରୁ, ତେବେ ନିମ୍ନ ବ୍ୟାଣ୍ଡରେ ଥିବା ଇଲେକ୍ଟ୍ରୋନ୍ ନଷ୍ଟ ହୋଇ ଉପର ବ୍ୟାଣ୍ଡରେ ସୃଷ୍ଟି ହୁଏ। ଏହା ଏକ ସୃଜନଶୀଳ ବିନାଶ ପ୍ରକ୍ରିୟା। ତଳ ବ୍ୟାଣ୍ଡର ଏହାର ବିନାଶ ହେଲା, ଉପର ବ୍ୟାଣ୍ଡରେ ଏହାର ସୃଷ୍ଟି ହେଲା। ଯେତେବେଳେ ନିମ୍ନ ବ୍ୟାଣ୍ଡରେ ଏକ ଇଲେକ୍ଟ୍ରୋନ୍ ନଷ୍ଟ ହୋଇଯାଏ, ସେତେବେଳେ ସୃଷ୍ଟି ହେଉଥିବା ଖାଲି ଅବସ୍ଥାକୁ ଏକ ଗର୍ତ୍ତ-କଣିକା କୁହାଯାଏ। ତେଣୁ ଆମର ଦୁଇଟି ସୃଷ୍ଟି ହେଲା - ଉପର ବ୍ୟାଣ୍ଡରେ ଏକ ଇଲେକ୍ଟ୍ରୋନ୍ ଏବଂ ତଳ ବ୍ୟାଣ୍ଡରେ ଏକ ଗର୍ତ୍ତ-କଣିକା। ଉଭୟ ବର୍ତ୍ତମାନ ମୁକ୍ତ ଓ ବିଦ୍ୟୁତ୍ ପରିବହନ କରନ୍ତି। କାରଣ ଏଗୁଡ଼ିକ ବୈଦ୍ୟୁତିକ ଚାର୍ଜ ଥିବା କଣିକା। କିଛି ନିର୍ଦ୍ଦିଷ୍ଟ ଗୁଣରେ ବିପରୀତ ହେବା ସତ୍ତ୍ୱେ ପରିବହନ ପ୍ରକ୍ରିୟାରେ ଇଲେକଟ୍ରନ୍ସ ଏବଂ ଗର୍ତ୍ତ-କଣିକାଗୁଡ଼ିକ ମିଳିତ ଭାବେ ଚାର୍ଜ ପରିବହନ କରନ୍ତି। ଏହା ଏକ ସୃଷ୍ଟି-ସୃଷ୍ଟି ପ୍ରକ୍ରିୟା।

ଯେତେବେଳେ ଏକ ସନ୍ତାନ ଜନ୍ମ ହୁଏ ଜଣେ ମା' ମଧ୍ୟ ଜନ୍ମ ନିଅନ୍ତି ଏବଂ ପ୍ରେମର ପ୍ରବାହ ପ୍ରଚୁର, ପବିତ୍ର ଓ ଦିବ୍ୟ ହୋଇଯାଏ। ଜୀବନ ଫୁଲ ପରି ଫୁଟି ଚାରିଆଡ଼େ ଖୁସି ବିସ୍ତାର କରେ। ଜୀବନ କ୍ଷେତ୍ରରେ ଏହା ଏକ ସୃଷ୍ଟି-ସୃଷ୍ଟି ପ୍ରକ୍ରିୟା। ଯେମିତି ସୃଜନଶୀଳ ବିନାଶ ହୁଏ ଏକ ବିନାଶକାରୀ ସୃଷ୍ଟି ମଧ୍ୟ ହୋଇପାରେ! ଏହା ସୂଚାଇ ଦିଏ ଯେ ନୂତନ ବିକାଶ ଅଜାଣତରେ ମୂଲ୍ୟବୋଧ, ପରିବେଶ କିମ୍ବା ସାମାଜିକ ସଂହତିକୁ ନଷ୍ଟ କରିପାରେ। ତେଣୁ ସୃଷ୍ଟି ଓ ବିନାଶର ଦ୍ୱନ୍ଦ୍ୱ ଏକଦିଗୀୟ ନୁହେଁ; ଏହା ବିଚକ୍ଷଣତା ଓ ସନ୍ତୁଳନ ଦାବି କରେ।

(ପ୍ରାକ୍ତନ ପଦାର୍ଥ ବିଜ୍ଞାନ ପ୍ରାଧ୍ୟାପକ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ)
ବ୍ରହ୍ମପୁର, ମୋ: ୯୯୩୭୧୮୮୪୮୫

## ପ୍ରଗତିବାଦୀ ଚେତନାର ଭଗୀରଥ: ଭଗବତୀ ଚରଣ

**ପ୍ରଫେସର ମଣୀନ୍ଦ୍ର କୁମାର ମେହେର**

**ସାହିତ୍ୟ ସରିତ୍**

କାର୍ଲମାର୍କ୍ସଙ୍କ ସାମ୍ୟବାଦୀ ଚିନ୍ତନ ଭଗବତୀ ଚରଣ ପାଣିଗ୍ରାହୀଙ୍କ ଅନ୍ତରକୁ ମନ୍ଥିତ କରିଦେବାର ମୂଳ କାରଣ ହେଉଛି, ସାମାଜିକ ପରିବର୍ତ୍ତନ ସକାଶେ ତାଙ୍କ ପ୍ରାଣ-ପ୍ରତିଜ୍ଞା। ଆମ ଚତୁଃପାର୍ଶ୍ୱର ବାତାବରଣରେ ପରିବ୍ୟାପ୍ତ ଅସାମଞ୍ଜସ୍ୟ ତାଙ୍କ ଅନ୍ତର୍ଚେତନାକୁ କି ତୀବ୍ର ଭାବରେ ଆଲୋଡ଼ିତ କରି ନ ଦେଇଛି! ଠିକ ଏହି ସମୟରେ ତାଙ୍କ ଆତ୍ମାରେ ଅମାପ ଶକ୍ତି ଭରି ଦେବା ପାଇଁ ଏକ ସୂକ୍ଷ୍ମ ଆଲୋକରେଖାରେ ପରିଣତ ହୋଇ ଆସିଛନ୍ତି କାର୍ଲମାର୍କ୍ସ। ସମଗ୍ର ପୃଥିବୀ ପ୍ରଦକ୍ଷିଣ କରୁଥିଲେ ସେ। ଯେଉଁଠି ଦେଖୁଥିଲେ ସାମାଜିକ ପରିବେଶ ମଧ୍ୟରେ ଅସନ୍ତୁଷ୍ଟ ଓ ଅଣନିଃଶ୍ୱାସୀ କୌଣସି ତରୁଣକୁ ତା' ଭିତରେ ନୂତନ ସ୍ୱପ୍ନ ଓ ସଂକଳ୍ପର ସତେଜ ଶକ୍ତି ରୂପରେ ସେ ପ୍ରବେଶ କରଯାଇଛନ୍ତି ଅନାୟାସରେ। ସେଥିପାଇଁ ସମଗ୍ର ପୃଥିବୀରେ ପ୍ରଜ୍ୱଳିତ ହୋଇ ଉଠିଛି ବିପ୍ଳବର ବହ୍ନି। ଓଡ଼ିଶା ମାଟିରେ ନବ ନବ ସ୍ୱପ୍ନରେ ସର୍ବଦା ଆନ୍ଦୋଳିତ ହେଉଥିବା ଭଗବତୀ ଚରଣ ପାଣିଗ୍ରାହୀଙ୍କୁ ସେହି କ୍ରାନ୍ତିକାରୀ କଳାଶକ୍ତି କିପରି ଅବା ଆଚ୍ଛନ୍ନ କରି ନଥା'ନ୍ତା!

ମାର୍କ୍ସୀୟ ଚେତନା ସହିତ ଭଗବତୀଙ୍କ ଭାଗ୍ୟ-ବନ୍ଧନ ସମଗ୍ର ଓଡ଼ିଶାର ରାଜନୈତିକ ଓ ସାହିତ୍ୟିକ ଜଗତରେ ସୃଷ୍ଟି କରିଦେଲା ଅଭିନ୍ନ ଅଭିଯାତ୍ରା। ତାହା ଥିଲା ଧନିକ ଓ ଦରିଦ୍ର ଶ୍ରେଣୀ ମଧ୍ୟରେ ସମସ୍ତ ପ୍ରକାରର ଭେଦଭାବକୁ ମୂଳୋତ୍ପାଟିତ କରିଦେବାର ତୀକ୍ଷ୍ଣ ଅସ୍ତ୍ର। ଭଗବତୀ ଚରଣ ପାଣିଗ୍ରାହୀଙ୍କ ଦ୍ୱାରା ପ୍ରତିଷ୍ଠିତ ହେଲା 'ନବଯୁଗ ସାହିତ୍ୟ ସଂସଦ'। ପ୍ରକାଶିତ ହେଲା 'ଆଧୁନିକ'ପତ୍ରିକା। ୧୯୩୫ ମସିହାର ଏହି ପରିଯୋଜନା ପ୍ରମାଣିତ କରିଦେଲା ଯେ ସାହିତ୍ୟ ହିଁ ହେବ ନବଯୁଗର ଆଧୁନିକ ବାର୍ତ୍ତାବହ। ଭଗବତୀ ଚରଣ ପାଣିଗ୍ରାହୀଙ୍କ ବକ୍ତବ୍ୟରେ, ତାଙ୍କ ରଚିତ ସମ୍ପାଦକୀୟ ଆଉ ବିବିଧ ଗଦ୍ୟସୃଷ୍ଟି ମଧ୍ୟରେ ଏହା ଯେତେବେଳେ ହେଲା ପ୍ରକାଶିତ, ସେତେବେଳେ ସୃଜନଶୀଳ ପ୍ରତିଭାମାନଙ୍କୁ ତାହା ଅବିରତ ଭାବରେ ଦେଇଚାଲିଲା ଉତ୍ତପ୍ତ ସ୍ପର୍ଶ। ସେ ଏକ ପ୍ରବନ୍ଧରେ ଲେଖିଛନ୍ତି 'ଯେଉଁ ଜାତିରପ୍ରାଣ ବୈଚିତ୍ର୍ୟ ଲାଗି, ପରିବର୍ତ୍ତନ ଲାଗିଯେତିକି ଚଞ୍ଚଳ ହୋଇ ଉଠିଛି, ସେ ଜାତିର ସାହିତ୍ୟ ସେତିକି ଉନ୍ନତ ହୋଇଅଛି।'

ଭଗବତୀ ଚରଣଙ୍କ ସାହିତ୍ୟ-କୃତି ବିପୁଳ ହୋଇ ନପାରେ। ମାତ୍ର ତା'ର ଆବେଦନରେ କମ୍ପିତ ହୋଇ ଉଠିଛି ଶତ ସହସ୍ର ହୃଦୟ। ତାଙ୍କ ରଚିତ 'ଶିକାର' ଗଳ୍ପ କାହାରଅବା ନିଦ ହଜାଇ ଦେଇନାହିଁ! ଆଜି ବି ଯିଏ ତାହା ପାଠ କରିବେ ତାଙ୍କର ରାତ୍ରି ପରିଣତ ହୋଇଯିବ ମଧ୍ୟାହ୍ନ ବେଳାରେ। ଶୋଷିତ ସମ୍ପ୍ରଦାୟର ସରଳ ଆଦିବାସୀ ଯୁବକ ଅତ୍ୟାଚାରୀ ଗୋବିନ୍ଦ ସର୍ଦ୍ଦାରକୁ ବାଧ୍ୟ ହୋଇ କରିଛି ହତ୍ୟା। ଭାବିଛି ମନେ ମନେ ତାକୁ ପ୍ରଦତ୍ତ ହେବ ପୁରସ୍କାର। ମାତ୍ର ପ୍ରଚଳିତ ଆଇନ ବ୍ୟବସ୍ଥାରେ ତା'କୁ ଶୁଣାଇ ଦିଆଯାଇଛି ନିଷ୍ଠୁର ଫାଶୀ ଦଣ୍ଡାଦେଶ। ଯେଉଁ ଭଗବତୀ ଚରଣ ଥିଲେ ସାମ୍ୟବାଦୀ ଚେତନାର ସଂବାହକ ତାଙ୍କ ରଚିତ 'ଶିକାର' ସଦୃଶ ଗଳ୍ପ ଯେ ତାଙ୍କ ଜୀବନାଦର୍ଶ ଓ ସାହିତ୍ୟାଦର୍ଶଠାରୁ ହୋଇପାରେ ଭିନ୍ନ ଏହା କଳ୍ପନାତୀତ। 'ଦା ଓ ହାତୁଡ଼ି', 'ଜଙ୍ଗଲୀ', 'ଝଡ଼', 'ମିଶ୍ରଙ୍କ କୋପ', 'ବଞ୍ଚିତା', 'ଜୀବନର ସମାଧି', 'ଆରମ୍ଭ ଓ ଶେଷ' ଆଦି ଆଉ କେତୋଟି ଭିନ୍ନ ଭିନ୍ନ ଭାବଧାରାର ଗଳ୍ପ-ପ୍ରଣେତା ଭଗବତୀ।

କୌଣସି ମତବାଦ କେବେ ଚିରନ୍ତନ ହୋଇପାରେନା। ମାତ୍ର ସେହି ଆଦର୍ଶର ଭିତ୍ତି ଉପରେ ପ୍ରତିଷ୍ଠିତ ସାହିତ୍ୟ ରହିପାରେ ଚିର ଅମ୍ଳାନ, ତା'ର ମାନବିକ ଆବେଦନ ସକାଶେ। ଆଜିର ପରିପ୍ରେକ୍ଷୀରେ 'ଶିକାର' ଗଳ୍ପଟିକୁ ଭିନ୍ନ ଦୃଷ୍ଟିରେ କ'ଣ ଗ୍ରହଣ କରିପାରିବାର ନୈତିକ ସାହସ ଆମର ନାହିଁ? ଗଳ୍ପରେ ବର୍ଣ୍ଣିତ ସରଳ ଘିନୁଆ ଆମରି ଭିତରେ ବିଦ୍ୟମାନ। ଅପରପକ୍ଷରେ ଗୋବିନ୍ଦ ସର୍ଦ୍ଦାର ମଧ୍ୟ ଭିନ୍ନ ଭିନ୍ନ ଛଦ୍ମବେଶରେ ଆମ ମଧ୍ୟରେ ଅନୁପସ୍ଥିତ ବୋଲି କ'ଣ କହିହେବ ସତକୁ ସତ? ଆମେ କ'ଣ କେବେ କାହା ପ୍ରତି ଅନ୍ୟାୟ କରିନୁ? ଜ୍ଞାତସାରରେ ପୁଣି ଅଜ୍ଞାତସାରରେ ମଧ୍ୟ? ତେବେ ଗଳ୍ପଟିକୁ ଏବେ ଏକ ପ୍ରତୀକ ଭାବରେ ଗ୍ରହଣ କରାଯାଉ। ଆମ ମଧ୍ୟସ୍ଥିତ ଜଟିଳ, କୁଟିଳ, କର୍କଶ ଗୋବିନ୍ଦ ସର୍ଦ୍ଦାରକୁ ପରାହତ କରିବା ପାଇଁ ଘିନୁଆକୁ ହିଁ ଆମନ୍ତ୍ରଣ କରାଯାଉ। ଏହା ହେବ ନବ୍ୟ-ସାମ୍ୟବାଦର ସଂକେତ। ଏହି କାହାଣୀକୁ ଭିତ୍ତିକରି ୧୯୭୬ ମସିହାରେ ବିଖ୍ୟାତ ଚଳଚ୍ଚିତ୍ର ନିର୍ଦ୍ଦେଶକ ମୃଣାଳ ସେନଙ୍କ ନିର୍ଦ୍ଦେଶନାରେ ନିର୍ମିତ ହୋଇଛି ହିନ୍ଦୀ ଚଳଚ୍ଚିତ୍ର 'ମୃଗୟା'। ମିଥୁନ ଚକ୍ରବର୍ତ୍ତୀ ମୁଖ୍ୟ ଭୂମିକାରେ ଅଭିନୟ କରି ଅଗଣିତ ଦର୍ଶକ ହୃଦୟକୁ ସ୍ତବ୍ଧ କରିଦେଇଛନ୍ତି। ଭଗବତୀ ପାଣିଗ୍ରାହୀଙ୍କ ଗଳ୍ପ ରଚନା, ହିନ୍ଦୀରେ ଏହାର କଥାଚିତ୍ର ରୂପାୟନ ଓଡ଼ିଆ ଲେଖକ ଓ ପାଠକଙ୍କ ପାଇଁ ସଂରକ୍ଷିତ କରି ରଖିଛି ବହୁ ତାତ୍ପର୍ଯ୍ୟପୂର୍ଣ୍ଣ ବାର୍ତ୍ତା।

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ସାଉଦି ଆରବରେ କଳିଙ୍ଗାନ୍ କେଏସ୍‌ଏର ଅଷ୍ଟମ ବାର୍ଷିକ ଉତ୍ସବ

ଭୁବନେଶ୍ୱର,୨୬।୧୧(ସମିସ): ସାଉଦି ଆରବର ଦମାମ୍ ସହରରେ ପ୍ରବାସୀ ଓଡ଼ିଆମାନଙ୍କ ଦ୍ୱାରା ପ୍ରତିଷ୍ଠିତ ସାଂସ୍କୃତିକ ଅନୁଷ୍ଠାନ କଳିଙ୍ଗାନ କେଏସ୍‌ଏର ଅଷ୍ଟମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ୬୫୦ରୁ ଉଦ୍ଧ୍ୱର୍ ପ୍ରବାସୀ ଓଡ଼ିଆ ପରିବାର ଯୋଗଦେଇ ଓଡ଼ିଆ ସଂସ୍କୃତି, କଳା ଏବଂ ପରମ୍ପରାକୁ ମନେ ପକାଇଥିଲେ। କାର୍ଯ୍ୟକ୍ରମରେ ବିଶିଷ୍ଟ ଶିଳ୍ପପତି ଡ. ଦେବ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମସ୍ତ ଓଡ଼ିଆ ମିଳିମିଶି କାର୍ଯ୍ୟ କରିବାକୁ ପରାମର୍ଶ ଦେବା ସହ ଓଡ଼ିଆ ଅସ୍ମିତା ତଥା ଓଡ଼ିଆ ଜାତିର ପ୍ରଗତି ପାଇଁ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ କଣ୍ଠଶିଳ୍ପୀ ସତ୍ୟଜିତ ପ୍ରଧାନ ଓ ଅନିନ୍ଦିତା ଦାସ ଓଡ଼ିଆ ସଙ୍ଗୀତ ପରିବେଷଣ କରିଥିଲେ। ହାସ୍ୟ କଳାକାର ମିଷ୍ଟର ଗୁଲୁଆଙ୍କ ଚମତ୍କାର ବ୍ୟଙ୍ଗ ପ୍ରଦର୍ଶନ ଦର୍ଶକଙ୍କ ମନୋରଞ୍ଜନ କରିଥିଲା। କାର୍ଯ୍ୟକ୍ରମରେ

**ଓଡ଼ିଆ ସଂସ୍କୃତି, କଳା ଏବଂ ପରମ୍ପରାକୁ ପାଳନ କଲେ ପ୍ରବାସୀ ଓଡ଼ିଆ**

ଯୁବ ଓଡ଼ିଆ ପ୍ରତିଭା ଆଦିତ୍ୟ ମହାନ୍ତି ଏବଂ ଓଡ଼ିଶୀ ନୃତ୍ୟ ଶିଳ୍ପୀ ସାଗରିକା ମହାନ୍ତି ନୃତ୍ୟ ପରିବେଷଣ କରିଥିଲେ। ଏହାପରେ ଶାଶ୍ୱତ ଓ ସାଗରିକାଙ୍କ ଦ୍ୱାରା ପରିବେଷିତ "ରଥ ପଥ ଯାତ୍ରା ଜଗନ୍ନାଥ' ଅଭିନୟ ଏକ ଆଧ୍ୟାତ୍ମିକ ବାତାବରଣ ସୃଷ୍ଟି କରିଥିଲା। ଏହି ଅବସରରେ କଳିଙ୍ଗାନର ଅଫିସିଆଲ୍ ୱେବ୍‌ସାଇଟ୍ www.kalingans.org ଏବଂ ବାର୍ଷିକ ପତ୍ରିକା 'ନାରୀ ଶକ୍ତି' ସଂସ୍କରଣକୁ ଅତିଥିମାନେ ଲୋକାର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ କଳିଙ୍ଗାନ୍‌ର କୋର୍ କମିଟି ସଦସ୍ୟମାନେ ପରିଚାଳନା କରିଥିଲେ। ସମାରୋହରେ ସରାଫତ୍ ଶେଖ୍, ସନ୍ତୋଷ ଦାସ, ବିଶ୍ୱରଞ୍ଜନ ସାହୁ, ରଞ୍ଜନ ରଥ, ଶୋଭନ ମହାନ୍ତି, ସୂର୍ଯ୍ୟକାନ୍ତ ଦାସ, ଦିଗମ୍ବର ମହାଖୁଦ, ଇମତୀୟାଜ୍ ଅଲ୍ଲୀ, ଅଗଷ୍ଟିନ୍ ଧୀର, ବସନ୍ତ ସାହୁ, ଜ୍ୟୋତିର୍ମୟ ଦାସ, ପ୍ରୀତମ୍ ମହାନ୍ତି ପ୍ରମୁଖ ସାମିଲ୍ ଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଭାରତ ଆୟୋଜନ...

ମୁଖ୍ୟକାର୍ଯ୍ୟ ନିର୍ବାହୀ ରଘୁରାମ ଆୟର ଓ ଗୁଜରାଟ କ୍ରୀଡ଼ାମନ୍ତ୍ରୀ ହର୍ଷ ସାଙ୍ଘବୀ ଯୋଗ ଦେଇଥିଲେ।

ପୂର୍ବରୁ ଭରାତ ୨୦୧୦ରେ ନୂଆଦିଲ୍ଲୀରେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ କରିଥିଲା ଓ ଏଥିରେ ଭାରତୀୟ କ୍ରୀଡ଼ାବିତ ୩୮ ସ୍ୱର୍ଣ୍ଣ ସହ ମୋଟ୍ ୧୦୧ ପଦକ ହାସଲ କରି ଇତିହାସ ସୃଷ୍ଟି କରିଥିଲା। ଦୀର୍ଘ ୨୦ ବର୍ଷ ପରେ ଭାରତରେ କୌଣସି ମଲ୍ଟି ସ୍ପୋର୍ଟ୍ସ ଇଭେଣ୍ଟ ଆୟୋଜନ ହେବ। ଭାରତ ମଧ୍ୟ ପୂର୍ବରୁ ୧୯୫୧ ଓ ୧୯୮୨ ଏସୀୟ କ୍ରୀଡ଼ା ସଫଳତାର ସହ ଆୟୋଜନ କରିଥିଲା। ସେହିପରି ୨୦୦୩ରେ ହାଇଦରାବାଦରେ ଆଫ୍ରୋ ଏସୀୟ କ୍ରୀଡ଼ା ଆୟୋଜନ ହୋଇଥିଲା।

ଏଥିସହ ୨୦୩୬ ଅଲିମ୍ପିକ୍ସ ଗେମ୍ସ ଆୟୋଜନ ନେଇ ଭାରତର ଦାବି ଆହୁରି ଦୃଢ଼ ହେବ ବୋଲି ମନେ କରାଯାଉଛି। ଭାରତ ୨୦୩୬ରେ ଅଲିମ୍ପିକ୍ସ ଆୟୋଜନ କରିବାକୁ ପସ୍ତୁତି ଜାରି ରଖିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଲାଲ୍‌କିଲ୍ଲାରେ ଏହାର ଘୋଷଣା କରିସାରିଛନ୍ତି। ଗତବର୍ଷ ନଭେମ୍ବରରେ ଭାରତ ୨୦୩୬ ଅଲିମ୍ପିକ୍ସ ଆୟୋଜନ କରିବାକୁ ଆନୁଷ୍ଠାନିକ ଭାବେ ଦାବି ଉପସ୍ଥାପନ କରିଥିଲା।

### ଓଡ଼ିଆ ସମେତ...

୨୬ରେ ଭାରତର ସମ୍ବିଧାନ ତିଆରି ହେବା ସହ ପ୍ରସ୍ତୁତ ହୋଇଥିଲା। ଏହି ଦିନ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଲୋକସଭା ଅଧ୍ୟକ୍ଷ ଓମ ବିର୍ଲା, କଂଗ୍ରେସ ଅଧ୍ୟକ୍ଷ ମଲିକାର୍ଜୁନ ଖଡଗେ, ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଓ ଦୁଇ ସଂସଦର ସାଂସଦମାନେ ସାମିଲ ରହିଥିଲେ। ଡଃ ଭୀମରାଓ ରାମଜୀ ଆମ୍ବେଦକର ସମ୍ବିଧାନର ମୁଖ୍ୟ ନିର୍ମାତାଙ୍କ ମଧ୍ୟରେ ଅନ୍ୟତମ ବୋଲି ରାଷ୍ଟ୍ରପତି କହିଥିଲେ।

### ଆଜିଠାରୁ ଶୀତ...

ମୁର୍ମୁ ଅଭିଭାଷଣ ରଖିବେ। ୍ର ଏହା ଓଡ଼ିଶା ବିଧାନସଭାରେ କୌଣସି ରାଷ୍ଟ୍ରପତିଙ୍କ ଅଭିଭାଷଣରେ ଏହା ପ୍ରଥମ ଓ ଐତିହାସିକ ହେବ ବୋଲି କୁହାଯାଉଛି। ଏଥିପାଇଁ ସରକାର ମଧ୍ୟ ଆବଶ୍ୟକୀୟ ପ୍ରସ୍ତୁତି କରିଛନ୍ତି। ଅନ୍ୟପକ୍ଷରେ ପୂରା ଅଧିବେଶନରେ ସରକାରଙ୍କୁ ନାକେଦମ୍ କରିବାକୁ ବିରୋଧୀ ରଣନୀତି ପ୍ରସ୍ତୁତ କରିଛନ୍ତି। ରାଜ୍ୟରେ ଆଇନ ଶୃଙ୍ଖଳା, ନାରୀ ନିର୍ଯାତନା, ଚାଷୀଙ୍କ ସମସ୍ୟା, ଧାନକିଣା ସମସ୍ୟା, ନିଯୁକ୍ତି କେଳେଙ୍କାରୀ, ଲଘୁ ଖଣିଜ ସମ୍ପଦ ଚୋରୀ, ବିଜୁଳି ସମସ୍ୟା, ଦରଦାମ ବୃଦ୍ଧି, ଦାଦନ ସମସ୍ୟାକୁ ନେଇ ସରକାରଙ୍କୁ ଷଣ୍ଢୁଆସୀ ଆକ୍ରମଣ କରିବାକୁ ଉଭୟ ବିରୋଧୀ ବିଜେଡି ଓ କଂଗ୍ରେସ ରଣନୀତି ପ୍ରସ୍ତୁତି କରିଛନ୍ତି। ପ୍ରତିଟି ଘଟଣାରେ ସରକାରଙ୍କୁ ଜବାବ୍ ମଗାଯିବ। ସରକାର ଯଦି ଉତ୍ତର ନଦେଇ ପଳାୟନପନ୍ଥୀ ଭୂମିକା ଗ୍ରହଣ କରନ୍ତି, ଏହାର ତୀବ୍ର ବିରୋଧ କରାଯିବ ବୋଲି ବିଜେଡ଼ି ଓ କଂଗ୍ରେସ ବିଧାୟକମାନେ ଘୋଷଣା କରିଛନ୍ତି। ଅପରପକ୍ଷେ ସଂସଦୀୟ ବ୍ୟାପର ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଛନ୍ତି ଯେ ବିରୋଧୀଙ୍କ ସମସ୍ତ ପ୍ରଶ୍ନର ଉତ୍ତର ଦେବା ପାଇଁ ସରକାର ପ୍ରସ୍ତୁତ ଅଛନ୍ତି। ପ୍ରତ୍ୟେକ ଗଠନମୂଳକ ଆଲୋଚନାକୁ ସରକାର ସ୍ୱାଗତ କରିବେ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ସୂଚନାଯୋଗ୍ୟ ଯେ ଆସନ୍ତା ୨୮ ତାରିଖରେ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ବିଧାନସଭାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଥମ ଅତିରିକ୍ତ ବଜେଟ ଆଗତ କରିବେ। ଅତିରିକ୍ତ ବଜେଟ ଉପରେ ଡିସେମ୍ବର ୪, ୫ ଓ ୬ ତାରିଖ ତିନିଦିନ ଧରି ଅତିରିକ୍ତ ଖର୍ଚ୍ଚଦାବି ଆଲୋଚନା ହେବ। ୭ ତାରିଖ ଛୁଟି ଥିବାବେଳେ ୮ ତାରିଖରେ ବ୍ୟୟମଞ୍ଜୁରୀ ବିଧେୟକ ଆଗତ ହେବ। ଡିସେମ୍ବର ୩୧ ତାରିଖ ଯାଏଁ ମୋଟ ୨୯ ଦିନ ଗୃହ ଚାଲିବା ନେଇ ସ୍ଥିରୀକୃତ ହୋଇଛି। ଅପରପକ୍ଷେ ବିଧାନସଭାର ଶୀତ ଅଧିବେଶନ ପୂର୍ବରୁ ବୁଧବାର ଅନୁଷ୍ଠିତ ସର୍ବଦଳୀୟ ବୈଠକରେ ବାଚସ୍ପତି ସୁରମା ପାଢୀ ଶୀତ ଅଧିବେଶନ କିପରି ସୁରୁଖୁରୁରେ ସମ୍ପନ୍ନ ହେବ, ସେନେଇ ସମସ୍ତଙ୍କର ସହଯୋଗ ଲୋଡିଛନ୍ତି।

### ଅପରାହ୍ଣରେ ରାଷ୍ଟ୍ରପତିଙ୍କ...

ପହଞ୍ଚିବେ। ରାଷ୍ଟ୍ରପତି ବିଧାନସଭା ଗୃହକୁ ପ୍ରବେଶ ମାତ୍ରକେ ଓଡ଼ିଶା ପୁଲିସ ପକ୍ଷରୁ ଜାତୀୟ ସଙ୍ଗୀତ ବ୍ୟାଣ୍ଡ ପରିବେଷଣ କରାଯିବ। ବାଚସ୍ପତି ସୁରମା ପାଢ଼ୀ, ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରମୁଖ ଅଭିଭାଷଣ ରଖିବେ। ପରେ ରାଷ୍ଟ୍ରପତି ବିଧାନସଭାରେ ନିଜର ଅଭିଭାଷଣ ରଖିବେ ବୋଲି ଜଣାଯାଇଛି।

ଅଭିଭାଷଣ ସରିବା ପରେ ବିଧାନସଭା ପରିସରରେ ଏକ ଫଟୋ ସେସନ୍ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହେବ। ଏପରିକି, ରାଷ୍ଟ୍ରପତି ଏକଦା ଓଡ଼ିଶା ସରକାରଙ୍କ ମନ୍ତ୍ରୀ ଥିବା ବେଳେ ବିଧାନସଭାରେ ୧୧ ନମ୍ବର ରୁମରେ ବସୁଥିବା ବେଳେ ସେହି ରୁମ୍ ପରିଦର୍ଶନରେ ଯାଇ ନିଜର ସ୍ମୃତି ସାଉଣ୍ଟିବେ। ଅପରାହ୍ଣ ସାଢ଼େ ୪ଟାରୁ ସାଢ଼େ ୫ଟା ପର୍ଯ୍ୟନ୍ତ ସେ ବିଧାନସଭାରେ ରହିବେ ବୋଲି ଜଣାପଡ଼ିଛି। ପରେ ପରେ ଉକ୍ତଦିନ ରାଷ୍ଟ୍ରପତି ରାଜଭବନଠାରେ ରାଜ୍ୟପାଳଙ୍କ ପକ୍ଷରୁ ଆୟୋଜିତ ରାତ୍ରଭୋଜନ କାର୍ଯ୍ୟକ୍ରମରେ ଯୋଗଦେବେ। ପରଦିନ ୨୮ ତାରିଖ ସକାଳ ୯ଟା ୩୫ରେ ଭୁବନେଶ୍ୱର ବିମାନବନ୍ଦରରୁ ବାହାରି ଲକ୍ଷ୍ନୌ ବିମାନବନ୍ଦର ଅଭିମୁଖେ ଯିବାର କାର୍ଯ୍ୟକ୍ରମ ରହିଛି।

### ପ୍ରତି ଟଙ୍କାର...

ଆର୍ଥିକ ବର୍ଷରୁ ସମାନ ବିସ୍ତୃତ ଖର୍ଚ୍ଚ ବର୍ଗୀକରଣ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହା ଶିକ୍ଷା, ସ୍ୱାସ୍ଥ୍ୟ, ପୁଞ୍ଜି ପ୍ରକଳ୍ପ ଏବଂ ଅନ୍ୟାନ୍ୟ କ୍ଷେତ୍ରଗୁଡ଼ିକରେ ଖର୍ଚ୍ଚର ସିଧାସଳଖ ତୁଳନା ସମ୍ଭବ ହୋଇପାରିବ। ପୁନଶ୍ଚ ଏହା ଖଣିଜ ସମ୍ପଦରେ ସମୃଦ୍ଧ ରାଜ୍ୟଗୁଡ଼ିକୁ ଯଥେଷ୍ଟ ଲାଭ ଦେଇପାରିବ ଓ ଆର୍ଥିକ ଭାବରେ ପଛୁଆ ରାଜ୍ୟଗୁଡ଼ିକୁ ଅଧିକ କେନ୍ଦ୍ରୀୟ ସହାୟତା ମିଳିବାରେ ସହଯୋଗ କରିବ।

ଅନ୍ୟପକ୍ଷରେ ଏଣିକି ସମସ୍ତ ରାଜ୍ୟ ପ୍ରତି ମାସର ୧୦ ତାରିଖ ସୁଦ୍ଧା ମାସିକ ସିଭିଲ୍ ଆକାଉଣ୍ଟ ଏବଂ ସେପ୍ଟେମ୍ବର ୩୦ ସୁଦ୍ଧା ଡିଜିଟାଲ୍ ସ୍ୱାକ୍ଷର ସହିତ ବାର୍ଷିକ ଫାଇନାନ୍ସ ଆକାଉଣ୍ଟ ଏବଂ ଆପୋରାଇଜେସନ୍ ଆକାଉଣ୍ଟଗୁଡ଼ିକୁ ସମ୍ପୃକ୍ତ ପୋର୍ଟାଲ (ପବ୍ଲିକ୍ ଫାଇନାନ୍ସ ମ୍ୟାନେଜମେଣ୍ଟ ସିଷ୍ଟମ୍) ରେ ଅପଲୋଡ୍ କରିବେ। ବର୍ତ୍ତମାନ ହାର୍ଡ କପି ଦାଖଲ କରିବାର ଦଶନ୍ଧି ପୁରୁଣା ବ୍ୟବସ୍ଥା ବନ୍ଦ କରାଯାଉଛି। ଏଥିରେ ବିଳମ୍ବ ପାଇଁ ରାଜ୍ୟଗୁଡିକର ପାଣ୍ଠି ବିଳମ୍ବ ପାଇଁ ରାଜ୍ୟର ସମନ୍ୱିତ ପାଣ୍ଠିରୁ ପ୍ରତି ମାସରେ ୫୦ ଲକ୍ଷ ପର୍ଯ୍ୟନ୍ତ କାଟିବାର ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଇଛି। କିଛି ରାଜ୍ୟକୁ ଏଥିପାଇଁ ପୂର୍ବରୁ ଦଣ୍ଡିତ କରାଯାଇଛି।

ସେହିପରି ସିଏଜି ଅଧିକାରୀମାନେ କହିଛନ୍ତି ଯେ ଏହି ଦୁଇଟି ସଂସ୍କାର ମିଳିତ ଭାବରେ ଦେଶର ସାର୍ବଜନୀନ ଆର୍ଥିକ ପରିଚାଳନାରେ ଉଲ୍ଲେଖନୀୟ ଉନ୍ନତି ଆଣିବ। ଆଗାମୀ ଦୁଇଟି ଆର୍ଥିକ ବର୍ଷ ମଧ୍ୟରେ ଦେଶର ସାର୍ବଜନୀନ ଆର୍ଥିକ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ସୁଗମ କରିବ। ୨୦୨୮-୨୯ ସୁଦ୍ଧା ସମସ୍ତ ରାଜ୍ୟର ମୋଟ ଖର୍ଚ୍ଚ ତଥ୍ୟର ୯୮% ତୁଳନାତ୍ମକ ବିଶ୍ଳେଷଣ କରାଯିବ। ଏହା ରାଜ୍ୟଗୁଡ଼ିକ ମଧ୍ୟରେ ଆର୍ଥିକ ଏବଂ ସାମାଜିକ ବିକାଶର ବ୍ୟବଧାନକୁ ଦ୍ରୁତ ଭାବରେ ପୂରଣ କରିବାରେ ସାହାଯ୍ୟ କରିବ। ସମ୍ପ୍ରତି ରାଜ୍ୟଗୁଡ଼ିକ ଦ୍ୱାରା ମୋଟ ଖର୍ଚ୍ଚର କେବଳ ୪୦-୪୫% ତୁଳନାତ୍ମକ ଭାବରେ ଉପଲବ୍ଧ। ସମସ୍ତ ରାଜ୍ୟରେ ପ୍ରମୁଖ ଖର୍ଚ୍ଚ ସାମଗ୍ରୀକୁ ସମାନ କରିବା ଅର୍ଥ ଯେପରିକି ଦରମା, ସାମଗ୍ରୀ ସେବା, ଅନୁଦାନ ଏବଂ ପୁଞ୍ଜି ଖର୍ଚ୍ଚ, ଶିକ୍ଷା, ସ୍ୱାସ୍ଥ୍ୟ କିମ୍ବା ଭିତ୍ତିଭୂମି ଉପରେ ଖର୍ଚ୍ଚର ତୁଳନା ସହଜ କରିବ। ଏହାଦ୍ୱାରା ଗୋଟିଏ ରାଜ୍ୟର ଖର୍ଚ୍ଚ ଅନ୍ୟ ରାଜ୍ୟଠାରୁ କିପରି ଭିନ୍ନ ତାହା ପ୍ରମାଣିତ ହୋଇ ପାରିବ। ସେହିପରି କେଉଁ ରାଜ୍ୟଗୁଡ଼ିକ ସେମାନଙ୍କର ଖର୍ଚ୍ଚର ସର୍ବୋତ୍ତମ ବ୍ୟବହାର କରୁଛନ୍ତି ତାହା ମଧ୍ୟ ଜଣାପଡ଼ିବ। ଏହା ଅନ୍ୟ ରାଜ୍ୟର ବଜେଟକୁ ଉନ୍ନତ କରିବାରେ ସାହାଯ୍ୟ କରିବ, ରାଜ୍ୟଗୁଡ଼ିକୁ ସେମାନଙ୍କର ଦୁର୍ବଳତା ମୂଲ୍ୟାଙ୍କନ କରିବାରେ ସାହାଯ୍ୟ କରିବ ଏବଂ କେନ୍ଦ୍ର ସରକାରଙ୍କ ପାଇଁ ପାଣ୍ଠି ବଣ୍ଟନକୁ ଅଧିକ ସମାନ କରିବ।

### ରାଜ୍ୟରେ ନାରୀ...

ବାଘମାରୀ ଓ କଟକ ଏସସିବି ମେଡିକାଲରେ ନିକଟରେ ଘଟି ଯାଇଥିବା ନାରୀ ନିର୍ଯାତନା ଘଟଣା ଅତ୍ୟନ୍ତ ପୀଡ଼ା ଦାୟକ। ଏଭଳି ସମ୍ବେଦନଶୀଳ ଘଟଣା ସରକାରଙ୍କର ଅପାରଗତାକୁ ପଦାରେ ପକାଇଛି। ଏତେ ଘଟଣା ପରେ ଏ ସରକାରର ନିଦ କେବେ ଭାଙ୍ଗିବ ବୋଲି ଶ୍ରୀ ପଟ୍ଟନାୟକ ପ୍ରଶ୍ନ କରିଥିଲେ। ସେହିପରି ଶାନ୍ତି ଓ ସଦ୍‌ଭାବ ପାଇଁ ସୁନାମ ଥିବା ଓଡ଼ିଶାରେ ସାଂପ୍ରଦାୟିକ ଉତ୍ତେଜନା ବଢ଼ି ଚାଲିଥିବା ବେଦନାଦାୟକ ବୋଲି କ୍ଷୋଭ ପ୍ରକାଶ କରିଥିଲେ ନବୀନ। ଗତ ୧୮ ମାସ ଭିତରେ ରାଜ୍ୟରେ ଆଇନଶୃଙ୍ଖଳା ସ୍ଥିତିରେ ଅବନତି ଘଟିଛି। କଟକ ସହରରେ ଦୁର୍ଗାପୂଜା ସମୟରେ ଘଟି ଯାଇଥିବା ଦଙ୍ଗା ଓଡ଼ିଶାର ମୁଣ୍ଡ ତଳକୁ କରିଦେଇଛି ବୋଲି ଶ୍ରୀ ପଟ୍ଟନାୟକ କ୍ଷୋଭ ପ୍ରକାଶ କରିଥିଲେ। ସେ ପୁଣି କହିଥିଲେ ଯେ ରାଜ୍ୟରେ ଚାଷୀ ଓ ମହିଳାମାନେ ସବୁଠାରୁ ଅଧିକ ଦୁଃଖରେ ଅଛନ୍ତି। ସରକାର ନା ଚାଷୀଙ୍କୁ ଠିକ୍ ସମୟରେ ସାର ଯୋଗାଇ ପାରୁଛନ୍ତି, ନା ମିଶନ ଶକ୍ତି ମା' ମାନଙ୍କୁ ଋଣ ସହାୟତା ଦେଇ ପାରୁଛନ୍ତି। ଚାଷୀ ଓ ମିଶନ ଶକ୍ତି ମା' ମାନଙ୍କ ପ୍ରତି ସରକାରଙ୍କର ଉଦାସୀନତାର ଦୃଢ଼ ବିରୋଧ କରାଯିବ ବୋଲି ସେ କହିଥିଲେ। ରାଜ୍ୟରେ ଚାଲିଥିବା ବିଜେପି ସରକାରକୁ ଚାଷୀ, ମହିଳା ଓ ଯୁବ ବର୍ଗର ବିରୋଧୀ ବୋଲି ବର୍ଣ୍ଣନା କରି ଶ୍ରୀ ପଟ୍ଟନାୟକ କହିଥିଲେ ଯେ କ୍ଷମତାକୁ ଆସିବା ପରେ ବିଜେପି ସରକାର ଏ ପର୍ଯ୍ୟନ୍ତ ଗୋଟିଏ ବି ନିଯୁକ୍ତି ପରୀକ୍ଷା ତ୍ରୁଟି ଶୂନ୍ୟ ଭାବରେ ପରିଚାଳନା କରିପାରି ନାହାନ୍ତି। ଯାହାକି ଯୁବ ବର୍ଗ ମଧ୍ୟରେ ହତାଶା ସୃଷ୍ଟି କରିଛି। ତେଣୁ ଜନସାଧାରଣ ସମ୍ମୁଖୀନ ହେଉଥିବା ଏହି ସବୁ ପ୍ରସଙ୍ଗରେ ସରକାରଙ୍କୁ ଉତ୍ତରଦାୟୀ ହେବାକୁ ପଡିବ ବୋଲି ଶ୍ରୀ ପଟ୍ଟନାୟକ କହିଥିଲେ। ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ ପଶ୍ଚିମ ଓଡ଼ିଶାରେ ଧାନ ସଂଗ୍ରହ ନେଇ ଦେଖା ଦେଇଥିବା ସମସ୍ୟା ବିଷୟ ଉଠାଇଥିଲେ। କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା ବିଭିନ୍ନ ଆଳରେ ଗରିବ ଲୋକଙ୍କ ରାସନ କାର୍ଡ କାଟିବା ପାଇଁ ସରକାରଙ୍କ ନିଷ୍ପତ୍ତି ସମ୍ପର୍କରେ ବିରୋଧୀ ଦଳ ନେତାଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ। ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ଗୃହରେ ବିରୋଧୀ ଦଳର ରଣନୀତି ଉପରେ ଆଲୋକପାତ କରିବା ସହିତ ଆସନ୍ତାକାଲି ରାଷ୍ଟ୍ରପତିଙ୍କ ବିଧାନସଭା କାର୍ଯ୍ୟକ୍ରମ ସମ୍ପର୍କରେ ସଭ୍ୟମାନଙ୍କୁ ଅବଗତ କରିଥିଲେ।

### ଦର୍ଶନ ପାଇଁ...

ଗୁଣ୍ଡିଚା ମନ୍ଦିର ପରିଦର୍ଶନ କରି ପ୍ରସ୍ତୁତିର ଅନୁଧ୍ୟାନ କରିଛନ୍ତି। ମୁଖ୍ୟ ପ୍ରଶାସକ ଡ. ପାଢ଼ୀ କହିଛନ୍ତି, ଶ୍ରୀଗୁଣ୍ଡିଚା ମନ୍ଦିରକୁ ଭକ୍ତମାନେ ଯେପରି ସୁରୁଖୁରୁରେ ଦର୍ଶନ କରିପାରିବେ, ସେନେଇ ବ୍ୟବସ୍ଥା କରାଯାଉଛି। ଏସ୍‌ଓପି ଅନୁଯାୟୀ, ପ୍ରତିଦିନ ସକାଳ ୬ଟାରୁ ସନ୍ଧ୍ୟା ୬ଟା ଅର୍ଥାତ୍ ୧୨ଘଣ୍ଟା ପର୍ଯ୍ୟନ୍ତ ମନ୍ଦିର ଖୋଲା ରହିବ। କିନ୍ତୁ ଶୀତଦିନ ଅର୍ଥାତ ନଭେମ୍ବରରୁ ଫେବ୍ରୁଆରୀ ଏହି ୪ମାସ ଭକ୍ତଙ୍କ ପ୍ରବେଶ ଅପରାହ୍ଣ ୫ଟାରୁ ବନ୍ଦ କରାଯିବ। ରଥଯାତ୍ରା ସମୟରେ ମହାପ୍ରଭୁଙ୍କ ନୀତିକାନ୍ତି ପାଇଁ ଦେବସ୍ନାନ ପୂର୍ଣ୍ଣିମାଠାରୁ ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ଗୁଣ୍ଡିଚା ମନ୍ଦିରକୁ ଭକ୍ତଙ୍କ ପ୍ରବେଶ ବନ୍ଦ ରହିବ। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ମନ୍ଦିର ବାହାରେ ଭକ୍ତଙ୍କ ପାଇଁ ନିଃଶୁଳ୍କ ମୋବାଇଲ୍ ଏବଂ ଜୋତାଷ୍ଟାଣ୍ଡ ବ୍ୟବସ୍ଥା କରାଯାଉଛି। ମନ୍ଦିର ଭିତରେ ପ୍ରାୟ ସବୁ ଜାଗାରେ ସିସିଟିଭି ଲଗା ସରିଛି। କିନ୍ତୁ ସୁରକ୍ଷା ଦୃଷ୍ଟିକୋଣରୁ ଆଉ କିଛି ଜାଗାରେ ଲଗାଯିବ।

ସେହିପରି ଜିଲ୍ଲାପାଳ ଶ୍ରୀ ପରିଡ଼ା କହିଛନ୍ତି, ଆସନ୍ତା ଡିସେମ୍ବର ୧ରୁ ସର୍ବସାଧାରଣଙ୍କ ପାଇଁ ଖୋଲିବ ଗୁଣ୍ଡିଚା ମନ୍ଦିର। ଶ୍ରଦ୍ଧାଳୁଙ୍କ ପାଇଁ ସମସ୍ତ ପ୍ରକାର ଆନୁଷଙ୍ଗିକ ବ୍ୟବସ୍ଥା କରାଯାଇଛି। ଟେଣ୍ଡର୍ ଦିଆଯାଇ ଶ୍ରୀମନ୍ଦିର ପ୍ରଶାସନ ନିଜେ ଏହାକୁ ପରିଚାଳନା କରିବ। ଗୁଣ୍ଡିଚା ମନ୍ଦିର ପରିସର ସୌନ୍ଦର୍ଯ୍ୟକରଣ କାମ ଶେଷ ହୋଇଥିବା ବେଳେ ଚତୁଃପାର୍ଶ୍ୱରୁ ସମସ୍ତ ଅବରୋଧ ହଟାଯାଇଛି ବୋଲି କହିଛନ୍ତି।

ସୂଚନାଥାଉ କି, ଓଡ଼ିଶାରେ କୋଭିଡ୍ କଟକଣା ଲାଗୁ ହେବା ପରଠାରୁ ଅର୍ଥାତ୍ ୨୦୨୦ରୁ ଗୁଣ୍ଡିଚା ମନ୍ଦିରକୁ ଭକ୍ତଙ୍କ ପ୍ରବେଶ ବନ୍ଦ ରହିଛି। ପ୍ରାୟ ୬ବର୍ଷ ହେଲାଣି ଏହି କଟକଣା ରହିଛି। ଗତ ୪ବର୍ଷ ରଥଯାତ୍ରା ସମୟରେ ୯ ଦିନ ପାଇଁ ଗୁଣ୍ଡିଚା ମନ୍ଦିର ଖୋଲା ରହୁଛି। ଆଡ଼ପମଣ୍ଡପରୁ ମହାପ୍ରଭୁ ଯିବା ପରେ ପୁଣି ବନ୍ଦ ହୋଇଯାଉଛି ମନ୍ଦିର ଦ୍ୱାର, ଯାହା ହଜାର ହଜାର ଜଗନ୍ନାଥପ୍ରେମୀଙ୍କୁ ନିରାଶ କରୁଛି। ପ୍ରଚାରପ୍ରସାର ଅଭାବରୁ ପ୍ରତିଦିନ ଶହଶହ ଭକ୍ତ, ପର୍ଯ୍ୟଟକ ଗୁଣ୍ଡିଚା ମନ୍ଦିର ଆସି ନିରାଶ ହୋଇ ଫେରୁଛନ୍ତି। ପୁରୀକୁ ଆସୁଥିବା ଭକ୍ତ ଓ ତୀର୍ଥଯାତ୍ରୀ ଶ୍ରୀମନ୍ଦିର ସହ ମହାପ୍ରଭୁଙ୍କ ଜନ୍ମବେଦୀ ଗୁଣ୍ଡିଚା ମନ୍ଦିରକୁ ଯିବାକୁ ଭୁଲି ନ ଥା'ନ୍ତି। ଅନେକ ପର୍ଯ୍ୟଟକ ମଧ୍ୟ ଗୁଣ୍ଡିଚା ମନ୍ଦିର ପରିଦର୍ଶନ କରିବାର ଆଗ୍ରହ ରଖିଥା'ନ୍ତି। କିନ୍ତୁ ସେମାନଙ୍କୁ ନିରାଶ ହେବାକୁ ପଡୁଛି।

**ODISHA CONSTRUCTION CORPORATION LTD.** CAD-2475
(A Govt. of Odisha Undertaking)
**CENTRAL WORKSHOP, RASULGARH,**
Bhubaneswar-751010 (Odisha)
Tel- 0674 : 2580107,
Email : smppmcws@gmail.com
(GSTIN-21AAACO2571K2ZM)

**Tender call Notice No. OCC/CWS/PROC/KIP-20/66/2025-26 dtd.26.11.2025.**

Type of work : Supply of Casting items for Kanupur Irrigation Project (Depletion sluice at Block No. 12 & 13 ) for Emergency gate.
Total No. of work : 01(One).
Period of supply : 60 (Sixty) days.

| Procurement Officer | Tender Call Notice No. | Cost of Tender document (Including GST) | Sale of tender document | Submission of tender document (as per TCN) |
|---|---|---|---|---|
| Senior Manager (Mech.), OCC Ltd., Central Workshop, Rasulgarh, Bhubaneswar | OCC/ CWS/ PROC/KIP-20 /66 / 2025-26 dtd.26.11.2025 | Rs.7080/- (Non-refundable) | 27.11.2025 10.00AM to 11.12.2025 1.00 PM | 27.11.2025 10.00AM to 11.12.2025 3.30 PM |

Date of opening of the Tender : 11.12.2025 at 4.00 P.M.
Further details can be seen from the website (www.odishaconstruction.com)
Amendment/corrigendum/cancellation, if any shall be posted on-line only (OCCL website).

Sd/-
Senior Manager (Mech.)-I
OCC Ltd., Bhubaneswar

OIPR-

**AFFIDAVIT**

By virtue of an affidavit sworn before Notary public Bhubaneswar on dated, 25.11.2025, I Sushil Mahar resident of at- Bada Harijan Sahi, New janta talkies, Nayagarh N.A.C, Po- Nayagarh Bazar, Dist- Nayagarh, Odisha, PIN- 752070 declare that I have changed my name from Sushil Kumar Mahar to Sushil Mahar. Henceforth, I shall be known as **SUSHIL MAHAR** for all purposes.

**AFFIDAVIT**

By virtue of an affidavit sworn before Notary Public Bhubaneswar, on dated 26.11.2025, I Sanjay Kumar Muduli resident At- Bedapur, Po- Bhairipur, Ps- Gop, Dist- Puri, Odisha, PIN- 752110, declare that I have changed the name of my Son from Subhasurya Muduli to S.R. Subhasurya Muduli . Henceforth, He shall be known as **S.R. SUBHASURYA MUDULI for all purposes.**

**ADMISSION NOTICE-2025-26**
**Manjari Devi College**
Affiliated to Utkal University, OUHS, PCI, OSBP & DMLT/RTEB
Campus:
262, Puranpadhan, Balakati, Bhubaneswar
Mob. 7019799641, 7978608747 9853801459
Email: mdscnbbsr@gmail.com
• **B. Pharm** Rs. 58,000/- P.A. Eligibility: +2 Sc. (PCB/M & OJEE Appeared)
• **D. Pharm** Rs. 48,000/- P.A. Eligibility: +2 Sc. (PCB/M)
• **B.M.L.T.** Rs. 58,000/- P.A. Eligibility: +2 Sc. (PCB/M with 50 % Mark)
• **D.M.L.T.** Rs. 48,000/- P.A. Eligibility: +2 Sc. Pass (PCB/M )
• **M.P.H.** Rs. 42,000/- P.A. Eligibility: Any Graguate
ALL COURSE FEES ARE EXCLUDING HOSTEL

**OFFICE OF THE NOTIFIED AREA COUNCIL, REMUNA, BALASORE**
E-mail: remuna-nac@gov.in, Tel.No. - 06782-291978
Letter No. 2290 / Dated 21/11/2025 C-1556

**Expression of interest for Supplying of 08 nos. of Door to Door waste collection compartmentalized LCV Vehicles including Drivers & loaders on hiring basis for Remuna NAC.**

Details of bid documents can be downloaded from the website **www.remunanac.in** on or before **08.12.2025 up to 5.00 PM**

The completed application, as per instructions in the EOI documents should reach the following address by Registered Post/ Speed Post on or before **5.00 PM on date 08.12.2025.**

Remuna NAC reserves the sole right to accept or reject the proposal without assigning any reason thereof.

**Executive Officer**
**Remuna NAC**

OIPR-

**IN THE COURT OF THE CIVIL JUDGE (SENIOR DIVISION), ANANDAPUR.**
C.S. 115/2023

Kanthia Sethy .......Plaintiff
Vrs.
Nachhu Sethy and others ..Defendants

**NOTICE U/O 5, RULE 20 OF C.P.C To**

Def. 4, 1) Mayadhar Sethy, aged about 57 yrs, Son of late Suka Sethy, of village/P.O- Keshadurapal,P.S- Ghasipura, Dist. Keonjhar.
Def. 5, 2) Tilottama Sethy, aged about 47 years,Wife of Baya Sethy of village-Chhualia, P.O- Dhenka, P.S- Soso, Dist. Keonjhar.
Def. 6, 3) Pramila Sethy, aged about 54 years, Wife of Daitari Sethy Daughter of Sya Sethy of village-Khalagadia,P.O- Dhenka, P.S- Soso, Dist. Keonjhar.
Def. 15, 4) Babuli Sethy, aged about 52 years,Son of late Bali Sethy of village/P.O Atapur, P.S- Sadar,Dist. Keonjhar.
Def. 18, 5) Sanju Sethy, aged about 49 years,Wife of Purna Chandra Behera of village/P.O-Pandirisilli,P.S- Raruan, Dist. Keonjhar.
Def. 20, 6) Pritimaya Sethy, aged about 28 years,Son of late Kulamani Sethy, Village- Sankhapata (Sabarsahi) P.O/P.S- Baripada, Dist. Mayurbhanj.

Take notice that the above-named plaintiff has filed the C.S no. 115/2023 for partition and permanent injunction against the Defendants and the service of summons could not be served against the aforesaid defendants in spite of repeated summons issued by the Court in either ways and the defendants avoided to receive the Court Summons.

So you all are noticed to appear in my Court on 22nd Dec 2023 at about 10.30 A.M in person or through advocate to put forth your claims as to why reliefs prayed by the plaintiff should not be granted.

Take notice that in case of default the suit will be heard or determined in your absence.

Given under my hand and seal of this Court day 20.10.2023.

**Civil Judge (Sr. Divn.),**
**Anandapur.**

**REGULATED MARKET COMMITTEE, DEOGARH**
At: Hatisahi Sahi, E- No -6, Punjapani, Dist.- Deogarh (Odisha), Pin - 768119
Email Id – rmcdeogarh20@gmail.com

**QUOTATION CALL NOTICE**

The Sub-Collector-cum-Chairman, RMC, Deogarh invites sealed quotations from different Tent House Owners for creation of waterproof temporary storage facilities for keeping paddy in all Paddy Purchase Centres (PPCs) of Deogarh district during the Kharif Marketing Season KMS-2025-26 along with Farmer Rest Shed of following specifications:

**1.** Waterproof Paddy Storage House of size 30' × 20'
Centre Height 15' tapering to 9' (each unit)
Polythene cover on three sides for protection from rainwater
Quantity - Minimum 49 units, additional units as per DLPC requirement.

**2.** Waterproof Farmers' Rest Sheds with cloth sealing of size 15' × 15' × 10' Side walls on three sides
Quantity – Minimum 49 units, additional units as per DLPC requirement.

Sealed quotations should reach the office of the RMC, Deogarh by Registered Post or by hand on or before 01.12.2025 by 5 PM and will be opened on 02.12.2025 at 11:00 AM by the RMC authority in the presence of the quotationers or their authorised representatives in the office of the RMC, Deogarh.

**TERMS & CONDITIONS:**

1. The quotationer should quote the rate inclusive of all charges including labour, transportation, fitting, materials, GST/IT and other applicable dues.
2. The quotationer should be a registered dealer having valid GST and PAN on the date of submission of quotation.
3. Work should be completed within 12 days from the date of issue of work order.
4. The Chairman, RMC, Deogarh reserves all rights to reject one or any of the tender without assigning any reason thereof.
5. Payment will be made only after quality checking and verification as to completion of work as per specification.

**Sd/-Sub Collector,**
**Deogarh & Chairman, Deogarh RMC**

**AFFIDAVIT**

By virtue of an affidavit sworn before Notary public Bhubaneswar on dated, 25.11.2025, I Sanjaya Kumar Panda resident of Quarter. No- H/8, Labour Colony, Rajabagicha, Cuttack Sadar, Telenga Bazar Dist- Cuttack, Odisha, PIN- 753009 declare that I have changed my name from Sanjay Kumar Panda to Sanjaya Kumar Panda. Henceforth, I shall be known as **SANJAYA KUMAR PANDA** for all purposes.

**AFFIDAVIT**

By virtue of an affidavit sworn before Notary public Bhubaneswar on dated, 25.11.2025, I Puspalata Nayak resident of Nayak Sahi, At/Po- Majhihara, Dist- Khordha, Odisha, PIN- 752103 declare that I have changed my name from Puspalata Bayak to Puspalata Nayak. Henceforth, I shall be known as **PUSPALATA NAYAK** for all purposes.

**AFFIDAVIT**

By virtue of an affidavit sworn before Executive Magistrate, Puri, dated 26.11.2025 I, G S V Dattatreya Murthy , At: Nirmalya Apartment , flat No. 05, Samanta Chandra Sekhara Nagar, Rama Ballav Road, Puri , Odisha declare that I have changed the name of my son from Chandra Sekara Sharma to Ganti Chandra Sekhara Sarma. Henceforth, he shall be known as Ganti Chandra Sekhara Sarma for all purposes.

**NOTICE (FOR MINOR)**

By virtue of an affidavit no. 114, before the Executive Magistrate, Bhubaneswar on dtd.21.11.2025, I, Nalini Sahoo, At- Gobinda Nagar, Nayapalli, Bhubaneswar, Odisha, do hereby declare that I have changed my minor daughter's name from Purnim Sahoo (old name) to Purnima Sahoo (new name). Henceforth she shall be known as **Purnima Sahoo** (new name) for all purposes.

**Nalini Sahoo**

**NOTICE**
(above 18 years of age)

By virtue of a affidavit CF No. 101, sworn before Executive Magistrate / Notary Public BBSR, Dated 24.11.2025, I Rajalaxmi Dei, At: Kotanga- Kantimala, Kotanga, Puri, Odisha - 752118 declaring that I have changed my name from Rajalaxmi Pradhan to Rajalaxmi Dei. Henceforth, I shall be known as Rajalaxmi Dei for all purpose.

**Rajalaxmi Dei**

**AFFIDAVIT**

I, Madhu Mahali, W/o Shiba Mahali, resident of Vill Thakurbadi, P.O. Tarana, P.S. Tiring, Dist. Mayurbhanj, state that my name has been recorded as Madhu Mardi in my Aadhaar Card (No. 6280 0166 1951). After marriage, my correct surname is Mahali. Both names Madhu Mardi and Madhu Mahali refer to the same person. Hence, I declare that my correct name is **Madhu Mahali.**

**AFFIDAVIT**

By virtue of an affidavit sworn before Notary Public, Jharsuguda dated - 25.11.25 I, Pawan Das, Address At - Badebanka, P.o- Rajkamma, Sub District- Pali, Dist - Korba, (CG) PIN-495445 declare that I have changed my name from Pawan Das Mahant to Pawan Das. Henceforth I shall be known as Pawan Das for all purposes.

**Pawan Das**

**AFFIDAVIT**

By virtue of an affidavit sworn before Executive Magistrate Cuttack, dated 25th November 2025, I Mrs SANTILATA MULIA, Address, HOUSE NO - 1155, Balabhadrapur, Balisahi, Cuttack Sadar, Po - Ad market, ps - badambadi, declare that I have changed my name from SANTI MULIA to SANTILATA MULIA. Henceforth, I shall be known as SANTILATA MULIA for all purposes.

**SANTILATA MULIA**

**AFFIDAVIT**

By virtue of an Affidavit sworn before the Executive Magistrate Sohela dated 07/11/2025 I Babita Sahoo D/O- Chakradhar Sahoo resident of Village/ Ward Mahabir Pada, Po./Ps.: Bhawanipatna Dist.: Kalahandi declare that, I have changed my name from **Babita Kumari Sahoo** to **Babita Sahoo.** Henceforth I shall be known as **Babita Sahoo** for all purposes.

**AFFIDAVIT**

By virtue of an affidavit Sl. No.495, dtd.26.11.2025 sworn before the Notary Public, Subarnapur, I, Preeti Priyadarsani Padhan, have changed my name from Priti Priyadarshini Padhan to Preeti Priyadarsani Padhan. Henceforth I shall be known as Preeti Priyadarsani Padhan for all purposes.

**Sd/- Preeti Priyadarsani Padhan**

**AFFIDAVIT**

I, AMIYA BALA NAYAK, aged about 69 years, W/o- Hemant Kumar Nayak, Resident of Nua Sahi, At/PO: G.Udayagiri, Dist.: Kandhamal,Odisha, PIN-762100, declared by this Affidavit No.: 1535/2025, Dated: 21.11.2025. That now onwards I shall be known as for all future **AMIA BALA NAIK** for all future Purposes.

**AFFIDAVIT**

By virtue of an affidavit (CF No. 02, dtd- 26/11/2025) sworn before the Executive Magistrate, Padampur. I, **Manash Ranjan Panigrahi,** S/o Buddhadeb Panigrahi, permanent & current resident of AT- Padampur, PO- Rajborasambar, PS- Padampur, Dist- Bargarh, PIN- 768036, Odisha declare that I have changed my name from **Manish Panigrahi** to **Manash Ranjan Panigrahi.** Henceforth, I shall be known as **Manash Ranjan Panigrahi** (new name) for all purposes.

**Manash Ranjan Panigrahi**

**AFFIDAVIT**

I, Nidhi Mittal, aged about 34 years, W/o- Vinit Mittal, resident of At- Madhusudan Marg, Mittal Enterprises, Ps- Plant Site, Rourkela Dist- Sundargarh, Odisha, Pin- 769001 declare by this affidavit No. 2406, dtd- 26/11/2025, that now onwards I shall be known as **NIDHI GARG** for all future purposes.

**AFFIDAVIT**

I, Rasmita Yadav, aged about 36 years, W/o- Umesh Yadav, resident of At- Plot No.02, Brahmeswar Bag, Tankapani Road, Badagada Brit Colony, Bhubaneswar, Dist- Khordha, PIN- 751018, Odisha declare by this affidavit No. 2391, dtd- 26/11/2025, that now onwards I shall be known as **RASHMITA YADAV** for all future purposes.

**AFFIDAVIT**

I, Maina Anjum Akhtari, D/o- Sk Nabiruddin, resident of Alakundanuagan, Nuagan, Binjharpur, Dist-Jajpur, PIN- 755013, Odisha declared by this affidavit No-971, dtd- 26/11/2025 that now onwards I shall be known as **ANJUM AKHATARI** for all future purposes.

**AFFIDAVIT**

By virtue of an affidavit before the Notary Public, Titilagarh, on dated- 26/11/2025. I, **Bijaya Kumar Putel** (applicant name), S/o- Parsuram Putel, permanent resident of AT/PO- Tatopara, PS- Muribahal, Dist- Bolangir, (Odisha), PIN- 767033 now residing at the same place declare that I have changed my minor daughter's name from **Ashreeta Putel** (old name) to **Bansita Putel** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion she shall be known as **Bansita Putel** (new name) for all future purposes.

**Bijaya Kumar Putel**

**AFFIDAVIT**

By virtue of an affidavit sworn before the Executive Magistrate, Bhubaneswar vide CF. No. 73 on dated 24/11/2025, I PRANAYA KUMAR MALLICK, S/o- Felix Mallick, permanent resident of At/PO- Gudikia, PS- Bamunigam, Dist- Kandhamal, Odisha, Pin- 762021, declare that I have changed my name from PRANAY MALIK, S/o- Phelakas Malik to PRANAYA KUMAR MALLICK, S/o- Felix Mallick. Henceforth, I shall be known as PRANAYA KUMAR MALLICK, S/o- Felix Mallick for all purposes.

**PRANAYA KUMAR MALLICK**

ସକାଳ THE SAKALA



# ମଦ ବନ୍ଦ ପାଇଁ ଅଣ୍ଟା ଭିଡ଼ିଲା ମହିଳା ସଂଘ



ଜୟପୁର ୨୬ ।୧୧, (ସମିସ): କୋରାପୁଟ ଜିଲ୍ଲା ଜୟପୁର ବ୍ଲକ ଅଧିନସ୍ଥ ସାନକାଉଡ଼ି ଗ୍ରାମରେ ମଦ ବିକ୍ରିକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରିବା ସହିତ ସମସ୍ତ ଗ୍ରାମବାସୀ ମଦପାନ ବନ୍ଦ କରିବା ନେଇ ଗ୍ରାମର ମହିଳା ସଂଘ ମାନେ ଅଣ୍ଟା ଭିଡିବା ସହିତ ସଚେତନ କରିଛନ୍ତି। ଗ୍ରାମରେ ମଦ ବନ୍ଦ ନେଇ ଗତ ରବିବାର ସୋମବାର ଏକ ବୈଠକ ମାଧ୍ୟମରେ ନିଷ୍ପତି ଗ୍ରହଣ କରାଯାଇଛି। ଏଥିରେ ମହିଳା ସଂଘ, ଯୁବକ ସଂଘ ଓ ଗ୍ରାମର ବୟସ୍କ ମାନଙ୍କ ସହଯୋଗରେ ଏହି ପଦକ୍ଷେପ ଗ୍ରହଣ କରାଯାଇଛି। ଗ୍ରାମରେ ସଚେତନ ପରିବେଶ ମାଧ୍ୟମରେ ସମସ୍ତ ଗ୍ରାମବାସୀଙ୍କ ନିଷ୍ପତି କାର୍ଯ୍ୟକାରୀ ହେବା ପୂର୍ବରୁ ଗ୍ରାମବାସୀ ଓ ମଦ ବିକ୍ରେତାଙ୍କୁ ଅବଗତ କରାଇବା ପାଇଁ ପୂର୍ବ ଲିଖିତ ସୂଚନା ଦିଆଯାଇଛି ଏବଂ ଗ୍ରାମର ବିଭିନ୍ନ ସାହି ଓ ରାସ୍ତା ଲିଖିତ ପତ୍ର ଟଙ୍ଗା ଯାଇଛି। ଏଥିରେ ଗ୍ରାମର ୧୯ଟି ମହିଳା ସ୍ୱୟଂ ସହାୟକ ସଂଘ ଏକତ୍ରିତ ହୋଇଛନ୍ତି। ମଦପାନ ଯୋଗୁଁ ଗ୍ରାମର ବିଭିନ୍ନ ଗୃହରେ ପରିବାର ମଧ୍ୟରେ ଅସ୍ଥିରତା, ଆର୍ଥିକ ସମସ୍ୟା ଓ ଯୁବକମାନଙ୍କର ଦିନକୁ ଦିନ ଅବନ୍ନତି ଘଟୁଛି। ତେଣୁ ଗ୍ରାମକୁ ସମ୍ପୂର୍ଣ୍ଣ ଭାବେ ମଦମୁକ୍ତ ଗ୍ରାମରେ ପରିଣତ କରିବାକୁ ପ୍ରତିଜ୍ଞା କରାଯାଇଥିଲା। ଗ୍ରାମର ବିଭିନ୍ନ ସାହିରେ ପ୍ରାୟ ୧୩ ଜଣ ବେଆଇନ ଭାବେ ମଦ ବିକ୍ରି କରୁଥିବା ଚିହ୍ନଟ ହୋଇଛନ୍ତି। ସମସ୍ତଙ୍କୁ ସଚେତନ କରାଯାଇଛି ଯେ, ମଦ ବିକ୍ରି ଓ ମଦପାନ କରୁଥିବା ଲୋକଙ୍କ ବିରୋଧରେ ଗ୍ରାମବାସୀଙ୍କ ଉପସ୍ଥିତିରେ ଆଇନ ଅନୁଯାୟୀ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗ୍ରାମବାସୀମାନେ ମିଳିତ ନିଷ୍ପତି ଗ୍ରହଣ କରିବେ। ମହିଳା ସଂଘ ପକ୍ଷରୁ ଆଗାମୀ ଦିନରେ ଗ୍ରାମକୁ ସମ୍ପୂର୍ଣ୍ଣ ମଦମୁକ୍ତ କରିବା ନେଇ ଗ୍ରାମବାସୀଙ୍କ ମଧ୍ୟରେ ମିଳିତ ବୈଠକରେ ନିଆଯାଇଥିବା ନିଷ୍ପତି ଓ ପଦକ୍ଷପ ନେଇ ଜିଲ୍ଲାପାଳ, ଏସପି, ଅବକାରୀ ବିଭାଗଙ୍କୁ ଲିଖିତ ଭାବେ ଅବଗତ କରାଯିବ ବୋଲି ପ୍ରକାଶ କରିଛନ୍ତି। ଗ୍ରାମରେ ଶାନ୍ତି, ସୁସ୍ଥ ପରିବେଶ ଓ ଯୁବପୀଢିଙ୍କ ସୁନ୍ଦର ଭବିଷ୍ୟତ ପାଇଁ ଏହା ଏକ ଐତିହାସିକ ପଦକ୍ଷେପ ବୋଲି ଗ୍ରାମବାସୀ ମାନେ ପ୍ରକାଶ କରିଛନ୍ତି।

● ମଣ୍ଡି ସମସ୍ୟା ଦୂର କରିବା ପାଇଁ ଦାବି

# ଜିଲ୍ଲା କୃଷକ କଲ୍ୟାଣ ମଞ୍ଚ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର



କୋରାପୁଟ,୨୬।୧୧(ସମିସ): ଜିଲ୍ଲାରେ ଚାଲିଥିବା ମଣ୍ଡିଗୁଡିକରେ ବିଭିନ୍ନ ସମସ୍ୟା ନେଇ ଜିଲ୍ଲା କୃଷକ କଲ୍ୟାଣ ମଞ୍ଚ ପକ୍ଷରୁ ଏକ ଦାବିପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି। ସ୍ଥାନୀୟ ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ର ୦।ରେ ଜିଲ୍ଲା ଧାନ ସଂଗ୍ରହ କମିଟି ବୈଠକରେ ଶତାଧିକ ଚାଷୀ ଉପସ୍ଥିତ ରହି ମଣ୍ଡିର ସମସ୍ୟା ନେଇ ଦାବିପତ୍ର ପ୍ରଦାନ କରିଛନ୍ତି। ବିଶେଷ କରି ଗରିବ ଚାଷୀଙ୍କ ଅଭାବୀ ବିକ୍ରି ବନ୍ଦ କରିବା ପାଇଁ ଡିସେମ୍ବର ପ୍ରଥମ ସପ୍ତାହରୁ ମଣ୍ଡି ଖୋଲିବା , ମଣ୍ଡିରେ ଚାଷୀଙ୍କ ପାଇଁ ବସ୍ତା ଓ ଖଲାସୀ ଏବଂ ଓଜନ ବ୍ୟବସ୍ଥା କ୍ରୟକାରୀ ସଂସ୍ଥା ବହନ କରିବା, ଚାଷୀଙ୍କୁ ଭେଣ୍ଡର ରସିଦ ପ୍ରଦାନ, ଟୋକନ ଅବଧି ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ବୃଦ୍ଧି, ବଡମଣ୍ଡିରେ ଦୈନିକ ଓ ସାନ ମଣ୍ଡିରେ ସପ୍ତାହକୁ ତିନିଦିନ ଧାନ କ୍ରୟ କରାଯିବା, ଏକର ପିଛା ୨୫ କ୍ୱିଣ୍ଟାଲ ଧାନ କ୍ରୟ କରାଯିବା ଆଦି ଅନେକ ଦାବି ଉପସ୍ଥାପନ କରିଛନ୍ତି। ଏହି ଦାବିଗୁଡିକର ସମାଧାନ କରିବାକୁ ଜିଲ୍ଲାପାଳଙ୍କୁ ଲିଖିତ ଭାବେ ଅବଗତ କରାଯାଇଥିବା କୃଷକ କଲ୍ୟାଣ ମଞ୍ଚ ସଂପାଦକ ନରେନ୍ଦ୍ର କୁମାର ପ୍ରଧାନ କହିଛନ୍ତି। ବୈଠକ ଶେଷ ହେବା ପରେ ଜିଲ୍ଲାପାଳ କୃଷକ ନେତା ମାନଙ୍କ ସହ ଦାବି ସମ୍ପର୍କରେ ଆଲୋଚନା କରିଥିବା ଜଣାପଡିଛି।

# ସପ୍ତଶକ୍ତି ସଙ୍ଗମ କାର୍ଯ୍ୟକ୍ରମ



କୋଟପାଡ,୨୬।୧୧(ସମିସ): କୋଟପାଡ଼ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଠାରେ ରବିବାର ଅପରାହ୍ନରେ ସପ୍ତ ଶକ୍ତି ସଙ୍ଗମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟର ଅଭିଭାବିକା ମାନଙ୍କ ସମେତ ସହରର ଶତାଧିକ ମହିଳା ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ତଥା ମୁଖ୍ୟ ବକ୍ତା ରୂପେ ଜୟପୁର ବିକ୍ରମଦେବ ବିଶ୍ୱବିଦ୍ୟାଳୟର ଓଡ଼ିଆ ଅଧ୍ୟାପିକା ସୁକାନ୍ତି ସୋଏ, ଏବଂ ସମ୍ମାନିତ ଅତିଥି ରୂପେ ଶିକ୍ଷୟିତ୍ରୀ ନମିତା ଭଦ୍ର ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ପରିଚାଳନା ସମିତି ସଦସ୍ୟା ଶିକ୍ଷୟିତ୍ରୀ ମନସ୍ୱିନୀ ଚୌଧୁରୀ ପ୍ରଦୀପ ପ୍ରଜ୍ୱଳନ କରିଥିବା ବେଳେ ପ୍ରାରମ୍ଭିକ ସଂଗୀତ ସହ ମଞ୍ଚାସୀନ ଅତିଥିମାନଙ୍କ ସ୍ୱାଗତ ଏବଂ ପରିଚୟ ପ୍ରଦାନ କରିଥିଲେ ଦକ୍ଷିଣ ସମ୍ଭାଗ ବିଜ୍ଞାନ ପ୍ରମୁଖ, ଆଚାର୍ଯ୍ୟା ଧରିତ୍ରୀ ପଣ୍ଡା। କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ଶିଶୁବାଟିକା ପ୍ରମୁଖ ଗିରିଜା ମହାନ୍ତି ଆଲୋକପାତ କରିଥିବା ବେଳେ ସଂକୁଳସ୍ତରୀୟ ସାହିତ୍ୟ ପ୍ରମୁଖ ସୁମିତ୍ରା ସ୍ୱାଇଁ ଦେଶ ପ୍ରଗତିରେ ମହିଳାଙ୍କ ଭୂମିକା ଉପରେ ଅଭିଭାଷଣ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଶ୍ରୀମତୀ ସୋଏ କୁଟୁମ୍ବ ପ୍ରବୋଧନ ଓ ପର୍ଯ୍ୟାବରଣରେ ମହିଳାଙ୍କ ଭୂମିକା ଏବଂ ସମ୍ମାନିତ ଅତିଥି ଶ୍ରୀମତୀ ଭଦ୍ର ଭାଗବତ ଗୀତା ରେ ମହିଳାଙ୍କ ଭୂମିକା ଓ ସପ୍ତଶକ୍ତି ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ ଆଚାର୍ଯ୍ୟା ସିପ୍ରା ଜଗଦେବ ସଂକଳ୍ପ କାର୍ଯ୍ୟକ୍ରମ କରିଥିବା ବେଳେ ଭାରତୀୟ ସଂସ୍କୃତି ଆଧାରିତ କୁଇଜ କାର୍ଯ୍ୟକ୍ରମକୁ ଆଚାର୍ଯ୍ୟା ସ୍ମିତା ମଣ୍ଡଳ ଏବଂ ସୁମନ ବିଶୋଇ ପରିଚାଳନା କରିଥିଲେ। ଛାତ୍ରୀ ମାନଙ୍କ ଦ୍ୱାରା ସପ୍ତ ଶକ୍ତିଙ୍କ ବେଶଭୁଷାରେ ଭୂମିକା ପ୍ରଦର୍ଶନ ଏବଂ ସାମୂହିକ ସଂଗୀତ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଆଚାର୍ଯ୍ୟା ମାଳତୀ ବିଶ୍ୱାଳ, ସସ୍ମିତା ପଟ୍ଟନାୟକ, ଝରଣା ମଲିକ, ସସ୍ମିତା ବିଶ୍ୱାଳ, କିରଣବାଳା ମିଶ୍ର, ରଶ୍ମିତା ପ୍ରଧାନ, ଅନିଷା ବିଶୋଇ, କବିତା ଜେନା, ମମତା ସାହୁ, ଗୀତାଞ୍ଜଳି ମିଶ୍ର, ରଶ୍ମି ପ୍ରଧାନ, ଦିବ୍ୟା ପଟ୍ଟନାୟକ, ଅବନ୍ତିକା ଅଧିକାରୀ, ସୋନାଲି ନାୟକ, ସେବିକା ସୁବାସିନୀ ସ୍ୱାଇଁ ଓ ସୁଭଦ୍ରା ମାଝୀ ପରିଚାଳନାରେ ସହଯୋଗ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମଟି ପ୍ରଧାନ ଆଚାର୍ଯ୍ୟ ବିନୟ କୁମାର ମୁଣ୍ଡ ତଥା ଆଚାର୍ଯ୍ୟ ସନ୍ତୋଷ ଦାସ, ବିଜୟ ବିଶୋଇ, ନରେନ୍ଦ୍ର ମହାନ୍ତି, କାହ୍ନୁଚରଣ ପ୍ରଧାନ ଓ ସନ୍ତୋଷ ପାଇକରାୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା

# ଜିଲ୍ଲାସ୍ତରୀୟ ପ୍ରଦର୍ଶନୀ ସ୍ଥଳ ଉଦ୍‌ଘାଟିତ



ପଟ୍ଟାଙ୍ଗି,୨୬।୧୧(ସମିସ):

କୋରାପୁଟ ଜିଲ୍ଲା ପଟ୍ଟାଙ୍ଗି ବ୍ଲକ୍‌ର ମୁଲାଶଙ୍କର ଗ୍ରାମରେ ଗ୍ରୀନ କଲେଜ ଓଡ଼ିଶା ଅଧୀନରେ ଏକ ଜିଲ୍ଲାସ୍ତରୀୟ ପ୍ରଦର୍ଶନୀ ସ୍ଥଳ ଆଜି ଉଦଘାଟିତ ହେଲା। ଗ୍ରାମୀଣ ଦକ୍ଷତା, ଜଳବାୟୁ-ସହିଷ୍ଣୁ କୃଷି, ଜୀବିକାମୂଳକ ଶିକ୍ଷା ଏବଂ ଉଦ୍ୟୋଗ ବିକାଶକୁ ଗାଁସ୍ତରରେ ସାର୍ଥକ ଭାବରେ ପ୍ରଦର୍ଶନ କରିବା ପାଇଁ ଏହି ପ୍ରଦର୍ଶନୀ ସ୍ଥଳ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟି ସୃଷ୍ଟି କରିଛି। କୋରାପୁଟ ଜିଲ୍ଲାର ଉଦ୍ୟାନ କୃଷି ଉପ-ନିର୍ଦ୍ଦେଶକ ସୁଦାମ ଚନ୍ଦ୍ର ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦର୍ଶନୀ ସ୍ଥଳର ଉଦ୍‌ଘାଟନ କଲେ। ସଭାରେ ସହକାରୀ ଉଦ୍ୟାନ କୃଷି ଅଧିକାରୀ ରାନୁପ୍ରିୟା ସାହୁ ଯୋଗଦେଇ, ସରକାରୀ ଯୋଜନା ବିଶେଷତଃ କୃଷି ଉତ୍ପାଦନ କ୍ଲଷ୍ଟର ମାଧ୍ୟମରେ ଚାଷୀମାନେ କେମିତି ଲାଭ ଉଠାଇପାରିବେ, ସେ ବିଷୟରେ ସହଜ ଭାଷାରେ ଆଲୋଚନା କଲେ। ଫାଉଣ୍ଡେସନ ଫର ଇକୋଲଜିକାଲ ସିକ୍ୟୁରିଟିର କୋରାପୁଟ ଜିଲ୍ଲା ମୁଖ୍ୟ ପ୍ରଦୀପ କୁମାର ମିଶ୍ର ଗ୍ରାମୀଣ ଅର୍ଥନୀତି ଓ ପ୍ରାକୃତିକ ସମ୍ପଦ ସୁରକ୍ଷାକୁ ଯୋଡ଼ି ଦେଇ ଏହି ପ୍ରକାରର ପ୍ରଦର୍ଶନ ସ୍ଥଳ କେତେ ଦରକାରୀ, ତାହା ଉପରେ ଜୋର ଦେଇଥିଲେ। ପ୍ରଦାନ ସଂଗଠନର ପ୍ରୋଗ୍ରାମ ସେକ୍ରେଟାରୀଏଟରୁ ଭାସ୍କର ବୋରାହ ଅତିଥି ଭାବେ ଯୋଗଦେଇ ଗ୍ରୀନ କଲେଜ ଓଡ଼ିଶା ପଦକ୍ଷେପର ଉଦ୍ଦେଶ୍ୟ ଏବଂ ରାଜ୍ୟ ସ୍ତରର ଯୋଜନା ସହିତ ଏହାର ସମନ୍ୱୟ ବିଷୟରେ ଆଲୋକପାତ କଲେ। ପଟ୍ଟାଙ୍ଗି ବ୍ଲକ୍‌ର କୃଷି ଉତ୍ପାଦନ କ୍ଲଷ୍ଟର ପ୍ରୋଗ୍ରାମ ଟିମ ପ୍ରୋଗ୍ରାମ ମ୍ୟାନେଜର କେ. ମୁରଲୀ କୃଷ୍ଣା ଓ ବିଷୟ ବିଶେଷଜ୍ଞ ଦିଲୀପ କୁମାର ଚମ୍ପି, କୃତିକା ମହାନ୍ତି, ରମେଶ ଚୌଧୁରୀ, ମୋହନ ଜାନି, ଗୋଷ୍ଠୀ ସାଧନ ବ୍ୟକ୍ତି ତ୍ରିନାଥ ଖିଲ, କୁନ୍ତିକା ଖୋସଲା, କୌଶଲ୍ୟା ତାମାଲି ଓ ମନୋରଞ୍ଜନ ନାୟକ ଉଦ୍ୟାନ କୃଷି ସଂପ୍ରସାରଣ କର୍ମକର୍ତ୍ତା ମଧ୍ୟ ଏହି ଅବସରରେ ଉପସ୍ଥିତ ଥିଲେ। ସ୍ଥାନୀୟ ଚାଷୀ ଏବଂ ଉତ୍ପାଦକ ଗୋଷ୍ଠୀ ସହ ଆଲୋଚନା କଲେ। ପ୍ରଦର୍ଶନ ସ୍ଥଳର ସ୍ଥାନୀୟ ଇକୋପ୍ରେନିୟର ତ୍ରିନାଥ ମାସାଡି ଏହାକୁ ଏକ ଶିକ୍ଷଣ ସ୍ଥାନ ଭାବେ ଗଢ଼ି ଉଠିବାରେ ଗର୍ବ ପ୍ରକାଶ କରି କହିଲେ, ଏଠାରେ ନର୍ସରୀ ପରିଚାଳନା, ସ୍ଥାୟୀ କୃଷି ପ୍ରକ୍ରିୟା, ସବୁଜ ପଦାର୍ଥ ଉତ୍ପାଦନ, ପଶୁପାଳନ ଓ ବଜାର-ସଂଯୁକ୍ତ ଗ୍ରାମୀଣ ଉଦ୍ୟୋଗ ସମ୍ବନ୍ଧୀୟ ଲାଇଭ୍ ଫାର୍ମ ବ୍ୟବସାୟ ଦେଖିବା ଓ ଶିଖିବାକୁ ମିଳିବ। ସେ ଆଶା ବ୍ୟକ୍ତ କଲେ ଯେ, ପଟ୍ଟାଙ୍ଗି ଏବଂ ପାଖପାଖ ଅଞ୍ଚଳର ଯୁବକ-ଯୁବତୀ, ଚାଷୀ ଓ ମହିଳା ସ୍ୱୟଂ ସହାୟତା ଗୋଷ୍ଠୀମାନେ ଏହି ୟୁନିଟ ମାଧ୍ୟମରେ ନୂତନ ଦକ୍ଷତା ଶିଖି ପୁନର୍ଜୀବିକାର ସୁଯୋଗ ତିଆରି କରିବେ। ଗ୍ରୀନ କଲେଜ ଓଡ଼ିଶା ପକ୍ଷରୁ ଭାରତ ରୁରାଲ ଲାଇଭେଲିହୁଡ ଫାଉଣ୍ଡେସନର ଦକ୍ଷିଣ ଜୋନ ଆଞ୍ଚଳିକ ସହଯୋଗୀ ଲିଜାଲିନ୍ ମହାରଣା ପ୍ରଦର୍ଶନ ସ୍ଥଳକୁ 'ପ୍ରକୃତ-ସମୟ ଶିକ୍ଷଣ ଶ୍ରେଣୀଗୃହ' ଭାବେ ବର୍ଣ୍ଣନା କରିଥିଲେ। ଏହି ଅବସରରେ ସରକାରୀ ବିଭାଗ, ନାଗରିକ ସମାଜ ସଂଗଠନ, ଉତ୍ପାଦକ ଗୋଷ୍ଠୀ ଓ ସ୍ଥାନୀୟ ନେତାମାନେ ଅଂଶଗ୍ରହଣ କରି, ଦକ୍ଷତା, ଉଦ୍ୟୋଗ ଏବଂ ସମ୍ପ୍ରଦାୟ-ନେତୃତ୍ୱାଧୀନ ବିକାଶ ଉପରେ ଆଧାରିତ ଗ୍ରାମୀଣ ଅର୍ଥନୀତି ଗଢ଼ିବା ପ୍ରତି ସାମୂହିକ ପ୍ରତିବଦ୍ଧତା ପ୍ରକାଶ କରିଥିଲେ। ଗ୍ରୀନ୍ କଲେଜ ଓଡ଼ିଶା ପଦକ୍ଷେପଟି ଭାରତ ରୁରାଲ ଲାଇଭ୍‌ଲିହୁଡ ଫାଉଣ୍ଡେସନ ଓ ପ୍ରଦାନ ଦ୍ୱାରା, ବିଏମ୍‌ଜେଡ (ଜର୍ମାନ ବିକାଶ ସହଯୋଗ), ୱେଲଥହଙ୍ଗରହିଲ୍ଫ ଏବଂ ଓଡ଼ିଶା ସରକାରଙ୍କ ସହଯୋଗରେ କାର୍ଯ୍ୟକାରୀ ହେଉଛି।

# କେନ୍ଦୁପତ୍ର ତୋଳାଳୀ ପରିବାରଙ୍କୁ ମୃତ୍ୟୁକାଳୀନ ସହାୟତା ରାଶି ପ୍ରଦାନ



ବୈପାରିଗୁଡ଼ା, ୨୬।୧୧(ସମିସ): ବୈପାରିଗୁଡାର ଧଳପୁର ଫରେଷ୍ଟ ଡାକ ବଙ୍ଗଳା ଠାରେ ଜୟପୁର କେନ୍ଦୁପତ୍ର ବନଖଣ୍ଡ ପକ୍ଷରୁ କେନ୍ଦୁପତ୍ର ତୋଳାଳୀଙ୍କ ମୃତ୍ୟୁକାଳୀନ ସହାୟତା ରାଶି ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଜିଲ୍ଲା ବିଜେପି ସାଧାରଣ ସମ୍ପାଦକ ଚନ୍ଦ୍ରଶେଖର ରଥ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଜୟପୁର କେନ୍ଦୁପତ୍ର ବନଖଣ୍ଡ ବନାଞ୍ଚଳ ଅଧିକାରୀ ଏ. ଉମା ମହେଶ, ଜୟପୁର କେନ୍ଦୁପତ୍ର ବନାଞ୍ଚଳ ଅଧିକାରୀ ସୁନିତା ସ୍ୱାଇଁ, ମାଥିଲି କେନ୍ଦୁପତ୍ର ବନାଞ୍ଚଳ ଅଧିକାରୀ ପ୍ରଶାନ୍ତ କୁମାର ପଣ୍ଡା ଉପସ୍ଥିତ ଥିଲେ। ସରକାରଙ୍କ ନିୟମ ଅନୁଯାୟୀ, ରେଜିଷ୍ଟର ଭୁକ୍ତ କାର୍ଡ ଧାରୀ କେନ୍ଦୁପତ୍ର ତୋଳାଳୀ ହିତାଧିକାରୀଙ୍କ କୌଣସି କାରଣରୁ ମୃତ୍ୟୁ ହୋଇଗଲେ ସେମାନଙ୍କ ପରିବାରର ନମିନୀଙ୍କୁ ଆର୍ଥିକ ସହାୟତା ଦିଆଯିବାକୁ ଘୋଷଣା କରାଯାଇଥିଲା। ୨୦୨୩ରୁ ଆଜି ପର୍ଯ୍ୟନ୍ତ ୧୧ ଜଣ କେନ୍ଦୁପତ୍ର ତୋଳାଳୀ ହିତାଧିକାରୀଙ୍କ ମୃତ୍ୟୁ ହୋଇଯାଇଥିଲେ ମଧ ପରିବାର ଲୋକଙ୍କୁ ମୃତ୍ୟୁକାଳୀନ ସହାୟତା ପ୍ରଦାନ କରାଯାଇନଥିଲା। ପୂର୍ବ ସରକାର ପ୍ରଦାନ କରିନଥିବା ବେଳେ ଡବଲ ଇଞ୍ଜିନ୍ ସରକାର ଆସିବା ପରେ ମୃତ୍ୟୁବରଣ କରିଥିବା ୧୧ ଜଣ କେନ୍ଦୁପତ୍ର ତୋଳାଳୀଙ୍କ ପରିବାରର ନୋମିନୀଙ୍କୁ ଦୁଇ ଲକ୍ଷ ଟଙ୍କା ଲେଖାଏଁ ଚେକ୍ ପ୍ରଦାନ କରାଯାଇଛି। ଚେକ୍ ପ୍ରଦାନ କାର୍ଯ୍ୟକ୍ରମକୁ କେନ୍ଦୁପତ୍ର ଫରେଷ୍ଟ ବିଭାଗର ବନପାଳ ଅନିଲ୍ କୁମାର ଦାଶ, ସୁଧାଂଶୁ ଶେଖର ପାତ୍ର, ବନରକ୍ଷୀ ଅନିତା ଖରା, କଲ୍ୟାଣୀ ରଥ, ଅଭିମନ୍ୟୁ ମାଝୀ, ବାପୁଜୀ ସାହୁ ଆୟୋଜନ କରିଥିବା ବେଳେ ଜୟପୁର ବନଖଣ୍ଡ ପକ୍ଷରୁ ବିଭାଗୀୟ ଅଧିକାରୀ ଗୋପାଳ କୃଷ୍ଣ ଡାକୁଆ, ସୌମ୍ୟରଞ୍ଜନ ଦଳେଇ, ରାକେଶ ସେଠୀ ଓ ଭବାନୀ ଶଙ୍କର ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

# ସଂସଦୀୟ ଖେଳ ମହୋତ୍ସବ



ନନ୍ଦାହାଣ୍ଡି,୨୬।୧୧(ସମିସ):

ନବରଙ୍ଗପୁର ସଂସଦୀୟ କ୍ଷେତ୍ରର ସଂସଦୀୟ ଖେଳ ମହୋତ୍ସବ ଦହଣା ହାଇସ୍କୁଲ ପଡ଼ିଆରେ ବୁଧବାର ଶୁଭ ଉଦ୍‌ଘାଟନ ହୋଇଯାଇଛି। ସାତଗୋଟି ବିଧାନସଭା କ୍ଷେତ୍ର ଯଥା ନବରଙ୍ଗପୁର, ଉମରକୋଟ, ଡାବୁଗାଁ, ଝରିଗାଁ, କୋଟପାଡ଼, ଚିତ୍ରକୋଣ୍ଡା ଓ ମାଲକାନଗିରିକୁ ନେଇ ଆୟୋଜିତ ହୋଇଛି। ନବରଙ୍ଗପୁର ସଂସଦୀୟ କ୍ଷେତ୍ରର ସମସ୍ତ ବ୍ଲକରେ ବ୍ଲକ୍‌ସ୍ତରୀୟ ଖେଳ ହୋଇ ଖେଳାଳୀ ଓ ଟିମ୍ ଚୟନ ହେବେ। ଉତ୍ତୀର୍ଣ୍ଣ ଖେଳାଳୀ ଓ ଦଳ ଡିସେମ୍ବର ୨୫ ତାରିଖରେ ସଂସଦୀୟ ସ୍ତରରେ ଚୂଡାନ୍ତ କରାଯିବ ବୋଲି ସାଂସଦ ସୂଚନା ଦେଇଥିଲେ। ଉତ୍ତୀର୍ଣ୍ଣ ଖେଳାଳୀ ମାନେ ପର୍ଯ୍ୟାୟ କ୍ରମେ ରାଜ୍ୟ ଓ ଜାତୀୟ ସ୍ତରରେ ଖେଳିବା ପାଇଁ ସୁଯୋଗ ପାଇ ପାରିବା ହିଁ ଏହି ଉତ୍ସବର ମୁଖ୍ୟ ଲକ୍ଷ୍ୟ ବୋଲି ଅତିଥିମାନେ ଜଣାଇଥିଲେ। ମୁଖ୍ୟ ଅତିଥି ରୂପେ ନବରଙ୍ଗପୁର ଲୋକସଭା ସାଂସଦ ବଳଭଦ୍ର ମାଝୀ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି କୋଟପାଡ଼ ବିଧାୟକ ରୁପୁ ଭତରା ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ରୂପେ ନବରଙ୍ଗପୁର ଜିଲ୍ଲାପାଳ ମହେଶ୍ୱର ସ୍ୱାଇଁ, ଅତିରିକ୍ତ ଜିଲ୍ଲାପାଳ ବିଶ୍ୱଜିତ୍ ବର୍ମନ, ନନ୍ଦାହାଣ୍ଡି ବିଡିଓ କ୍ଷୀରୋଦ ଚନ୍ଦ୍ର ସାହୁ ଉପସ୍ଥିତ ରହିଥିବା ବେଳେ ଜିଲ୍ଲା କ୍ରୀଡ଼ା ମହୋତ୍ସବ ସଂଯୋଜକ ଅର୍ଜୁନ ତ୍ରିପାଠୀ ମଞ୍ଚ ପରିଚାଳନା କରିଥିଲେ। ଜିଲ୍ଲା କ୍ରୀଡ଼ା ଅଧିକାରୀ ସୁଶାନ୍ତ ନାୟକ, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ମନୋଜ କୁମାର ବେହେରା, ସଂସଦୀୟ କ୍ଷେତ୍ର କ୍ରୀଡ଼ା ମହୋତ୍ସବ ସଂଯୋଜକ ରାମେଶ୍ୱର ଜେନା, ବିଜେପି ଜିଲ୍ଲା ସଭାପତି କୁଞ୍ଜ ବିହାରୀ ଦାସ, ନନ୍ଦାହାଣ୍ଡି ଅତିରିକ୍ତ ତହସିଲଦାର ବିଶ୍ୱଜିତ୍ କର୍କରା , ନନ୍ଦାହାଣ୍ଡି ଜୋନ (୨) ଜିଲ୍ଲା ପରିଷଦ ସଭ୍ୟ ଅରୁଣ କୁମାର ମିଶ୍ର, ଦହଣା ସରପଞ୍ଚ କମଳା ପୂଜାରୀ ଏବଂ ବିଭିନ୍ନ ବ୍ଲକର ସାଂସଦ ପ୍ରତିନିଧି ଯଥା ଜାନକୀ କାନ୍ତ ବିଷୋୟୀ, ଜ୍ୟୋତି ରଞ୍ଜନ କଂସ, ସୋମନାଥ ପୂଜାରୀ ପ୍ରମୁଖ ସାମିଲ ହୋଇଥିଲେ। ବିଜେପି ମଣ୍ଡଳ ସଭାପତି ଭାବଗ୍ରାହୀ ବେନ୍ୟା ଓ ଲକ୍ଷ୍ମଣ ନାୟକ କାର୍ଯ୍ୟକ୍ରମ ପରିଚାଳନା ପାଇଁ ସହଯୋଗ କରିଥିଲେ। ପ୍ରାରମ୍ଭିକ ଦିବସରେ ମେଣ୍ଟ୍ରି ଓ ଦହଣା ଗ୍ରାମପଞ୍ଚାୟତ ମଧ୍ୟରେ କ୍ରିକେଟ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା ଏବଂ ଦହଣା ପଞ୍ଚାୟତ ଟିମ୍ ବିଜୟୀ ହୋଇଥିଲା। ଆଗାମୀ ଦିନରେ ସମସ୍ତ ଏଗାର ଗୋଟି ପଞ୍ଚାୟତ ଦଳ କ୍ରିକେଟ ଖେଳିବେ। ଏତଦ୍ ବ୍ୟତୀତ ଅନ୍ୟାନ୍ୟ ଖେଳ ଯଥା ଫୁଟବଲ, ଲମ୍ବା ଡିଆଁ, ଉଚ୍ଚ ଡ଼ିଆଁ ଓ ଦୌଡ ପ୍ରତିଯୋଗୀତା ଆୟୋଜନ ହେବ ବୋଲି ସୂଚନା ମିଳିଛି।

# ବିଭିନ୍ନ ସ୍ଥାନରେ ସମ୍ବିଧାନ ଦିବସ











ପଟ୍ଟାଙ୍ଗି,୨୬।୧୧(ସମିସ) : ପଟ୍ଟାଙ୍ଗୀ ପଞ୍ଚାୟତ ସମିତି ଓ ଫାଉଣ୍ଡେସନ୍ ଫର ଇକୋଲୋଜିକାଲ ସିକ୍ୟୁରିଟି (ଏଫଇଏସ) କୋରାପୁଟଙ୍କ ମିଳିତ ଆୟୋଜନରେ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପ୍ରାଙ୍ଗଣରେ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ଦିବସ ଅବସରରେ ଭାରତୀୟ ସମ୍ବିଧାନର ମୂଳ ଉଦ୍ଦେଶ୍ୟ, ନାଗରିକମାନଙ୍କ ଅଧିକାର ଓ କର୍ତ୍ତବ୍ୟ ସମ୍ବନ୍ଧରେ ଅଲୋଚନା ହୋଇଥିଲା। ଉପସ୍ଥିତ ସଭ୍ୟମାନେ ସମ୍ମିଳିତ ଭାବେ ସମ୍ବିଧାନ ପ୍ରସ୍ତାବନା ପାଠ କରି ଜାତିୟ ଏକତା ଓ ନ୍ୟାୟ, ସ୍ୱାଧୀନତା ଓ ସମାନତା ପ୍ରତି ସଂକଳ୍ପ ବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରାମକୃଷ୍ଣ ନାୟକ, ସରପଞ୍ଚ ଅଲମେ ଫୁଲ, ଅତିରିକ୍ତ ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ମମିତା ନାୟକ, କାର୍ଯ୍ୟନିର୍ବାହୀ ଅଧିକାରୀ ହରିଶଙ୍କର ନାୟକ, ବଡବାବୁ ସନ୍ତୋଷ ପଟ୍ଟନାୟକ, ବ୍ଲକ ଜୀବିକା ସଂଯୋଜକ ବିକ୍ରମ ବାରିକ, ସହକାରୀ ଉଦ୍ୟାନ କୃଷି ଅଧିକାରୀ ରାନୁପ୍ରିୟା ସାହୁ, ପ୍ରାଣୀ ଚିକିତ୍ସା ଅଧିକାରୀ ସ୍ମୃତିରେଖା ପତି, ପଟ୍ଟାଙ୍ଗୀ ମହିଳା ଉତ୍ପାଦକ କମ୍ପାନୀର ପରିଚାଳିକା ଲାକି ଜାନି ଓ ସିଇଓ ବସନ୍ତ ଅଠରନାୟକ ଉପସ୍ଥିତ ଥିଲେ। ଏଫଇଏସର ପକ୍ଷରୁ ତପନ କୁମାର ଖୋସଲା, କେ. ମୁରଲୀକୃଷ୍ଣ, ଦିଲ୍ଲୀପ ଚାମ୍ପି, ମୋହନ ଜାନି, ସନା ଜାନି, ଆଲୋକ ମହାରଣା, ବିଶ୍ୱନାଥ ତାଡିଙ୍ଗି, ରମେଶ ଚୌଧୁରୀ, ନାଂସି ରୋଜାଲିନା କାର୍ତ୍ତିକ, ସୁଶ୍ରୀତା ମିଶ୍ର, ଜଗଦୀଶ ପାତ୍ର ଓ ସାଧନ ବ୍ୟକ୍ତି ତ୍ରିନାଥ ଖିଲ, କୁନ୍ତିକା ଖୋସଲା ଓ ମହେଶ୍ୱର ପାଙ୍ଗି ଉପସ୍ଥିତ ରହି କାର୍ଯ୍ୟକ୍ରମଟିକୁ ସଫଳ କରିଥିଲେ। ଓଡ଼ିଶା ଜୀବିକା ମିଶନର ଏମବିକେ ସଦସ୍ୟ ଓ ସୋଭା, ଏକତା, ପ୍ରସ୍ଫୁଟି ସ୍ୱେଚ୍ଛାସେବୀ ସଂଗଠନର କର୍ମଚାରୀମାନେ ମଧ୍ୟ ଅଂଶଗ୍ରହଣ କରିଥିଲେ। ଏହାବ୍ୟତୀତ ଗୋଷ୍ଠୀ ସାଧନ ବ୍ୟକ୍ତିଙ୍କ ମାଧ୍ୟମରେ ପଟ୍ଟାଙ୍ଗୀ ବ୍ଲକର ଦେୟପଟ୍ଟାଙ୍ଗୀ, ମାଳିପୁଟ, ପୁକାଲି, ସମ୍ବାଇ, ଗାଙ୍ଗାରାଜପୁର, ରାଲେଗଡା ଗ୍ରାମପଞ୍ଚାୟତରେ ଓ ସେମିଳିଗୁଡା ବ୍ଲକର ରାଜପୁଟ, ରାଜପୋଲାମା, କୁନ୍ଦୁଲି, ଖୁଡୀ ଓ ସୁବାଇ ଗ୍ରାମପଞ୍ଚାୟତ ମାନଙ୍କରେ ମଧ ଗ୍ରାମ ପଞ୍ଚାୟତର ନିର୍ବାଚିତ ଲୋକପ୍ରତିନିଧିଙ୍କ ସହିତ ମିଶି ପାଳନ କରଯାଇଥିଲା।

**ସୁନାବେଡା :** ସୁନାବେଡ଼ା ମହିଳା ସ୍ନାତକ ମହାବିଦ୍ୟାଳୟରେ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷା ଉଷାରାଣୀ ଦାସ ସମ୍ବିଧାନ କ'ଣ, ସମ୍ବିଧାନର ମୁଖ୍ୟ ଉଦ୍ଦେଶ୍ୟ , ନାଗରିକ ମାନଙ୍କର କର୍ତ୍ତବ୍ୟ, ଅଧିକାର ବିଭିନ୍ନ ଧାରା ଏବଂ ପ୍ରସ୍ତାବନକୁ ବିସ୍ତୃତ ଭାବରେ ଛାତ୍ରୀ ମାନଙ୍କୁ ଅବଗତ କରିଥିଲେ। ସମ୍ମାନିତ ଅତିଥି ଭାବରେ ଶିକ୍ଷା ବିଭାଗର ଅଧାପିକା ବାସନ୍ତୀ ପଟ୍ଟନାୟକ ଏବଂ ରାଜନୀତି। ବିଭାଗର ଅଧାପକ ଆଲୋକ ଥାନାପତି ଯୋଗ ଦେଇ ସମ୍ବିଧାନ ଦିବସର ଉଲ୍ଲେଖ ନିଜ ନିଜର ମତ ବ୍ୟକ୍ତ କରିଥିଲେ। ଉକ୍ତ ଦିବସ ଉପଲକ୍ଷେ ଛାତ୍ରୀ ମାନଙ୍କ ମଧ୍ୟରେ ପ୍ରବନ୍ଧ, ବକ୍ତୃତା, ଚିତ୍ରାଙ୍କନ, ସାଧାରଣ ଜ୍ଞାନ ଆଦି ବିଭିନ୍ନ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ୱାଇଆରସି କାଉନ୍‌ସିଲର ସୁଶ୍ରୀ ଶୁଭଶ୍ରୀ ପରିଡ଼ା ସଭାକୁ ପରିଚାଳନା କରିଥିବା ବେଳେ ଶିକ୍ଷା ବିଭାଗର ଅଧାପିକା ସୁଶ୍ରୀ ସୁଜ୍ଞାନି ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ପ୍ରତିଯୋଗିତାରେ ବିଭିନ୍ନ ସ୍ଥାନ ଗ୍ରହଣ କରିଥିବା ଛାତ୍ରୀମାନଙ୍କୁ ମୁଖ୍ୟ ଅତିଥି ଉଷାରାଣୀ ଦାସଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା।

**ନନ୍ଦପୁର :** ନନ୍ଦପୁର ସିନ୍ଧେଦେବୀ ସ୍ନାତକ ମହାବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସମ୍ବିଧାନ ଦିବସ ପାଳନ ଅବସରରେ 'ଆମ ସମ୍ବିଧାନ ଆମ ସ୍ୱାଭିମାନ' ଶୀର୍ଷକ ଆଲୋଚନାଚକ୍ର ରାଜନୀତି ବିଜ୍ଞାନ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ଅମର କୁମାର ମହାପାତ୍ରଙ୍କ ଅଧକ୍ଷତା କରି ସମ୍ବିଧାନ ଦିବସର ମହତ୍ତ୍ୱ ସଂପର୍କରେ ଆଲୋଚନା କରିଥିଲେ। ସମାଜସେବୀ ଏସ୍‌କେ ଗଫୁର ମୁଖ୍ୟ ଅତିଥି ରୂପେ ଯୋଗଦେଇ ସମ୍ବିଧାନ ସୁରକ୍ଷାରେ ଛାତ୍ରଛାତ୍ରୀମାନଙ୍କ ସହଭାଗିତା ସମ୍ପର୍କରେ ଆଲୋଚନା କରିବା ସହିତ ସମ୍ବିଧାନ ପ୍ରଣୟନ କରିଥିବା ମହାମନୀଷ ମାନଙ୍କ ସ୍ମୃତି ଚାରଣ କରିଥିଲେ। ମହାବିଦ୍ୟାଳୟର ଅଧାପକ ଅଧାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀ ସାମୁହିକ ଶପଥ ପାଠ କରିଥିଲେ। ରାଜନୀତି ବିଜ୍ଞାନର ପ୍ରଥମ ବର୍ଷ ଛାତ୍ରୀ ଛାତ୍ରୀ ସ୍ପନ୍ଦନା ଖିଲ, ଶେଷ ବର୍ଷ ଛାତ୍ରୀ ରଶ୍ମିତା କିର୍ସାନି ଓ ଇତିହାସ ବିଭାଗ ପ୍ରଥମ ବର୍ଷ ଛାତ୍ରୀ ଶ୍ରୀୟା ରାଣୀ ଦଳାଇ ସନ୍ଦର୍ଭ ଉପସ୍ଥାପନ କରିଥିଲେ। ରାଜନୀତି ବିଜ୍ଞାନ ବିଭାଗିୟ ମୁଖ୍ୟ କିଶୋର ଚନ୍ଦ୍ର ବେହେରା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲାବେଳେ ବରିଷ୍ଠ ଅଧାପିକା ସ୍ନେହଲତା ସେଠି, ଏମ୍ ଜୟା, ସନ୍ତୋଷ କୁମାର ହନ୍ତାଳ, ଭଗବାନ ଖରା, ଅର୍ଚ୍ଚନା ପାତ୍ରୀ, ନରସିଂହ ଖୋସଲା, ବାବୁଲା ଚାଙ୍ଗୁଡିଆ, ସନ୍ତୋଷ କୁମାର ଦୋରା, ଆକାଶ ସାହୁ, ପଦଲାମ ଗଲରି, ବିଜୟ ଖିଲ ଓ ଉଷାରାଣୀ ଗୁଣ୍ଟା ପ୍ରମୁଖ ଉପସ୍ଥିତ ଥିଲେ। ସେହି ପରି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରେ ମଧ ଅଧକ୍ଷା ବୈଜୟନ୍ତି ସାମଲ ଙ୍କ ଅଧକ୍ଷତା ରେ ଆୟୋଜିତ କାର୍ଯ୍ୟ କ୍ରମ ରେ ବରିଷ୍ଠ ଅଧାପକ୬ ସନ୍ତୋଷ କୁମାର ପଟ୍ଟନାୟକ ସମେତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ର ସମସ୍ତ ଅଧାପକ ଯୋଗ ଦେଇ ଥିବା ବେଳେ କାର୍ଯ୍ୟ କ୍ରମ କୁ ଅଧାପକ ରବି ଶତପତି କାର୍ଯ୍ୟ କ୍ରମ ପରିଚାଳନା କରିଥିଲେ ଶେଷରେ ଅଧାପିକା ସୁରଭି ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

**କୋରାପୁଟ :** କୋରାପୁଟ ସଦର ମହକୁମାରେ ଭାରତର ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅତିରିକ୍ତ ଜିଲ୍ଲାପାଳ ଭକ୍ତବନ୍ଧୁ ଜନାର୍ଦ୍ଦନ ଦଳେଇ ଯୋଗଦେଇ ଉପସ୍ଥିତ ଅଧିକାରୀ ଓ କର୍ମଚାରୀମାନଙ୍କୁ ଶପଥ ପାଠ କରାଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ନାୟକ, ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ ଉପ ନିର୍ଦ୍ଦେଶକ ସୂର୍ଯ୍ୟକାନ୍ତ ବେହେରା,ସମସ୍ତ ସହକାରୀ ଜିଲ୍ଲାପାଳ, ବିଭାଗୀୟ ଅଧିକାରୀ ଓ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରମାନେ ଉପସ୍ଥିତ ଥିଲେ।

## ଶ୍ରୀ ସତ୍ୟସାଇ ବାବାଙ୍କ ଜୟନ୍ତୀ

ସୁନାବେଡ଼ା,୨୬।୧୧(ସମିସ): ସୁନାବେଡା ଏଚ୍‌ଏଏଲ ଟାଉନ ସ୍ଥିତ ସତ୍ୟ ସାଇ ମନ୍ଦିରରେ ଶ୍ରୀ ସତ୍ୟସାଇ ବାବାଙ୍କ ୧୦୦ତମ ଜୟନ୍ତୀ ମହା ସମାରୋହରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ବାବାଙ୍କ ଭକ୍ତଙ୍କ ଦ୍ୱାରା ଭୋରରୁ ୨୧ଥର ଓଁକାର, ସୁପ୍ରଭାତମ୍ ଏବଂ ନଗର ସଙ୍କୀର୍ତ୍ତନ ଓ ପରେ ପରେ ଦିବ୍ୟ ପତାକା ଉତ୍ତୋଳନ, ଷୋଡ଼ଶ ଉପଚାର ପୂଜା କରା ଯାଇଥିଲା। ଦିବା ୧୧ଟା ରେ ଆଧ୍ୟାତ୍ମିକ ନଗର ପରିକ୍ରମା ପରେ ସରକାରୀ ଡାକ୍ତରଖାନାରେ ରୋଗୀ ମାନଙ୍କୁ ଫଳ ଓ ପ୍ରସାଦ ସ୍ୱରୂପ ବିଭୂତି ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହା ପରେ ନାରାୟଣଙ୍କୁ ବସ୍ତ୍ର ଓ ପ୍ରସାଦ ବଣ୍ଟନ କରାଯାଇଥିଲା । ପରେ ପରେ ସାମୂହିକ ପ୍ରସାଦ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଠିକ ସେହିଭଳି ଅପରାହ୍ନ ୫ଟାରେ ୧୦୦ ଦୀପ ଆରାଧନା ଓ ଜ୍ୟୋତି ଆବାହନ, ଶ୍ରୀରୁଦ୍ରମ୍ ପାଠ, ସ୍ୱାମୀଙ୍କ ଭଜନ ଗାନ ଓ ପରେ ପରେ ବାଲ ବିକକ୍ଷଶ ପିଲାମାନଙ୍କ ଦ୍ୱାରା ରଙ୍ଗା ରଙ୍ଗ ସଂକ୍ଷସୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଶେଷରେ ଦିବ୍ୟ ଆରତୀ ସହ ସାମୂହିକ ପ୍ରସାଦ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ଏଚ୍‌ଏଏଲ ସୁନାବେଡ଼ାର ଦୁଇ ମୂଖ୍ୟ ପ୍ରବନ୍ଧକ ଓ ଦୁଇ ଜଣ ମହା ପ୍ରବନ୍ଧକ ଓ ଅନ୍ୟ ବ୍ୟକ୍ତିମାନେ ଯୋଗ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଆବାହକ ଜଳଧର ମହାନ୍ତି ପରିଚାଳନା କରିଥିଲେ।

## କୋର୍ଟ ପରିସରରେ ସଚେତନତା କାର୍ଯ୍ୟକ୍ରମ



ଚନ୍ଦାହାଣ୍ଡି,୨୬।୧୧(ସମିସ): ଚନ୍ଦାହାଣ୍ଡି ଅଗ୍ନିଶମ ବିଭାଗ ତରଫରୁ ଚନ୍ଦାହାଣ୍ଡି ପ୍ରଥମ ଶ୍ରେଣୀ ବିଚାରପତିଙ୍କ ଅଦାଲତ ପରିସରରେ ଓ ଶିଶୁ ବିକାଶ ଓ କଲ୍ୟାଣ କାର୍ଯ୍ୟାଳୟ ଠାରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ରନ୍ଧନ ଗ୍ୟାସ ବ୍ୟବହାର ସମୟରେ ଲୋକଙ୍କ ଅନ୍ୟମନସ୍କ ଅଥବା ସଚେତନତା ଅଭାବରୁ ଗ୍ୟାସ ସିଲିଣ୍ଡର ବିସ୍ଫୋରଣ ଭଳି ଦୁର୍ଘଟଣା ଘଟି ଧନଜୀବନ ନଷ୍ଟ ହେଉଛି। ତାହାର ପ୍ରତିକାର କିଭଳି କରାଯାଇପାରିବ ସେ ନେଇ ଅଗ୍ନିଶମ ବିଭାଗ କର୍ମଚାରୀ ମାନେ ବୁଝାଇବା ସହ ବିଭିନ୍ନ କୌଶଳ ପ୍ରଦର୍ଶନ କରିଥିଲେ। ଏହାସହ ଘରେ କିମ୍ବା କୌଣସି ସ୍ଥାନରେ ହଠାତ୍ ନିଆଁ ଲାଗିଲେ କିଭଳି ଆୟତ୍ତ କରାଯିବ ସେନେଇ ବିସ୍ତୃତ ଭାବେ ବୁଝାଇଥିଲେ। ଏହି କାର୍ଯ୍ୟକ୍ରମରେ ଅଗ୍ନିଶମ କେନ୍ଦ୍ର ଅଧିକାରୀ ନାରାୟଣ ସାହୁ, ହାବିଲଦାର ଗିରିଧର ଦଣ୍ଡସେନା, ତୁଳସୀରାମ ରଣା, ସତ୍ୟପ୍ରିୟ ପ୍ରଧାନ ଓ ମୀନକେତନ ଶବର ପ୍ରମୁଖ ଉପସ୍ଥିତ ଥିଲେ।

● ସୁନାବେଡ଼ାରେ 'ପରବ-୨୦୨୫'

## ଦ୍ୱିତୀୟ ଦିନ ସାଂସ୍କୃତିକ ପ୍ରତିଯୋଗିତା



ସୁନାବେଡା,୨୬।୧୧ (ସମିସ): ସୁନାବେଡା ପୌର ପରିଷଦ ପକ୍ଷରୁ ପୌରାଞ୍ଚଳ ସ୍ତରୀୟ "ପରବ ୨୦୨୫'ର ଦ୍ୱିତୀୟ ଦିନ ଧୁମ୍‌ଧାମରେ ପାଳିତ ହୋଇଯାଇଛି। ପୂର୍ବତନ କୋରାପୁଟ ବିଧାୟକ ତଥା "ବିଜେଡି" ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ରଘୁରାମ ପଡାଲ ଅତିଥି ଭାବେ ଯୋଗଦେଇ ପିଲା ମାନଙ୍କ ଲୁକ୍କାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣିବା ପାଇଁ ପରବ କାର୍ଯ୍ୟକ୍ରମ ଏକ ଉତ୍କୃଷ୍ଟ ମାଧ୍ୟମ ବୋଲି ମତ ବ୍ୟକ୍ତ କରିଥିଲେ। ସେ ମଞ୍ଚରେ ସମସ୍ତ ପରିଷଦ ବୃନ୍ଦ ସହ ନୃତ୍ୟ କରିଛନ୍ତି ।

## ଶିଶୁ ଅଧିକାର ନେଇ ବ୍ଲକ୍‌ସ୍ତରୀୟ ସମ୍ମିଳନୀ




ବୋରିଗୁମ୍ମା,୨୬।୧୧ (ସମିସ): ଜାତୀୟ ଶିଶୁ ଅଧିକାର ସୁରକ୍ଷାକୁ ନେଇ ଏକତା ଅନୁଷ୍ଠାନ ପକ୍ଷରୁ କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକ ପରିସର ସମ୍ମିଳନୀ କକ୍ଷ ଠାରେ ଶିଶୁ ଅଧିକାର ସମସ୍ୟା ସମ୍ପର୍କିତ ବ୍ଲକ୍‌ସ୍ତରୀୟ ସମ୍ମିଳନୀ ଆୟୋଜିତ ହୋଇଛି। ଏଥିରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁକାନ୍ତ କୁମାର ପଟନାୟକ, ସମନ୍ୱିତ ଶିଶୁବିଭାଗ ପକ୍ଷରୁ ଶାନ୍ତିଲତା ମାଝୀ, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ବିଭାଗ ଅଧିକାରୀ, ବିଆରଟି ଜଗଦୀଶ ମେହେର, ବୋରିଗୁମ୍ମା ଥାନା ଅଧିକାରୀ ଏଏସଆଇ ଗୋପାଳ ହରିଜନ, ବିଏସଏସଓ, ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ଓ ପିଆରଆଇ ମେମ୍ବର ପ୍ରମୁଖ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ବିଡ଼ିଓ ସୁକାନ୍ତ ପଟନାୟକ ଯୋଗଦେଇ ବିଦ୍ୟାଳୟ ଛାଡୁଥିବା ପିଲା ସହ ଛାତ୍ରାବାସରୁ ଶିଶୁ ସ୍ଥାନାନ୍ତର ରୋକିବା ଓ ବାଲ୍ୟ ବିବାହ ସହ ଆଦିବାସୀ ପ୍ରଥା ଉଦଲିଆ ଉପରେ ଆଲୋଚନା କରିଥିଲେ। ସେହିପରି ଶିଶୁ ଅଧିକାର ଉପରେ ଜଳବାୟୁ ପରିବର୍ତ୍ତନର ପ୍ରଭାବ ଉପରେ ଆଲୋକପାତ କରିଥିଲେ। ଆହୁରି ଶିଶୁ ବାଟିକା ଭଳି ପଦକ୍ଷେପ ମାଧ୍ୟମରେ ପ୍ରତି ପିଲା ସ୍କୁଲରେ ରହିବା ଏବଂ ମୌଳିକ ଶିକ୍ଷା ସହାୟତା ପାଇବା ନିଶ୍ଚିତ କରିବା ଦିଗରେ ପ୍ରତିବଦ୍ଧତାକୁ ସୂଚାଇଥିଲେ। ସ୍ୱାଗତ ଭାଷଣରେ ଅନୁଷ୍ଠାନର ପ୍ରୋଗ୍ରାମ ମେନେଜର ମାମିନା ବେହେରା ନିରାପଦ ଅନ୍ତର୍ଭୁକ୍ତ ବିଦ୍ୟାଳୟ ପରିବେଶର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଥିଲେ ଓ ପଦକ୍ଷେପ ସମ୍ପର୍କରେ ଆଲୋଚନା କରିଥିଲେ। ଗତ ୩ ବର୍ଷ ମଧ୍ୟରେ ଶିଶୁ-ସମ୍ବନ୍ଧୀୟ ମାମଲାର ସମାଧାନ, ଶ୍ରମ ଓ ଚାଲାଣ ଦ୍ୱାରା ପ୍ରଭାବିତ ଶିଶୁଙ୍କ ଉଦ୍ଧାର ଏବଂ ପୁନର୍ବାସ ସହ ବୋରିଗୁମ୍ମା ବ୍ଲକରେ ୧୬୦ ଜଣ ଡ୍ରପ୍ ଆଉଟ ଶିଶୁ ବିଦ୍ୟାଳୟ ମୁହାଁ ହୋଇପାରିଛନ୍ତି, ତତ୍‌ସହିତ ଶିଶୁ ନିର୍ଯାତନା ଶିଶୁ ଚାଲାଣ ଓ ଶିଶୁ ଶ୍ରମିକ ହ୍ରାସ ହୋଇପାରିଛି। ପ୍ରୋଗ୍ରାମ ମ୍ୟାନେଜର ଶ୍ରୀମତୀ ବେହେରା ଶିଶୁ ଅନୁକୂଳ ବାତାବରଣ ବିଦ୍ୟାଳୟ ଓ ବାଲ୍ୟବିବାହ ମୁକ୍ତ ଗ୍ରାମ ଓ ପଞ୍ଚାୟତ ଦିଗରେ ଆଲୋକପାତ କରିଥିଲେ। ଅନୁଷ୍ଠାନର ସହ ସଂଯୋଜକ ଡମ୍ବୁରୁ ଧର ମସ୍ତି ଏବଂ ବେଣୁଧର ନାୟକଙ୍କ ସମେତ ଅନ୍ୟ ସ୍ୱେଚ୍ଛାସେବୀ ମାନେ ସହଯୋଗ କରିଥିଲେ।

## ପଥ ଉତ୍ସବ ନେଇ ପ୍ରସ୍ତୁତି ବୈଠକ

ମାଲକାନଗିରି,୨୬।୧୧(ସମିସ): ମାଲକାନଗିରି ଜିଲ୍ଲାର ଲୋକ ମହୋତ୍ସବ ମାଲ୍ୟବନ୍ତ ନେଇ ଆୟୋଜନ ହେବ ପଥ ଉତ୍ସବ। ଆଜି ଉପ ଜିଲ୍ଲାପାଳ ଅଶ୍ୱିନ ଏ ଏଲ ଙ୍କ ଅଧ୍ୟକ୍ଷତାରେ ପଥ ଉତ୍ସବ ପାଳନ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଡିସେମ୍ବର ୭ ରେ ପଥ ଉତ୍ସବ ପାଳନ ହେବ ବୋଲି ବୈଠକରେ ସର୍ବ ସମ୍ମତି କ୍ରମେ ନିଷ୍ପତ୍ତି ନିଆଯାଇଛି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରୁ ଡିଏନକେ ଛକ ପର୍ଯ୍ୟନ୍ତ ରାସ୍ତାରେ ଏହା ଆୟୋଜନ ହେବ। ଉତ୍ସବରେ ଝୋଟି, ସ୍କେଟିଂ, ମାର୍ଶାଲ ଆର୍ଟ, ଧନୁତୀର, ଯୋଗ, ସ୍ୱାସ୍ଥ୍ୟ କ୍ୟାମ୍ପ, ନୃତ୍ୟ ଗୀତ ଫାନ୍ସି ଡ୍ରେସ୍, ସିଗ୍ନେଚର କ୍ୟାମ୍ପେନ୍, ଚିତ୍ରକଳା ପ୍ରଦର୍ଶନ ଓ ଡଗ୍ ସୋ ଇତ୍ୟାଦି ଆୟୋଜନ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏହି ବୈଠକରେ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ପ୍ରମିଳା ମାଝୀ, ଜିଲ୍ଲା ସଂସ୍କୃତି ଅଧିକାରୀ ସନ୍ତ୍ରାସ ନାରାୟଣ ପଣ୍ଡା, ସହାୟକ ଜିଲ୍ଲାପାଳ ଅଜୟ ମାଣ୍ଡାଙ୍ଗୀ, ଶଶାଙ୍କ ମିଶ୍ରଙ୍କ ସମେତ କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

ଖଣି ସୁରକ୍ଷା ସପ୍ତାହ -୨୦୨୫ ପାଳିତ

# ଖଣି ଶ୍ରମିକ ସୁରକ୍ଷା ନିୟମ ପାଳନ କରିବା ଉଚିତ

ରାୟଗଡ଼ା, ୨୬।୧୧ (ସମିସ):

ଉତ୍କଳ ଆଲୁମିନା, ହିଣ୍ଡାଲ୍‌କୋ ଇଣ୍ଡଷ୍ଟ୍ରିଜ ଆଦିତ୍ୟ ବିର୍ଲା ଗ୍ରୁପର ସହଯୋଗୀ କମ୍ପାନୀ ପକ୍ଷରୁ ୪୩ତମ ଓଡ଼ିଶା ଖଣି ସୁରକ୍ଷା ସପ୍ତାହ-୨୦୨୫ ପାଳିତ ହୋଇଯାଇଛି। ଭୁବନେଶ୍ୱର ସ୍ଥିତ ରାଜ୍ୟ ଖଣି ସୁରକ୍ଷା ନିର୍ଦ୍ଦେଶାଳୟ ନିଷ୍ପତି କ୍ରମେ ବାଫ୍ଲିମାଳି ଖଣି ପକ୍ଷରୁ ୭ଦିନ ବ୍ୟାପି ଏହି ଖଣି ସୁରକ୍ଷା ସପ୍ତାହ ପାଳନ ହୋଇଛି। ଏହି ଉପଲକ୍ଷେ ଖଣି ସୁରକ୍ଷା ନିର୍ଦ୍ଦେଶାଳୟ ଦ୍ୱାରା ଗଠିତ ୪ ଜଣିଆ ପ୍ରତିନିଧି ଦଳ ବାଫ୍ଲିମାଳି ଖଣିକୁ ପରିଦର୍ଶନରେ ଆସି ସୁରକ୍ଷା ନିୟାମକ ଅନୁଧ୍ୟାନ କରିବା ସହ ସମସ୍ତ ସୁରକ୍ଷା ସମ୍ବନ୍ଧୀୟ ବିଷୟକୁ ନେଇ ତର୍ଜମା କରିଥିଲେ। ଏହି ଦଳକୁ ନବୀନ କୁମାର ସିଂ ଅଧ୍ୟକ୍ଷତା କରିଥିବାବେଳେ ମୋହନ ରେ‡ୀ, ସଚିନ୍ଦ୍ର ପଣ୍ଡା, ସାଇଥାଳ ଅପଲରାଜୁ ପ୍ରମୁଖ ସଦସ୍ୟ ଥିଲେ। ଉକ୍ତ ଦଳ ବାଫ୍ଲିମାଳି ଖଣି ଅଞ୍ଚଳ ପରିଦର୍ଶନ କରି ସୁରକ୍ଷା ବ୍ୟବସ୍ଥା ଅନୁଧ୍ୟାନ କରିବା ପରେ ଖଣି ସୁରକ୍ଷା ମାନଦଣ୍ଡକୁ ନେଇ ଏହି ଦଳ ସନ୍ତୋଷ ବ୍ୟକ୍ତ କରିଛନ୍ତି। ଏହି ଉପଲକ୍ଷେ ସ୍ଥାନୀୟ ନୂଆପଡ଼ା ସ୍ଥିତ ଟାଉନସିପ କ୍ଲବ୍ ହାଉସ୍ ଠାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଉତ୍କଳ ଆଲୁମିନା ୟୁନିଟ୍ ମୁଖ୍ୟ ରବି ନାରାୟଣ ମିଶ୍ରଙ୍କ ସମେତ ହିଣ୍ଡାଲ୍‌କୋ ଇଣ୍ଡଷ୍ଟ୍ରିଜ ସୁରକ୍ଷା ବିଭାଗ ମୁଖ୍ୟ ଅଜୟ ଠାକୁର୍, ବାଫ୍ଲିମାଳୀ ଖଣି ମୁଖ୍ୟ ବିଜୟ ଚୌହାନ, ସୁରକ୍ଷା ବିଭାଗ ମୁଖ୍ୟ ବିଶ୍ୱଜିତ୍ ଯୋଉରଦାର ପ୍ରମୁଖ ଯୋଗ ଦେଇଥିଲେ। ୟୁନିଟ୍ ମୁଖ୍ୟ ଶ୍ରୀ ମିଶ୍ର ଉଦବୋଧନ ଦେଇ କହିଛନ୍ତି ଯେ, ସୁରକ୍ଷା ଦୃଷ୍ଟିକୋଣରୁ ବାଫ୍ଲିମାଳି ଖଣି ଉନ୍ନତ ସ୍ତରର ସୁରକ୍ଷା ମାନଦଣ୍ଡକୁ ଅନୁସରଣ କରିଛି। ଖଣିରେ କାର୍ଯ୍ୟରତ ସମସ୍ତ କର୍ମଚାରୀଙ୍କ ସୁରକ୍ଷା ନିୟମକୁ କଡ଼ାକଡ଼ି ଭାବେ ତଦାରଖ କରାଯାଇଥିବା ସ୍ଥଳେ ଆଗାମୀ ଦିନରେ ମଧ୍ୟ ଅନୁରୂପ ପଦକ୍ଷେପ ବଜାୟ ରହିବ ବୋଲି ଶ୍ରୀ ମିଶ୍ର ପ୍ରକାଶ କରିଥିଲେ। ସେହିପରି ହିଣ୍ଡାଲକୋ ଖଣି ସୁରକ୍ଷା ମୁଖ୍ୟ ଅଜୟ ଠାକୁର୍ କହିଛନ୍ତି ଯେ, କର୍ମକ୍ଷେତ୍ରରେ ମଧ୍ୟ ଆମକୁ ସୁରକ୍ଷା ନିୟମକୁ କଡ଼ାକଡ଼ି ଭାବେ ପାଳନ କରିବାକୁ ପଡ଼ିବ। ବିଶ୍ୱଜିତ୍ ଯୋବରଦାରଙ୍କ ସମେତ ଉକ୍ତ ପ୍ରତିନିଧି ଦଳ ସୁରକ୍ଷା ନିୟମ ଅନୁପାଳନ କରି ଜୀବନଶୈଳୀରେ ଏହାକୁ ଅବଲମ୍ବନ କରି ସୁରକ୍ଷିତ ରଖିବା ପାଇଁ କହିଥିଲେ। ଏହି ଉପଲକ୍ଷେ ସପ୍ତାହେ ବ୍ୟାପି ଉତ୍କଳ ଆଲୁମିନା କର୍ମଚାରୀ, ପରିବାର ସଦସ୍ୟ ଏବଂ ଆଦିତ୍ୟ ବିର୍ଲା ପବ୍ଲିକ ସ୍କୁଲର ଛାତ୍ରଛାତ୍ରୀଙ୍କ ମଧ୍ୟରେ ପୋଷ୍ଟର, ସ୍ଲୋଗାନ ଓ ପ୍ରବନ୍ଧ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏଥିସହିତ କାର୍ଯ୍ୟକ୍ରମରେ ବାଫ୍ଲିମାଳି ଖଣିରେ ବ୍ୟବହୃତ ସମସ୍ତ ଆଧୁନିକ ସୁରକ୍ଷା ଉପକରଣ ତଥା ଯନ୍ତ୍ରପାତି ପ୍ରଦର୍ଶନ କରାଯାଇଥିଲା। ଅନ୍ୟପକ୍ଷେ ଖଣି ସିଏସଆର ଅନ୍ତର୍ଗତ ସ୍ଥାନୀୟ ତଥା ପ୍ରଭାବିତ ଗ୍ରାମାଞ୍ଚଳରେ ବିଭିନ୍ନ କାର୍ଯ୍ୟକ୍ରମ ଅନ୍ତର୍ଗତ ଉତ୍ପାଦିତ ଦ୍ରବ୍ୟ ତଥା ସାମଗ୍ରୀ ଗୁଡ଼ିକ ପ୍ରଦର୍ଶନ କରାଯାଇଥିଲା।



## ରାଜ୍ୟସ୍ତରୀୟ ଯୋଗାସନ ପ୍ରତିଯୋଗିତା ଉଦ୍‌ଯାପିତ

ମାଲକାନଗିରି, ୨୬।୧୧(ସମିସ): ତିନିଦିନିଆ ରାଜ୍ୟ ସ୍ତରୀୟ ୬୯ତମ ଓଡ଼ିଶା ରାଜ୍ୟ ବିଦ୍ୟାଳୟ ଯୋଗାସନ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। କାର୍ଯ୍ୟକ୍ରମ ମାଲକାନଗିରି ଜିଲ୍ଲା ସ୍ଥିତ ଜଗନ୍ନାଥପଲ୍ଲୀ ଉଚ୍ଚ ବିଦ୍ୟାଳୟ ଏମଭି - ୭ ଠାରେ ଅନୁଷ୍ଠିତ ହୋଇଥିଲା। ଏହି ଶିବିରର ଶେଷ ଉଦଯାପନୀ ଦିବସରେ ବିଭିନ୍ନ ଜିଲ୍ଲାରୁ ଆସିଥିବା ପ୍ରତିଭାଗୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ତଳେ ଯୋଗ ପ୍ରତିଯୋଗିତା ପ୍ରଦର୍ଶନ ହୋଇଥିଲା। ପରେ ଠିକ ୧୧.୩୦ ମିନିଟ ସମୟରେ କ୍ରୀଡ଼ା ପତାକା ଅବତରଣ ଓ ଉଦଯାପନୀ ସମାରୋହ କାର୍ଯ୍ୟକ୍ରମ ଜିଲ୍ଲା ଶିକ୍ଷାଧିକାରୀ ଚିତ୍ତରଂଜ ପାଣିଗ୍ରାହୀଙ୍କ ସଭାପତିତ୍? ରେ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ମୁଖ୍ୟ ଅତିଥି ଅଧ୍ୟକ୍ଷା ଜିଲ୍ଲା ପରିଷଦ ସମାରୀ ଟାଙ୍ଗୁଲ, ବରେଣ୍ୟ ଅତିଥି ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ, ସହକାରୀ ନିର୍ଦ୍ଦେଶକ ଶାରୀରିକ ଶିକ୍ଷା ଜ୍ୟୋତି ପ୍ରକାଶ ପରିଡ଼ା, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ମଞ୍ଜୁଲତା ଭୋଇ , ଅତିରିକ୍ତ ଶିକ୍ଷା ଅଧିକାରୀ ଭାଗୀରଥି ବେହେରା, ବ୍ଲକ ଶିକ୍ଷାଧିକାରୀ ଅସିତ୍ ମିସ୍ତ୍ରୀ, ସୁମିତ ବିଶ୍ୱାସ, ଯୋଗ ଦେଇଥିଲେ। ଯୋଗାସନର ବିଭିନ୍ନ ଉପଦାୟ ଓ ବିଷୟରେ ଅତିଥି ମାନେ ମତ ରଖିବା ସହ ଉତ୍ତମ ପ୍ରଦର୍ଶନ କାରୀଙ୍କୁ ସମ୍ମାନିତ କରିଥିଲେ।

## ବ୍ଲକ୍‌ସ୍ତରୀୟ ମାଲ୍ୟବନ୍ତ ମହୋତ୍ସବ ପ୍ରସ୍ତୁତି ବୈଠକ



ମାଥିଲି,୨୬।୧୧(ସମିସ): ଆଜି ମାଥିଲି ବ୍ଲକ ସ୍ତରୀୟ ମାଲ୍ୟବନ୍ତ ଲୋକ ମହୋତ୍ସବ ପାଇଁ ଚୂଡାନ୍ତ ବୈଠକ ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇ ଯାଇଛି। ବୈଠକରେ ବ୍ଲକ ଅଧ୍ୟକ୍ଷ ମହେଶ କୁମାର ବାକାଙ୍କ ସଭାପତିତ୍ୱରେ ଏ ନେଇ ବିସ୍ତୃତ ଆଲୋଚନା ହୋଇଥିଲା। ଆସନ୍ତା ୩୦ ତାରିଖରେ କୁଟୁଣିପାଲ୍ଲୀ ପଞ୍ଚାୟତ ଅଟାଲଗୁଡା ଗ୍ରାମ ନଦୀ ଘାଟରୁ ପୂଜାର୍ଚ୍ଚନା କରିବା ପରେ ପବିତ୍ର ଜଳ ଜିଲ୍ଲା ତଥା ବ୍ଲକସ୍ତରୀୟ ମାଲ୍ୟବନ୍ତ ମହୋତ୍ସବ ପାଇଁ ଜଳ ଉଠାଯାଇ ବିରାଟ ପଟୁଆରରେ ଗୋଟିଏ କଳସ ଜିଲ୍ଲାସ୍ତରୀୟ ମାଲ୍ୟବନ୍ତ ଲୋକ ମହୋତ୍ସବ ପାଇଁ ଜିଲ୍ଲା ମୁଖ୍ୟାଳୟକୁ ଯିବ ଏବଂ ଅନ୍ୟ ଏକ ପବିତ୍ର ଜଳ କଳସ ମାଥିଲି ଥାନା ନିକଟରେ ଥିବା ମା ଭୈରବୀ ମନ୍ଦିରରେ ସ୍ଥାପନ କରାଯିବ। ଡିସେମ୍ବର ମାସ ତିନି ତାରିଖରେ ଭୈରବୀ ମନ୍ଦିରରେ ପୂଜାର୍ଚ୍ଚନା ପରେ ବିରାଟ ଶୋଭାଯାତ୍ରାରେ ମାଥିଲି ଠାରେ ଥିବା ମିନି ଷ୍ଟାଡିଅମ ପର୍ଯ୍ୟନ୍ତ ଆସିବା ପରେ ମାଥିଲି ବ୍ଲକ୍‌ସ୍ତରୀୟ ମାଲ୍ୟବନ୍ତ ଲୋକ ମହୋତ୍ସବ ଅନୁଷ୍ଠିତ ହେବ ବୋଲି ସ୍ଥିର କରାଯାଇଛି। ମଞ୍ଚରେ ଆଦିବାସୀ ପାରମ୍ପରିକ ନାଚ ଗୀତ ସହିତ ବାହାରୁ ଆସିଥିବା କଳାକାର ମାନେ ନିଜର ପ୍ରତିଭା ପଦର୍ଶନ କରାଯିବ। ତାହା ସହିତ ଚଳିତ ବର୍ଷ ଶିକ୍ଷା କ୍ଷେତ୍ରରେ ବ୍ଲକର ଗୌରବ ଆଣିଥିବା ଯୁବକ ଯୁବତୀ ମାନଙ୍କୁ ସମ୍ମାନିତ କରିବା ପାଇଁ ପ୍ରସ୍ତାବ ରଖା ଯାଇଛି। କ୍ରୀଡା,ଆଦିବାସୀ କଳା ସଂସ୍କୃତି କୁ ସମ୍ମାନିତ କରିବା ସହିତ ବିଭିନ୍ନ ବର୍ଗର ଖ୍ୟାତି ଅର୍ଜନ କରିଥିବା ବ୍ୟକ୍ତି ବିଶେଷ ମାନଙ୍କୁ ମଞ୍ଚରେ ସମ୍ମାନିତ କରାଯିବ ବୋଲି ଗୃହୀତ ହୋଇଥିଲା। ଆଜିର ଏହି ବୈଠକକୁ ମାଥିଲି ବିଡ଼ିଓ ଏମ. ପ୍ରମୋଦ କୁମାର ବେହେରା ପରିଚାଳନା କରିଥିଲେ।ଅନ୍ୟ ମାନଙ୍କ ମଧ୍ୟରେ ଗତବର୍ଷ ଓଡିଶା ପ୍ରସାନିକ ସେବାରେ କୃତିତ୍ୱ ହୋଇଥିବା ଭାଗ୍ୟଶ୍ରୀ ମିଶ୍ର ,ଜିଲ୍ଲା ପରିଷଦ ଜୋନ-୩ ସସ୍ମିତା ମାଝୀ,ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସରୋଜ କୁମାର ପ୍ରଧାନ,ନିର୍ବାହୀଯନ୍ତ୍ରୀ ହୃଦୟ ରଞ୍ଜନ ବାଘ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସଞ୍ଜୟ କୁମାର ସାମଲ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଶିବ ଶଙ୍କର ସାହୁ, ସରପଞ୍ଚ ସଂଘର ବ୍ଲକ ସଭାପତି କାନାମ ରାଜୁ ନାୟକ, ପ୍ରେରଣା ମହିଳା ଟ୍ରଷ୍ଟର ସଭାନେତ୍ରୀ ସନ୍ତୋସିନୀ ପାତ୍ର, ସମାଜସେବୀ କୁନାଲ ମିଶ୍ର ସମେତ ବ୍ଲକର ସମସ୍ତ ବିଭାଗର କର୍ମଚାରୀ ଓ ବ୍ଲକର ସମସ୍ତ ସରପଞ୍ଚ, ସମିତି ସଭ୍ୟ/ସଭ୍ୟା, ସମ୍ବାଦିକ, ମିଶନ ଶକ୍ତିର ଏମବିକେଙ୍କ ସମେତ ସବୁ ବର୍ଗର ଲୋକମାନେ ଉପସ୍ଥିତ ଥିଲେ।

## ଆଇସିଡିଏସ୍‌ରେ ଅଗ୍ନିଶମ ପକ୍ଷରୁ ମକ୍‌ଡ୍ରିଲ

କଲ୍ୟାଣସିଂହପୁର,୨୬।୧୧(ସମିସ): ରାୟଗଡା ଜିଲ୍ଲା କଲ୍ୟାଣ ସିଂହପୁର ବ୍ଲକ ପରିସରରେ ଥିବା ସମନ୍ୱିତ ଶିଶୁ ବିକାଶ ଯୋଜନା କାର୍ଯ୍ୟାଳୟରେ ଅଗ୍ନିଶମ ପକ୍ଷରୁ ମକଡ୍ରିଲ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଭାରପ୍ରାପ୍ତ ଅଗ୍ନିଶମ ଅଧିକାରୀ ବିଜୟୀ ବେହେରାଙ୍କ ନିର୍ଦ୍ଦେଶକ୍ରମେ ହାବିଲଦାର କୈଳାସ ଚନ୍ଦ୍ର ସ୍ୱାଇଁଙ୍କ ନେତୃତ୍ୱରେ ସାଗର ଦାସ, ରମାକାନ୍ତ ସାହୁ, ବାବୁଲା ବେହେରା, ଅଚ୍ୟୁତ ପ୍ରଧାନ ଉପସ୍ଥିତ ରହି ଅଙ୍ଗନବାଡି କର୍ମୀ, ସୁପରଭାଇଜର, ସମନ୍ୱିତ ଶିଶୁ ବିକାଶ ଅଧିକାରିଣୀ ତଥା ବାଲ୍ୟବିବାହ ନିରୋଧକ ଅଧିକାରୀ ମମତାରାଣି ଦାସଙ୍କୁ ଗ୍ୟାସ ଓ ରୋଷେଇ କରିବା ବେଳେ ନିଆଁ ଲାଗିଲେ କିପରି ତାହାକୁ ଲିଭାଇବ ପ୍ରଦର୍ଶନୀ ମାଧ୍ୟମରେ ଦେଖାଇଥିଲେ। ଏହା ପରେ ଅଙ୍ଗନବାଡି କର୍ମୀ ମାନେ ନିଆଁକୁ ଭୟ ନକରି ତାକୁ କିପରି ଆୟତ କରି ପାରିବେ ନିଜେ ବାଲ୍ଟି, ହାତ ଓ ଅଗ୍ନି ନିର୍ବାପକ ଯନ୍ତ୍ର ସାହାଯ୍ୟରେ ଲିଭାଇ ଥିଲେ। ଏଥିରେ ଅଙ୍ଗନବାଡି କେନ୍ଦ୍ରର କର୍ମଚାରୀ ଉପସ୍ଥିତ ରହିଥିଲେ।

## ତୃତୀୟ ଦିନରେ ଓଡିଶା ଆଦର୍ଶ ଶିକ୍ଷକ ସଂଘ ଆନ୍ଦୋଳନ

ରାମନାଗୁଡ଼ା/ରାୟଗଡା,୨୬।୧୧(ସମିସ): ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଶିକ୍ଷକ ସଂଘର ଆହ୍ୱାନନ କ୍ରମେ ରାୟଗଡ଼ା ଜିଲ୍ଲାର ସଙ୍ଘ କର୍ମକର୍ତ୍ତା ଏବଂ ଶିକ୍ଷକ ବୃନ୍ଦ ରାୟଗଡ଼ା ନିର୍ବାଚନ ମଣ୍ଡଳୀର ବିଧାୟକ ଆପାଲା ସ୍ୱାମୀ କାଡ୍ରାକା, ଗୁଣୁପୁର ବିଧାୟକ ସତ୍ୟଜିତ ଗମାଙ୍ଗ ଏବଂ ବିଷମକଟକ ବିଧାୟକ ନୀଳମାଧବ ହିକାକାଙ୍କୁ ୧୩ ଦଫା ଦାବି ପତ୍ର ପ୍ରଦାନ କରିବା ସହ ତୃତୀୟ ଦିନରେ କଳା ବ୍ୟାଜ ପରିଧାନ କରିଛନ୍ତି। ଆଜି ବିଦ୍ୟାଳୟ ଆଗରେ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ଦ୍ୱାରା ଶାନ୍ତିପୂର୍ଣ୍ଣ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଦୀର୍ଘ ଦଶନ୍ଧିରୁ ବିଭିନ୍ନ ସମସ୍ୟାର ସମାଧାନ ପାଇଁ କଳାବ୍ୟାଜ ପିନ୍ଧି ସରକାରଙ୍କ ଦୃଷ୍ଟି ଆକର୍ଷଣ ପାଇଁ ଆନ୍ଦୋଳନକୁ ଓହ୍ଲାଇଛି ସଂଘ। ଓଏଭି କର୍ମଚାରୀଙ୍କୁ ସରକାରୀ ମାନ୍ୟତା ଦେବା, ୟୁନିଫର୍ମ କ୍ୟାଡ଼ର ମାନ୍ୟତା ଦେବା, ଓଏଭି ଛାତ୍ରଛାତ୍ରୀମାନଙ୍କୁ ଏନ୍‌ଏମ୍‌ଏମ୍‌ଏସ୍ ପରୀକ୍ଷା ରେ ଅଂଶଗ୍ରହଣ ପାଇଁ ଅନୁମତି, ନିଟ୍ ଏବଂ ଜେଇଇ ପରୀକ୍ଷାରେ ୧୫ଧ ସ୍ଥାନ ସଂରକ୍ଷଣ, ଶାରୀରିକ ଶିକ୍ଷା, ସଙ୍ଗୀତ, ଏବଂ କମ୍ପ୍ୟୁଟର ଶିକ୍ଷକଙ୍କୁ ସମାନ କାମକୁ ସମାନ ଦରମା ପାଇଁ ୪୬୦୦ ଗ୍ରେଡ଼ ପେ ପ୍ରଦାନ କରିବା ପ୍ରଭୃତି ବିଭିନ୍ନ ଦାବି ନେଇ ଏହି ଆନ୍ଦୋଳନ ଚାଲୁଛି। ଓଏଭିର ଛାତ୍ରଛାତ୍ରୀ ଏବଂ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଅବହେଳିତ ଅବସ୍ଥାରେ ରହିଛନ୍ତି। ଓଏଭି ଚାକିରି ରେ ଯୋଗଦେଇ ମୃତ୍ୟୁବରଣ କରିଥିବା ୨୪ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ପରିବାରବର୍ଗଙ୍କୁ ପ୍ରାପ୍ୟ ସୁବିଧା ସୁଯୋଗରୁ ବଞ୍ଚିତ କରାଯାଇଛି। ଯଦି ସମସ୍ୟା ଗୁଡ଼ିକର ସମାଧାନ ନ ହୁଏ, ତାହେଲେ ଡିସେମ୍ବର୮ ତାରିଖରେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ମତ ପ୍ରକାଶ କରିଛନ୍ତି।

## ମଙ୍ଗୁଳିର ମୃତଦେହ ଉଦ୍ଧାର

ମାଥିଲି,୨୬।୧୧(ସମିସ): ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ କର୍ତ୍ତନପାଲ୍ଲୀ ପଞ୍ଚାୟତ ସଦର ଗ୍ରାମର ମଙ୍ଗୁଳି ଭୂମିଆ (୬୦) ଗତ ସୋମବାର ଦିନ ଗ୍ରାମ ନିକଟସ୍ଥ ସାବେରୀ ନଦୀକୁ ଶୌଚ ହେବାକୁ ଯାଇଥିବା ବେଳେ ନଦୀରେ ଭାସି ଯାଇଥିଲେ। ତେବେ ଆଜି ତାଙ୍କ ମରଶରୀର ଉଦ୍ଧାର ହୋଇଛି। ସୂଚନା ଅନୁଯାୟୀ ଅସାବଧାନତା କାରଣରୁ ମଙ୍ଗୁଳି ଶୌଚ ବେଳେ ନଦୀରେ ଖସି ଯାଇ ନଦୀର ପ୍ରଖର ସ୍ରୋତରେ ଭାସି ଯାଇଥିଲେ। ଆଜି ସକାଳୁ ସକାଳୁ ମଙ୍ଗୁଳୀର ମୃତଦେହ ଜାଲରେ ଲାଗିଥିବା ଗ୍ରାମବାସୀ ଦେଖିଥିଲେ। ଖବର ପାଇ ମାଥିଲି ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ମଙ୍ଗୁଳୀର ଶବ ଉଦ୍ଧାର କରିଥିଲେ। ପରିବାର ଲୋକେ ମାଥିଲି ଥାନା ଅଧିକାରିଣୀ ଗୀତାଞ୍ଜଳି ପ୍ରଧାନଙ୍କୁ ଲିଖିତ ଅଭିଯୋଗ କରିଥିଲେ। ମାଥିଲି ଥାନା ଅଧିକାରିଣୀ ଲିଖିତ ଅଭିଯୋଗ ପାଇବା ପରେ ପୋଲିସ ଟିମ ଘଟଣା ସ୍ଥଳକୁ ପଠାଇ ଶବ ଜବତ କରିବା ସହିତ ଶବ ବ୍ୟବଚ୍ଛେଦ ପାଇଁ ମାଥିଲି ଉପଖଣ୍ଡ ଚିକିତ୍ସାଳକୁ ପଠାଇ ଥିଲେ। ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

## ମଡେଲ୍ ଅଙ୍ଗନବାଡି କେନ୍ଦ୍ର ଉଦ୍‌ଘାଟିତ




ଟିକିରି,୨୬।୧୧(ସମିସ): ରାୟଗଡ଼ା ଜିଲ୍ଲା ଟିକିରି ଥାନା ଅନ୍ତର୍ଗତ କଂସାରିଗୁଡ଼ା ସ୍ଥିତ ହିଣ୍ଡାଲ୍‌କୋ ଇଣ୍ଡଷ୍ଟ୍ରିଜ ଲିମିଟେଡ୍ ଆଦିତ୍ୟ ବିର୍ଲା ଗ୍ରୁପର ଏକ କମ୍ପାନୀ ପକ୍ଷରୁ ଆଜି ସ୍ଥାନୀୟ ପୋଡାପାଡି ଗ୍ରାମରେ ଏକ ମଡେଲ ଅଙ୍ଗନବାଡି କେନ୍ଦ୍ରକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରାଯାଇଛି। ପାର୍ଶ୍ୱସ୍ଥ ଗ୍ରାମରେ ଉନ୍ନୟନ ଏବଂ ଶିଶୁ କଲ୍ୟାଣ ପ୍ରତି ଆଦିତ୍ୟ ଆଲୁମିନା ରିଫାଇନାରୀ ସୁଦୃଢ଼ ଭାବେ ପ୍ରତିଶୃତିବଦ୍ଧ ହୋଇଥିବା ବେଳେ ଏହି କ୍ରମରେ ମଡେଲ ଅଙ୍ଗନବାଡି କେନ୍ଦ୍ରଟି ଶିଶୁମାନଙ୍କ ପ୍ରାରମ୍ଭିକ ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ପୋଷଣ ବିକାଶ କ୍ଷେତ୍ରରେ ଏକ ନୂତନ ମାଇଲଖୁଣ୍ଟ ସୃଷ୍ଟି କରିଛି। ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମଝହର ବେଗ, ୟୁନିଟ ମୁଖ୍ୟ ତଥା ଅଧକ୍ଷଙ୍କ ସମେତ ଆଇସିଡିଏସ ବିଭାଗ ଅଙ୍ଗନବାଡି ପରିଚାଳକ ଜୟନ୍ତୀ ଦାସ ଯୋଗ ଦେଇଥିଲେ। ଏଥିସହିତ ରମେଶ ଚନ୍ଦ୍ର ଦୁବାଡା, ପ୍ରକଳ୍ପ ନିର୍ମାଣ ମୁଖ୍ୟ ଦୀପକ ମହାନ୍ତି, ମାନବ ସମ୍ବଳ ବିଭାଗ, ଆଇଆର୍, ସିଏସଆର ଏବଂ ଓଏଚସି ମୁଖ୍ୟ ତନ୍ମୟ ମହାନ୍ତି, ସିଏସ୍‌ଆର୍ ଓ ଆର୍ ଏବଂ ଆର୍ ପ୍ରକଳ୍ପ ପରିଚାଳକ ଉପସ୍ଥିତ ଥିଲେ। ସ୍ଥାନୀୟ ଗ୍ରାମ ବୁଦ୍ଧିଜୀବୀ ତଥା ଲୋକ ପ୍ରତିନଧି ରାଜେନ୍ଦ୍ର ଧୂରିଆ, ତ୍ରିଲୋଚନ ଧୂରିଆ, ପ୍ରଭୁ ଖୋସଲା, ଏବଂ କୁନୁ ସ୍ୱାଇଁ ପ୍ରମୁଖ ଏଥିରେ ଯୋଗ ଦେଇଥିଲେ। ଆଗାମୀ ଦିନରେ ଅଞ୍ଚଳରେ ଆହୁରି ୯ ଗୋଟି ମଡେଲ ଅଙ୍ଗନୱାଡ଼ି କେନ୍ଦ୍ର ପ୍ରତିଷ୍ଠା କରାଯିବ ବୋଲି ସେ ସୂଚନା ଦେଇଛନ୍ତି। ଏହି ଅବସରରେ ଶ୍ରୀ ବେଗ ପୋଡାପାଡି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଛାତ୍ରୀ ନିବାସରେ ଏକ ନୂତନ ଶୌଚାଳୟ ଉଦ୍‌ଘାଟନ କରିଥିଲେ। ଆଦିତ୍ୟ ରିଫାଇନାରୀ ସିଏସଆର ପକ୍ଷରୁ ଅଞ୍ଚଳରେ ଏଭଳି ଉନ୍ନୟନ ପଦକ୍ଷେପ ଗ୍ରହଣ କରିଥିବାରୁ ସ୍ଥାନୀୟ ଲୋକେ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ପ୍ରଶଂସା କରିଛନ୍ତି।

# କଂଗ୍ରେସ ନିର୍ବାଚିତ ପ୍ରତିନିଧିଙ୍କୁ ସମାଲୋଚନା କଲା ବିଜେପି

ରାୟଗଡ଼ା,୨୬।୧୧(ସମିସ):

ରାୟଗଡ଼ା ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଅନୁଷ୍ଠିତ ୮୧ତମ ଜିଲ୍ଲା ପରିଷଦ ବୈଠକରେ କୋରାପୁଟ ଲୋକସଭା ସାଂସଦଙ୍କ ସମେତ ଜିଲ୍ଲାର ୩ଜଣ କଂଗ୍ରେସ ବିଧାୟକ ଜିଲ୍ଲା ବିଜେପି ସଭାପତି, ମଣ୍ଡଳ ସଭାପତି ଓ ଅନ୍ୟ କାର୍ଯ୍ୟକର୍ତ୍ତାଙ୍କ ବିରୁଦ୍ଧରେ ଆଣିଥିବା ଅଭିଯୋଗ ସଂପୂର୍ଣ୍ଣ ରୂପେ ମିଥ୍ୟା ଓ ଭିତିହୀନ ବୋଲି ଦଳ ପକ୍ଷରୁ କୁହାଯାଇଛି। ଜିଲ୍ଲାର ବିକାଶ ପାଇଁ ସରକାରୀ ବୈଠକ କରାଯାଉଥିବା ବେଳେ ନିର୍ବାଚିତ ଲୋକ ପ୍ରତିନିଧିମାନେ ପ୍ରଶାସନିକ ଅଧିକାରୀଙ୍କ ଉପସ୍ଥିତିରେ ଆଲୋଚ୍ୟ ବିଷୟ ଆଲୋଚନା ନ କରି ଦଳୀୟ କାର୍ଯ୍ୟକର୍ତାଙ୍କ ବିଷୟରେ ଆଲୋଚନା କରୁଛନ୍ତି, ଏହା ଜିଲ୍ଲାପାଇଁ ଦୁର୍ଭାଗ୍ୟ ଜନକ ବିଷୟ ବୋଲି କହି ଆଜି ଜିଲ୍ଲା ବିଜେପି କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶିବ ଶଙ୍କର ଉଲାକା। ସମ୍ବାଦିକ ସମ୍ମିଳନୀରେ ରାୟଗଡା ବିଧାୟକ ପ୍ରାର୍ଥୀ ବସନ୍ତ ଉଲାକା ଏବଂ ସାଂସଦ ପ୍ରାର୍ଥୀ ତଥା ରାଷ୍ଟ୍ରିୟ ଜନଜାତି ମୋର୍ଚ୍ଚା ସାଧାରଣ ସଂପାଦକ କାଳୀରାମ ମାଝି ଉପସ୍ଥିତ ରହିଥିଲେ। ଗତ କିଛି ଦିନ ହେଲା ଜିଲ୍ଲାରେ କଂଗ୍ରେସ ଓ ବିଜେପି ଦଳ ମଧ୍ୟରେ ସୋସିଆଲ ମିଡିଆରେ ବାକ୍ ଯୁଦ୍ଧ ଚାଲିଥିବା ଦେଖିବାକୁ ମିଳୁଛି। ଜିଲ୍ଲା ପରିଷଦ ବୈଠକରେ କେଉଁ ବିଡିଓ ଏବଂ ପିଆରଇ ସଭ୍ୟସଭ୍ୟାମାନେ ବିଜେପି ଦଳର କାର୍ଯ୍ୟକର୍ତାଙ୍କ ଧମକଚମକ ଦେଉଛନ୍ତି ବୋଲି ସାଂସଦ କହିଛନ୍ତି ସେ ସ୍ପଷ୍ଟୀକରଣ ରଖିବା ଜରୁରୀ ବୋଲି ଶ୍ରୀ ଉଲାକା କହିଛନ୍ତି। ଜେଏସକୋ ସରକାରୀ ଘରେ କାର୍ଯ୍ୟାଳୟ ଖୋଲିଥିବା ରାୟଗଡ଼ା ବିଧାୟକ କେତେ ଟଙ୍କା ଭଡା ସରକାରଙ୍କୁ ଦେଉଛନ୍ତି ବୋଲି ଶ୍ରୀ ଉଲାକା ପ୍ରଶ୍ନ କରିବା ସହ ସରକାରଙ୍କ ଖାତାକୁ ଆସିଥିବା ଜେଏସକୋ ଜମିରେ ଘରୋଇ ପ୍ଲଟିଂ କରାଯାଇ ରାସ୍ତା କରିବାକୁ ବିଧାୟକ ସହାୟକ ହେଉଛନ୍ତି ଏ ନେଇ ସ୍ଥାନୀୟ ବିଧାୟକ ଉତ୍ତର ରଖି ପାରିବେ କି ବୋଲି କହିଛନ୍ତି। ସରକାରୀ ଯୋଜନାକୁ ଭଣ୍ଡୁର କରିବା ଓ ସରକାରୀ ଜିନିଷକୁ ଅପବ୍ୟହାର କରୁଛନ୍ତି ରାୟଗଡ଼ା ବିଧାୟକ ବୋଲି ଅଭିଯୋଗ କରିଛନ୍ତି ଶ୍ରୀ ଉଲାକା। ବିଜେପି ସମର୍ଥିତ ଚାକରିଆ ଲୋକଙ୍କୁ ଟାର୍ଗେଟ କରି ବିଧାୟକ ତାଙ୍କ ବିଭାଗୀୟ ଅଧିକାରୀଙ୍କ ଉପରେ ଚାପ ପକାଇ ତାଙ୍କୁ ଧମକାଉଛନ୍ତି ଏବଂ ଚନ୍ଦ୍ରପୁର ବିଡିଓଙ୍କୁ ମନେରଗା କାମ କଂଗ୍ରେସ କାର୍ଯ୍ୟକର୍ତାଙ୍କୁ ପ୍ରଦାନ କରିବାକୁ ଚାପ ପକାଉ ଥିବା ଅଭିଯୋଗ କରିଛନ୍ତି ଶ୍ରୀ ଉଲାକା। ପଦ୍ମପୁରରେ ତାଙ୍କର ଜଣେ ପ୍ରତିନିଧି ଏଇଇଙ୍କ ସରକାରୀ କ୍ୱାର୍ଟର୍ସକୁ ମାଡି ବସିଥିବା ବେଳେ ବିଧାୟକ କାହିଁକି ଅଭିଯୋଗ କରୁନାହାନ୍ତି ଏ ନେଇ ସେ ସ୍ପଷ୍ଟୀକରଣ ରଖନ୍ତୁ ବୋଲି କହିଛନ୍ତି। ସେହିପରି ଜିଲ୍ଲାର ନିର୍ବାଚିତ ପ୍ରତିନିଧିମାନେ ଜିଲ୍ଲା ବିଜେପି ସଭାପତି ଓ କର୍ମୀଙ୍କ କଣ୍ଠରୋଧ କରିବାକୁ ଯେଉଁ ପ୍ରୟାସ କରୁଛନ୍ତି ତାହା ଆଦୌ ଗ୍ରହଣୀୟ ନୁହେଁ ବୋଲି କାଳୀରାମ ମାଝି ପ୍ରକାଶ କରିଛନ୍ତି। ତେବେ ବିଜେପି ସାମ୍ବାଦିକ ସମ୍ମିଳନୀରେ ଯେଉଁ ସବୁ ଆରୋପ କଂଗ୍ରେସ ସାଂସଦ ଓ ବିଧାୟକଙ୍କ ଉପରେ ଆଣୁଛନ୍ତି ତାହା ସଂପୂର୍ଣ୍ଣ ଭିତିହୀନ ବୋଲି ଦଳ ପକ୍ଷରୁ କୁହାଯାଇଛି।



## ଅସୁସ୍ଥତା ଯୋଗୁଁ ପଲାସ-ସ୍ମୃତି ବିବାହ ଅଟକନି !

# ସନ୍ଦେହରେ ରହସ୍ୟମୟୀ ଯୁବତୀ

ବ୍ରାସିଲିଆ,୨୬ ।୧୧(ଏଜେନ୍ସି):ଇନ୍ଦୋର, ୨୬।୧୧ (ଏଜେନ୍ସି): ଭାରତୀୟ ମହିଳା କ୍ରିକେଟ ଟିମ୍‌ର ସଦସ୍ୟ ସ୍ମୃତି ମାନ୍ଧାନା ଏବଂ ସଙ୍ଗୀତ ନିର୍ଦ୍ଦେଶକ ପଲାସ ମୁଛଲଙ୍କ ବିବାହ ହଠାତ ବନ୍ଦ ହେବାକୁ ନେଇ ସମସ୍ତେ ତାଜୁବ ହୋଇ ଯାଇଥିଲେ। ବାପାଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହେବାରୁ ସ୍ମୃତିଙ୍କ ପରିବାର ପକ୍ଷରୁ ଏପରି ନିଷ୍ପତ୍ତି ନିଆଯାଇଥିଲା। ଏହାର କିଛି ସମୟରେ ପଲାସଙ୍କ ଦେହ ମଧ୍ୟ ଖରାପ ହୋଇଥିଲା। ତାଙ୍କୁ ବି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। କିଛି ଘଣ୍ଟାର ବ୍ୟବଧାନ ମଧ୍ୟରେ ଏଭଳି ଘଟଣା ଘଟିବାକୁ କେହି ସହଜରେ ବିଶ୍ୱାସ କରିପାରୁନାହାନ୍ତି। ଏପରି ସମୟରେ ଚାଞ୍ଚଲ୍ୟକର ସୂଚନା ସାମ୍ନାକୁ ଆସିଛି। ଜଣେ ରହସ୍ୟମୟୀ ଯୁବତୀଙ୍କ ପାଇଁ ଉଭୟ ସେଲିବ୍ରିଟିଙ୍କ ବିବାହ ସ୍ଥଗିତ ହୋଇଥିଲା ବୋଲି କୁହାଯାଉଛି।



ଏହି ଯୁବତୀଙ୍କ ପାଇଁ ସ୍ମୃତିଙ୍କୁ ପଲାସ ଧୋକା ଦେଇଥିବା କୁହାଯାଉଛି। ଏହି ରହସ୍ୟମୟୀ ଯୁବତୀଙ୍କ ନା ମୈରି ଡି'କୋଷ୍ଟା। ତାଙ୍କ ସହ ପଲାସଙ୍କ ଏକ ଚାଟ୍ ସାମ୍ନାକୁ ଆସିଥିଲା। ମାତ୍ର ପରେ ସେ ଏହାକୁ ହଟାଇ ଦେଇଥିଲେ। ଏ ବିଷୟରେ ବିବାହ ପୂର୍ବରୁ ସ୍ମୃତିଙ୍କୁ ସୂଚନା ମିଳିଥିଲା। ତେଣୁ ବାପାଙ୍କ ଦେହ ଖରାପ ହୋଇଥିବା ଦର୍ଶାଇ ସେ ବିବାହକୁ ଅଟକାଇ ଦେଇଥିଲେ।

## ବଡ଼ ଝଟ୍‌କା ଦେଲା ଏୟାର ଶୋ'ରେ ତେଜସ୍ ଦୁର୍ଘଟଣା

# ୧୦ ହଜାର କୋଟିର ଡିଲ୍ ଅଟକାଇଲା ଆର୍ମେନିଆ

ନୂଆଦିଲ୍ଲୀ,୨୬ ।୧୧(ଏଜେନ୍ସି): ଦୁବାଇ ଏୟାର ଶୋରେ ତେଜସ ବିମାନ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ଭାରତକୁ ଜବରଦସ୍ତ ଝଟ୍‌କା ଲାଗିଛି। ଭାରତଠାରୁ ତେଜସ ଜେଟ୍ କ୍ରୟ କରିବା ନେଇ ହେବାକୁ ଥିବା ଆଲୋଚନାକୁ ଆର୍ମେନିଆ ରୋକି ଦେଇଛି। ଇସ୍ରାଏଲ ଗଣମାଧ୍ୟମ ଜେରୁଜେଲମ ପୋଷ୍ଟ ଦେଇଥିବା ସୂଚନା ଅନୁସାରେ ନଭେମ୍ବର ୨୧ରେ ଦୁବାଇ ଏୟାର ଶୋ'ରେ ତେଜସ ଦୁର୍ଘଟଣାଗ୍ରସ୍ତ ହେବାରୁ ଆର୍ମେନିଆ ଏହି ନିଷ୍ପତ୍ତି ନେଇଛି। ଏଥିରେ ଭାରତୀୟ ପାଇଲଟ୍ ୱିଙ୍ଗ କମାଣ୍ଡର ନମାଂଶ ସିୟାଲ ମୃତ୍ୟୁବରଣ କରିଥିଲେ। ଆର୍ମେନିଆ ଭାରତଠାରୁ ପାଖାପାଖି ୧୦ ହଜାର କୋଟି ଟଙ୍କା ବିନିମୟରେ ୧୨ଟି ତେଜସ ଜେଟ୍ କ୍ରୟ କରିବାକୁ ପ୍ରସ୍ତୁତି କରୁଥିଲା। ଏହି ଚୁକ୍ତି ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଥିଲା। ପ୍ରଥମଥର ପାଇଁ ତେଜସ କ୍ରୟ ନେଇ ବିଦେଶୀ ରାଷ୍ଟ୍ର ସହ ଚୁକ୍ତି ହୋଇଥାନ୍ତା। ତେବେ ଏ ସଂକ୍ରାନ୍ତରେ ଆର୍ମେନିଆ ସରକାରଙ୍କ ତରଫରୁ ଆନୁଷ୍ଠାନିକ ଭାବେ କିଛି କୁହାଯାଇନାହିଁ। ଭାରତ ସରକାରଙ୍କ ମଧ୍ୟ କୌଣସି ପ୍ରତିକ୍ରିୟା ଆସିନାହିଁ। ଉଲ୍ଲେଖଥାଉ କି, ଭାରତୀୟ ବାୟୁସେନାର ଶ୍ରେଷ୍ଠ-୫ ଫାଇଟର ଜେଟ୍‌ଗୁଡିକ ମଧ୍ୟରେ ତେଜସ ସାମିଲ ରହିଛି। ଏହି ଫାଇଟର ଜେଟ୍‌ଗୁଡିକ ହେଲା ସୁଖୋଇ ଏସ୍‌ୟୁ-୩୦ଏମ୍‌କେଆଇ, ରାଫେଲ, ମିରାଜ, ମିଗ୍-୨୯ ଓ ତେଜସ। ଅନ୍ୟ ୪ଟି ଫାଇଟର ଜେଟ୍‌ଠାରୁ ତେଜସ କେତେକାଂଶ ଭିନ୍ନ ଓ ସ୍ୱତନ୍ତ୍ର। ଭାରତୀୟ ବାୟୁସେନାରେ ମିଗ- ୨୧କୁ ହଟାଇ ତେଜସ୍ କ୍ରୟ କରାଯିବାର ଯୋଜନା ରହିଛି।



ଭାରତଠୁ ୧୨ ଯୁଦ୍ଧ ବିମାନ କିଣିଥାନ୍ତା

## ହଂକଂର ୩୫ ମହଲା କୋଠାରେ ନିଆଁ

# ୧୩ ଜଣଙ୍କ ମୃତ୍ୟୁ, ୯ ଆହତ

ହଂକଂ,୨୬ ।୧୧(ଏଜେନ୍ସି): ହଂକଂର ଉତ୍ତର ତାଇ-ପୋ ଜିଲ୍ଲାରେ ଥିବା ୱାଙ୍ଗ ଫୁକ କୋର୍ଟ ନାମକ ହାଉସିଂ କମ୍ପ୍ଲେକ୍ସରେ ଏକ ୩୫ ମହଲା କୋଠାରେ ବୁଧବାର ନିଆଁ ଲାଗିଯାଇଛି। ଏହି ଘଟଣାରେ ୧୩ ଜଣ ଲୋକ ମୃତ୍ୟୁବରଣ କରିଥିବା ବେଳେ ୯ ଜଣ ଲୋକ ଆହତ ହୋଇଛନ୍ତି ଓ ବହୁ ଲୋକ ଫସି ରହିଥିବା ସୂଚନା ମିଳିଛି। କିନ୍ତୁ ଏମାନଙ୍କର ପ୍ରକୃତ ସଂଖ୍ୟା ନେଇ କୌଣସି ସୂଚନା ମିଳିନାହିଁ। ମୃତ୍ୟୁ ସଂଖ୍ୟା ମଧ୍ୟ ବୃଦ୍ଧି ହେବାର ଆଶଙ୍କା କରାଯାଉଛି। ଏଠାରେ ମରାମତି ଓ ପୁନଃନିର୍ମାଣ କାର୍ଯ୍ୟ ଚାଲୁଥିଲା। ଏହି ଇଷ୍ଟେଟ୍‌ରେ ୧,୯୮୪୫ ଫ୍ଲାଟ ରହିଛି ଓ ଏଥିରେ ୪,୦୦୦ ଲୋକ ରହୁଥିଲେ। ନିଆଁ ଲାଗିବା ପରେ ଅସ୍ଥାୟୀ ଶିବିର ଖୋଲା ଯିବାକୁ ନିଷ୍ପତ୍ତି ନିଆଯାଇଛି। ମରାମତି ତଥା ପୁନଃନିର୍ମାଣ କାର୍ଯ୍ୟରେ ଲଗା ଯାଇଥିବା ବାଉଁଶ କାରଣରୁ ନିଆଁ ବ୍ୟାପିଛି ବୋଲି କୁହାଯାଇଛି।



## ହସିନାଙ୍କ ଲକରରୁ ମିଳିଲା ୯ କେଜି ସୁନା ଗହଣା

ଢାକା,୨୬ ।୧୧(ଏଜେନ୍ସି): ବାଂଲାଦେଶ ବିତାଡିତ ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କ ଏଗ୍ରିନ ବ୍ୟାଙ୍କର ଦୁଇଟି ଲକରରୁ ୮୩୨ ଭରି ଅର୍ଥାତ ପାଖାପାଖି ୯ କେଜି ସୁନା ଗହଣା ଜବତ କରାଯାଇଛି। କୋର୍ଟଙ୍କ ଅନୁମତି ପରେ ମାଜିଷ୍ଟ୍ରେଟ୍ ଉପସ୍ଥିତିରେ ଏହି ଦୁଇଟି ଲକରକୁ ଖୋଲାଯାଇଥିଲା। ଏବେ ବାଂଲାଦେଶ ଦୁର୍ନୀତି ନିବାରଣ କମିଶନ (ଏସିସି) ହସିନାଙ୍କ ବିରୋଧରେ ଦୁର୍ନୀତି ଓ ଆୟ ବର୍ହିଭୂତ ସମ୍ପତ୍ତି ନେଇ ନୂଆ ମାମଲା ରୁଜୁ କରିବାକୁ ପ୍ରସ୍ତୁତି କରୁଛି। ସେ ନିଜର ସମ୍ପତ୍ତି ଲୁଚାଇବାକୁ ପ୍ରୟାସ କରିବା ସହ ଟିକସ ଚୋରି ନେଇ କାର୍ଯ୍ୟାନୁଷ୍ଠାନ ନିଆଯିବ। ନ୍ୟାସନାଲ ବୋର୍ଡ ଅଫ ରେଭିନ୍ୟୁ ଏହାର ଯାଞ୍ଚ୍ କରୁଛି। ହସିନା ଓ ତାଙ୍କ ପରିବାର ବେଆଇନ୍ ଭାବେ ସମ୍ପତ୍ତି ଏକଠି କରିବାକୁ ଚେଷ୍ଟା କରିଛନ୍ତ କି ନା ତାହା ଜାଣିବାକୁ ପ୍ରୟାସ କରାଯାଉଛି। ଏସିସିର ଆବେଦନ ପରେ କୋର୍ଟ ହାସିନା, ତାଙ୍କ ପୁଅ, ଝିଅ, ଭଉଣୀ ଓ ଅନ୍ୟ ସମ୍ପର୍କୀୟଙ୍କ ବ୍ୟାଙ୍କ ଖାତାକୁ ଅଚଳ କରିଛନ୍ତି।

## ୨ କୋଟି ମୃତକଙ୍କ ଆଧାର ହଟାଇଲା ୟୁଆଇଡିଏଆଇ

ନୂଆଦିଲ୍ଲୀ,୨୬ ।୧୧(ଏଜେନ୍ସି): ୟୁନିକ ଆଇଡେଣ୍ଟିଫିକେଶନ ଅଥରିଟି ଅଫ୍ ଇଣ୍ଡିଆ (ୟୁଆଇଡିଏଆଇ) ସାରା ଦେଶରେ ୨ କୋଟିରୁ ଅଧିକ ମୃତ୍ୟୁବରଣ କରିଥିବା ଲୋକଙ୍କ ଆଧାର ହଟାଇଛି। ଏହି ମୃତ ଲୋକଙ୍କ ଆଧର ନମ୍ବରର ଦୁରୁପଯୋଗକୁ ରୋକିବା ପାଇଁ ଏହି ନିଷ୍ପତ୍ତି ନିଆଯାଇଛି ବୋଲି ସରକାରଙ୍କ ତରଫରୁ କୁହାଯାଇଛି। ମୃତ ବ୍ୟକ୍ତିମାନଙ୍କୁ ଚିହ୍ନଟ କରିବା ପାଇଁ ୟୁଆଇଡିଏଆଇ ରାଜ୍ୟ ସରକାର, ଆରଜିଆଇ, ପିଡିଏସ୍ ଓ ଅନ୍ୟ ବିଭାଗଠାରୁ ସୂଚନା ଓ ତଥ୍ୟ ନେଇଥିଲା। ଆଧାର ନମ୍ବର ଦ୍ୱିତୀୟଥର ପାଇଁ କାହାକୁ ଦିଆଯାଇ ନଥାଏ। ତେଣୁ ପରିବାରରେ ମୃତ୍ୟୁ ସୂଚନା ଦେବାକୁ ଆଧାର ପୋର୍ଟାଲରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ପରିବାରର କୌଣସି ସଦସ୍ୟ ଆଧାର ନମ୍ବର ଓ ମୃତ୍ୟୁ ପ୍ରମାଣପତ୍ରର ସୂଚନା ଦେଇ ମୃତ ବ୍ୟକ୍ତିଙ୍କ ନମ୍ବର ବନ୍ଦ କରିପାରନ୍ତି।

## ଅମୃତସରରୁ ୨ ଆତଙ୍କବାଦୀ ଗିରଫ

ଅମୃତସର,୨୬ ।୧୧(ଏଜେନ୍ସି): ପଞ୍ଜାବର ଅମୃତସରରେ ଗ୍ରାମାଞ୍ଚଳ ପୁଲିସ ଭାରତ- ପାକିସ୍ତାନ ସୀମାରେ ଦୁଇଜଣ ଆତଙ୍କବାଦୀଙ୍କୁ ଗିରଫ କରିଛି। ଏମାନଙ୍କ ପାଖରୁ ଅଢ଼େଇ କେଜିର ବିସ୍ଫୋରକ ଆଇଇଡି ଓ ଦୁଇଟି ମୋବାଇଲ ଫୋନ୍ ଜବତ କରାଯାଇଛି। ଗୁଇନ୍ଦା ବିଭାଗ ସୂଚନା ଦେବା ପରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା। ନିକଟରେ ଦିଲ୍ଲୀ ଲାଲକିଲ୍ଲା ବିସ୍ଫୋରଣ ପରେ ପାକିସ୍ତାନ ଗୁଇନ୍ଦା ସଂସ୍ଥା ପୁଣିଥରେ ଭାରତରେ ବିସ୍ଫୋରକ ପଠାଇବାକୁ ପ୍ରୟାସ କରୁଥିବାର ସୂଚନା ମିଳିବା ପରେ ସତର୍କତା ଅବଲମ୍ବନ କରାଯାଇଥିଲା। ଦୁଇ ଭାଇ ଯୁବରାଜ ଓ ଆକାଶଦୀପଙ୍କୁ ଗିରଫ କରାଯାଇଥିଲା।

## ବ୍ରାଜିଲର ପୂର୍ବତନ ରାଷ୍ଟ୍ରପତି ବୋଲସୋନାରୋଙ୍କୁ ୨୭ ବର୍ଷ ଜେଲ୍ ଦଣ୍ଡ

ବ୍ରାସିଲିଆ,୨୬ ।୧୧(ଏଜେନ୍ସି): ବ୍ରାଜିଲର ପୂର୍ବତନ ରାଷ୍ଟ୍ରପତି ଜାର ବୋଲସୋନାରୋଙ୍କୁ ସୁପ୍ରିମକୋର୍ଟ ୨୭ ବର୍ଷ ଜେଲ୍ ଦଣ୍ଡରେ ଦଣ୍ଡିତ କରିଛନ୍ତି। ନିର୍ବାଚନରେ ପରାଜୟ ପରେ ସେ ଶାସନ ପରିବର୍ତ୍ତନ କରିବାକୁ ଷଡ଼ଯନ୍ତ୍ର କରିଥିବା ଅଭିଯୋଗରେ ମଙ୍ଗଳବାର ସୁପ୍ରିମକୋର୍ଟ ତାଙ୍କୁ ଏହି ଦଣ୍ଡାଦେଶ ଦେଇଛନ୍ତି। ୨୦୨୨ରେ ସେ ରାଷ୍ଟ୍ରପତି ନିର୍ବାଚନରେ ପରାସ୍ତ ହୋଇଥିଲେ ମଧ୍ୟ ରାଷ୍ଟ୍ରପତି ଲୁଲା ଡି ସିଲ୍‌ଭା ସରକାରଙ୍କୁ ହଟାଇବା ପାଇଁ ପ୍ରୟାସ ଓ ଷଡଯନ୍ତ୍ର କରିଥିଲେ। ଶୁଣାଣି ବେଳେ ବୋଲସୋନାରୋଙ୍କ ଆଇନ୍‌ଗତ ଟିମ୍ କୋର୍ଟଙ୍କ ନିଷ୍ପତ୍ତି ବିରୋଧରେ ଅପିଲ କରି ନଥିଲେ। ଫଳରେ ଜଷ୍ଟସ୍ ଆଲେଜାଣ୍ଡ୍ରୋ ମୋରାଏସ୍ ତାଙ୍କୁ ୨୭ ବର୍ଷର ଜେଲ ଦଣ୍ଡାଦେଶ ଦେଇଥିଲେ।

## ବିଶ୍ୱର ଶକ୍ତିଶାଳୀ ମହିଳା ଜଣେ ପୁରୁଷ

ୱାଶିଂଟନ, ୨୬।୧୧ (ଏଜେନ୍ସି): ଆମେରିକା କ୍ରୀଡ଼ାବିତ୍ ଜୈମି ବୁକରଙ୍କ ଗୁମର ଖୋଲି ଯାଇଛି। ସେ ବିଶ୍ୱର ସବୁଠାରୁ ଶକ୍ତିଶାଳୀ ମହିଳା ଥିଲେ। କିନ୍ତୁ ଏବେ ସେ ପୁରୁଷ ବୋଲି ଜଣାପଡ଼ିଛି। ଏହି ଗୁମର ଖୋଲିଯିବା ପରେ ତାଙ୍କଠାରୁ ଟାଇଟଲ୍ ଛଡ଼ାଇ ନିଆଯାଇଛି। 'ବିଶ୍ୱ ଶକ୍ତିଶାଳୀ ମହିଳା ପ୍ରତିଯୋଗିତା'ର ଆୟୋଜକମାନେ ଦାବି କରିଥିଲେ ଯେ ବୁକ୍ ଜୈବିକ ଭାବେ ଜଣେ ପୁରୁଷ। ପରୀକ୍ଷା ପରେ ଏହା ସତ ସାବ୍ୟସ୍ତ ହୋଇଥିଲା। ଗତ ୨୩ ତାରିଖରେ ସେ ଏହି ଟାଇଟଲ ଜିତିଥିଲେ। ମାତ୍ର ଦୁଇ ଦିନ ପରେ ସେ ଏହାକୁ ହରାଇ ଦେଇଛନ୍ତି। ବ୍ରିଟେନର ଆଣ୍ଡ୍ରିଆ ଥମ୍ପସନ୍‌ଙ୍କୁ ବିଶ୍ୱର ଶକ୍ତିଶାଳୀ ମହିଳା ଘୋଷଣା କରାଯାଇଛି।

## ନାକେଦମ୍ କଲାଣି ଦିଲ୍ଲୀ ପ୍ରଦୂଷଣ; ସୁପ୍ରିମକୋର୍ଟ ଚିନ୍ତିତ

# ସଙ୍କଟରେ ସ୍ୱାସ୍ଥ୍ୟ ; ଘରୁ ବାହାରିଲେ ଅସୁସ୍ଥ

ନୂଆଦିଲ୍ଲୀ, ୨୬।୧୧ (ଏଜେନ୍ସି):

ଦିଲ୍ଲୀ-ଏନ୍‌ସିଆରରେ ବାୟୁ ପ୍ରଦୂଷଣ ନାକେଦମ କଲାଣି। ପ୍ରଦୂଷଣ ସ୍ତର ହ୍ରାସ ପାଇବା ବଦଳରେ ଦୀର୍ଘ ଦିନ ହେଲା ବୃଦ୍ଧି ପାଇ ଚାଲିଛି। ଏହା ଗୁରୁତର ସ୍ୱାସ୍ଥ୍ୟ ସଙ୍କଟ ସୃଷ୍ଟି କରିଛି। ସରକାର ସ୍ଥିତିକୁ ଦେଖି ହାତ ଟେକି ଦେଇଛନ୍ତି। ଖାଲି ପ୍ରଦୂଷଣ କେନ୍ଦ୍ର ଆଖପାଖରେ ପାଣି ଟାଙ୍କି ବୁଲାଇ ଦିଲ୍ଲୀକୁ ଥଣ୍ଡା ରଖିବାକୁ ଦିଲ୍ଲୀ ସରକାର ପ୍ରୟାସ କରୁଥିବା ସାମାଜିକ ଗଣମାଧ୍ୟମରେ ଚର୍ଚ୍ଚା ହେଉଛି। ପ୍ରଦୂଷଣରେ

### ପ୍ରାତଃ ଭ୍ରମଣ କରି ସିଜେଆଇଙ୍କ ସ୍ୱାସ୍ଥ୍ୟ ଖରାପ

### ପ୍ରଦୂଷଣର ଶୀଘ୍ର ସମାଧାନ ଜରୁରୀ

ଲୋକେ ତ୍ରାହି ତ୍ରାହି ଡାକୁଥିବାବେଳେ ସରକାର ନିଦାବିଷ୍ଟୁ ସାଜିଛନ୍ତି। କୃତ୍ରିମ ବର୍ଷା ଯୋଜନା ବିଫଳ ହେବା ପରଠାରୁ ସରକାର ଆଉ କୌଣସି ଉତ୍ତମ ପଦକ୍ଷେପ ନେଇନାହାନ୍ତି। ଦିଲ୍ଲୀ-ଏନସିଆରରେ ଦ୍ୱିପହର ପର୍ଯ୍ୟନ୍ତ କୁହୁଡ଼ି ଛାଇ ରହୁଛି। ଲୋକେ ଏବେ ଘରୁ ବାହାରିବାକୁ ଡରୁଛନ୍ତି। ଗ୍ରାପ୍-୩ ନିୟମ ଲାଗୁ ହୋଇଥିବାବେଳେ ବାୟୁ ମାନ ସୂଚକାଙ୍କ (ଏକ୍ୟୁଆଇ) ଅତ୍ୟନ୍ତ ଖରାପ ସ୍ତର ୩୩୫ରେ ରହିଛି। ବାଧ ହୋଇ ଲୋକେ ବିଷ ବାୟୁରେ ପ୍ରଶ୍ୱାସ ନେଉଛନ୍ତି। ଏଥିଯୋଗୁଁ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ି ଯାଉଛି ଏବଂ ମେଡିକାଲରେ ଭର୍ତ୍ତି ହେବାକୁ ପଡୁଛି। ନବଜାତକଙ୍କଠାରୁ ନେଇ ବୟସ୍କଙ୍କ ପର୍ଯ୍ୟନ୍ତ ସମସ୍ତେ ବିଷାକ୍ତ ବାୟୁ ଦ୍ୱାରା ପ୍ରଭାବିତ ହେଉଛନ୍ତି। ଭାରତର ପ୍ରଧାନ ବିଚାରପତି (ସିଜେଆଇ) ସୂର୍ଯ୍ୟକାନ୍ତ ମଧ୍ୟ ଏଥିରୁ ବାହାରି ପାରି ନାହାନ୍ତି। ସୁପ୍ରିମକୋର୍ଟରେ ବୁଧବାର ଏସ୍‌ଆଇଆର ମାମଲାର ଶୁଣାଣି ଚାଲିଥିବାବେଳେ ସିଜେଆଇ ଦିଲ୍ଲୀ ବାୟୁ ପ୍ରଦୂଷଣ ପ୍ରସଙ୍ଗ ଉଲ୍ଲେଖ କରି ଚିନ୍ତା ପ୍ରକଟ କରିଥିଲେ। ସେ କହିଥିଲେ ଯେ ମଙ୍ଗଳବାର ସନ୍ଧ୍ୟାରେ ଘଣ୍ଟାଏ (ପ୍ରାୟ ୫୫ ମିନିଟ) ବାହାରେ ଭ୍ରମଣ କରିବାରୁ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ି ଯାଇଥିଲା। ଖୁବଶୀଘ୍ର ଏହାର ସମାଧାନ କରିବା ଜରୁରୀ।

ଆଜି ଏସଆଇଆର ଶୁଣାଣି ସମୟରେ ନିର୍ବାଚନ କମିଶନ (ଇସି)ଙ୍କ ଓକିଲ ରାକେଶ ଦ୍ୱିବେଦୀ ଖରାପ




ସ୍ୱାସ୍ଥ୍ୟାବସ୍ଥା କାରଣରୁ ସିଜେଆଇଙ୍କୁ ଶୁଣାଣିରୁ ଛୁଟି ମାଗିଥିଲେ। ଉତ୍ତରରେ ସିଜେଆଇ କହିଥିଲେ ଯେ ଦିଲ୍ଲୀର ପାଣିପାଗ ଯୋଗୁଁ ଏପରି ହେଉଛି। ମୁଁ କେବଳ ଚଲାବୁଲା କରେ। ଏବେ ଏହା ବି କଠିନ ହୋଇଗଲାଣି। ସ୍ଥିତିକୁ ଦେଖି ସିଜେଆଇ ବରିଷ୍ଠ ଓକିଲଙ୍କ କୋର୍ଟ ଆଗମନ ଉପରେ ଚିନ୍ତା ପ୍ରକଟ କରିଥିଲେ। ୬୦ ବର୍ଷ ଏବଂ ଏହାଠାରୁ ଊର୍ଦ୍ଧ୍ୱ ବୟସର ଓକିଲଙ୍କୁ ସାମ୍ନାସାମ୍ନି ଶୁଣାଣିରୁ ବିରାମ ଦେବା ପାଇଁ ବିଚାର କରାଯାଉଛି ବୋଲି ଉଲ୍ଲେଖ କରିଥିଲେ। ଖୁବଶୀଘ୍ର ଏହା ଉପରେ ନିଷ୍ପତ୍ତି ନିଆଯିବ। ତେବେ ବର୍ତ୍ତମାନ ପ୍ରତ୍ୟକ୍ଷ ଏବଂ ଭର୍ଚୁଆଲରେ ଶୁଣାଣି ଚାଲିଛି।

## କିଏ ଶୁଣିବ ମା'ର ଦୁଃଖ

# ପ୍ରଦୂଷଣ ପାଇଁ ଶିଶୁର ଅସ୍ତ୍ରୋପଚାର

ପ୍ରଦୂଷଣକୁ ନେଇ ଦିଲ୍ଲୀରେ ରହୁଥିବା ଜଣେ ମହିଳା ହୃଦୟ ବିଦାରକ ଭିଡିଓ ସେୟାର କରିଛନ୍ତି। ଏହା ଦିଲ୍ଲୀରେ ବାୟୁ ପ୍ରଦୂଷଣର ଭୟାବହତାକୁ ଦେଖାଉଛି। ପ୍ରଦୂଷଣ ପାଇଁ ତାଙ୍କ

**'ଟିକସ ଦେଇ ଶିଶୁ ପାଇଁ ରୋଗ କିଣୁଛୁ'**



ଦୁଇ ବର୍ଷର ପୁଅ ଜୀବନମରଣ ସହ ସଂଘର୍ଷ କରୁଛି। ଶ୍ୱାସକ୍ରିୟା ସମ୍ବନ୍ଧିତ ସମସ୍ୟା ଯୋଗୁଁ ବାଧ ହୋଇ ଶିଶୁର ନାକ ଏବଂ ଗଳା ଅସ୍ତ୍ରୋପଚାର କରିବାକୁ ପଡୁଛି। ଦିଲ୍ଲୀକୁ ଆସିବାର ଫଳ ଏବେ ତାଙ୍କ ଶିଶୁ ଭୋଗ କରୁଛି ବୋଲି ମାଆ କୋହଭରା କଣ୍ଠରେ କହିଛନ୍ତି। ଏହି ମହିଳାଙ୍କ ନାମ ସାକ୍ଷୀ ପାହ୍ୱା। ତାଙ୍କ ପରିବାର ୨ ବର୍ଷ ଦିଲ୍ଲୀକୁ ଆସିଥିଲେ। ଏଠାକୁ ଆସିବାର କିଛି ମାସ ପରେ ପୁଅର ସ୍ୱାସ୍ଥ୍ୟାବସ୍ଥା ଖରାପ ହେବାରେ ଲାଗିଥିଲା। କାଶ, କଫ ସହିତ ଆଲର୍ଜି ହେବାରୁ ଶ୍ୱାସକ୍ରିୟା ସମ୍ବନ୍ଧିତ ସମସ୍ୟା ସୃଷ୍ଟି ହୋଇଥିଲା। କୌଣସି ଔଷଧ କାମ ଦେଇ ନ ଥିଲା। ପ୍ରଦୂଷଣ ପାଇଁ ସ୍ୱାସ୍ଥ୍ୟାବସ୍ଥା ଅଧିକ ବିଗିଡ଼ିବାରେ ଲାଗିଥିଲା। ଡାକ୍ତରଙ୍କୁ ଦେଖାଇବାରୁ ଆଡେନୋଇଡ୍‌ସ ଏବଂ ଚତୁର୍ଥ ପର୍ଯ୍ୟାୟ ଟନ୍‌ସିଲରେ ପୀଡ଼ିତ ଥିବା କହିଥିଲେ। ଅସ୍ତ୍ରୋପଚାର ଏହାର ଉତ୍ତମ ଚିକିତ୍ସା ବୋଲି ବର୍ଣ୍ଣନା କରିଥିଲେ। ପୁଅର ଏହି ସ୍ଥିତି ପାଇଁ ସାକ୍ଷୀ ପ୍ରଦୂଷଣ ଏବଂ ସରକାରଙ୍କ କାର୍ଯ୍ୟହୀନତାକୁ ଦୋଷ ଦେଇଛନ୍ତି। ତାଙ୍କ ପୁଅ ହସ୍ପିଟାଲ ବେଡ୍‌ରେ ପଡ଼ିଥିବା ଦେଖିବାକୁ ମିଳୁଛି। ମହିଳା କହୁଛନ୍ତି ଯେ ଦିଲ୍ଲୀ ପ୍ରଦୂଷଣ ପାଇଁ ନିଷ୍ପାପ ଶିଶୁର ଅସ୍ତ୍ରୋପଚାର ହୋଇଛି। ଆମେ ଟିକସ ଦେଉଛୁ ଏବଂ ଏହାର ପ୍ରତିବଦଳରେ ଶିଶୁକୁ ମେଡିକାଲରେ ଭର୍ତ୍ତି ହେବାକୁ ପଡୁଛି। ଏହି ଭିଡିଓକୁ ନେଇ ଲୋକେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏକ ବଡ଼ ବିକ୍ଷୋଭ ପ୍ରଦର୍ଶନ ହେଲେ ଦେଶର ସ୍ଥିତି ବଦଳିବ ବୋଲି ଲୋକେ କହୁଛନ୍ତି।

## ୩୦ ଫୁଟ୍ ତଳ ନଦୀକୁ ଖସିଲା କାର୍

# ୫ ମୃତ, ସିପିଆର୍ ଦେଇ ଡ୍ରାଇଭରଙ୍କୁ ବଞ୍ଚାଗଲା


ଲକ୍ଷ୍ମୀପୁର-ଖିରି,୨୬ ।୧୧(ଏଜେନ୍ସି): ଉତ୍ତରପ୍ରଦେଶର ଲକ୍ଷ୍ମୀପୁର- ଖିରିରେ ବିବାହ ଉତ୍ସବରେ ଯୋଗ ଦେଇ ଫେରୁଥିବା ବେଳେ ଏକ ଅଲ୍ଟୋ କାର୍ ୩୦ ଫୁଟ ତଳକୁ ଖସି ନଦୀରେ ପଡିଛି। ଏହି ଦୁର୍ଘଟଣାରେ ୫ ଜଣ ଲୋକ ମୃତ୍ୟୁବରଣ କରିଛନ୍ତି। କାର୍ ଡ୍ରାଇଭରଙ୍କୁ କାର୍ଡିଓପଲ୍ମୋନାରୀ ରେସୁସାଇଟେସନ (ସିପିଆର) ଦେଇ ବଞ୍ଚାଯାଇଛି। କାର୍‌ର ଗେଟ୍ ଲକ୍ ହୋଇଯାଇଥିଲା ବୋଲି କୁହାଯାଉଛି। କାର୍ ପଡିବାର ଶବ୍ଦ ଶୁଣି ସ୍ଥାନୀୟ ଲୋକେ ଦୌଡି ଘଟଣାସ୍ଥଳକୁ ଆସିଥିଲେ। ନଦୀର ପ୍ରଖର ଶ୍ରୋତରେ କାର ୩-୪୦ ଫୁଟ ବହିଯାଇଥିଲା। ଶେଷରେ କାର୍ ନଦୀରେ ବୁଡିଯାଇଥିଲା। ସ୍ଥାନୀୟ ଲୋକେ ପୁଲିସ୍‌କୁ ସୂଚନା ଦେଇଥିଲେ। ଟର୍ଚ୍ଚର ଲାଇଟ୍ ଜଳାଇ ନିକଟସ୍ଥ ଗାଁ ଲୋକେ ଡଙ୍ଗା ମାଧ୍ୟମରେ ନଦୀରେ ପଶିଥିଲେ। କାର୍‌କୁ ଦଉଡ଼ି ବାନ୍ଧି ବାହରକୁ ବାହାର କରିଥିଲେ। ଏହାପରେ କାର୍‌ର ଝରକା କାଚ ଭାଙ୍ଗି ଭିତରେ ଥିବା ଯାତ୍ରୀଙ୍କୁ ବାହରକୁ ବାହାର କରିଥିଲେ। ସମସ୍ତଙ୍କୁ ନିକଟସ୍ଥ ହସ୍ପିଟାଲକୁ ନିଆଯାଇଥିଲା ଓ ଡାକ୍ତର ସମସ୍ତଙ୍କୁ ମୃତ ବୋଲି ଘୋଷଣା କରିଥିଲେ। ଜିଲ୍ଲା ମୁଖ୍ୟାଳୟଠାରୁ ୫୫ କିମି ଦୂରରେ ପଢୁଆ ଥାନା ଅଞ୍ଚଳରେ ଡକେରେବା- ଗିରାଜାପୁରୀ ହାଇୱେରେ ପାରସ ପୁରବା ଗାଁ ନିକଟରେ ମଙ୍ଗଳବାର ରାତି ୧୧.୪୦ରେ ଏହି ଦୁର୍ଘଟଣା ଘଟିଥିଲା। କାର୍ ଦ୍ରୁତଗତିରେ ଯାଉଥିଲା। କିନ୍ତୁ ପୋଲ ଉପରେ ଅନ୍ଧାର ଥିବାରୁ ମୋଡଣି ଆସିବାରୁ ଅଚାନକ ଷ୍ଟିଅରିଂ ବୁଲାଇଥିଲି। କିନ୍ତୁ କାର ନିୟନ୍ତ୍ରଣ ବାହରକୁ ଚାଲିଯାଇଥିଲା ବୋଲି ଡ୍ରାଇଭର କହିଛନ୍ତି।

**ପାକ୍ ସରକାର ନୀରବ**

# ଇମ୍ରାନଙ୍କ ମୃତ୍ୟୁକୁ ନେଇ ସଂଶୟ

ଇସଲାମାବାଦ୍,୨୬ ।୧୧(ଏଜେନ୍ସି):

ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍ ପାକିସ୍ତାନର ଆଡିଆଲା ଜେଲ୍‌ରେ ଅଛନ୍ତି। ତାଙ୍କୁ ନିଜର ଭଉଣୀଙ୍କ ସହିତ ସାକ୍ଷାତ କରିବାକୁ ଦିଆଯାଉନାହିଁ। ଗତ ଏକ ବର୍ଷ ହେବ ସୁରକ୍ଷା ଓ ଅନ୍ୟ କାରଣର ବାହାନା ଦେଇ ଇମ୍ରାନଙ୍କୁ ତାଙ୍କ ଭଉଣୀମାନଙ୍କ ସାକ୍ଷାତ କରିବାକୁ ଦିଆଯାଉନାହିଁ। ଇମ୍ରାନଙ୍କ ୩ ଭଉଣୀ ଆଲିମା, ନୋରିନ ଓ ଡ. ଉଜମା ଖାନ୍ ତାଙ୍କର ସମର୍ଥକଙ୍କ ସହ ଜେଲ୍ ଆଗରେ ଧାରଣାରେ ବସିଛନ୍ତି। ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କରିଥିଲେ ମଧ୍ୟ ପୁଲିସ ଲାଇଟ୍ ବନ୍ଦ କରି ଲାଠିଚାର୍ଜ କରିଥିଲା ବୋଲି ସେମାନେ ଅଭିଯୋଗ କରିଛନ୍ତି। ପୁଲିସ ଚୁଟି ଟାଣି ମୋତେ ଘୋଷାରି ନେଇଥିଲା ବୋଲି ୭୧ ବର୍ଷୀୟା ନୋରିନ କହିଛନ୍ତି। ଅନ୍ୟ ମହିଳାଙ୍କ ସହ ମଧ୍ୟ ପୁଲିସ ମାଡପିଟ୍ କରିଛି ବୋଲି ସେ ଅଭିଯୋଗ କରିଛନ୍ତି। ଇତିମଧ୍ୟରେ ଇମ୍ରାନଙ୍କ ମୃତ୍ୟୁ ନେଇ ସାମାଜିକ ଗଣମାଧ୍ୟମଗୁଡିକରେ



ଗୁଜବ ପ୍ରସାରିତ ହୋଇଛି। ତାଙ୍କୁ କୌଣସି ଦ୍ୱିତୀୟ ସ୍ଥାନକୁ ନିଆଯାଇଛି ବୋଲି ବିଭିନ୍ନ ପୋଷ୍ଟରେ ଉଲ୍ଲେଖ କରାଯାଇଛି। ତେବେ ସାମାଜିକ ଗଣମାଧ୍ୟମଗୁଡିକରେ ପ୍ରସାରିତ ଏହି ଖବର ନେଇ ଆନୁଷ୍ଠାନିକ ଭାବେ କିଛି କୁହାଯାଇନାହିଁ। ଉଲ୍ଲେଖଥାଉ କି, ୨୦୨୫ ମାର୍ଚ୍ଚରେ ଇସଲାମାବାଦ ହାଇକୋର୍ଟ ଇମ୍ରାନଙ୍କୁ ତାଙ୍କ ପରିବାର ଓ ଓକିଲଙ୍କ ସହ ନିୟମିତ ସାକ୍ଷାତ କରିବାକୁ ଅନୁମତି ଦେଇଛନ୍ତି। କିନ୍ତୁ ଏହା ସତ୍ତ୍ୱେ ଜେଲ ବିଭିନ୍ନ ଆଳ ଦେଖାଇ ପ୍ରଶାସନ କୋର୍ଟଙ୍କ ଏହି ଆଦେଶ ପାଳନ

**ଭାଇଙ୍କୁ ସାକ୍ଷାତ କରିବାକୁ ଦିଆଯାଉନାହିଁ: ଇମ୍ରାନଙ୍କ ଭଉଣୀ**

କରୁନାହିଁ। ଗତ ସପ୍ତାହରେ ମଧ୍ୟ ଇମ୍ରାନଙ୍କ ଭଉଣୀମାନଙ୍କ ସହ ରାୱଲପିଣ୍ଡି ପୁଲିସ ଦୁର୍ବ୍ୟବହାର କରିଥିଲା ଓ ସେମାନଙ୍କୁ ସଡ଼କ ଉପରେ ଘୋଷାରି ଗିରଫ ମଧ୍ୟ କରିଥିଲା। ପୂର୍ବରୁ ମଧ୍ୟ ଇମ୍ରାନଙ୍କ ଭଉଣୀମାନଙ୍କ ସହ ଏପରି ଦୁର୍ବ୍ୟବହାର ହୋଇଥିଲା। ଇମ୍ରାନ ଗତ ୩ ବର୍ଷ ହେବ ଜେଲ୍‌ରେ ଅଛନ୍ତି। ତାଙ୍କ ବିରୋଧରେ ୧୦୦ରୁ ଊର୍ଦ୍ଧ୍ୱ ମାମଲା ଚାଲିଛି। ଦୁର୍ନୀତି ମାମଲାରେ ତାଙ୍କୁ ୧୦ ବର୍ଷ ଜେଲ୍ ଦଣ୍ଡାଦେଶ ହୋଇଛି।

## ● ସୁପ୍ରିମକୋର୍ଟରେ ଛାତ୍ରୀଙ୍କୁ ଉତ୍ପୀଡ଼ନ ମାମଲା


# ଘରୋଇ ବିଶ୍ୱବିଦ୍ୟାଳୟଗୁଡ଼ିକର ସମୀକ୍ଷା ନିର୍ଦ୍ଦେଶ

ନୂଆଦିଲ୍ଲୀ, ୨୬।୧୧ (ଏଜେନ୍ସି): ଘରୋଇ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଚାଲିଥିବା ଅନୈତିକ କାର୍ଯ୍ୟକଳାପକୁ ରୋକିବା ପାଇଁ ସୁପ୍ରିମକୋର୍ଟ ବଡ଼ ପଦକ୍ଷେପ ନେଇଛନ୍ତି। ଦେଶରେ ଥିବା ସବୁ ଘରୋଇ ବିଶ୍ୱବିଦ୍ୟାଳୟଗୁଡ଼ିକର ସମୀକ୍ଷା କରିବାକୁ କେନ୍ଦ୍ର, ରାଜ୍ୟ, କେନ୍ଦ୍ରଶାସିତ ଅଞ୍ଚଳର ସରକାରଙ୍କ ସହିତ ୟୁନିଭର୍ସିଟି ଗ୍ରାଣ୍ଟ କମିଶନ (ୟୁଜିସି)କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ବିଶ୍ୱବିଦ୍ୟାଳୟଗୁଡ଼ିକ କେମିତି ପ୍ରତିଷ୍ଠା ହେଲା, ପରିଚାଳନା ଏବଂ ପର୍ଯ୍ୟବେକ୍ଷଣ କେମିତି ହେଉଛି ତାହାର ଖୁଲାସା କରିବାକୁ ସୁପ୍ରିମକୋର୍ଟ କହିଛନ୍ତି। ଛାତ୍ରୀ ଆୟେଶା ଜେନ୍ ବନାମ ଆମିଟି ୟୁନିଭର୍ସିଟି ମାମଲାର ଶୁଣାଣି କରି ଜଷ୍ଟିସ ଅସଦୁଦ୍ଦିନ ଅମାନୁଲ୍ଲାହ ଏବଂ ଜଷ୍ଟିସ ଏନ୍‌ଭି ଅଞ୍ଜାରିଆଙ୍କ ଖଣ୍ଡପୀଠ କହିଛନ୍ତି ଯେ ଏହା ସାମୂହିକ ସ୍ୱାର୍ଥ ପାଇଁ ଜରୁରୀ। ଘରୋଇ ବିଶ୍ୱବିଦ୍ୟାଳୟଗୁଡିକର ଗଠନ କେମିତି ହେଲା, ଏଗୁଡ଼ିକ କେଉଁ ନିୟମ ଅନୁସାରେ ପରିଚାଳିତ ହେଉଛନ୍ତି ଏବଂ ସରକାରଙ୍କ ପକ୍ଷରୁ କି ସୁବିଧାସୁଯୋଗ ପାଉଛନ୍ତି ତାହା ଜାଣିବା ଜରୁରୀ। ମାନ୍ୟତା ଦେବାର ଆଇନଗତ ଆଧାର, ଆର୍ଥିକ ଏବଂ ପ୍ରାଶାସନିକ ସହାୟତା, ଜମି ଆବଣ୍ଟନ ଏବଂ ଅଗ୍ରାଧିକାର ଭିତ୍ତିରେ ଦିଆଯାଇଥିବା ଅନ୍ୟାନ୍ୟ ସୁବିଧା ବିଷୟରେ ବିସ୍ତୃତ ସତ୍ୟପାଠ ଦାଖଲ କରିବାକୁ ସରକାରଗୁଡ଼ିକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏହି ପ୍ରତିଷ୍ଠାନ ଗୁଡ଼ିକୁ ପ୍ରକୃତରେ କିଏ ନିୟନ୍ତ୍ରଣ ଓ ପରିଚାଳନା କରୁଛି ଏବଂ ଘରୋଇ ବିଶ୍ୱବିଦ୍ୟାଳୟଗୁଡ଼ିକର ପରିଚାଳନା କମିଟି କେମିତି ଗଠନ କରାଯାଉଛି ତାହାର ମଧ୍ୟ ସୂଚନା ମଗାଯାଇଛି। ଆମିଟି ୟୁନିଭର୍ସିଟିର ୨୩ ବର୍ଷୀୟ ଛାତ୍ରୀ ଆୟେଶାଙ୍କ ଆବେଦନ ଉପରେ ସୁପ୍ରିମକୋର୍ଟ ଏଭଳି କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ସମସ୍ତ ବୈଧାନିକ ପ୍ରମାଣପତ୍ର ଥିବା ସତ୍ତ୍ୱେ ଏହି ୟୁନିଭର୍ସିଟି ଆୟେଶାଙ୍କ ନାମ ବଦଳାଇବାକୁ ମନା କରିଦେଇଥିଲା।

ଖାଲି ସେତିକି ନୁହେଁ, କର୍ତ୍ତୃପକ୍ଷ ତାଙ୍କୁ ଉତ୍ପୀଡ଼ନ ଦେଇଥିଲେ, କ୍ଲାସ କରିବା ଉପରେ କଟକଣା ଲଗାଇ ଦେଇଥିଲେ ଏବଂ ମୁସଲମାନ ନାମ ରଖିବାକୁ ନେଇ ପରିହାସ ମଧ୍ୟ କରିଥିଲେ। ୟୁଜିସି ଏବଂ ଶିକ୍ଷା ମନ୍ତ୍ରାଳୟର ହସ୍ତକ୍ଷେପ ସତ୍ତ୍ୱେ ଏହା ଉପରେ ବିଶ୍ୱବିଦ୍ୟାଳୟ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ଆମିଟି ୟୁନିଭର୍ସିଟି ନିଜ କ୍ଷମତାର ଅପବ୍ୟବହାର କରୁଥିବା ଆବେଦନରେ ଦାବି କରାଯାଇଛି। ୟୁନିଭର୍ସିଟି ପକ୍ଷରୁ କୁହାଯାଇଥିଲା ଯେ ଛାତ୍ରୀ ନିଜ ବ୍ୟବହାର ପାଇଁ ଗୋଟିଏ ବର୍ଷ ପାଠପଢ଼ା ବରବାଦ ହୋଇଥିଲା। ଏହି ବିବାଦ ୨୦୨୧ରୁ ଆରମ୍ଭ ହୋଇଥିଲା। ସେ ନିଜ ନାମକୁ ଖୁସି ଜୈନରୁ ଆୟେଶା ଜୈନ କରିବାକୁ ଚାହୁଁଥିଲେ। ଖୁସି ୨୦୨୩ରେ ଆମିଟି ଫିସିଂ ସ୍କୁଲରୁ ସାର୍ଟିଫିକେଟ କୋର୍ସ ଶେଷ କରି ୨୦୨୪ରେ ଏମବିଏ ପାଇଁ ଆମିଟି ବିଜ୍‌ନେସ ସ୍କୁଲରେ ସାମିଲ ହୋଇଥିଲେ। କିନ୍ତୁ ବିଶ୍ୱବିଦ୍ୟାଳୟ ତାଙ୍କ ତଥ୍ୟ ଅପଡେଟ କରିବାକୁ ମନା କରିଦେଇଥିଲା। କ୍ଲାସ ଏବଂ ପରୀକ୍ଷା ଦେବାକୁ ଦିଆଯାଇ ନ ଥିଲା। ଅନେକ ଅଭିଯୋଗର ଉତ୍ତର ନ ଦେବାର ଶେଷରେ ସେ ଚଳିତ ବର୍ଷ ମଧ୍ୟ ଭାଗରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

# ଛୋଟ କେଶ ବି ଦିଶିବ ସୁନ୍ଦର

**ସାଧାରଣତଃ ଛୋଟ କେଶ ଖୁବ୍ ସୁନ୍ଦର ଦେଖାଯାଏ । ଏହାର ଯତ୍ନ ନେବା ମଧ୍ୟ ସୁବିଧାଜନକ ହୋଇଥାଏ । କିନ୍ତୁ ପାରମ୍ପରିକ ଲୁକ୍ ଚାହୁଁଥିଲେ କେଶକୁ ଷ୍ଟାଇଲ୍ କରିବା ସହଜ ହୋଇ ନ ଥାଏ । ତେଣୁ ଛୋଟ କେଶରେ କିଛି ଭିନ୍ନତା ଆଣିବାକୁ ଚାହୁଁଥିଲେ ନିମ୍ନ ପ୍ରଦତ୍ତ ଟିପ୍ସ ଆପଣାଇପାରିବେ ।**



## ହାଫ୍ ଅପ୍ ହାଫ୍ ଡାଉନ୍

ଏହା ଦେଖିବାକୁ ଖୁବ୍ ସୁନ୍ଦର ହୋଇଥାଏ । ଏହା ସବୁ ପର୍ବପର୍ବାଣୀ ତଥା ସବୁ ଆଉଟ୍‌ଫିଟ୍‌କୁ ଭଲ ମାନିଥାଏ । ବିବାହ ଉତ୍ସବରେ ଗାଉନ୍ ପିନ୍ଧୁଥିଲେ ହାପ୍ ବନ କରିପାରିବେ । ଏହି ଡିଜାଇନ କରିବା ମଧ୍ୟ ଖୁବ୍ ସହଜ । ଏଥିରୁ ଏକ ଆକର୍ଷଣୀୟ ଲୁକ୍ ଚାହୁଁଥିଲେ କେଶକୁ ଷ୍ଟ୍ରେଟ୍‌ନର ସାହାଯ୍ୟରେ ପ୍ରଥମେ ଷ୍ଟ୍ରେଟ୍ କରନ୍ତୁ । ଏହାପରେ ବନ କରନ୍ତୁ ।

## ବେବି ଓପନ୍ ହେୟାର୍ ଷ୍ଟାଇଲ୍



ଏ ପ୍ରକାର ଷ୍ଟାଇଲ ସବୁବେଳେ ରହିଥାଏ । ଛୋଟ ହେଉ ଅବା ଲମ୍ବା ଏହି ହେୟାର୍‌ଷ୍ଟାଇଲ୍ ସବୁ କେଶକୁ ମାନିଥାଏ । ସିମ୍ପଲ୍ ଲୁକ୍‌କୁ ଷ୍ଟାଇଲ କରିବାକୁ ଚାହୁଁଥିଲେ ଏହି ଡିଜାଇନ୍ କରିପାରିବେ । ଏ ପ୍ରକାର ହେୟାର୍ ଷ୍ଟାଇଲ୍ ପ୍ରି ୱେଡିଙ୍ଗରେ ଖୁବ୍ ସୁନ୍ଦର ଲାଗିବ । ବିଶେଷ କଥା ହେଉଛି ଏହା ନୋ ମେକ୍‌ଅପ୍ ଲୁକରେ ମଧ୍ୟ ସୁନ୍ଦର ଦିଶିଥାଏ ।

## ପନିଟେଲ୍

ଓପନ ହେୟାର୍ ଛୋଟ ରୁଟିକୁ ବେଶ୍ ସୁନ୍ଦର ଦେଖାଯାଏ । କିନ୍ତୁ ଟିକେ ଭିନ୍ନ ଲୁକ୍ ଚାହୁଁଥିଲେ ସ୍ଲିକ୍ ଲୋ ପନିଟେଲ କରିପାରିବେ । ଏଥିରେ କେଶକୁ ହାଲୁକା କରି ଏକ ସାଇଟ୍ କରନ୍ତୁ । ଏହାକୁ ଲୋ ଷ୍ଟାଇଲ୍ ଟାଇରେ ବାନ୍ଧିବାକୁ ପଡ଼ିଥାଏ । ଏହାଦ୍ୱାରା ମେକ୍‌ଅପ୍ ହାଇ୍‌ଲାଇଟ୍ ହୋଇଥାଏ ।

# ମହିଳା ର୍‍ୟାପର୍

**ସାଧାରଣତଃ ର୍‍ୟାପ୍ କହିଲେ ପ୍ରଥମେ ପୁରୁଷଙ୍କ ଛବି ସାମ୍ନାକୁ ଆସିଥାଏ । କିନ୍ତୁ ଏବେ ଏ କ୍ଷେତ୍ରରେ ମହିଳାଙ୍କ ପ୍ରବେଶ ଦେଖିବାକୁ ମିଳିଛି । ବଦଳୁଥିବା ସମୟାନୁସାରେ ପୁରୁଷଙ୍କ ସହ ତାଳ ଦେଇ ମହିଳାମାନେ ହିପ୍ ହାପ୍ ର୍‍ୟାପ୍ କରୁଛନ୍ତି । ସାମାଜିକ ଏବଂ ବ୍ୟକ୍ତିଗତ ବିଚାର, ସାମାଜିକ ସମସ୍ୟା ଆଦି ବିଷୟବସ୍ତୁକୁ ର୍‍ୟାପ୍ ମାଧ୍ୟମରେ ଲୋକଲୋଚନକୁ ଆଣୁଛନ୍ତି । ଏହାଦ୍ୱାରା ସେମାନେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି । ର୍‍ୟାପ୍ କେବଳ ପୁରୁଷଙ୍କ କାର୍ଯ୍ୟ ନୁହେଁ, ତାହା ପ୍ରମାଣ କରିଛନ୍ତି । ତେବେ ପ୍ରସିଦ୍ଧି ଲାଭ କରିଥିବା ସେହିଭଳି କେତୋଟି ମହିଳା ର୍‍ୟାପର୍‌ଙ୍କୁ ନେଇ ଏହି ଉପସ୍ଥାପନା ।**

## ଡି ଏମ୍‌ସି

୨୫ ବର୍ଷିୟା ଡି ଏମ୍‌ସି ଭାରତ ହିପ୍ ହପ୍ ଜଗତରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି । ତାଙ୍କର ପୁରା ନାମ ଦୀପା ଉନିକ୍ରିଷ୍ଣନ୍ । ପିଲାବେଳୁ ସେ ଭାରତନାଟ୍ୟମ୍‌ରେ ନିଜ ପ୍ରତିଭା ଦେଖାଇଛନ୍ତି । ୧୮ ବର୍ଷ ବୟସରେ ସେ ନିଜର ପ୍ରଥମ ର୍‍ୟାପ୍ ଗୀତ ଲେଖିଥିଲେ । ୨୦୧୭ରେ ସେ ଡି ଏମ୍‌ସି ନାମ୍ନୀ ପ୍ରଥମ ଆଲବମ୍‌ରେ ନଜର ଆସିଥିଲେ । ସେ ର୍‍ୟାପ୍‌ରେ ସାମାଜିକ ମୁଦ୍ଦା, ମହିଳା ସଶକ୍ତୀକରଣ ଉପରେ ଜୋର୍ ଦିଅନ୍ତି । ସେହିପରି ତାଙ୍କ ଗୀତ ନୋ ମୋର ଲିମିଟ୍ସ ମାସିକ ଧର୍ମ ସ୍ୱଚ୍ଛତା ଉପରେ ସଚେତନ ପାଇଁ ପ୍ରସ୍ତୁତ କରିଥିଲେ । ସେହିପରି ସେ କାନାଡ଼ା, ଓ ବେଲଜିୟମ୍ ଅନ୍ତଃରାଷ୍ଟ୍ରୀୟ ପ୍ରଦର୍ଶନୀରେ ମଧ୍ୟ ଭାଗ ନେଇଥିଲେ ।



## ରାଜା କୁମାରୀ



ରାଜା କୁମାରୀ ଜଣେ ସଫଳ ଭାରତୀୟ - ଆମେରିକୀୟ ର୍‍ୟାପର୍, ଗାୟିକା ଓ ନୃତ୍ୟାଙ୍ଗନା ଭାବେ ପରିଚିତ । ବହୁବିଧ ପ୍ରତିଭା ପାଇଁ ସେ ଅନେକ ଅନ୍ତଃରାଷ୍ଟ୍ରୀୟ ପୁରସ୍କାର ପାଇଛନ୍ତି । ସେ ଭାରତୀୟ ହିପ୍ ହପ୍ ର୍‍ୟାପ୍‌ର ଗଡ୍ ମଦର୍ ଭାବେ ଜଣାଜାନ୍ତି । ତାଙ୍କ ପୁରା ନାମ ଶ୍ୱେତା ୟଲ୍ଲାପ୍ରଗଦା ରାଓ । ସେ କାଲିଫର୍ନିଆ କ୍ଲେରମୋଣ୍ଟରେ ଏକ ଭାରତୀୟ ପରିବାରରେ ଜନ୍ମ ହୋଇଥିଲେ । ପାଞ୍ଚ ବର୍ଷର ଥିବାବଳେ ସେ ଫ୍ୟୁଜିକ୍ ଆଲବମ୍ 'ଦ ସ୍କୋର୍'ରୁ ହିପ୍ ହାପ୍ ପ୍ରତି ଆଗ୍ରହୀ ଥିଲେ । ୧୪ ବର୍ଷରେ ସେ ଫ୍ରିଷ୍ଟାଇଲ୍ ଏମ୍‌ସି ହୋଇଥିଲେ । ଏଥିପାଇଁ ତାଙ୍କୁ ଇଣ୍ଡିଆନ୍ ପ୍ରିନ୍‌ସେସ୍ ବା ରାଜା କୁମାରୀ କୁହାଯାଏ । ସେ ହିନ୍ଦୀ ଓ ଇଂରାଜୀ ଭାଷାରେ ଅନେକ ଲୋକପ୍ରିୟ କଳାକାରଙ୍କ ସହ ର୍‍ୟାପ୍ କରିଛନ୍ତି ।

## ସୋଫିୟା ଅଶରଫ୍



ସୋଫିୟା ଅଶରଫ୍ ଜଣେ ଭାରତୀୟ ର୍‍ୟାପର୍ ଓ ଗାୟିକା ଭାବେ ପ୍ରସିଦ୍ଧି ଲାଭ କରିଛନ୍ତି । ସେ ସାମାଜିକ, କର୍ପୋରେଟ୍ ଅବହେଳା ବାବଦରେ ସଚେତନତା ସୃଷ୍ଟି ପାଇଁ ର୍‍ୟାପ୍ ଲେଖନ୍ତି । ସୋଫିଆ ବୃତ୍ତିରେ ଜଣେ କପିରାଇଟର୍ ଭାବେ କାର୍ଯ୍ୟ କରନ୍ତି । ସେ ର୍‍ୟାପ୍ ମାଧ୍ୟମରେ ସମାଜିକ ଓ ରାଜନୈତିକ ସମସ୍ୟା ଉପରେ ସ୍ୱରଉତ୍ତୋଳନ କରନ୍ତି । ୨୦୧୫ ମସିହାରେ ସେ ୟୁନିଲିଭର ବିରୁଦ୍ଧରେ 'କୋଡାଇକାନାଲ ୱାଣ୍ଟ' ଗୀତ ର୍‍ୟାପ୍ ଲେଖିଥିଲେ । ସେ ନିଜ ଲେଖା ମାଧ୍ୟମରେ ସମାଜିକ ସମସ୍ୟାରେ ପରିବର୍ତ୍ତନ ଆଣିବା ପାଇଁ ପ୍ରୟାସ କରନ୍ତି ।

## ମେବା ଓଫିଲିଆ



ମେଘାଳୟର ଲୋକପ୍ରିୟ ର୍‍ୟାପର୍, ଗାୟିକା ଭାବେ ସେ ପରିଚିତ । ସଙ୍ଗୀତ ପ୍ରତି ତାଙ୍କ ମନରେ ଅହେତୁକ ଦୁର୍ବଳତା ଥିଲା । ଏଥିପାଇଁ ସେ ଆଇନ୍ ଶିକ୍ଷାକୁ ଛାଡ଼ି ଗୀତରେ ନିଜ କ୍ୟାରିୟର ଆରମ୍ଭ କରିବାକୁ ସ୍ଥିର କରିଥିଲେ । ସେ କୁହନ୍ତି, ଗୀତ ମନର ଭାବନା ପ୍ରକାଶ କରିବାର ମାଧ୍ୟମ । ସେ ଅନେକ ରଚନାତ୍ମକ, ସୃଜନଶୀଳ ଗୀତ ଲେଖନ୍ତି । ବିଗ୍ ରିଙ୍କ ସହ ଗାଇଥିବା ଗୀତ ଡନ୍ ଟକିଙ୍ଗ୍ ପାଇଁ ସେ ୟୁରୋପୀୟ ସଙ୍ଗୀତ ପୁରସ୍କାର ପାଇଥିଲେ । ପରେ ସେ ରାଜା କୁମାରୀଙ୍କ ସହ ରାନୀ ସାଇଫର ସମେତ ଅନେକ ହିଟ୍ ଗୀତରେ ର୍‍ୟାପ୍ କରିଛନ୍ତି ।

# ଲଙ୍କା ହାଲୁଆ

ମୋ ହାଣ୍ଡିଶାଳରୁ...

## ଆବଶ୍ୟକ ସାମଗ୍ରୀ


କଞ୍ଚାଲଙ୍କା -୨୦୦ ଗ୍ରାମ୍, ଭଜା ସୁଜି - ୫୦ ଗ୍ରାମ୍, ଚିନି- ଅଧା କପ୍, ଖୁଆ,- ୫୦ ଗ୍ରାମ୍, ପିସ୍ତାବାଦାମ - ପାଞ୍ଚୋଟି, କାଜୁ - ପାଞ୍ଚୋଟି, ଘିଅ - ଏକ ଚାମଚ ।

## ପ୍ରସ୍ତୁତି ପ୍ରଣାଳୀ

ପ୍ରଥମେ ଗ୍ରାଇଣ୍ଡିଂ ଜାର୍‌ରେ ଲଙ୍କା ନେଇ ଏହାକୁ ପେଷ୍ଟ କରନ୍ତୁ । ଏହାପରେ ଗ୍ୟାସ୍ ଲଗାଇ ତାୱା ବସାନ୍ତୁ । ଗରମ ହୋଇଗଲେ ସେଥିରେ ଏକ ଚାମଚ ଘିଅ ଦେଇ ପେଷ୍ଟ କରି ରଖିଥିବା ଲଙ୍କାକୁ ଦେଇ ଗୋଳାଇ ଦିଅନ୍ତୁ । ଏହାପରେ ଭାଜି ରଖିଥିବା ସୁଜିକୁ ଦେଇ ପିଠାଖଡ଼ିକାରେ ଏପାଖସେପାଖ କରି ଦିଅନ୍ତୁ । ସୁଜି ଲଙ୍କାରେ ମିଶିଯିବା ପରେ ସେଥିରେ ଅଳ୍ପ ପାଣି ଦିଅନ୍ତୁ । ଏହାପରେ ଚିନି ପକାଇ ଭଲରେ ମିଶାନ୍ତୁ । ଏହାକୁ ଏପାଖସେପାଖ କରି କଟା କାଜୁ, ପିସ୍ତା ଓ ସିଲଭର କୋଟିଙ୍ଗ୍ ଦେଇ ପରଷନ୍ତୁ ସ୍ୱାଦିଷ୍ଟ 'ଲଙ୍କା ହାଲୁଆ ।'



# କିଶୋରୀଙ୍କ ପାଇଁ ନେଲ୍ ଆର୍ଟ



**ନେଲଆର୍ଟ କେବଳ ବଡ଼ଙ୍କ ମଧ୍ୟରେ ସୀମିତ ନ ଥାଏ । ସ୍କୁଲ ଛାତ୍ରୀମାନେ ମଧ୍ୟ ଏହା କରିବାକୁ ପସନ୍ଦ କରନ୍ତି । ସେମାନଙ୍କ ପାଇଁ ଏହା ଏକ ରଚନାତ୍ମକ ହୋଇଥାଏ । ଏହା ପିଲାଙ୍କ ମଧ୍ୟରେ ସୃଜନଶୀଳତା ବୃଦ୍ଧି କରିଥାଏ । ତେଣୁ ପିଲାଙ୍କୁ ବିଷାକ୍ତ ମୁକ୍ତ ଓ ସୁରକ୍ଷିତ ନେଲ୍‌ପଲିସ୍ ଲଗାଇବା ଜରୁରୀ ।**

## ପ୍ରଜାପତି

ରଙ୍ଗିନ୍ ପ୍ରଜାପତି ପିଲାଙ୍କୁ ଖୁବ୍ ଭଲଲାଗେ । ଏହା ନଖରେ କରିବା ଖୁବ୍ ସହଜ ଓ ଆକର୍ଷଣୀୟ ଦିଶିଥାଏ । ତେଣୁ ପିଲାଙ୍କ ପସନ୍ଦ ଅନୁସାରେ ପ୍ରତ୍ୟେକ ନଖରେ ଭିନ୍ନ ଭିନ୍ନ ରଙ୍ଗର ପ୍ରଜାପତି କରିପାରିବେ ।

## ପାଣ୍ଡା



ଏହି ନେଲ୍ ଆର୍ଟ ପିଲାଙ୍କୁ କୁଙ୍ଫୁପାଣ୍ଡା ଭଳି କ୍ୟୁଟ୍ ଲୁକ୍ ଦେଇଥାଏ । ଏଥିପାଇଁ ନଖରେ ସର୍ବ ପ୍ରଥମେ ନୀଳ ନେଲ୍‌ପଲିସ୍ ଲଗାନ୍ତୁ । ଏହାକୁ ଭଲଭାବେ ଶୁଖାଇବା ପାଇଁ କିଛି ସମୟ ଛାଡ଼ି ଦିଅନ୍ତୁ । ସେହିପରି ବ୍ରଶ୍ ସାହାଯ୍ୟରେ ନଖରେ ସମ୍ମୁଖ ଭାଗରେ ଧଳାରଙ୍ଗର ପାଣ୍ଡା କରନ୍ତୁ । ଏଥିରେ ଚମକ ଆଣିବା ପାଇଁ ଟ୍ରାନ୍ସପ୍ୟାରେଣ୍ଟ ନେଲ୍‌ପଲିସ୍ ପରସ୍ତ ଲଗାନ୍ତୁ ।



## ତାରା

ଏହି ରଙ୍ଗିନ୍ ଡିଜାଇନ୍ ପିଲାଙ୍କ ନଖକୁ ଖୁବ୍ ସୁନ୍ଦର ଦେଖାଯାଏ । ଏଥିପାଇଁ ନଖରେ ପିଲାଙ୍କ ପସନ୍ଦ ମୁତାବକ ନେଲ୍‌ପଲିସ୍ ଲଗାନ୍ତୁ । ଏହାପରେ ହଳଦିଆ ନେଲ୍‌ପଲିସ୍‌ରେ ଛୋଟ ତାରା ତିଆରି କରନ୍ତୁ ।

## ଫୁଲ

ସାଧାରଣତଃ ଫ୍ଲୋରାଲ୍ ପ୍ରିଣ୍ଟ ଡ୍ରେସ୍‌ରେ ଏହା ଖୁବ୍ ସୁନ୍ଦର ଦେଖାଯାଏ । ଏଥିପାଇଁ ନଖରେ ପିଙ୍କ୍ ଜେଲ୍ ନେଲ୍‌ପଲିସ୍ ଲଗାଇ କୋଟ୍ କରନ୍ତୁ । ସୁଖିଗଲା ପରେ ତୂଳୀରେ ଅନ୍ୟ ରଙ୍ଗର ନେଲ୍‌ପଲିସ୍ ନେଇ ଛୋଟ ଫୁଲ ତିଆରି କରନ୍ତୁ ।

# ଶୀତ ଫେଶନ

**ଶୀତ ପୋଷାକରେ ଷ୍ଟାଇଲିଶ୍ ଦେଖାଯିବା ସମସ୍ତଙ୍କ ପାଇଁ ଆହ୍ୱାନପୂର୍ଣ୍ଣ ହୋଇଥାଏ । ଏଥିପାଇଁ ଅନେକ ଯେ କୌଣସି ପୋଷାକ ପିନ୍ଧି ଏକ, ଜ୍ୟାକେଟ୍ କିମ୍ବା ଷ୍ଟୋଲ୍ ପକାଇ ବାହାରକୁ ଯାଆନ୍ତି । କିନ୍ତୁ ଚାହିଁଲେ କିଛି ସହଜ ଉପାୟ ଆପଣାଇ ସୁନ୍ଦର ଦିଶିପାରିବେ । ଜାଣିବା ସେ ବିଷୟରେ...**

## ସ୍ମାର୍ଟ ଲେୟାରିଙ୍ଗ୍

ଶୀତଦିନେ ଷ୍ଟାଇଲିଶ୍ ଦେଖାଯିବା ପାଇଁ ସବୁଠୁ ସହଜ ହେଉଛି ସ୍ମାର୍ଟ ଲେୟାରିଙ୍ଗ୍ । ଭାରି କପଡ଼ା ତୁଳନାରେ ହାଲୁକା ଓ ଫିଟିଙ୍ଗ ପୋଷାକ ଚୟନ କରନ୍ତୁ । ଭିତରେ ସାର୍ଟ କିମ୍ବା ଟର୍ଟଲ ନେକ ଡିଜାଇନ୍ ଟପ୍ ପିନ୍ଧି ଉପରେ ଏକ ଫୁଲ ଜ୍ୟାକେଟ୍ ପିନ୍ଧନ୍ତୁ । ଏଥିରୁ ଏକ ଏଲିଗେଣ୍ଟ ଲୁକ୍ ମିଳିବା ସହ ଉଷୁମ ବଜାୟ ରହିଥାଏ ।

## ନ୍ୟୁଟ୍ରାଲ୍ କଲର୍

ଅଫିସ୍ ଲୁକ୍‌ରେ ପ୍ରଫେସନାଲ୍ ଦିଶିବାକୁ ଚାହୁଁଥିଲେ, ନ୍ୟୁଟ୍ରାଲ୍ ରଙ୍ଗ ଯଥା- ବିଜ୍, ଗ୍ରେ ଓ ବ୍ରାଉନ୍ ରଙ୍ଗ ବାଛିପାରିବେ । ଏହା ଫର୍ମାଲ ଲାଗିବା ସହ ଯେ କୌଣସି ଆଉଟ୍‌ଫିଟ୍‌କୁ ସୁନ୍ଦର ମାନିଥାଏ ।

## ସ୍କାର୍ଫ ଓ ଶାଲ୍

ଶାଲ୍ ଓ ,ସ୍କାର୍ଫ କେବଳ ଶୀତରୁ ସୁରକ୍ଷା ଦିଏନି । ଏହା ଖୁବ୍ ସୁନ୍ଦର ଲୁକ୍ ଦେଇଥାଏ । ଏଥିପାଇଁ ଶିଲ୍‌କ କିମ୍ବା ଉଲ ଫାବ୍ରିକ୍‌ର ପ୍ରିଣ୍ଟେଡ୍ ସ୍କାର୍ଫ ଚୟନ କରିପାରିବେ । ଏହା ଆଉଟ୍‌ଫିଟ୍‌କୁ ଷ୍ଟାଇଲିଶ୍ କରିବା ସହ ଆଖିକୁ ଖୁବ୍ ଆକର୍ଷଣୀୟ ଦିଶିଥାଏ ।



# ଜୋତାରୁ ଦୁର୍ଗନ୍ଧ ଆସୁଥିଲେ



**ଜୋତାରୁ ଦୁର୍ଗନ୍ଧ ଆସିବା ପ୍ରତ୍ୟେକ ବ୍ୟକ୍ତିଙ୍କ ପାଇଁ ଲଜ୍ୟାର କାରଣ ହୋଇଥାଏ । ଦୀର୍ଘ ସମୟ ଜୋତା ପିନ୍ଧି ରଖୁଥିଲେ ଏହି ସମସ୍ୟା ଅଧିକ ହୋଇଥାଏ । ତେବେ କିଛି ଘରୋଇ ଉପାୟ ଆପଣାଇ ସହଜରେ ଏହି ଦୁର୍ଗନ୍ଧ ଦୂର କରିପାରିବେ ।**

## ଖାଇବା ସୋଡ଼ା

ଖାଇବା ସୋଡ଼ାରେ ଖୁବ୍ ଉପକାରିତା ଗୁଣ ଥାଏ । ଏହା ଜୋତାରୁ ଦୁର୍ଗନ୍ଧ ଦୂର କରିବାରେ ସହାୟକ ହୋଇଥାଏ । ଏଥିପାଇଁ କିଛି ଖାଇବାସୋଡ଼ା ନେଇ ଜୋତାରେ ପକାଇ ରାତି ସାରା ରଖନ୍ତୁ । ସକାଳୁ ଏହି ଜୋତାକୁ ପରିଷ୍କାର କରି ପିନ୍ଧନ୍ତୁ । ଏହାଦ୍ୱାରା ଦୁର୍ଗନ୍ଧ ଦୂର ହୋଇଯାଏ । ସୋଡ଼ା ଜୋତାରେ ଥିବା ଆର୍ଦ୍ରତାକୁ ଶୋଷି ନେଇଥାଏ ।

## ସେଓ ଭିନେଗାର୍

ଆପେଲ୍ ସାଇଡ୍ ଭିନେଗାର୍ ଜୋତାର ଦୁର୍ଗନ୍ଧ ଦୂର କରିବାରେ ସହାୟକ ହୋଇଥାଏ । ଏଥିପାଇଁ ଏକ କପଡ଼ା କିମ୍ବା ତୁଳାକୁ ଭିନେଗାରରେ ବୁଡ଼ାଇ ଜୋତା ଭିତରେ ରଖି ଦିଅନ୍ତୁ । କିଛି ଘଣ୍ଟା ପରେ କାଢ଼ି ଦିଅନ୍ତୁ । ଏହା ଜୋତା ଦୁର୍ଗନ୍ଧ ଦୂର କରି ଏହାକୁ ସତେଜ ରଖିଥାଏ । ଚାହିଁଲେ ଏହାକୁ ନିୟମିତ ବ୍ୟବହାର କରିପାରିବେ ।


## ଚା ପତି

ଚାପତିରେ ଏକ ବିଶେଷ ତତ୍ତ୍ୱ ଥାଏ । ଯାହା ଦୁର୍ଗନ୍ଧକୁ ଶୋଷି ନେଇଥାଏ । ଏଥିପାଇଁ କିଛି ଶୁଖିଲା ଚା ପତି ଜୋତାରେ ରଖି ଗୋଟିଏ ରାତି ଛାଡ଼ି ଦିଅନ୍ତୁ । ଏହାଦ୍ୱାରା ଦୁର୍ଗନ୍ଧ ଦୂର ହୋଇଥାଏ ।

# ବାରମ୍ବାର ୱାଇପ୍‌ସ ବ୍ୟବହାର କରୁଥିଲେ

**ଅଧିକାଂଶ ମହିଳା ତ୍ୱଚାରେ ଥିବା ଧୂଳି, ମଳି ତଥା ମେକ୍‌ଅପ୍ ଛଡ଼ାଇବା ପାଇଁ ୱେଟ୍ ୱାଇପ୍ସ ବ୍ୟବହାର କରିଥାନ୍ତି । ଏହା ତ୍ୱଚାରେ ଥିବା ମଇଳା, ତେଲ ଓ ଅପରିଷ୍କାରକୁ କ୍ଷଣକ ମଧ୍ୟରେ ସଫା କରିଥାଏ । କିନ୍ତୁ ଏହାକୁ ବାରମ୍ବାର ବ୍ୟବହାର କଲେ, ଏଥିରେ ଥିବା କେମିକାଲ୍ସ, ସୁଗନ୍ଧ ଓ ଆଲ୍‌କହଲ୍ ତ୍ୱଚାକୁ କ୍ଷତି ପହଞ୍ଚିଥାଏ ।**

## ତ୍ୱଚାରେ ଆର୍ଦ୍ରତା କମ୍



ଅଧିକାଂଶ ସମୟରେ ୱାଇପସ୍ ବ୍ୟବହାର କଲେ ଏଥିରେ ଥିବା କେମିକାଲ୍ସ ଓ ଆଲ୍‌କହଲ୍ ତ୍ୱଚାର ପ୍ରାକୃତିକ ତେଲକୁ ନଷ୍ଟ କରିଥାଏ । ଫଳରେ ତ୍ୱଚା ଶୁଷ୍କ ହୋଇଯାଏ । ମଏଶ୍ଚରାଇଜର୍ ମଧ୍ୟ ତ୍ୱଚାରେ ପ୍ରଭାବ ଦେଖାଏନି ।

## ସଂକ୍ରମଣ

ସାଧାରଣତଃ ମୁହଁର ତ୍ୱଚା ଖୁବ୍ ସମ୍ବେଦନଶୀଳ ହୋଇଥାଏ । ତେଣୁ ୱାଇପସ୍ ବ୍ୟବହାର କଲେ ଏହା ଚର୍ମକୁ ଶୁଷ୍କ କରିବା ସହ କୁଣ୍ଡାଇ ହେବା ଓ ଫଳିଯିବା ପରି ସମସ୍ୟା ହୋଇଥାଏ । ବେଳେବେଳେ ସଂକ୍ରମଣ ଏତେ ବଢ଼ିଯାଏ ଯେ ଡାକ୍ତରଙ୍କ ପାଖକୁ ଯିବାକୁ ପଡ଼ିଥାଏ ।

## ଅଧିକ କ୍ଷତିଗ୍ରସ୍ତ ସମ୍ବେଦନଶୀଳ ତ୍ୱଚା

ସମ୍ବେଦନଶୀଳ ତ୍ୱଚା ଥିଲେ ୱେଟ୍ ୱାଇପ୍ସ ବ୍ୟବହାର ନ କରିବା ଭଲ । କାରଣ ସେନ୍‌ସିଟିଭ୍ ତ୍ୱଚା ଥିଲେ ତ୍ୱଚାରେ ଅଧିକ ସମସ୍ୟା ଦେଖିବାକୁ ମିଳିଥାଏ । ତ୍ୱଚାରେ କମ୍ ବୟସରୁ ବୟସ ଛାପ ଦିଶୁଥିଲେ, ଏହା ଏଜିଙ୍ଗ୍‌ର ସାଇନ ହୋଇପାରେ । ଅଧିକ ୱାଇପ୍ ବ୍ୟବହାର କଲେ ଏହା ବୟସ ଛାପକୁ ଦର୍ଶାଇଥାଏ ।

# ଲଜ୍ଜାଜନକ ପରାଜୟ

**୪୦୮ ରନରେ ଗୌହାଟୀ ଟେଷ୍ଟ ହାରିଲା ଭାରତ**

**୨-୦ରେ ଦକ୍ଷିଣ ଆଫ୍ରିକାର ସିରିଜ କ୍ଲିନ ସୁଇପ୍**

ଗୌହାଟୀ, ୨୬ ।୧୧ (ଏଜେନ୍ସି)

ଯାହା ଆଶା କରାଯାଉଥିଲା ଶେଷରେ ସେଇଆ ହିଁ ହେଲା । ଗୌହାଟୀରେ ଅନୁଷ୍ଠିତ ଦ୍ୱିତୀୟ ଟେଷ୍ଟରେ ୫୪୯ ରନର ବିଶାଳ ଲକ୍ଷ୍ୟକୁ ପିଛା କରିଥିବା ଘରୋଇ ଭାରତ ଅନ୍ତିମ ତଥା ୫ମ ଦିବସରେ ବୁଧବାର ୧୪୦ ରନରେ ଦ୍ୱିତୀୟ ଇନିଂସରେ ଅଲ୍ଆଉଟ୍ ହୋଇଯାଇଥିଲା । ଫଳରେ ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ଏହି ଟେଷ୍ଟକୁ ୪୦୮ ରନର ବୃହତ୍ ବ୍ୟବଧାନରେ ଜିତିବା ସହ ସିରିଜକୁ ୨-୦ରେ କ୍ଲିନସୁଇପ୍ କରିନେଇଛି । ସେହିଭଳି ୨୫ ବର୍ଷ ପରେ ଭାରତ ମାଟିରେ ଟେମ୍ବା ବଭୁମାଙ୍କ ଆଫ୍ରିକା ଦଳ ଟେଷ୍ଟ ସିରିଜ ବିଜୟ ସ୍ୱାଦ ଚାଖିଛି । ୨୦୦୦ରେ ହାନ୍ସି କ୍ରୋଞ୍ଜେଙ୍କ ନେତୃତ୍ୱରେ ଦଳ ପ୍ରଥମଥର ଭାରତ ମାଟିରେ ସିରିଜ ଜିତିଥିଲା । ପୂର୍ବରୁ କୋଲକାତାରେ ଅନୁଷ୍ଠିତ ପ୍ରଥମ ଟେଷ୍ଟକୁ ମଧ୍ୟ ଦକ୍ଷିଣ ଆଫ୍ରିକା ୩୦ ରନରେ ଜିତିଥିଲା । ଏବେ ଦୁଇ ଦଳ ମଧ୍ୟରେ ୩ ମ୍ୟାଚ୍‌ବିଶିଷ୍ଟ ଦିନିକିଆ ସିରିଜ ନଭେମ୍ବର ୩୦ରୁ ରାଞ୍ଚିରେ ଆରମ୍ଭ ହେବ ।

ପୂର୍ବ ଦିନର ଅସମାପ୍ତ ୨ୟ ପାଳି ସ୍କୋର ୨୭/୨ରୁ ବୁଧବାର ବ୍ୟାଟିଂ ଆରମ୍ଭ କରିଥିବା ଭାରତ ସାମ୍ନାରେ ଅନ୍ତିମ ଦିବସରେ ୫୨୨ ରନର ଅସମ୍ଭବ ଲକ୍ଷ୍ୟ ରହିଥିଲା । ବିଜୟ ପାଇଁ ନ ହେଲେ ମଧ୍ୟ ଅତିକମରେ ଡ୍ର ପାଇଁ ଖେଳିବ ଭାରତ ବୋଲି ଆଶା କରାଯାଉଥିଲା । କିନ୍ତୁ ଭ୍ରମଣକାରୀ ସ୍ପିନର ସାଇମନ ହାର୍ମରଙ୍କ ସାମ୍ନାରେ ଭାରତୀୟ ବ୍ୟାଟର୍ ସମ୍ପୂର୍ଣ୍ଣ ଆତ୍ମସମର୍ପଣ କରିନେଇଥିଲେ । ହାର୍ମର ୬ଟି ୱିକେଟ୍ ନେଇ ଭାରତୀୟ ଇନିଂସକୁ ୧୪୦ ରନରେ ସୀମିତ କରିଦେଇଥିଲେ । ବ୍ୟାଟିଂକ୍ରମର ୭ମ ସ୍ଥାନରେ ଆସିଥିବା ରବୀନ୍ଦ୍ର ଜାଡେଜା ୮୭ ବଲରେ ୫୪ ରନ କରି ଏକମାତ୍ର ବ୍ୟାଟରଭାବେ କିଛିଟା ଲଢ଼େଇ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସାଇ ସୁଦର୍ଶନ ୧୪, ଅଧିନାୟକ ଋଷଭ ପନ୍ତ ୧୩, ୱାଶିଂଟନ ସୁନ୍ଦର ୧୬, ଧ୍ରୁବ ଜୁରେଲ ୨, ନୀତୀଶ ରେଡ୍ଡୀ ୦, କୁଲଦୀପ୍ ଯାଦବ ୫ ରନ କରିଥିଲେ । ୭ଟି ୱିକେଟ୍ ସହ ୯୩ ରନ କରିଥିବା ମାର୍କୋ ଜାନସେନ ମ୍ୟାଚର ଏବଂ ମୋଟ୍ ୧୭ଟି ୱିକେଟ୍ ନେଇଥିବା ହାର୍ମର ସିରିଜର ଶ୍ରେଷ୍ଠ ଖେଳାଳି ହୋଇଥିଲେ ।



୪୦୮ ରନରେ ହାରିବା ଟେଷ୍ଟ କ୍ରିକେଟ୍ ଇତିହାସରେ ଭାରତର ସର୍ବବୃହତ ପରାଜୟ ହେବାର ଅଲୋଡ଼ା ରେକର୍ଡ ହୋଇଛି । ପୂର୍ବରୁ ଭାରତ ୨୦୦୪ରେ ନାଗପୁରରେ ଅଷ୍ଟ୍ରେଲିଆ ନିକଟରୁ ୩୪୨ ରନରେ ପରାସ୍ତ ହୋଇଥିଲା । ଏବେ ପରାଜୟରେ ଭାରତ ନୂଆ ରେକର୍ଡ କରିଛି । ବିଶ୍ୱରେ ରନ ବ୍ୟବଧାନରେ ସବୁଠୁ ବଡ଼ ପରାଜୟ ଅଷ୍ଟ୍ରେଲିଆ ନାମରେ ରହିଛି । ୧୯୨୮ରେ ବ୍ରିସବେନରେ ଅନୁଷ୍ଠିତ ଆସେସ୍ ସିରିଜର ଏକ ଟେଷ୍ଟରେ ଇଂଲଣ୍ଡ ୬୭୫ ରନରେ ଅଷ୍ଟ୍ରେଲିଆକୁ ମାତ୍ ଦେଇଥିଲା ।

**ସଂକ୍ଷିପ୍ତ ସ୍କୋର**

ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସ : ୪୮୯/୧୦
ଭାରତ ପ୍ରଥମ ଇନିଂସ : ୨୦୧/୧୦
ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ଇନିଂସ : ୨୬୦/୫, ଘୋଷିତ
ଭାରତ ଦ୍ୱିତୀୟ ଇନିଂସ : ୧୪୦/୧୦ ।

## ପରିସଂଖ୍ୟାନ

**୩ୟ**: ଭାରତ ୩ୟଥର ଲାଗି ଘରୋଇ ମାଟିରେ ଟେଷ୍ଟ ସିରିଜ କ୍ଲିନସୁଇପ୍ ହୋଇଛି । ପୂର୍ବରୁ ୨୦୦୦ରେ ଦ.ଆଫ୍ରିକା (୨-୦) ଓ ୨୦୨୪ରେ ନ୍ୟୁଜିଲାଣ୍ଡ (୩-୦) ରେ ଭାରତ ମାଟିରେ ସିରିଜ ସୁଇପ୍ କରିଥିଲେ ।

**୨ୟ**: ଘରୋଇ ମାଟିରେ ଭାରତର ଏହା କ୍ରମାଗତ ଦ୍ୱିତୀୟ ବର୍ଷରେ ୨ୟ ଟେଷ୍ଟ ପରାଜୟ ଥିଲା । ଏଥିପୂର୍ବରୁ ଭାରତ ୧୯୮୩ରେ ୱେଷ୍ଟଇଣ୍ଡିଜ ଓ ୧୯୮୪ରେ ଇଂଲଣ୍ଡ ନିକଟରୁ ଟେଷ୍ଟ ସିରିଜ ହାରିଥିଲା ।

**ଶୂନ** : ଦକ୍ଷିଣ ଆଫ୍ରିକା ବିପକ୍ଷ ଏହି ସିରିଜରେ କୌଣସି ଭାରତୀୟ ବ୍ୟାଟର୍ ଶତକ ହାସଲ କରିପାରି ନ ଥିଲେ । ଘରୋଇ ମାଟିରେ ଦୁଇମ୍ୟାଚ ବିଶିଷ୍ଟ ଟେଷ୍ଟରେ କୌଣସି ଭାରତୀୟ ଶତକ ହାସଲ ନ କରିବାରେ ଏହା ୩ୟ ଘଟଣା । ପୂର୍ବରୁ ନ୍ୟୁଜିଲାଣ୍ଡ (୧୯୭୦ ଓ ୧୯୯୫) ବିପକ୍ଷରେ ଭାରତ ଦୁଇଥର ଏଭଳି ଅଲୋଡ଼ା ରେକର୍ଡ କରିଥିଲା ।

**୪ର୍ଥ** : ଏହି ସିରିଜରେ ଭାରତ ୪ଟି ଯାକ ଇନିଂସରେ ୨୫୦ ରନ ଟପିପାରି ନ ଥିଲା । ଯାହାକି ଭାରତୀୟ ଟେଷ୍ଟ ଇତିହାସରେ ୪ର୍ଥ ଘଟଣା ।

**ପ୍ରଥମଥର** : ଦକ୍ଷିଣ ଆଫ୍ରିକା ପ୍ରଥମ ଦଳ ଭାବେ ଟେଷ୍ଟରେ ଭାରତକୁ ୪୦୦ରୁ ଊର୍ଦ୍ଧ୍ୱ ରନ ହରାଇବାରେ ସମର୍ଥ ହୋଇଛି । ପୂର୍ବରୁ ଅଷ୍ଟ୍ରେଲିଆ ଭାରତକୁ ୩୪୨ ରନରେ ହରାଇଥିଲା ।

**୧୧ତମ** : ଦକ୍ଷିଣ ଆଫ୍ରିକା ଅଧିନାୟକ ଟେମ୍ବା ବଭୁମା ୧୨ତମ ଟେଷ୍ଟ ମ୍ୟାଚରେ ନେତୃତ୍ୱ ନେଇ ଦଳକୁ ୧୧ଟି ବିଜୟ ଭେଟି ଦେଇଛନ୍ତି ।

## ବିସିସିଆଇ ହାତରେ ମୋ' ଭବିଷ୍ୟତ: ଗୌତମ ଗମ୍ଭୀର

ଗୌହାଟୀ, ୨୬ ।୧୧ (ଏଜେନ୍ସି): ଭ୍ରମଣକାରୀ ଦକ୍ଷିଣ ଆଫ୍ରିକାଠାରୁ ଦ୍ୱିତୀୟ ଟେଷ୍ଟକୁ ଶୋଚନୀୟ ଭାବେ ୪୦୮ ରନରେ ହାରିବା ସହ ଭାରତ ସିରିଜରେ



ମଧ୍ୟ ୨-୦ରେ କ୍ଲିନସୁଇପ୍ ହୋଇଛି । ଏଭଳି ଲଜ୍ଜାଜନକ ପ୍ରଦର୍ଶନ ପରେ ଟିମ୍ ଇଣ୍ଡିଆର ମୁଖ୍ୟ କୋଚ୍ ଗୌରତମ ଗମ୍ଭୀରଙ୍କୁ ଚାରିଆଡୁ ସମାଲୋଚନାର ଶିକାର ହେବାକୁ ପଡ଼ିଛି । ବିଶେଷ କରି ଖେଳାଳି ମନୋନୟନକୁ ନେଇ ଗମ୍ଭୀରଙ୍କୁ ଟାର୍ଗେଟ୍ କରାଯାଇଛି । ବୁଧବାର ପରାଜୟ ପରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଗମ୍ଭୀରଙ୍କୁ ପଚରାଯାଇଥିଲା ଯେ ସେ ଭାରତୀୟ ଦଳର ମୁଖ୍ୟ କୋଚ୍ ପାଇଁ ଉପଯୁକ୍ତ ବ୍ୟକ୍ତି କି? ଏହାର ଉତ୍ତରରେ ଗମ୍ଭୀର କହିଥିଲେ, 'ମୋର ଭବିଷ୍ୟତ ବିସିସିଆଇ ହାତରେ । ମୁଁ କୋଚ୍ ହେବାକୁ ଯୋଗ୍ୟ କି ନୁହେଁ ତାହା ବିସିସିଆଇ ନିଷ୍ପତ୍ତି ନେବ । ଏହା ପୂର୍ବରୁ ମଧ୍ୟ ମୁଁ କହି ସାରିଛି ଯେ ଆଗ ଭାରତୀୟ କ୍ରିକେଟ୍ ଗୁରୁତ୍ୱପୂର୍ଣ୍ଣ; ମୁଁ ନୁହେଁ । ମୁଁ ସେହି ବ୍ୟକ୍ତି ଯାହାର ନେତୃତ୍ୱରେ ଇଂଲଣ୍ଡ ମାଟିରେ ଭାରତ ଭଲ ପ୍ରଦର୍ଶନ କରିଥିଲା । ଏଥିସହ ଚାମ୍ପିଅନ୍ସ ଟ୍ରଫି ଓ ଏସିଆ କପ୍ ବିଜୟୀ ହୋଇଥିଲା । ଏହି ପରାଜୟ ଲାଗି କୌଣସି ଜଣେ ଖେଳାଳି କିମ୍ବା ଗୋଟିଏ ସଟ୍‌କୁ ଦୋଷ ଦେବା ଠିକ୍ ନୁହେଁ । ଏହି ପରାଜୟର ମୋ ଠାରୁ ଆରମ୍ଭ କରି ସମସ୍ତେ ଦାୟୀ ।' ପ୍ରକାଶଯୋଗ୍ୟ ଗମ୍ଭୀରଙ୍କ ପ୍ରଶିକ୍ଷଣ ସମୟରେ ଭାରତ ୧୮ଟି ଟେଷ୍ଟ ମ୍ୟାଚ୍ ଖେଳି ୧୦ଟି ହାରିଛି । ଯେଉଁଥିରେ ଗତବର୍ଷ ଘରୋଇ ମାଟିରେ ନ୍ୟୁଜିଲାଣ୍ଡ ନିକଟରୁ ୩-୦ରେ ଲଜ୍ଜାଜନକ ପରାଜୟ ସାମିଲ ରହିଛି ।

## ଓଡ଼ିଶା ଏଫ୍‌ସି ଛାଡ଼ିଲେ ଲୋବେରୋ



ଭୁବନେଶ୍ୱର, ୨୬ ।୧୧ (ଏଜେନ୍ସି): ଓଡ଼ିଶା ଫୁଟ୍‌ବଲ କ୍ଲବ (ଓଏଫ୍‌ସି) ଓ ଏହାର ମୁଖ୍ୟ କୋଚ୍ ସର୍ଗିଓ ଲୋବେରୋ ସହମତିରେ ପରସ୍ପରଠାରୁ ଅଲଗା ହୋଇଛନ୍ତି । ଭୁବନେଶ୍ୱରଭିତ୍ତିକ ଆଇଏସ୍ଏଲ୍ କ୍ଲବ ଓଏଫ୍‌ସି ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଏନେଇ ଘୋଷଣା କରିଛି । ସ୍ପେନ୍‌ର କୋଚ୍ ଲୋବେରୋ ଓଡ଼ିଶା ଛାଡ଼ିବାର ତୁରନ୍ତ ପରେ ମୋହନ ବାଗାନ ଏସ୍‌ସି କ୍ଲବରେ ଯୋଗଦେଇଛନ୍ତି । ଆଇଏସ୍ଏଲ୍‌ର ଡିଫେଣ୍ଡିଂ ଚାମ୍ପିଅନ ମୋହନବାଗାନ ପକ୍ଷରୁ ଅଫିସିଆଲ ଭାବେ ମଧ୍ୟ ଏନେଇ ଘୋଷଣା କରାଯାଇଛି । ନଭେମ୍ବର ୩୦ରେ ସେ ମୋହନ ବାଗାନ ଖେଳାଳିଙ୍କ ସହ ଟ୍ରେନିଂ ଆରମ୍ଭ କରିବେ ବୋଲି ଜଣାପଡ଼ିଛି । ଉଲ୍ଲେଖଯୋଗ୍ୟ, ଲୋବେରୋ ୨୦୨୩ ମେ'ରେ ଓଡ଼ିଶା ଏଫ୍‌ସିରେ ଯୋଗ ଦେଇଥିଲେ । ତାଙ୍କ ତତ୍ତ୍ୱାବଧାନରେ ଓଡ଼ିଶା ଏଫ୍‌ସି ୨୦୨୪ ସୁପର କପ୍‌ରେ ରନର୍ସଅପ୍ ହୋଇଥିଲା । ଏବେ ଆଇଏସ୍ଏଲ୍ ଆୟୋଜନ ନେଇ ଅନିଶ୍ଚିତତା ଜାରି ରହିଛି । ଫଳରେ ଓଡ଼ିଶା ସମେତ ୩ଟି କ୍ଲବ କୌଣସି କାର୍ଯ୍ୟକ୍ରମ ହାତକୁ ନେଇନାହାନ୍ତି ।

## ୟୁପି ପ୍ରୋ ହ୍ୟାଣ୍ଡବଲ୍ ଲିଗ୍‌ରେ ଗୌରୀ ବୈଷୟିକ ଅଧିକାରୀ

ଭୁବନେଶ୍ୱର, ୨୬ ।୧୧ (ସମିସ): ଆଇପିଏଲ୍ ଢାଞ୍ଚାରେ ଡିସେମ୍ବର ୨୫ରୁ ୟୁପି ପ୍ରୋ ହ୍ୟାଣ୍ଡବଲ୍ ଲିଗ୍ ଆରମ୍ଭ ହେବ । ୮ଟି ଦଳଟି ଦଳକୁ ନେଇ ଲକ୍ଷ୍ନୌର କେଡି ସିଂ ବାବୁ ଷ୍ଟାଡିୟମରେ ଲିଗ୍‌ର ସମସ୍ତ ମ୍ୟାଚ୍ ଖେଳାଯିବ । ଏହି ଲିଗ୍‌ରେ ବୈଷୟିକ ଅଧିକାରୀ ଭାବେ ମ୍ୟାଚ୍ ପରିଚାଳନା ଲାଗି ଓଡ଼ିଶାର ଗୌରୀ ଶଙ୍କର ମିଶ୍ର ମନୋନୀତ ହୋଇଛନ୍ତି । ଏହି ଅବସରରେ ଗୌରୀଙ୍କୁ ଓଡ଼ିଶା ହ୍ୟାଣ୍ଡବଲ୍ ସଂଘ ପକ୍ଷରୁ ସଭାପତି ବିପ୍ଳବ ଚୌଧୁରୀ, ସମ୍ପାଦକ ମାନସ କୁମାର ସିଂ, କୋଷାଧ୍ୟକ୍ଷ ଶୀତେନ୍ଦ୍ରନାଥ ଦାସ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି ।

**ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା**

## ରୀମା, ଋଦ୍ଧିକା, ପ୍ରତ୍ୟାଶାଙ୍କୁ ସ୍ୱର୍ଣ୍ଣ

ଭୁବନେଶ୍ୱର, ୨୬ ।୧୧ (ସମିସ): ରାଜସ୍ଥାନରେ ଚାଲିଥିବା ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ବୁଧବାର ଓଡ଼ିଶା ୫ଟି ପଦକ ବିଜୟୀ ହୋଇଛି । ଯେଉଁଥିରେ ୩ଟି ସ୍ୱର୍ଣ୍ଣ ଏବଂ ଗୋଟିଏ ଲେଖାଏ ରୌପ୍ୟ ଓ କାଂସ୍ୟ ପଦକ ରହିଛି । ଉତ୍କଳ ବିଶ୍ୱବିଦ୍ୟାଳୟର ସନ୍ତରଣକାରୀ ପ୍ରତ୍ୟାଶା ରାୟ କ୍ରମାଗତ ୨ୟ ଦିନରେ ଦୁଇଟି ସ୍ୱର୍ଣ୍ଣ ପଦକ ଜିତିଛନ୍ତି । ଗତକାଲି ମହିଳା ୧୦୦ ମିଟର ବ୍ୟାକଷ୍ଟ୍ରୋକରେ ପ୍ରଥମ ହୋଇଥିବା ପ୍ରତ୍ୟାଶା ବୁଧବାର ୨୦୦ ମିଟରରେ ମଧ୍ୟ ବାଜିମାତ୍ କରିନେଇଥିଲେ । ସେହିଭଳି ଭାରୋତ୍ତୋଳନରେ ରୀମା ଭୋଇ ମଧ୍ୟ ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି । ମହିଳା ୫୮ କିଗ୍ରା ବିଭାଗରେ ଭାଗନେଇ ରୀମା ମୋଟ୍ ୧୯୭ କିଗ୍ରା ଭାର ଉଠାଇ ପୋଡିୟମର ପ୍ରଥମ ସ୍ଥାନରେ ରହିଥିଲେ ।

ଅପରପକ୍ଷରେ ଆଜି ମଧ୍ୟ କିଟ୍ ବିଶ୍ୱବିଦ୍ୟାଳୟର କ୍ରୀଡ଼ାବିତ୍‌ମାନେ ଦମ୍‌ଦାର ପ୍ରଦର୍ଶନ କରି ୩ଟି ପଦକ ବିଜୟୀ ହୋଇଛନ୍ତି । ସୁଇମିଂରେ ମହିଳା ୫୦ ମିଟର ବ୍ରେଷ୍ଟଷ୍ଟ୍ରୋକରେ କିଟ୍‌ର ଋଦ୍ଧିକା ୩୪.୯୫ ସେକେଣ୍ଡରେ ଦୂରତା ଅତିକ୍ରମ ପରି ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ । ସେହି ସମାନ ଇଭେଣ୍ଟରେ ଦିବ୍ୟାଙ୍କା ଦିବ୍ୟଦର୍ଶିନୀ ପ୍ରଧାନ ୩୫.୮୫ ସେକେଣ୍ଡ ସମୟ ସହ ରିତଭିକାଙ୍କ ପଛକୁ ଦ୍ୱିତୀୟ ସ୍ଥାନରେ ରହି ରୌପ୍ୟ ପଦକ ଜିତିଥିଲେ । ସେହିଭଳି ମହିଳା ୫୦ ମିଟର ବଟରଫ୍ଲାଏ ଇଭେଣ୍ଟରେ କିଟ୍‌ର ନୀଳବଜା ଘୋଷ କାଂସ୍ୟ ପଦକ ବିଜୟୀ ହୋଇଛନ୍ତି । କିଟ୍ ବର୍ତ୍ତମାନ ସୁଦ୍ଧା ଏହି ପ୍ରତିଯୋଗିତାରେ ୬ଟି ପଦକ ଜିତିସାରିଛି । ଯେଉଁଥିରେ ଗୋଟିଏ ଲେଖାଏ ସ୍ୱର୍ଣ୍ଣ ଓ ରୌପ୍ୟ ଏବଂ ୪ଟି କାଂସ୍ୟ ପଦକ ରହିଛି ।

## ବର୍ଷକ ପରେ ପୁଣି ଉର୍ଭିଲଙ୍କ ଧମାକା



ହାଇଦରାବାଦ, ୨୬ ।୧୧ (ଏଜେନ୍ସି): ବିସିସିଆଇ ଆନୁକୂଲ୍ୟରେ ବୁଧବାରଠାରୁ ଆରମ୍ଭ ହୋଇଛି ସୟଦ ମୁସ୍ତାକ ଅଲି ଟି-୨୦ ଟୁର୍ଣ୍ଣାମେଣ୍ଟର ୧୮ତମ ସଂସ୍କରଣ । ପ୍ରଥମ ଦିବସରେ ଗୁଜରାଟ ଅଧିନାୟକ ଉର୍ଭିଲ ପଟେଲ ବିସ୍ଫୋରକ ଶତକୀୟ ପାଳି ଖେଳି ଚର୍ଚ୍ଚାରେ ରହିଛନ୍ତି । ୨୭ ବର୍ଷୀୟ ଏହି ଡାହାଣହାତୀ ବ୍ୟାଟର ମାତ୍ର ୩୧ ବଲରେ ଶତକ ମାରିଛନ୍ତି । ଫଳରେ ତାଙ୍କ ଦଳ ଗୁଜରାଟ ୮ ୱିକେଟରେ ସର୍ଭିସେସକୁ ସହଜରେ ହରାଇଦେଇଛି । ସ୍ଥାନୀୟ ଜିମଖାନା ଗ୍ରାଉଣ୍ଡରେ ଅନୁଷ୍ଠିତ ଏହି ମ୍ୟାଚରେ ସର୍ଭିସେସ ପ୍ରଥମେ ବ୍ୟାଟିଂ କରି ୯ ୱିକେଟ୍‌ରେ ୧୮୨ ରନ କରିଥିଲା । ଜବାବରେ ଗୁଜରାଟ ଓପନର ଉର୍ଭିଲଙ୍କ ଧମାକା ଇନିଂସ ବଳରେ ମାତ୍ର ୧୨.୩ ଓଭରରେ ୨ୱିକେଟ ହରାଇ ବିଜୟୀ ହୋଇଥିଲା । ୩୧ ବଲରେ ଶତକ ପୂରଣ କରିଥିବା ଉର୍ଭିଲ ମୋଟ୍ ୩୭ ବଲ୍ ଖେଳି ୧୧୯ ରନରେ ଅପରାଜିତ ରହିଥିଲେ । ଏହି ବିସ୍ଫୋରକ ଇନିଂସରେ ସେ ୧୨ ଚୌକା ଓ ୧୦ଟି ଛକା ମାରିଥିଲେ । ପ୍ରକାଶଯୋଗ୍ୟ, ଠିକ୍ ବର୍ଷକ ତଳେ ଅର୍ଥାତ୍ ୨୭ ନଭେମ୍ବର ୨୦୨୪ରେ ସେହି ସମାନ ଟୁର୍ଣ୍ଣାମେଣ୍ଟରେ ଉର୍ଭିଲ ତ୍ରିପୁରା ବିପକ୍ଷରେ ୨୮ ବଲରେ ଶତକ ମାରିଥିଲେ । ସୟଦ ମୁସ୍ତାକ ଅଲି ଟି-୨୦ରେ ଦ୍ରୁତତମ ଶତକୀୟ ପାଳି ଖେଳିବାରେ ଅଭିଷେକ ଶର୍ମା (୨୮ ବଲ)ଙ୍କ ସହ ସେ ଯୁଗ୍ମ ଭାବେ ଶୀର୍ଷରେ ରହିଛନ୍ତି ।

■ ସୁଲତାନ ଆଜ୍‌ଲାନ ଶାହ କପ୍ ହକି

## ସଞ୍ଜୟଙ୍କ ଗୋଲ୍ ଭାରତକୁ ଜିତାଇଲା

ଇପୋ, ୨୬ ।୧୧ (ଏଜେନ୍ସି): ମାଲେସିଆରେ ଚାଲିଥିବା ସୁଲତାନ ଆଜଲାନ ଶାହ କପ୍ ହକିରେ ଭାରତ ଦ୍ୱିତୀୟ ବିଜୟ ହାସଲ କରିଛି । ବୁଧବାର ଅନୁଷ୍ଠିତ ଏକ କଡ଼ା ସଂଘର୍ଷପୂର୍ଣ୍ଣ ମ୍ୟାଚରେ ଭାରତ ୪-୩ ଗୋଲରେ ଆୟୋଜକ ମାଲେସିଆକୁ ପରାସ୍ତ କରିଛି । ଭାରତ ପକ୍ଷରୁ କାର୍ତ୍ତି ସେଲଭମ୍, ସୁଖଜିତ୍ ସିଂହ, ଓଡ଼ିଆ ତାରକା ଅମିତ ରୋହିଦାସ ଓ ଅଧିନାୟକ ସଞ୍ଜୟ ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ । ତୃତୀୟ କ୍ୱାଟର ସୁଦ୍ଧା ମ୍ୟାଚ୍ ୩-୩ ଗୋଲରେ ବରାବର୍ ଥିଲା । କିନ୍ତୁ ନିର୍ଣ୍ଣାୟକ ୪ର୍ଥ କ୍ୱାର୍ଟର ତଥା ମ୍ୟାଚ୍ ଶେଷ ହେବାକୁ ୭ ମିନିଟ୍ ବାକିଥିବାବେଳେ ଅଧିନାୟକ ସଞ୍ଜୟ ଭାରତ ପାଇଁ ବିଜୟସୂଚକ ଗୋଲ୍‌ଟି ଦେଇଥିଲେ । ପୂର୍ବରୁ ଭାରତ ପ୍ରଥମ ମ୍ୟାଚରେ ୧-୦ ଗୋଲ୍‌ରେ ଦକ୍ଷିଣ କୋରିଆକୁ ହରାଇ ଅଭିଯାନ ଆରମ୍ଭ କରିଥିଲା । କିନ୍ତୁ ଦ୍ୱିତୀୟ ମୁକାବିଲାରେ ୨-୩ ଗୋଲରେ ବେଲ୍‌ଜିୟମଠୁ ହାରିଯାଇଥିଲା ।

**ଆରମ୍ଭ ହେଲା ସୟଦ ମୁସ୍ତାକ ଅଲି ଟି-୨୦**

## ରୋହନଙ୍କ ମାଡ଼ରେ ଓଡ଼ିଶା ଧରାଶାୟୀ

ଭୁବନେଶ୍ୱର, ୨୬ ।୧୧ (ସମିସ)



ସଞ୍ଜୁ ଓ ରୋହନ

ସୟଦ ମୁସ୍ତାକ ଅଲି ଟ୍ରଫିର ପ୍ରଥମ ମ୍ୟାଚରେ ଝୁଣ୍ଟିଛି ଓଡ଼ିଶା । ବୁଧବାର ଲକ୍ଷ୍ନୌ ଏକନା ଷ୍ଟାଡିୟମରେ ଅନୁଷ୍ଠିତ ଏଲିଟ୍ ଗ୍ରୁପ୍-ଏ'ର ଏକ ମ୍ୟାଚରେ ସଞ୍ଜୁ ସାମସନଙ୍କ କେରଳ ଦଳ ୧୦ ୱିକେଟ୍‌ର ବଡ଼ ବ୍ୟବଧାନରେ ଓଡ଼ିଶାକୁ ହରାଇଛି । ଓପନର୍ ରୋହନ କୁନ୍ନୁମାଲ୍‌ଙ୍କ ବିସ୍ଫୋରକ ଶତକ ଓ ସାମସନଙ୍କ ଅପରାଜିତ ଅର୍ଦ୍ଧଶତକ ବଳରେ କେରଳ କୌଣସି ୱିକେଟ୍ ନ ହରାଇ ୧୭୭ ରନର ବିଶାଳ ଲକ୍ଷ୍ୟକୁ ୨୧ଟି ବଲ୍ ବଳକା ଥାଇ ହାସଲ ଥିଲା । ରୋହନ ୬୦ ବଲରେ ୧୨୧ ରନ କରିଥିଲେ । ଏହି ପାଳିରେ ସେ ୧୦ଟି ଲେଖାଏ ଚୌକା ଓ ଛକା ମାରିଥିଲେ । ସେହିଭଳି ଅପରପାର୍ଶ୍ୱରେ ଅଧିନାୟକ ସାମସନ ଟିକେ ଧୀମା ବ୍ୟାଟିଂ କରିଥିଲେ । ୬ଟି ଚୌକା ଓ ଗୋଟିଏ ଛକା ବଳରେ ସାମସନ ୪୧ ବଲରେ ୫୧ ରନ କରି ଅପରାଜିତ ରହିଥିଲେ । ଓଡ଼ିଶା ଅଧିନାୟକ ବିପ୍ଳବ ସାମନ୍ତରାୟ ଦଳର ୭ଜଣ ବୋଲରଙ୍କୁ ଲଗାଇଥିଲେ ମଧ୍ୟ ଓପନିଂ ଯୋଡ଼ି ଭାଙ୍ଗିବାରେ ଅସମର୍ଥ ହୋଇଥିଲେ । ପଦାର୍ପଣକାରୀ ସ୍ପିନର ବାଦଲ ବିଶ୍ୱାଳ ୪ ଓଭରରେ ୪୪, ଭଗୀଶ ଶର୍ମା ୨ ଓଭରରେ ୧୭ ଓ ୩ ବର୍ଷ ପରେ ଦଳକୁ ଫେରିଥିବା ପପୁ ରାୟ ୨୧ଟି ବଲ୍ ବୋଲିଂ କରି ୪୨ ରନ ବ୍ୟୟ କରି ମହଙ୍ଗା ସାବ୍ୟସ୍ତ ହୋଇଥିଲେ ।

ପୂର୍ବରୁ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଓଡ଼ିଶା ଅଧିନାୟକ ବିପ୍ଳବଙ୍କ ଅର୍ଦ୍ଧଶତକ ବଳରେ ୭ ୱିକେଟ୍‌ରେ ୧୭୬ ରନର ସମ୍ମାନଜନକ ସ୍କୋର କରିଥିଲା । ବିପ୍ଳବ ୪୧ ବଲରେ ସର୍ବାଧିକ ୫୩ (୫ ଚୌକା ଓ ୧ ଛକା) ରନର ପାଳି ଖେଳିଥିଲେ । ସେହିଭଳି ସମ୍ବିତ ବରାଳ ୪୦, ଗୌରବ ଚୌଧୁରୀ ୨୯, ସ୍ୱସ୍ତିକ ସାମଲ ୨୦, ଶୁଭ୍ରାଂଶୁ ସେନାପତି ୧୫ ରନ କରିଥିଲେ । କେରଳର ଏମଡି ନିଦ୍ଦେଧଶଙ୍କୁ ସର୍ବାଧିକ ୪ଟି ୱିକେଟ୍ ମିଳିଥିଲା ।

**ପଦାର୍ପଣ କଲେ ସଞ୍ଜୁଙ୍କ ଭାଇ ସାଲି**

ଏହି ମ୍ୟାଚରେ ତାରକା କ୍ରିକେଟର ସଞ୍ଜୁଙ୍କ ଭାଇ ସାଲି ସାମସନ ଟି-୨୦ ପଦାର୍ପଣ କରିଥିଲେ । ଡାହାଣହାତୀ ଦ୍ରୁତ ବୋଲର ସାଲି ଏହି ମ୍ୟାଚରେ ୩ ଓଭରରେ ୩୩ ରନ ବ୍ୟୟ କରିଥିଲେ ମଧ୍ୟ ୱିକେଟ୍ ପାଇ ନ ଥିଲେ । ପୂର୍ବରୁ ସେ କେରଳ ପାଇଁ ୬ଟି ଦିନିକିଆ ମ୍ୟାଚ୍ ଖେଳିଛନ୍ତି । ଅପରପକ୍ଷରେ ଓଡ଼ିଶାର ବାଦଲ ବିଶ୍ୱାଳ, ଭଗୀଶ ଶର୍ମା ଓ ୱିକେଟ୍‌କିପର ସୌମ୍ୟ ଗୌଡ଼ ଏଠାରେ ଟି-୨୦ ପଦାର୍ପଣ କରିଥିଲେ ।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, PLOT NO.125, IRRIGATION COLONY, JEYPORE-764001, DIST: KORAPUT, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS